# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୪/୨୦୧୯ (୨୦ ପୃଷ୍ଠା) Bhubaneswar, Sunday, April 14/2019 (ଛୁଟିଦିନ ସହ) ★★★★★★

୪୫ଶ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-





## ଓଡ଼ିଶାକୁ କେନ୍ଦ୍ରର ଅଣଦେଖା

ମହାନଦୀ ଟ୍ରିବ୍ୟୁନାଲ୍ ପାଇଁ ସୁପ୍ରିମ୍ କୋର୍ଟ୍ ଗଲୁ

ଲଢୁଛୁ ସ୍ୱାଭିମାନ ପାଇଁ

## ମହାନଦୀ ଆମର ଜୀବନରେଖା






ମହାନଦୀ ଆମର ମା'ପରି
ମହାନଦୀର ସୁରକ୍ଷା ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ
ମୋର ଲଢେଇ ଜାରି ରହିବ

ନବୀନ ପଟ୍ଟନାୟକ

ବିଜୁ ଜନତା ଦଳ

ଓଡ଼ିଆ ସ୍ୱାଭିମାନର ଲଢ଼େଇ

ଶଙ୍ଖ ଚିହ୍ନରେ ଭୋଟ ଦେବା । ଦୁଇଥର ।



ଥରେ ଏମ୍. ପି ପାଇଁ



ଥରେ ଏମ୍. ଏଲ୍. ଏ ପାଇଁ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ଏପ୍ରିଲ, ୨୦୧୯



“କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ୫ ବର୍ଷ ଶାସନ କାଳରେ ଜନସାଧାରଣ ବାକ୍ ସ୍ୱାଧୀନତା ହରାଇଛନ୍ତି।

–ଆର୍. ମୁଥାରାସନ,
ତାମିଲନାଡୁ ସିପିଆଇ ସମ୍ପାଦକ



## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୨ ଜୈଶ୍ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୩।୪(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ଶନିବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୨ ଜଣ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ଏମାନେ ଅନେକ ସାଧାରଣ ନାଗରିକ ଓ ପୋଲିସ କର୍ମଚାରୀଙ୍କ ହତ୍ୟା ସହ ସମ୍ପୃକ୍ତ ଥିଲେ। ନିହତ ଆତଙ୍କବାଦୀ ରାଓ୍ୱଲପୋରା ଅଞ୍ଚଳର ଆବିଦ୍ ଓ୍ୱାଗେ ଏବଂ ଆମ୍‌ଶେପୋରାର ଶାହଜାହାନ ମିର୍ ବୋଲି ଜଣାପଡିଛି। ଶୋପିଆନ ଜିଲାର ଗହଣ୍ଡ ଅଞ୍ଚଳରେ ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଶନିବାର ସକାଳେ ସୁରକ୍ଷା ବାହିନୀ ଉକ୍ତ ଅଞ୍ଚଳକୁ ଘେରିଯାଇ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଯବାନଙ୍କୁ ଦେଖି ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ଆତଙ୍କବାଦୀଙ୍କ ମୃତଦେହ ଓ ଗୁଳିଗୋଳା ଜବତ ହୋଇଛି।

### ମଞ୍ଚରେ ଅଭିନେତା ଇଆନ୍ କଗ୍‌ନିଟୋଙ୍କ ଦେହାନ୍ତ



**ଲଣ୍ଡନ,୧୩।୪ :** ବ୍ରିଟେନର ଖ୍ୟାତନାମା ହାସ୍ୟାଭିନେତା ଇଆନ କଗନିଟୋ ମଞ୍ଚରେ ଅଭିନୟ କରୁଥିବାବେଳେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୬୦ ବର୍ଷ ହୋଇଥିଲା। ସେ ହାସ୍ୟାଭିନୟ ଲାଗି ଟାଇମ୍ ଆଉଟ୍ ପୁରସ୍କାର ପାଇଥିଲେ। ଇଂଲଣ୍ଡର ବିସେଷ୍ଟର ସହରର ଆଟିକ୍ ବାର୍‌ରେ ଗୁରୁବାର ସେ ଅଭିନୟ କରୁଥିବାବେଳେ ଅସୁସ୍ଥ ହୋଇପଡିଥିଲେ। ଡାକ୍ତର ପହଞ୍ଚି ତାଙ୍କୁ ମୃତ ଘୋଷଣା କରିଥିଲେ।

### ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନ ନେଇନି ପାକ୍: ହକାନି

**ଓ୍ୱାଶିଂଟନ,୧୩।୪:** ଆତଙ୍କବାଦୀ ସଂଗଠନଗୁଡିକୁ ସହାୟତା ବନ୍ଦ କରାଯିବ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ସରକାରଙ୍କ ନୀତିରେ ପ୍ରତିଫଳିତ ହୋଇନାହିଁ। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ ନଜର ରଖିଥିବା ଏଫ୍ଏଟିଏଫ୍‌ର କଳାତାଲିକାଭୁକ୍ତ ହେବା ଭୟରେ ଇମ୍ରାନ କାର୍ଯ୍ୟାନୁଷ୍ଠାନ ଘୋଷଣା କରିଥିଲେ ହେଁ ବାସ୍ତବରେ କୌଣସି ପଦକ୍ଷେପ ନିଆଯାଇ ନଥିବା ଆମେରିକାରେ ଏହାର ପୂର୍ବତନ ରାଷ୍ଟ୍ରଦୂତ ହୁସେନ୍ ହକାନି କହିଛନ୍ତି। ପୁଲ୍‌ଓ୍ୱାମା ଆକ୍ରମଣ ପରେ ଆତଙ୍କବାଦୀଙ୍କୁ ଲଗାମ ଦେବା ଲାଗି ପାକିସ୍ତାନ ଉପରେ ଅନ୍ତର୍ଜାତୀୟ ସ୍ତରରୁ ଜୋରଦାର ଚାପ ପଡିଥିଲା। ଫଳରେ କୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟ ଲାଗି ପାକିସ୍ତାନ ଏହାର ମାଟିକୁ ବ୍ୟବହାର କରିବାକୁ ଦେବନାହିଁ ବୋଲି ଗତ ମାସରେ ଇମ୍ରାନ କହିଥିଲେ। ଏଥିସହିତ ପାକିସ୍ତାନରେ ଥିବା ଆତଙ୍କବାଦୀ ସଂଗଠନଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ତେବେ ପାକ୍ ସରକାର କିମ୍ବା ସୈନ୍ୟବାହିନୀ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାର ପ୍ରମାଣ ନାହିଁ ବୋଲି ହକାନି ଓ୍ୱାଶିଂଟନଠାରେ କହିଛନ୍ତି। ଆଫଗାନିସ୍ତାନ ଏବଂ ଭାରତ ବିରୋଧରେ କାର୍ଯ୍ୟ କରୁଥିବା ଆତଙ୍କବାଦୀଙ୍କ ପ୍ରତି ପାକିସ୍ତାନ ମନୋଭାବରେ ପରିବର୍ତ୍ତନ ହୋଇ ନଥିବା ସେ ସୂଚନା ଦେଇଛନ୍ତି।

■ ଜାଲିଆନଓ୍ୱାଲାବାଗ୍ ଗଣହତ୍ୟାକୁ ୧୦୦ ବର୍ଷ

# ଦୁଃଖ ପ୍ରକାଶ କଲା ବ୍ରିଟେନ

**ଅମୃତସର,୧୩।୪(ଆଇଏଏନ୍ଏସ୍)**

ଜାଲିଆନଓ୍ୱାଲାବାଗ୍ ହତ୍ୟାକାଣ୍ଡର ୧୦୦ତମ ବାର୍ଷିକୀରେ ଶହୀଦ ଜନତାଙ୍କ ଉଦ୍ଦେଶ୍ୟରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବ୍ରିଟିଶ ହାଇକମିଶନର ଡୋମିନିକ୍ ଆସ୍‌କ୍ୱିଥ ଉପସ୍ଥିତ ରହି ଏହି ହତ୍ୟାକାଣ୍ଡ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପଞ୍ଜାବ ରାଜ୍ୟପାଳ ଭି.ପି. ସିଂ ବଦନୋରଙ୍କ ସହିତ ଉପରାଷ୍ଟ୍ରପତି ଜାତୀୟ ସ୍ମାରକୀ ନିକଟରେ ଛିଡାହୋଇ ନୀରବ ପ୍ରାର୍ଥନା କରିଥିଲେ। ପଞ୍ଜାବ ପୋଲିସ ଏବଂ ବିଏସ୍ଏଫ୍ ଯବାନ ମଧ୍ୟ ୧୯୧୯ ଏପ୍ରିଲ ୧୩ରେ ନିହତ ନିରୀହ ଜନତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପରାଷ୍ଟ୍ରପତି ଉକ୍ତ ଦୁଃଖଦାୟକ ଘଟଣାର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ମାରକୀ ମୁଦ୍ରା ଏବଂ ଡାକଟିକଟ ଉନ୍ମୋଚନ କରିଥିଲେ।





ଜାଲିଆନଓ୍ୱାଲାବାଗ୍ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ଉପରାଷ୍ଟ୍ରପତି ଏମ୍ ଭେଙ୍କାୟା ନାଇଡୁଙ୍କ ସହ ଅନ୍ୟ ନେତୃବୃନ୍ଦ।

ପୂର୍ବାହ୍ନରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏବଂ କ୍ୟାବିନେଟ ମନ୍ତ୍ରୀ ନବଜୋତ ସିଂ ସିଦ୍ଧୁଙ୍କ ସମେତ ଅନେକ ନେତା ଜାତୀୟ ସ୍ମାରକୀ ନିକଟରେ ଉପସ୍ଥିତ ରହି ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୦୦ବର୍ଷ ତଳେ ‘ବୈଶାଖି’ ଦିବସରେ ଘଟିଥିବା ଏହି ଦୁଃଖଦାୟକ ଘଟଣାକୁ ସ୍ମରଣ କରିବା ପାଇଁ ବହୁ ସଂଖ୍ୟକ ଲୋକ ସେଠାରେ ସମବେତ ହୋଇଥିଲେ। ଲୋକ ସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ନେତାମାନେ ରାଜନୈତିକ ବିବୃତି ଦେବାରୁ ନିବୃତ୍ତ ରହିଥିଲେ।

- ■ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ
- ■ ୧୯୧୯ ଏପ୍ରିଲ ୧୩ ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସର କଳଙ୍କିତ ଅଧ୍ୟାୟ
- ■ ବ୍ରିଟେନ ସରକାରଙ୍କ କ୍ଷମା ପ୍ରାର୍ଥନା ଦାବି କଲେ ଅମରିନ୍ଦର

ସୂଚନାଯୋଗ୍ୟ, ୧୯୧୯ ଏପ୍ରିଲ ୧୩ରେ ଅମୃତସରର ଜାଲିଆନ ଓ୍ୱାଲାବାଗ୍‌ଠାରେ ହଜାର ହଜାର ଲୋକ ସମବେତ ହୋଇ ବ୍ରିଟିଶ ସରକାରଙ୍କ ଦମନମୂଳକ ରାଓ୍ୱଲଟ ଆଇନ ବିରୋଧରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲାବେଳେ ବ୍ରିଗେଡିୟର ଜେନେରାଲ ରେଜିନାଲ୍ଡ ଡାୟରଙ୍କ ନେତୃତ୍ୱରେ ବ୍ରିଟିଶ ସୈନ୍ୟବାହିନୀ ନିରୀହ ଜନତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇବାରୁ ୩୭୯ ଲୋକଙ୍କ ମୃତ୍ୟୁ ଘଟିଥିଲା ବୋଲି ସରକାରୀ ଭାବେ କୁହାଯାଇଥିଲା। ବ୍ରିଟିଶ ହାଇକମିଶନର ଡୋମିନିକ୍ ଆସ୍‌କ୍ୱିଥ ଉପସ୍ଥିତ ରହି ଏହି ହତ୍ୟାକାଣ୍ଡ ପାଇଁ ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ବ୍ରିଟିଶ ସରକାରଙ୍କ ପକ୍ଷରୁ କ୍ଷମା ମାଗିବା ବିଷୟରେ ନିରବ ରହିଥିଲେ। ପୂର୍ବରୁ ବ୍ରିଟେନ ପ୍ରଧାନମନ୍ତ୍ରୀ ଥେରେସା ମେ ଉକ୍ତ ଘଟଣା ପାଇଁ କେବଳ ଦୁଃଖ ପ୍ରକାଶ କରିଥିବାରୁ ଏହା ଯଥେଷ୍ଟ ନୁହେଁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଥିଲେ। ୧୯୧୯ ଏପ୍ରିଲ ୧୩ ହତ୍ୟାକାଣ୍ଡ ପାଇଁ ସେ ବ୍ରିଟିଶ ସରକାରଙ୍କଠାରୁ କ୍ଷମାପ୍ରାର୍ଥନା ଦାବି କରିଥିଲେ। ଜାଲିଆନାଓ୍ୱାଲାବାଗ ହତ୍ୟାକାଣ୍ଡ ହେଉଛି ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ।

### ଡାୟରଙ୍କ ପାଇଁ ୨୬୦୦୦ ପାଉଣ୍ଡ ସଂଗ୍ରହ କରିଥିଲା ବ୍ରିଟିଶ ଖବରକାଗଜ

**ନୂଆଦିଲ୍ଲୀ,୧୩।୪(ପି.ଟି.)**

ଜାଲିଆନଓ୍ୱାଲାବାଗ ଗଣହତ୍ୟା ପାଇଁ ଦାୟୀ ବ୍ରିଟିଶ-ଭାରତୀୟ ସୈନ୍ୟ ବାହିନୀର ବ୍ରିଗେଡିୟର ଜେନେରାଲ ରେଜିନାଲ୍ଡ ଡାୟରଙ୍କ ପାଇଁ ବ୍ରିଟେନର ଏକ ଖବରକାଗଜ ‘ମର୍ନିଂ ପୋଷ୍ଟ’ ସେତେବେଳେ ୨୬ ହଜାର ପାଉଣ୍ଡ ସଂଗ୍ରହ କରିଥିଲା। ସଦ୍ୟ ପ୍ରକାଶିତ ଏକ ପୁସ୍ତକରୁ ଉପରୋକ୍ତ ତଥ୍ୟ ମିଳିଛି। ‘ଜାଲିଆନଓ୍ୱାଲାବାଗ୍’ ନାମକ ଉକ୍ତ ପୁସ୍ତକ ଅନୁଯାୟୀ, ୧୯୨୦ ଜୁଲାଇରେ ବ୍ରିଟିଶ କର୍ତ୍ତୃପକ୍ଷ ଡାୟରଙ୍କୁ ତାଙ୍କ ପଦରୁ ବରଖାସ୍ତ କରିଥିଲେ। ଏହାର କିଛି ଦିନ ପରେ ମର୍ନିଂ ପୋଷ୍ଟରେ ‘ ଦି ମ୍ୟାନ ହୁ ସେଭ୍‌ଡ ଇଣ୍ଡିଆ’ ଶୀର୍ଷକରେ ଏକ ଲେଖା ପ୍ରକାଶ ପାଇଥିଲା।



ଉକ୍ତ ଲେଖାକୁ ପଢ଼ି ଇଂଲଣ୍ଡର ହଜାର ହଜାର ଲୋକ ବୁଝିଥିଲେ, ଭାରତରେ ସେମାନଙ୍କ ଦେଶର ଲୋକମାନଙ୍କ ଜୀବନ ଜେନେରାଲ ଡାୟରଙ୍କ କାର୍ଯ୍ୟ ଉପରେ ନିର୍ଭର କରୁଥିଲା, ଯେଉଁଥିପାଇଁ ସେ ଏଭଳି କାର୍ଯ୍ୟ କରିଥିଲେ। ଏଭଳି ଲେଖାରେ ପ୍ରଭାବିତ ହୋଇ ଇଂଲଣ୍ଡର ଲୋକମାନେ ଡାୟରଙ୍କ ପାଇଁ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଥିଲେ।

■ ଅଯୋଧ୍ୟା ସ୍ଥଳରେ ପୂଜା ଆବେଦନ ଖାରଜ

## ଦେଶକୁ ଶାନ୍ତିରେ ରହିବାକୁ ଦେବନି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୩।୪**



ଅଯୋଧ୍ୟାର ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ବିବାଦୀୟ ଜମିରେ ଥିବା ୯ଟି ପୁରୁଣା ମନ୍ଦିରରେ ଧର୍ମୀୟ କାର୍ଯ୍ୟ ପାଇଁ ଅନୁମତି ଦେବାକୁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ‘ଆପଣମାନେ ଦେଶକୁ ଶାନ୍ତିରେ ରହିବାକୁ ଦେବେନି’ ବୋଲି ଆବେଦନକାରୀଙ୍କ ଉପରେ ସର୍ବୋଚ୍ଚ ଅଦାଲତ ବିରକ୍ତି ପ୍ରକାଶ କରି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ କହିଛନ୍ତି।

ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ପୂର୍ବରୁ ଉକ୍ତ ବିବାଦୀୟ ସ୍ଥଳୀରେ ପୂଜା କରିବାକୁ ଅନୁମତି ଦେଇ ନ ଥିଲେ। ଜାନୁୟାରୀ ୧୦ରେ ଲକ୍ଷ୍ନୌ ବେଞ୍ଚ ଆବେଦନକୁ ଖାରଜ କରିଦେବା ସହ ଆବେଦନକାରୀଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରିଥିଲେ। ଉକ୍ତ ରାୟ ବିରୋଧରେ ଆବେଦନକାରୀ ପଣ୍ଡିତ ଅମରନାଥ ମିଶ୍ର ସୁପ୍ରିମକୋର୍ଟକୁ ଯାଇଥିଲେ। ଅଯୋଧ୍ୟା ପ୍ରସଙ୍ଗକୁ ନେଇ ଉସ୍‌କାଇବା ବନ୍ଦ କର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଅଯୋଧ୍ୟା ଜମି ବିବାଦର ଆପୋସ ସମାଧାନ ଲାଗି ସୁପ୍ରିମକୋର୍ଟ ନିକଟରେ ୩ ଜଣିଆ ମଧ୍ୟସ୍ଥ କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏଫ୍.ଏମ୍.ଆଇ କାଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଆର୍ଟ ଅଫ ଲିଭିଙ୍ଗ ଫାଉଣ୍ଡେଶନର ପ୍ରତିଷ୍ଠାତା ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଛନ୍ତି।



ତାମିଲନାଡୁର ରାମନାଥପୁରମ୍‌ଠାରେ ନିର୍ବାଚନୀ ସଭା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟ ନେତୃବୃନ୍ଦ ସମ୍ବର୍ଦ୍ଧିତ କରୁଛନ୍ତି।



କୋଲକାତାରେ ଶିବଗଜନ ଉତ୍ସବ ପାଳନ ଅବସରରେ ପାଟିରୁ ନିଆଁ ବାହାର କରି କୌଶଳ ପ୍ରଦର୍ଶନ କରୁଛନ୍ତି ଜଣେ ଶ୍ରଦ୍ଧାଳୁ।

## ୫୧୩ ଥର ଅସ୍ତ୍ରବିରତି ଉଲ୍ଲଂଘନ କଲାଣି ପାକ୍

**ଜମ୍ମୁ,୧୩।୪(ପି.ଟି.)**

ଭାରତୀୟ ବାୟୁସେନାର ବାଲାକୋଟ ଏୟାରଷ୍ଟ୍ରାଇକ୍ ପରେ ପାକିସ୍ତାନୀ ସୈନ୍ୟବାହିନୀ ଦେଢ଼ ମାସ ମଧ୍ୟରେ ନିୟନ୍ତ୍ରଣ ରେଖାରେ ୫୧୩ ଥର ଅସ୍ତ୍ରବିରତି ଉଲ୍ଲଂଘନ କଲାଣି। ତେବେ ଭାରତର ପାଲଟା ଜବାବରେ ପାକ୍ ସେନା ୫ରୁ ୬ ଗୁଣ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପାକ୍ ସେନା ପାଖାପାଖି

**ବାଲାକୋଟ ଏୟାରଷ୍ଟ୍ରାଇକ ପରେ ସୀମାରେ ବଢ଼ିଛି ଉତ୍ତେଜନା**

୧୦୦ ଥର ମୋର୍ଟାର, କମାଣ ଆଦି ଅସ୍ତ୍ରରେ ଭାରତୀୟ ଘାଟିକୁ ଟାର୍ଗେଟ କରୁଛି। ଏପରିକି ଅନେକ ସମୟରେ ପାକିସ୍ତାନ ସୀମାନ୍ତ ଜନବସତି ଉପରକୁ ମୋର୍ଟାର ମାଡ଼ କରୁଥିବା ଲ୍ୟୁଟନାଣ୍ଟ ଜେନେରାଲ ପରମଜିତ ସିଂ କହିଛନ୍ତି। ଶୁକ୍ରବାର ପୁଞ୍ଚ ଅଞ୍ଚଳରେ ପାକିସ୍ତାନୀ ସେନାର ସେଲ୍ ମାଡ଼ରେ ୪ ଜଣ ସାଧାରଣ ନାଗରିକ ଆହତ ହୋଇଥିଲେ। ଭାରତର ଠିକଣା ଜବାବରେ ପାକ୍ ସେନାର ଅଧିକ ଯବାନ ମୃତାହତ ହେଉଥିଲେ ମଧ୍ୟ ଇସ୍‌ଲାମାବାଦ ତାହା ଘୋଷଣା କରୁନାହିଁ। ବାଲାକୋଟର ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ଶିବିର ଉପରେ ବାୟୁସେନା କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ ବୃଦ୍ଧି ପାଇଛି। ପାକ୍ ସେନା ଗୁଳିରେ ଭାରତର ୪ ସୁରକ୍ଷା ଯବାନଙ୍କ ସମେତ ୧୦ ଜଣ ନିହତ ହୋଇଥିବାବେଳେ ପାଖାପାଖି ୪୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ନାଗରିକ।




### ଇତିହାସର ଆଇନାରେ

## ଏପ୍ରିଲ ୧୪ର ପ୍ରମୁଖ ଘଟଣା

୧୯୯୯ ଏପ୍ରିଲ ୧୪ରେ ନାଟୋ ଭୁଲକ୍ରମେ ଆଲବାନିଆନ୍ ଶରଣାର୍ଥୀଙ୍କ ଉପରେ ବୋମାମାଡ କରିବାରୁ ୭୫ ଜଣଙ୍କ ମୃତ୍ୟୁ ଘଟିଥିଲା ବୋଲି ଯୁଗୋସ୍ଲାଭିଆ ଅଭିଯୋଗ କରିଥିଲା। ଆଲବାନିଆ ହେଉଛି ଦକ୍ଷିଣ-ପୂର୍ବ ୟୁରୋପର ଏକ ଦେଶ। ଉକ୍ତ ଦେଶର ଉତ୍ତର-ପଶ୍ଚିମରେ ମୋଣ୍ଟେନିଗ୍ରୋ, ଉତ୍ତର-ପୂର୍ବରେ କୋସୋଭୋ, ପୂର୍ବରେ ଉତ୍ତର ମାସିଡୋନିଆ ଏବଂ ଦକ୍ଷିଣରେ ଗ୍ରୀସ୍ ରହିଛି।

୨୦୧୪ ଏପ୍ରିଲ ୧୪ରେ ନାଇଜେରିଆର ଚାଇବକ୍‌ରେ ବୋକୋ ହାରାମ୍ ଇସଲାମିକ୍ ଆତଙ୍କବାଦୀ ଗୋଷ୍ଠୀ ୨୭୬ ସ୍କୁଲଛାତ୍ରୀଙ୍କୁ ଅପହରଣ କରିନେଇଥିଲା। ଚାଇବକ୍ ହେଉଛି ପଶ୍ଚିମ ଆଫ୍ରିକାର ଏକ ଇସ୍‌ଲାମିକ୍ ରାଷ୍ଟ୍ର। ଉତ୍ତର-ପୂର୍ବ ନାଇଜେରିଆରେ ବୋକୋ ହାରାମ୍ ଆତଙ୍କବାଦୀ ଗୋଷ୍ଠୀର ଜନ୍ମ। ଉକ୍ତ ଗୋଷ୍ଠୀ ଚାଦ୍, ନାଇଜର ଏବଂ ଉତ୍ତର କାମେରୁନ୍‌ରେ ମଧ୍ୟ ସକ୍ରିୟ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୧.୦ |
| ଚାନ୍ଦବାଲି | ୩୭.୨ | ୨୦.୫ |
| କଟକ | ୩୮.୬ | ୨୨.୬ |
| ପାରାଦ୍ୱୀପ | ୩୨.୦ | ୨୪.୬ |
| ଭୁବନେଶ୍ୱର | ୩୯.୫ | ୨୪.୮ |
| ଗୋପାଳପୁର | ୩୩.୧ | ୨୫.୮ |
| ପୁରୀ | ୩୩.୦ | ୨୭.୦ |
| ଅନୁଗୋଳ | ୪୨.୭ | ୨୨.୬ |
| ବାରିପଦା | ୩୫.୫ | ୨୦.୨ |
| ଝାରସୁଗୁଡ଼ା | ୪୦.୯ | ୨୫.୬ |
| କେନ୍ଦୁଝର | ୩୮.୦ | ୨୨.୨ |
| ସମ୍ବଲପୁର | ୪୦.୧ | ୨୩.୫ |
| ସୁନ୍ଦରଗଡ଼ | ୪୦.୦ | ୨୦.୦ |
| ହୀରାକୁଦ | ୩୯.୯ | ୨୪.୧ |
| ତାଳଚେର | ୪୩.୧ | ୨୪.୭ |
| ଭବାନୀପାଟଣା | ୪୨.୫ | ୨୫.୦ |
| ବଲାଙ୍ଗୀର | ୪୨.୦ | ୨୪.୫ |
| କୋରାପୁଟ | ୩୭.୦ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୩.୦ | ୨୩.୫ |
| ମାଲକାନଗିରି | ୩୯.୦ | ୧୭.୬ |
| ସୋନପୁର | ୪୦.୮ | ୨୪.୪ |
| ଦାରିଙ୍ଗିବାଡ଼ି | ୩୬.୫ | ୨୦.୫ |

ଡିଗ୍ରୀ ସେଲ୍‌ସିୟସ୍

## ଜେଲ୍‌ରେ ୬୭% ବିଚାରାଧୀନ କଏଦୀ

**ନୂଆଦିଲ୍ଲୀ,୧୩।୪(ପି.ଟି)**

ଦେଶର ୧୪୦୦ ଜେଲ୍‌ରେ ୪.୩୩ ଲକ୍ଷ ବନ୍ଦୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୬୭ ପ୍ରତିଶତରୁ ଅଧିକ ବିଚାରାଧୀନ କଏଦୀ ବୋଲି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ପରିସଂଖ୍ୟାନ-୨୦୧୬ରୁ ଜଣାପଡିଛି। ୧୯୪୨ ଶିଶୁ ଜେଲ୍‌ରେ ସେମାନଙ୍କ ମାଆ ସହ ରହୁଛନ୍ତି। ୨୦୧୬ ଡିସେମ୍ବର ୩୧ ସୁଦ୍ଧା ବିଭିନ୍ନ ଜେଲରେ ୪,୩୩,୦୦୩ ବନ୍ଦୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ଦୋଷୀସାବ୍ୟସ୍ତ ବନ୍ଦୀଙ୍କ ସଂଖ୍ୟା ୧,୩୫,୬୮୩। ବିଚାରାଧୀନ କଏଦୀଙ୍କ ସଂଖ୍ୟା ୨,୯୩,୦୫୮ ହୋଇଥିବାବେଳେ ଅଟକ ବ୍ୟକ୍ତିଙ୍କ ସଂଖ୍ୟା ୩,୦୮୯। ଉତ୍ତରପ୍ରଦେଶ ଜେଲ୍‌ରେ ସର୍ବାଧିକ ଦୋଷୀସାବ୍ୟସ୍ତ ବନ୍ଦୀ ଓ ବିଚାରାଧୀନ କଏଦୀ ଅଛନ୍ତି। ୧୬୪୯ ମହିଳା ବନ୍ଦୀ ସେମାନଙ୍କର ୧୯୪୨ ପିଲାଙ୍କ ସହ ଜେଲରେ ରହିଥିବା ଏନ୍‌ସିଆର୍‌ବି ରିପୋର୍ଟରେ କୁହାଯାଇଛି। ବିଚାରାଧୀନ କଏଦୀଙ୍କ ସଂଖ୍ୟା ୨୦୧୪ ତୁଳନାରେ ୨୦୧୬ରେ ୩.୬ ପ୍ରତିଶତ ବଢ଼ିଛି। ଜିଲା ଜେଲ୍‌ରେ ସର୍ବାଧିକ ୫୧.୨ ପ୍ରତିଶତ (୧,୫୦,୧୭୨ ଜଣ) ରହୁଥିବାବେଳେ କେନ୍ଦ୍ରୀୟ ଜେଲ୍‌ରେ ୩୪.୯ ପ୍ରତିଶତ (୧,୦୨,୩୮୪ ଜଣ) ଏବଂ ସବ୍‌ଜେଲ୍‌ରେ ୧୧.୩ ପ୍ରତିଶତ (୩୩,୨୬୦ ଜଣ) ରହିଛନ୍ତି। ଉତ୍ତରପ୍ରଦେଶର ଜେଲ୍‌ଗୁଡିକରେ ସର୍ବାଧିକ ବିଚାରାଧୀନ ବନ୍ଦୀ (୬୮,୪୩୨) ରହିଛନ୍ତି। ଏହା ସମୁଦାୟ କଏଦୀଙ୍କ ସଂଖ୍ୟାର ୨୩.୪ ପ୍ରତିଶତ। ଏହା ପଛକୁ ବିହାରରେ ୨୭,୭୫୩ (୯.୫ ପ୍ରତିଶତ) ଏବଂ ଏହା ପଛକୁ ମହାରାଷ୍ଟ୍ରରେ ୨୨,୬୯୩(୭.୭ ପ୍ରତିଶତ) ରହିଥିବା ଏନ୍‌ସିଆରବି ପକ୍ଷରୁ ସୂଚନା ମିଳିଛି। ଏତଦ୍ ଭିନ୍ନ ୪୦୦ ଦୋଷୀ ସାବ୍ୟସ୍ତ ମହିଳା କଏଦୀଙ୍କ ସହିତ ୪୫୯ ଶିଶୁ ରହିଥିବା ବେଳେ ୧୧୯୨ ବିଚାରାଧୀନ ମହିଳା କଏଦୀଙ୍କ ସହିତ ୧୪୦୯ ଶିଶୁ ରହିଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୪/୨୦୧୯ | Bhubaneswar, Sunday, April 14/2019 | ପୃଷ୍ଠା-୧




**ସୁବିଧାରୁ ବଞ୍ଚିତ ପିଲାଙ୍କ ପାଇଁ କାର୍ଯ୍ୟ କରିବେ ଦିୟା**

ମୌଳିକ ସୁବିଧା ସୁଯୋଗ ଓ ଅଧିକାରରୁ ବଞ୍ଚିତ ପିଲାଙ୍କ ଲାଗି କାର୍ଯ୍ୟ କରିବାକୁ ଅଭିନେତ୍ରୀ ଦିୟା ମିର୍ଜା ଆଗ୍ରହ ପ୍ରକାଶ କରିଛନ୍ତି।


୦୫

୧୬

**ବଟଲର ପ୍ଲେୟର ଅଫ୍ ଦି ମ୍ୟାଚ୍**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସକୁ ଜିତାଇବାରେ ପ୍ରମୁଖ ଭୂମିକା ପାଇଁ ଜୋସ୍ ବଟଲର ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।





## ■ ଅନିଲ ଅମ୍ବାନୀଙ୍କ କମ୍ପାନୀକୁ 'ମୋଦି କୃପା'

# ଫ୍ରାନ୍ସରେ ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼

ନୂଆଦିଲ୍ଲୀ,୧୩।୪(ପି.ଟି.)

ମୋଦି ସରକାରଙ୍କ ପିଛା ଛାଡୁନାହିଁ ରାଫାଲ ଯୁଦ୍ଧବିମାନ ଚୁକ୍ତି ବିବାଦ। ଏହି ଡିଲ୍ ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବନ୍ଧୁ ଅନିଲ ଅମ୍ବାନୀଙ୍କ କମ୍ପାନୀକୁ ଫାଇଦା ଦେଇଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅଭିଯୋଗ କରିଆସୁଥିବାବେଳେ ଫ୍ରାନ୍ସର ଏକ ଖବରକାଗଜ ଏ ସମ୍ପର୍କିତ ତଥ୍ୟ ପଦାକୁ ଆଣିଛି। ରାଫାଲ ଚୁକ୍ତି ଘୋଷଣା ପରେ ଅନିଲଙ୍କ ରିଲାଏନ୍ସ କମ୍ୟୁନିକେଶନ୍ସର ଫ୍ରାନ୍ସରେ ପଞ୍ଜୀକୃତ ସହଯୋଗୀ କମ୍ପାନୀକୁ ସେଠାକାର ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିଥିବା ଖବରକାଗଜ 'ଲି ମଣ୍ଡେ' ପ୍ରକାଶ କରିଛି। ଭାରତରେ ସାଧାରଣ ନିର୍ବାଚନ ଚାଲିଥିବାବେଳେ ଏହି ଚାଞ୍ଚଲ୍ୟକର ପ୍ରଘଟ ଜାତୀୟ ରାଜନୀତିରେ ଭୂକମ୍ପ ସୃଷ୍ଟି କରିଛି। ତେବେ ରିଲାଏନ୍ସ କମ୍ୟୁନିକେଶନ୍ସ ଏଭଳି ଖବରକୁ ଖଣ୍ଡନ କରିଛି। ଫ୍ରାନ୍ସର ଆଇନଗତ ବ୍ୟବସ୍ଥା ଅନୁଯାୟୀ ଟିକସ ବିବାଦର ସମାଧାନ ହୋଇଛି ଏବଂ ଅନ୍ୟ କମ୍ପାନୀଗୁଡ଼ିକ ଭଳି ସୁବିଧା ଆମକୁ ମିଳିଛି ବୋଲି ରିଲାଏନ୍ସ କମ୍ୟୁନିକେଶନ୍ସ ପକ୍ଷରୁ କୁହାଯାଇଛି।

'ଲି ମଣ୍ଡେ'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୦୭ରୁ ୨୦୧୦ ମଧ୍ୟରେ ଅନିଲଙ୍କ କମ୍ପାନୀ 'ରିଲାଏନ୍ସ ଆଟଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ' ୬୦ ନିୟୁତ ୟୁରୋ ଟିକସ ପଇଠ କରିବାକୁ ଥିଲା। ଉକ୍ତ କମ୍ପାନୀ ୭.୬ ନିୟୁତ ୟୁରୋ ଯାଚିଥିଲା, ଯାହା ଫ୍ରାନ୍ସ ଟିକସ କର୍ତ୍ତୃପକ୍ଷ ଗ୍ରହଣ କରି ନ ଥିଲେ। ପରେ ୨୦୧୦ରୁ ୨୦୧୨ ମଧ୍ୟରେ ଟିକସ କର୍ତ୍ତୃପକ୍ଷ ଆଉ ଏକ ତଦନ୍ତ କରି ସେହି ଅବଧି ମଧ୍ୟରେ ଅତିରିକ୍ତ ୯୧ ନିୟୁତ ୟୁରୋ ପୈଠ କରିବା ଲାଗି କମ୍ପାନୀକୁ କହିଥିଲେ। ଫ୍ରାନ୍ସରେ କେବୁଲ ନେଟୱାର୍କ ଓ ଅନ୍ୟାନ୍ୟ ଟେଲିକମ୍ ଭିତ୍ତିଭୂମି କାର୍ଯ୍ୟ କରୁଥିବା ଅନିଲଙ୍କ କମ୍ପାନୀ ଉପରେ ୨୦୧୫ ଏପ୍ରିଲ ସୁଦ୍ଧା ମୋଟ ୧୫୧ ନିୟୁତ ୟୁରୋ ଟିକସ ବକେୟା ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍‌ରେ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଘୋଷଣା କରିବାର ୬ ମାସ ପରେ ଅର୍ଥାତ୍ ୨୦୧୫ ଅକ୍ଟୋବରରେ ଫ୍ରାନ୍ସ କର୍ତ୍ତୃପକ୍ଷ ରିଲାଏନ୍ସଠାରୁ ୭.୩ ନିୟୁତ ୟୁରୋ ଗ୍ରହଣ କରି ଟିକସ ମାମଲାର ସମାଧାନ କରିଦେଇଥିଲେ।

୨୦୧୫ ଏପ୍ରିଲ୍ ୧୦ରେ ଫ୍ରାନ୍ସର ତତ୍କାଳୀନ ରାଷ୍ଟ୍ରପତି ଫ୍ରାଁସୁଆ ହଲାନ୍ଦେଙ୍କ ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଲୋଚନା ପରେ ଯୁଦ୍ଧବିମାନ କିଣାଯିବା ସମ୍ପର୍କରେ ଘୋଷଣା ହୋଇଥିଲା। ୨୦୧୬ ସେପ୍ଟେମ୍ବର ୨୩ରେ ଚୂଡ଼ାନ୍ତ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ତେବେ ଏଥିରେ ବ୍ୟାପକ ☞ପୃଷ୍ଠା-୨



- ■ ରାଫାଲ ଯୁଦ୍ଧବିମାନ କିଣିବା ନେଇ ଘୋଷଣା ପରେ ରିହାତି
- ■ ଅନୁକମ୍ପାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ
- ■ ଅଭିଯୋଗକୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଖଣ୍ଡନ


**ଓଡ଼ିଆ ନବବର୍ଷ ଅଭିନନ୍ଦନ**

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

**ଆଜିର ମନ୍ତବ୍ୟ**

" ନିର୍ବାଚନ କମିଶନ ସ୍ୱୟଂଚାଳିତ ସଂସ୍ଥା ହୋଇଥିଲେ ବି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ପରିଚାଳିତ।

–ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ



**ଦେଢ଼ଶହ ମିଟର ଗଢ଼ିଲା ରୁକୁଣା ରଥ**



........୩........

## ■ ଦଶପଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନ

# ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ

ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ୍.ଏ.), ୧୩।୪

ନୟାଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ନିଜ ଦଳ ସପକ୍ଷରେ ପ୍ରଚାର ଲାଗି ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଶପଲ୍ଲାଠାରେ ପହଞ୍ଚିଥିଲେ। ଗାନ୍ଧୀ ମଇଦାନରେ ବିଜେଡି ଜିଲା ସଭାପତି ତଥା ରଣପୁର ବିଧାୟକ ରବିନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଭାଜପା ଡବଲ ଇଞ୍ଜିନ ବୋଲି ପ୍ରଚାର କରୁଛି। ଦିଲ୍ଲୀରେ ଗୋଟିଏ ଇଞ୍ଜିନ ଥିବାବେଳେ ଆଉ ଗୋଟିଏ ଇଞ୍ଜିନ କିଏ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ସେ କେଉଁଠି ଓଡ଼ିଶାବାସୀ ଜାଣିବାକୁ ଚାହୁଁଛନ୍ତି। ସେହିପରି ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ଓ ତାଙ୍କର ବିଧାନସଭା ନିର୍ବାଚନମଣ୍ଡଳୀ କେଉଁଟା ବୋଲି ପଚାରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ☞ପୃଷ୍ଠା-୨



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଭାଷଣ ରଖୁଛନ୍ତି।

- ■ ନିର୍ବାଚନ ସମୟରେ ଓଡ଼ିଶାକୁ ଆସୁଛି ଦିଲ୍ଲୀ ଇଞ୍ଜିନ

# ୧ ଟଙ୍କାରେ ଚାଉଳ, ଡାଲି, ଲୁଣ ଦେବୁ: ଧର୍ମେନ୍ଦ୍ର

କଟକ ଅଫିସ/ଚୌଦ୍ୱାର, (ଡି.ଏନ୍.ଏ.)/ ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ଓଡ଼ିଶାରେ ଭାଜପା ସରକାରକୁ ଆସିଲେ ୧ ଟଙ୍କାରେ ମିଳିବ ଚାଉଳ, ଡାଲି ଓ ଲୁଣ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଏଭଳି ଘୋଷଣା କରିଛନ୍ତି। ମୁଣ୍ଡପିଛା ମାସିକ ୫ କେଜି ଚାଉଳ, ଅଧ କେଜି ଡାଲି ଓ ଲୁଣ ଯୋଗାଇ ଦିଆଯିବ। ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେବେ ରାଜ୍ୟର ୩.୨୬ କୋଟି ହିତାଧିକାରୀ। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର କପାଳେଶ୍ୱର ପଡ଼ିଆରେ ଆୟୋଜିତ ଭାଜପାର ଏକ ନିର୍ବାଚନୀ ସଭାରେ ଧର୍ମେନ୍ଦ୍ର ଏହି ଘୋଷଣା କରିବା ସହିତ ଓଟିଏମ୍ ପୁନରୁଦ୍ଧାର ପାଇଁ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବ ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି। କଟକ-ଭୁବନେଶ୍ୱର-ଚୌଦ୍ୱାରକୁ ମିଶାଇ ମେଟ୍ରୋ ରେଳର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ସେହିପରି ୨୦୨୨ ସୁଦ୍ଧା ସମସ୍ତଙ୍କୁ ସ୍ଥାୟୀ ପଟ୍ଟା ଓ ପକ୍କାଘର, ପ୍ରତ୍ୟେକ ଘରକୁ ୨୪ ଘଣ୍ଟିଆ ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ କରାଯିବ। ☞ପୃଷ୍ଠା-୨



କପାଳେଶ୍ୱର ପଡ଼ିଆ ସଭାରେ ଧର୍ମେନ୍ଦ୍ର ପ୍ରଧାନ।

- ■ ଖଣ୍ଡପଡ଼ା ସଭାରେ କହିଲେ, ଚାଷୀଙ୍କ ପରିବର୍ତ୍ତେ ସୌମ୍ୟବାବୁଙ୍କୁ ମିଳିଛି ପ୍ରାଇସ୍

**ଆଜିର ସମ୍ପାଦକୀୟ**

**ନେତାଙ୍କ ଶିକ୍ଷା**

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ କୋଲ୍ ଇଣ୍ଡିଆ ଲିମିଟେଡ ୬୦୭ ନିୟୁତ ଟନ କୋଇଲା ଉତ୍ତୋଳନ କରିଛି। ୨୦୧୭-୧୮ରେ ଏହା ୫୬୭.୩୭ ନିୟୁତ ଟନ୍ ଥିଲା।

– କୋଇଲା ମନ୍ତ୍ରଣାଳୟ





NATIONAL EGG CO-ORDINATION COMMITTEE — 13.04.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 88 | 142 | 152 |
| DKL | 89 | 144 | 154 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 89 | 144 | 154 |

*Conditions Apply

Eggs Retail Price- 41/-Dozen

Issued in the Interest of Consumers









ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ଏପ୍ରିଲ, ୨୦୧୯

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଝଟିମାଟି କଲୋନୀରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ କନଷ୍ଟେବଳ ନିଜ ସର୍ଭିସ୍ ରିଭଲଭରରୁ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ସୁନୀଲ୍ ମହାନନ୍ଦିଆ। ପ୍ରେମଜନିତ କାରଣରୁ ଏପରି ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଏସା
ପରିବାରବର୍ଗ


ସାଇଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅଶୋକଙ୍କ ପରଲୋକ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଧିକାରୀ ତଥା କବି ଅଶୋକ ମହାପାତ୍ରଙ୍କ ଶୁକ୍ରବାର ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ୭୫ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଭାରତ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟକରିବା ପରେ ଜାହାଜ ଚଳାଚଳ ମନ୍ତ୍ରଣାଳୟର ସଚିବଭାବେ ଅବସର ଗ୍ରହଣ କରିଥିଲେ। ଓଡ଼ିଶାରେ ବିଭିନ୍ନ ଶିଳ୍ପାଞ୍ଚଳକୁ ଯୋଗାଯୋଗ କ୍ଷେତ୍ରକୁ ସୁଗମ କରିବା ଦିଗରେ ମହାପାତ୍ର ଅନେକ ପଦକ୍ଷେପ ନେଇଥିଲେ। କଟକ-ପାରାଦୀପ ଏବଂ ଚଣ୍ଡିଖୋଲ-ପାରାଦୀପ ଅତ୍ୟାଧୁନିକ ରାଜପଥ ନିର୍ମାଣରେ ତାଙ୍କର ଅବଦାନ ଥିଲା। ସେ ବନ୍ଦରର ବିକାଶ, ସଂଯୋଗୀକରଣ, ଜାହାଜ ଶିଳ୍ପର ବିକାଶ, ଅନ୍ତର୍ଜାତୀୟ ବାଣିଜ୍ୟିକ ବ୍ୟାପାର କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ। ସେ ୧୯୭୧ ବ୍ୟାଚ୍ ହିମାଚଳ ପ୍ରଦେଶ କ୍ୟାଡରର ଆଇଏଏସ୍ ଅଫିସର ଥିଲେ। ସେ ୨ ମାସ ଧରି ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ଦୁଇ ପୁଅ ଓ ଝିଅ ଉପସ୍ଥିତ ଥିଲେ। ସେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ।


ସଙ୍ଗ୍ରୋନ୍ ଉତ୍ସବ ଅବସରରେ ବିହାରର ବୋଧଗୟାସ୍ଥିତ ମହାବୋଧି ମନ୍ଦିରରେ ବୌଦ୍ଧଭିକ୍ଷୁମାନେ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ନେଉଛନ୍ତି।

## ■ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀ

# ପୀତାମ୍ବରଙ୍କ ପାଇଁ ପ୍ରଚାର କଲେ ବାବୁସାନ୍



ଭାଜପା ପ୍ରାର୍ଥୀଙ୍କ ସହ ପ୍ରଚାରରେ ଯାଉଛନ୍ତି ବାବୁସାନ୍ ମହାନ୍ତି।

ହିଞ୍ଜିଳିକାଟୁ,୧୩।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଅଭିନେତା ବାବୁସାନ ମହାନ୍ତି ଶନିବାର ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ମଧ୍ୟାହ୍ନରେ ବାବୁସାନ ଶେରଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ଗ୍ରସ୍ତକରି ରୋଡ୍ ଶୋ କରିଥିଲେ। ପରେ ହିଞ୍ଜିଳିକାଟୁ ବ୍ଲକର ରଙ୍ଗୁଣୀପଲୀ, ବଡ଼ଖଣ୍ଡି, କଞ୍ଚୁରୁ, ଦୁର୍ବନ୍ଧ, ଗଣ୍ଡଳା, ବେଲଗାଁ, ଧୋବାଡ଼ି, ପାଟପୁର, ବାଳକୃଷ୍ଣପୁର, ନନ୍ଦିକ, ରାଳବ, ଶିକିରି ଓ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିରେ ରୋଡ଼ ଶୋ କରି ଭାଜପା ଆସିକା ଲୋକ ସଭା ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ଓ ହିଞ୍ଜିଳିକାଟୁ ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ।

# ଏନ୍‌କାଉଣ୍ଟରରେ ସେକ୍ ନଦୀମ୍ ଗୁରୁତର

କେନ୍ଦ୍ରାପଡ଼ା ଅଫିସ୍,/ ପାଟକୁରା (ଡିଏନ୍ଏ) ୧୩।୪



ଆନ୍ତଃରାଜ୍ୟ ଦୁର୍ଦ୍ଦାନ୍ତ ଅପରାଧୀ ସେକ୍ ନଦୀମ (୩୦)ଙ୍କୁ କେନ୍ଦ୍ରାପଡ଼ା ଜିଲା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଏନ୍‌କାଉଣ୍ଟର କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ବାମ ଗୋଡ଼ରେ ଦୁଇଟି ଗୁଳି ବାଜିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା କହିଛନ୍ତି, ତିର୍ତ୍ତୋଲ ଥାନା ଅଧୀନ କୃଷ୍ଣାନନ୍ଦପୁର ଗ୍ରାମର ନଦୀମଙ୍କ ନାମରେ ପାଟକୁରା ଥାନାରେ ଦୁଇଟି ଡକାୟତି ମାମଲା ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ନଦୀମ ତାଙ୍କ ସହଯୋଗୀଙ୍କୁ ମାଉଜର ଦେବାକୁ ପାଟକୁରା ଥାନା ଅଞ୍ଚଳକୁ ଆସୁଥିବା ପୋଲିସ ଖବର ପାଇଥିଲା। ପାଟକୁରା ଥାନା ଅଧିକାରୀ ସୁଜିତ ପ୍ରଧାନ ଓ ଜିଲା ସ୍ପେଶାଲ ସ୍କ୍ୱାଡ ଏସ୍ଆଇ ପିକେ କାନୁନ୍‌ଗୋଙ୍କ ନେତୃତ୍ୱରେ ଦୁଇଟି ଟିମ ଅର୍ଜୁନପୁର ଛକରେ ଛକି ରହିଥିଲେ। ନଦୀମ ପ୍ରଥମେ ପୋଲିସ ଉପରକୁ ଦୁଇଟି ଗୁଳି ଚଳାଇ ଥିଲେ। ଏହାପରେ ପୋଲିସ ତାଙ୍କ ଉପରକୁ ୩ଟି ଗୁଳି ଚଳାଇଥିଲା। ଏଥିରୁ ଗୋଟିଏ ନଦୀମଙ୍କ ବାମ ପାଦରେ ଲାଗିଥିବା ବେଳେ ଅନ୍ୟଟି ପାଦର ଉପର ଅଂଶରେ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସକାଳ ୬ଟାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଏସ୍‌ଡିପିଓ ପଣ୍ଡା ସୂଚନା ଦେଇଛନ୍ତି। ତାଙ୍କ ନାମରେ ବିଭିନ୍ନ ଥାନାରେ ହତ୍ୟାକାଣ୍ଡ, ହତ୍ୟା ଉଦ୍ୟମ, ଦାଦାବଟି, ମାଡ଼ ମାରିବା, ମୋଟର ସାଇକେଲ ଚୋରି କରିବା ଆଦି ମାମଲା ରହିଥିବା ସୂଚନା ମିଳିଛି। ନଦୀମଙ୍କ ବାମ ଗୋଡ଼ରେ ଦୁଇଟି ଗୁଳି ଲାଗିଛି। ନଦୀମଙ୍କ ନିକଟରୁ ଗୋଟିଏ ମାଉଜର, ଏକ ନମ୍ବର ବିହୀନ ସ୍କୁଟି ଓ ମୋବାଇଲ ଜବତ ହୋଇଛି। ତାଙ୍କ ନାମରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଭୁବନେଶ୍ୱର ଓ ରାଜ୍ୟରଅନ୍ୟ ଜିଲାର ବିଭିନ୍ନ ଥାନାରେ ୩୫ରୁ ଉର୍ଦ୍ଧ୍ୱ ଆପରାଧିକ ମାମଲା ଥିବା ଥାନା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ପାଟକୁରା ଥାନାରେ ୮୪/୧୯ରେ ମାମଲା ରୁଜୁ ହୋଇଛି।

## ବାର୍ଡ ଫ୍ଲୁ ପାଇଁ ରାଜ୍ୟ କୁକୁଡ଼ା ଶିଳ୍ପ ଗୁରୁତର ପ୍ରଭାବିତ

# ଓଡ଼ିଶା ଅଣ୍ଡା, କୁକୁଡ଼ାଜାତ ସାମଗ୍ରୀ ନେବା ବନ୍ଦ କଲା ବିଦେଶୀ ରାଷ୍ଟ୍ର

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

- ■ବିହାର, ଝାଡ଼ଖଣ୍ଡ ମଧ କଟକଣା ଲଗାଇଲା
- ■ରାଜ୍ୟ ସରକାରଙ୍କୁ ଜଣାଇଲା କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ
- ■ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ

ଓଡ଼ିଶାରୁ ଉତ୍ପାଦିତ ଅଣ୍ଡା ଓ ଅନ୍ୟାନ୍ୟ କୁକୁଡାଜାତ ସାମଗ୍ରୀ ଆମଦାନୀ ଉପରେ ବିଦେଶୀ ରାଷ୍ଟ୍ରଗୁଡ଼ିକ କଟକଣା ଜାରି କରିଛନ୍ତି। ଆଭିଆନ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ବା ବାର୍ଡ ଫ୍ଲୁ ବ୍ୟାପିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବାର୍ଡ ଫ୍ଲୁ ସଂକ୍ରାନ୍ତରେ ଜାଣିବା ପରେ କାତାର ନ୍ୟାଶନାଲ ହେଲ୍‌ଥ ଅଥରିଟି (କ୍ୟୁଏନ୍ଏଚ୍ଏ) ଭାରତରୁ ଅଣ୍ଡା ସହ ସମସ୍ତ କୁକୁଡ଼ାଜାତ ସାମଗ୍ରୀ ଆମଦାନୀ ବନ୍ଦ କରିଦେଇଛି। ସେହିଭଳି ସୌଦି ଆରବ, କୁଏତ୍ ଓ ହଂକଂ ଭଳି ଅନ୍ୟ କେତେକ ଦେଶ ମଧ ଭାରତରୁ କୁକୁଡ଼ାଜାତ ସାମଗ୍ରୀ ନେବା ଉପରେ କଟକଣା ଜାରି କରିଛି। ଏପରିକି ସେସବୁ ରାଷ୍ଟ୍ରକୁ ନିକଟରେ ଯାଇଥିବା କୁକୁଡାଜାତ ସାମଗ୍ରୀ ଫେରିବା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଏକ୍ଷେତ୍ରରେ ଓଡ଼ିଶା ଉପରେ ନିର୍ଭର କରୁଥିବା ଭାରତର କେତେକ ରାଜ୍ୟ ମଧ କଟକଣା ଲାଗୁ କରିଛନ୍ତି। ଫଳରେ ଓଡ଼ିଶାର କୁକୁଡ଼ା ଶିଳ୍ପରେ ଏବେ ଗୁରୁତର ସଂକଟ ଦେଖାଦେଇଛି।

ମିଳିଥିବା ସୂଚନାନୁସାରେ, କେତେକ ବିଦେଶୀ ରାଷ୍ଟ୍ର ସମେତ ପଡୋଶୀ ରାଜ୍ୟ ବିହାର ଓ ଝାଡ଼ଖଣ୍ଡ ଅଣ୍ଡା, ପ୍ରକ୍ରିୟାକୃତ କୁକୁଡ଼ା ମାଂସ ମଧ ଓଡ଼ିଶାରୁ ନେଇଥାନ୍ତି। ହଂକଂ ଓଡ଼ିଶାର ପୁରୀ ଓ ବିହାରର ମୁଙ୍ଗେର ଜିଲାରୁ ଅଣ୍ଡା ସହ କୁକୁଡ଼ା ଆମଦାନୀ କରିଥାଏ। ସୌଦି ଆରବ ଓଡ଼ିଶାରୁ ଜିଅନ୍ତା କୁକୁଡ଼ା, ଅଣ୍ଡା ଓ ଚିଆଁ ନେଇଥାଏ। ଅନ୍ତର୍ଜାତୀୟ ସ୍ତରୀୟ ଗଣମାଧ୍ୟମ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପଶୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପାଇବା ପରେ ସମ୍ପୃକ୍ତ ଦେଶଗୁଡ଼ିକ ଏଭଳି କଟକଣା ଜାରି କରିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରାଳୟର ଯୁଗ୍ମ ସଚିବ କେଶବ ଚନ୍ଦ୍ରା ଓଡ଼ିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାର୍ଡ ଫ୍ଲୁ ପାଇଁ ଦେଶର ରପ୍ତାନି କ୍ଷେତ୍ର ବିଶେଷଭାବେ ପ୍ରଭାବିତ ହୋଇଛି। ତୁରନ୍ତ ଆଭିଆନ ଇନ୍‌ଫ୍ଲୁଏଞ୍ଜା ନିୟନ୍ତ୍ରଣ ଉପରେ ପଦକ୍ଷେପ ଗ୍ରହଣ କରାଯିବା ସହ କୁକୁଡ଼ାଜାତ ସାମଗ୍ରୀର ରପ୍ତାନି ପରିବେଶ ସୃଷ୍ଟି କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# କୋରେଇର ଅନେକ ନେତା, କର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ଯାଜପୁର ଜିଲା କୋରେଇ ବ୍ଲକ ଅସନଝର ପଞ୍ଚାୟତ ସମିତି ସଭ୍ୟ ନିର୍ମଳା ବେହେରା, ଭାଜପା ନେତା ରଶ୍ମିରେଖା ଗହଣା, ଅଶୋକ ସ୍ୱାଇଁ ଏବଂ ରାକେଶ ମହାନ୍ତି ପ୍ରମୁଖ ଶନିବାର ବିଜେଡିରେ ମିଶିଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଉପରୋକ୍ତ ନେତାଙ୍କ ସମେତ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ମଧ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଯୋଗଦାନ କୋରେଇ ବ୍ଲକ ସହ ଯାଜପୁର ଜିଲାରେ ବିଜେଡିର ଶକ୍ତି ବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବାଦୀ ଅଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜେଡି ସଭାପତିଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାସ, ଯାଜପୁର ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଫ୍ରାନ୍ସରେ...

ଅନିୟମିତତା ହୋଇଥିବା କଂଗ୍ରେସ ଅଭିଯୋଗ କରିଆସୁଛି। ଉପା ସରକାର ଅମଳରେ ପ୍ରତି ଯୁଦ୍ଧବିମାନ ୫୨୬ କୋଟି ଟଙ୍କାରେ କିଣିବା ପାଇଁ କଥାବାର୍ତ୍ତା ହୋଇଥିଲାବେଳେ ଏନ୍‌ଡିଏ ସରକାର ୧୬୭୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ କିଣିବା ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଥିବା କଂଗ୍ରେସ ଅଭିଯୋଗ କରିଥିଲା। ଏହାବ୍ୟତୀତ ଅନିଲଙ୍କ ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ରାଫାଲ ନିର୍ମାତା ଫ୍ରାନ୍ସର ଡାସଲ୍ଟ ଆଭିଏସନ୍ସ କମ୍ପାନୀର ଅଫସେଟ୍ ପାର୍ଟନର ଚୟନ କରାଯିବାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଥିଲା। ତେବେ ଉକ୍ତ ଅଭିଯୋଗକୁ କେନ୍ଦ୍ର ସରକାର ଖଣ୍ଡନ କରିଥିଲେ।

ଏବେ ଭାରତରେ ସାଧାରଣ ନିର୍ବାଚନ ଚାଲିଥିବାବେଳେ ଫ୍ରାନ୍ସ ଖବରକାଗଜରେ ଉପରୋକ୍ତ ଖବର ପ୍ରକାଶ ପାଇବା ପରେ ରାଫାଲ ପ୍ରସଙ୍ଗରେ କଂଗ୍ରେସ ପୁଣିଥରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛି। ରାଫାଲ ଯୁଦ୍ଧବିମାନ ଚୁକ୍ତିନାମା ଘୋଷଣାର କିଛିମାସ ପରେ ୨୦୧୫ରେ ଅନିଲଙ୍କ କମ୍ପାନୀକୁ ଫ୍ରାନ୍ସ ସରକାର ଟିକସ ଛାଡ଼ କରିବା 'ମୋଦି କୃପା' ବୋଲି କଂଗ୍ରେସ କହିଛି। ଏହି ବ୍ୟବସାୟୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜଣେ ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଥିଲେ। ଏହା ଜିରୋ ସମ୍ ଚଏସେସ୍, ଚମତ୍କାରୀ ଟିକସ ରିହାତି ଏବଂ ମୋଦିଙ୍କ ଆଶୀର୍ବାଦ ବୋଲି କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ ସୁର୍ଜେୱାଲା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ରାଫାଲ ଚୁକ୍ତି ସହ ଟିକସ ଛାଡ଼ର କୌଣସି ସମ୍ପର୍କ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଖବରକାଗଜରେ ପ୍ରକାଶିତ ତଥ୍ୟ ସମ୍ପୂର୍ଣ୍ଣ ଭୁଲ୍। କାରଣ ଫ୍ରାନ୍ସର ଏକ କମ୍ପାନୀଠାରୁ ୩୬ଟି ରାଫାଲ ଯୁଦ୍ଧବିମାନ କିଣିବା ନେଇ ଭାରତ ସରକାର ଚୁକ୍ତି ସ୍ୱାକ୍ଷର କରିଥିଲେ। କୌଣସି ଘରୋଇ କମ୍ପାନୀକୁ ଟିକସ ଛାଡ଼ କରାଯିବା ସହ ଏହାର କୌଣସି ସମ୍ପର୍କ ନାହିଁ। ରାଫାଲ ଡିଲ୍ ସମୟ ଓ ଟିକସ ଛାଡ଼ ସମୟ ସମ୍ପୂର୍ଣ୍ଣ ଅଲଗା ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ ସଫେଇ ଦିଆଯାଇଛି।

## ଭାଜପାର...

କରିବାକୁ ଭାଜପା ଡରୁଛି କି ବୋଲି ନବୀନ ପ୍ରଶ୍ନ କରିଥିଲେ। ଆରମ୍ଭରୁ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନାର ସଫଳ ଗାଥା ଗାଇଥିଲେ। ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୪୦ ଲକ୍ଷ ଚାଷୀ ଉପକୃତ ହେଲେଣି। କିନ୍ତୁ କେନ୍ଦ୍ରର ଭାଜପା ସରକାର ଏହି ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଛି। ମୁଁ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ। ବିଜେଡି ସରକାର ଆସିବାର ପ୍ରଥମ ଦିନରୁ ହିଁ ସମସ୍ତ ଚାଷୀଙ୍କୁ ୨ଟି କିସ୍ତି ବାବଦକୁ ୧୦ ହଜାର ଟଙ୍କା ମିଳିବ ବୋଲି କହିଥିଲେ। ଏହା ପରେ ମିଶନ ଶକ୍ତି ବିଷୟରେ ବର୍ଣ୍ଣନା କରି ଏଥିଯୋଗୁ ମା'ମାନେ ଆଜି ସମାଜର ଶକ୍ତି ହୋଇପାରିଛନ୍ତି। ସମାଜର ଶକ୍ତି, ଦେଶର ଶକ୍ତି ଓ ବିକାଶର ପ୍ରକୃତ ଡବଲ ଇଞ୍ଜିନ ବୋଲି ଭାଜପାକୁ ତାଚ୍ଛଲ୍ୟ କରି କହିଥିଲେ। ଫାଇଲିନ୍, ହୁଦ୍‌ହୁଦ୍, ମରୁଡ଼ି, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଡବଲ ଇଞ୍ଜିନର ଦେଖା ମିଳୁନାହିଁ। ନିର୍ବାଚନ ହେଲେ ଦିଲ୍ଲୀ ଇଞ୍ଜିନ ଓଡ଼ିଶାକୁ ଆସୁଛି ଓ ଜୋର୍‌ରେ ଚିତ୍କାର କରୁଛି, ଏହା ପରେ ଦେଖା ମିଳିବ ନାହିଁ ବୋଲି ନବୀନ କହିଥିଲେ। ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ଘୋଷଣା ହୋଇ ନ ଥିବାବେଳେ ଆପଣଙ୍କ ମୁଖ୍ୟମନ୍ତ୍ରୀ ସବୁବେଳେ ଆପଣମାନଙ୍କ ସାଥିରେ ରହିଛନ୍ତି। ଆପଣମାନେ ମୋର ପରିବାର, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆପଣମାନଙ୍କ ସେବା କରୁଥିବି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ସେଥିପାଇଁ ସେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧରେ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ୨୦ ବର୍ଷରେ ବିଜେଡି ସ୍ଥିର ସରକାର ଭାବେ କାର୍ଯ୍ୟ କରିଆସିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଗୁଣଗାନ କରିବା ସହିତ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ବଞ୍ଚିବାର ଅଧିକାର ଦିଆଯାଇଥିବା ସେ ପ୍ରକାଶ କରିଥିଲେ। ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ନିଜ ବକ୍ତବ୍ୟରେ ନିର୍ବାଚନମଣ୍ଡଳୀରେ ଉନ୍ନତି ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। କଳାକାର ରାଇମୋହନ ପରିଡ଼ା, ପ୍ରଜ୍ଞାରଞ୍ଜନ ଖଟୁଆ, ଶଙ୍କର, କଣ୍ଠଶିଳ୍ପୀ ତାରିକ୍ ଅଜିଜ୍, ଅର୍ପିତା ଚୌଧୁରୀ ପ୍ରମୁଖ ଯୋଗଦେଇ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ଅଧକ୍ଷା ବୈଜୟନ୍ତୀ ମାଳା ମହାନ୍ତି, ଉପାଧକ୍ଷ ଅଖିଳ କୁମାର ଜାନି, ଦଶପଲ୍ଲା ଏନ୍ଏସି ଅଧକ୍ଷା ବବିତା ସାହୁ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ବ୍ଲକ ଉପାଧକ୍ଷ ବସନ୍ତ ସାହୁ, ଦିଲୀପ କୁମାର ପଣ୍ଡା, ଯୁବ ଜନତା ସଭାପତି ଦିଲୀପ ବେହେରା, କୁଞ୍ଜ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାଢ଼େ ୪ କୋଟି ଓଡ଼ିଆ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୩।୪(ବ୍ୟୁରୋ)- ନୟାଗଡ଼ ଜିଲା ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ଏକ ସଭାରେ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ବୋଲି ନବୀନ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ସାଢେ ୪ କୋଟି ଓଡ଼ିଆ ଭାଜପାର ଜଣେ ଜଣେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ । କଳିଙ୍ଗ ଯୁଦ୍ଧ ସମୟରେ ଓଡ଼ିଶାର କିଏ ରାଜା ଥିଲେ, ସେ କଥା ନବୀନ ବାବୁଙ୍କୁ ଜଣା ଅଛି କି ନାହିଁ। କଳିଙ୍ଗର ସୁରକ୍ଷା ଓ ସ୍ୱାଭିମାନର ଲଢେଇ କରୁଥିବା ପ୍ରତ୍ୟେକ ଓଡ଼ିଆ ରାଜ୍ୟର ରାଜା। ତାମିଲ ଇତିହାସ ମାଧ୍ୟମରେ ଓଡ଼ିଶାକୁ ବୁଝୁଥିବା ନବୀନ ବାବୁ କାହିଁକି ଓଡ଼ିଆଙ୍କୁ କଷ୍ଟ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଓଡ଼ିଶାର ଆତ୍ମା ଓ ମନକୁ ବୁଝିପାରିବେ ନାହିଁ, କାହିଁକି ସେ ଧନ୍ଦାରେ ପଡୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ୧ ଟଙ୍କାରେ...

ଚୌଦ୍ୱାର ସମେତ ଓଡ଼ିଶାର ୧୫ ସହରକୁ ସ୍ମାର୍ଟ ସିଟିରେ ପରିଣତ କରାଯିବ। ୬୦ ବର୍ଷରୁ ଅଧିକ ଶ୍ରମିକଙ୍କ ପାଇଁ ୩ ହଜାର ଟଙ୍କାର ପେନସନ ବ୍ୟବସ୍ଥା, +୨ ପାସ୍ କରିଥିବା ମେଧାବୀ ଛାତ୍ରୀଙ୍କୁ ସ୍କୁଟି ଓ ସବୁ ଚାଷୀଙ୍କୁ ବିନା ସୁଧରେ ଋଣ ଦିଆଯିବ। ସବୁ ଜିଲାରେ ବିଇଡି କଲେଜ ତିଆରି କରାଯିବା ସହ କୋଷ୍ଟାଲ ହାଇୱେର ୪୧୫ କିମି ରାସ୍ତାକୁ ଅଗ୍ରାଧିକାର ଭିତ୍ତିରେ କରାଯିବ ଏବଂ ଆୟୁଷ୍ମାନ୍ ଭାରତ ଯୋଜନାକୁ ତୁରନ୍ତ ଲାଗୁ କରାଯିବ ବୋଲି ଧର୍ମେନ୍ଦ୍ର ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ଅଙ୍ଗନୱାଡି ଦିଦିଙ୍କ ମାସିକ ୧୫ହଜାର ଟଙ୍କା ଓ ସହାୟିକାଙ୍କ ଦରମା ୯ ହଜାର ଟଙ୍କା କରାଯିବ। ରାଜ୍ୟରେ ଖାଲି ପଡ଼ିଥିବା ସରକାରୀ ପଦବୀକୁ ସରକାରକୁ ଆସିବାର ୨ ବର୍ଷ ମଧରେ ପୂରଣ କରାଯିବ ବୋଲି ଧର୍ମେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ ରାଜ୍ୟ ସରକାରଙ୍କୁ ଅପାରଗ କହିବା ସହିତ ଓଡ଼ିଶାରେ ପରିବର୍ତ୍ତନର ହାୱା ବହୁଥିବା

ପ୍ରଥମ ପୃଷ୍ଠାରୁ...

କହିଥିଲେ। ଏପରି କି ବିଜୁ ବାବୁଙ୍କ ହାତଗଢ଼ା ଶିଳ୍ପନଗରୀ ଚୌଦ୍ୱାର ଆଜି ଶିଳ୍ପଶୂନ୍ୟ ହୋଇପଡ଼ିଛି। ସରକାରରେ ତାଙ୍କ ପୁତ୍ର ଥାଇ ମଧ ଏହି ଶିଳ୍ପନଗରୀକୁ ଅଣଦେଖା କରିଥିବା ଧର୍ମେନ୍ଦ୍ର କହିଥିଲେ। ଚୌଦ୍ୱାର ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ କଟକ ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର, ଚୌଦ୍ୱାର-କଟକ ବିଧାନସଭା ପ୍ରାର୍ଥୀ ନୟନ କିଶୋର ମହାନ୍ତି, ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ଜିଲା ଉପସଭାପତି ପ୍ରଶାନ୍ତ ହୋତା, ଜିଲା ପ୍ରଭାରୀ ପ୍ରାଣବନ୍ଧୁ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ଉପରୋକ୍ତ ପ୍ରତିଶ୍ରୁତିକୁ ନେଇ ରାଜନୈତିକ ଚର୍ଚ୍ଚା ସୃଷ୍ଟି ହୋଇଛି। ଧର୍ମେନ୍ଦ୍ର ଗରିବ, ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ବର୍ଗର ଭୋଟ ହାତେଇବା ପାଇଁ ଯୋଜନା କରିଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ସେହିପରି ଧର୍ମେନ୍ଦ୍ରଙ୍କ ଏହି ଘୋଷଣା ନବୀନଙ୍କ ୧ ଟଙ୍କିଆ ଚାଉଳ ଯୋଜନାକୁ ମାତ୍ ଦେବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି।

ନୟାଗଡ଼ ଜିଲା ଖଣ୍ଡପଡ଼ାରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଧର୍ମେନ୍ଦ୍ର ସେଠାକାର ବିଜେଡି ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ଧର୍ମେନ୍ଦ୍ର କହିଲେ ଯେ, ସୌମ୍ୟବାବୁ ବୁଲି ବୁଲି ଚାଷୀମାନଙ୍କର ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ କଥା କହୁଥିଲେ। କିନ୍ତୁ ଚାଷୀଙ୍କ ପରିବର୍ତ୍ତେ ସୌମ୍ୟବାବୁଙ୍କୁ ପ୍ରାଇସ୍ ମିଳିଲା, ରାଜ୍ୟ ସଭାର ପ୍ରେଷ୍ଟିଜ ଓ ପକେଟ ଗରମ କରିବାର ପଇସା ମିଳିଲା। ମାତ୍ର ଓଡ଼ିଶାରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ମିଳିଲା ନାହିଁ ବୋଲି ଧର୍ମେନ୍ଦ୍ର କହିଥିଲେ। ଅନ୍ୟପକ୍ଷରେ ଖଣ୍ଡପଡ଼ାବାସୀଙ୍କୁ ପାନୀୟ ଜଳର ସୁବିଧା ଯୋଗାଯିବା ସହ ନୀଳମାଧବ ପୀଠର ବିକାଶ କରାଯିବ। ଓଡ଼ିଶାର ପୂଜାରୀମାନଙ୍କ ପାଇଁ ମାସିକ ଦରମା ବ୍ୟବସ୍ଥା କରାଯିବ ଏବଂ ୫ବର୍ଷ ପାଇଁ ୧ ଲକ୍ଷ କୋଟି ଟଙ୍କାର ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି।

## ସବୁଠାରୁ ବଡ଼ ଜୁମ୍‌ଲା କହିଲା ବିଜେଡି

ଭୁବନେଶ୍ୱର,୧୩।୪(ବ୍ୟୁରୋ)- ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ରାଜ୍ୟବାସୀଙ୍କୁ ୧ ଟଙ୍କାରେ ଚାଉଳ, ଡାଲି ଓ ଲୁଣ ଦେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିଶ୍ରୁତି ଚଳିତ ନିର୍ବାଚନର ସବୁଠାରୁ ବଡ଼ ଜୁମଲା ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ, ଧର୍ମେନ୍ଦ୍ର ଜଣେ ଅଭ୍ୟାସଗତ ମିଛୁଆ ଭାବେ ଜଣାଶୁଣା। ଚଳିତ ନିର୍ବାଚନରେ ଓଡ଼ିଶାରେ ଭାଜପାର ସ୍ଥିତି ତାଙ୍କୁ ଅଧିକ ବିବ୍ରତ କରିଛି, ତେଣୁ କେନ୍ଦ୍ରମନ୍ତ୍ରୀଙ୍କ ମିଛ ଆଉ ବାଡ଼ବତା ମାନୁନାହିଁ। ଦେଶର ଏକାଧିକ ରାଜ୍ୟରେ ଭାଜପା ଶାସନ କରୁଛି। ହେଲେ କେଉଁ ରାଜ୍ୟରେ ଭାଜପାର ଏଭଳି କାର୍ଯ୍ୟକ୍ରମ ଦେଖିବାକୁ ମିଳିନାହିଁ। ଗୁଜରାଟରେ ଏଭଳି କାର୍ଯ୍ୟକ୍ରମର ପ୍ରଚଳନ ହୋଇନାହିଁ। ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଭାଜପା ଦୀର୍ଘ ବର୍ଷ ଧରି କ୍ଷମତାରେ ଥିଲେ ମଧ ସେଠାରେ ଏଭଳି ଯୋଜନା କାର୍ଯ୍ୟକାରୀ କାହିଁକି ହୋଇନାହିଁ ବୋଲି ଲେନିନ୍ ପ୍ରଶ୍ନ କରିଛନ୍ତି। ପୂର୍ବରୁ ଭାଜପା ବାର୍ଷିକ ୨ କୋଟି ଚାକିରି, ପ୍ରତି ଗରିବଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଭଳି ମିଛ ପ୍ରତିଶ୍ରୁତି ଦେଇ ସାରିଛି। ଜନସାଧାରଣଙ୍କୁ ଦିନଦ୍ୱିପ୍ରହରେ କିଭଳି ଚୂନ ମରାଯାଏ, ତାହା ଧର୍ମେନ୍ଦ୍ରଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଥିବା ଲେନିନ୍ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ପବିତ୍ର ମେଷ ସଂକ୍ରାନ୍ତି ପ୍ରଥମ ଦିବସରେ ଚନ୍ଦ୍ର ସ୍ୱଗୃହରେ ରହି ଆପଣଙ୍କୁ ମାନସିକ ସୁଖ,ସୌହାର୍ଦ୍ଦ୍ୟ ପ୍ରଦାନ କରିବେ। ଆନୁଷ୍ଠାନିକ କାମ ମଧ୍ୟରେ ବନ୍ଧୁମାନଙ୍କ ସାନ୍ନିଧ ଓ ପରିବାର ସହ ଭ୍ରମଣର ସୁଯୋଗରୁ ଆନନ୍ଦିତ ହେବେ। କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବ ଓ ସମ୍ମାନ, ପ୍ରତିଷ୍ଠା ଲାଭ କରିବେ।

**ବୃଷ** – ତୃତୀୟାଧିପତି ସ୍ୱଗୃହସ୍ଥ ଯୋଗୁ ମିତ୍ର,ବନ୍ଧୁମାନଙ୍କ ଆଦର,ଗୌରବ ମଧରେ ଦିନଟି ଅତିବାହିତ ହେବ। ଧର୍ମଭାବକୁ ଚନ୍ଦ୍ର ଦେଖୁଥିବାରୁ ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ବହୁବିଧ ସମସ୍ୟା ଜାଲରେ ଛନ୍ଦିହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ।

**ମିଥୁନ** – ଧନାଧିପତି ଧନ ଭାବରେ ଏବଂ ରାଶିରେ ରାହୁ ଥିବାରୁ ବିଭିନ୍ନ ପ୍ରକାର କୌଶଳ ମାଧ୍ୟମରେ କାର୍ଯ୍ୟହାସଲ କରିବେ। ଯୋଜନା କ୍ଷେତ୍ରରେ ଉଦ୍ୟମକୁ ସାକାର କରିବାରେ ବିଶିଷ୍ଟ ବ୍ୟକ୍ତିଙ୍କ ଅଯାଚିତ ସାହାଯ୍ୟ ପାଇବେ। ବ୍ୟବସାୟୀମାନେ ଅଧିକ ପରିଶ୍ରମ କଲେ ମଧ ଋଣପରିଶୋଧ ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** – ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ସାଙ୍ଗକୁ ଭାଗ୍ୟସ୍ଥ ବୁଧାଦିତ୍ୟ ଯୋଗ ଆପଣଙ୍କୁ ଏକାଧାରରେ ଅର୍ଥ, ସମ୍ମାନ, ସମ୍ବର୍ଦ୍ଧନା ଓ ଉପହାରାଦି ପ୍ରାପ୍ତ ହେବାର ଯୋଗ ରହିଛି। ମନ ଯେମିତି ଚାହୁଁଛି ସେହି ପ୍ରକାରେ ଆଜିର ସମସ୍ତ କାର୍ଯ୍ୟ ଆପଣ ସମ୍ପାଦନ କରିପାରିବେ। ଆଜିର ଯାତ୍ରା,ବାଣିଜ୍ୟ,ସଭାସମିତିରେ ବନ୍ଧୁମିଳନରୁ ଖୁସୀ ରହିପାରନ୍ତି।

**ସିଂହ** – ଦ୍ୱାଦଶସ୍ଥ ହେଲେ ମଧ ଚନ୍ଦ୍ରଙ୍କ ନବମସ୍ଥ ବୁଧାଦିତ୍ୟ ଯୋଗ ଆପଣଙ୍କ ପାଇଁ କାର୍ଯ୍ୟସିଦ୍ଧି, ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ଲାଭ କରାଇବ। ଆଜି କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** – ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ ଆପଣଙ୍କ ପ୍ରଶଂସନୀୟ ଉଦ୍ୟମ ବହୁଜନ ପ୍ରଶଂସିତ ହେବ। ନିଜେ ଠିକ୍ ଥିଲେ ମଧ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇଦେଇପାରେ। ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର କ୍ରୟ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ବାଣିଜ୍ୟ,ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** – କର୍ମସ୍ଥାନରେ ଚନ୍ଦ୍ର ଏବଂ ଧନସ୍ଥାନକୁ ମଙ୍ଗଳଙ୍କ ଦୃଷ୍ଟି ସହ ଶୁକ୍ରଙ୍କ ସ୍ଥିତି ଆପଣଙ୍କ ସର୍ବବିଧ ସାଧନ ପାଇଁ ମାର୍ଗ ଉନ୍ମୁକ୍ତ ହୋଇଯିବ। ଅର୍ଥ ପାଇବେ ଏବଂ ପାରିବାରିକ ସ୍ଥିରତା ଆସିଯିବା ସାଙ୍ଗକୁ ଯାତ୍ରା, ନୂତନ କର୍ମାରମ୍ଭ ମଧ ପ୍ରୀତିପ୍ରଦ ରହିବ। ସରକାରୀ କାମ, ଚୁକ୍ତିପତ୍ର, ପ୍ରଶାସନ, ରାଜନୀତି, ସାମ୍ବାଦିକତା କ୍ଷେତ୍ରରେ ଅସ୍ଥିରତାର ଆଶଙ୍କା ଦେଖାଦେଇପାରେ।

**ବିଛା** – ମୁଖ ଭାବରେ ବକ୍ରୀ ବୃହସ୍ପତି ସହ ଶନି ଓ କେତୁ ଥିବାରୁ ଆପଣଙ୍କ ବକ୍ତବ୍ୟ ବନ୍ଧୁଙ୍କ ଅଗ୍ରହଣୀୟ ହୋଇପାରେ। ଅର୍ଥହାନି ,ପାରିବାରିକ ଦ୍ୱନ୍ଦ୍ୱ ଲାଗିରହିଲେ ମଧ ଗଣତନ୍ତ୍ରର ପ୍ରତୀକ ଶନି ଆପଣଙ୍କୁ ରାଜନୈତିକ କ୍ଷେତ୍ରରେ ସୁଫଳ ପ୍ରଦାନ କରିବେ। ନବମସ୍ଥ କଳାକର ଚନ୍ଦ୍ରଙ୍କ ସ୍ଥିତି ହେତୁ କଳା, ସାହିତ୍ୟ ଚର୍ଚ୍ଚା, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** – ଅଷ୍ଟମସ୍ଥ ଚନ୍ଦ୍ର ଆପଣଙ୍କୁ ଅର୍ଥଲାଭ ସାଙ୍ଗକୁ ଗୋପନୀୟ କଥାରେ କାର୍ଯ୍ୟସିଦ୍ଧିର ସୂଚନା ପ୍ରଦାନକରେ। ସାହାଯ୍ୟ ସହଯୋଗ ଲାଭକରି ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**ମକର** – ଆଜିର ଅସାଧାରଣ ଗ୍ରହ ସ୍ଥିତି ପ୍ରଭାବରେ ଦିନଟି ଆପଣଙ୍କ ପାଇଁ ସ୍ମରଣୀୟ ହୋଇ ରହିଯିବ। ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟକାରୀ ମନୋଭାବରୁ ଖୁସି ହେବେ। କୌଣସି କାମ ଅଟକି ରହିବନାହିଁ। ଅର୍ଥନୈତିକ, ରାଜନୈତିକ ସ୍ଥିତି ବହୁତ ଭଲ ରହିବ। ଶତ୍ରୁ ପରାସ୍ତ ହେବେ, କିନ୍ତୁ ଧନବ୍ୟୟ ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟାଜନିତ ଟେନ୍‌ସନ ଲାଗିରହିବ।

**କୁମ୍ଭ** – ଆଜି ସ୍ୱରାଶିଠାରୁ କର୍କଟରାଶି ପର୍ଯ୍ୟନ୍ତ ଷଟ୍‌ଗ୍ରହ ଅବସ୍ଥାନ କରିବା ଯୋଗୁ ସମ୍ମାନଜନକ ସ୍ଥିତି ସହ ବସ୍ତ୍ରାଳଙ୍କାର, ଉପହାର ପାଇପାରନ୍ତି। ଏଣେ ଷଷ୍ଠସ୍ଥ ଶୁକ୍ର ଆପଣଙ୍କ ଯାତ୍ରାକୁ ସହଜ ସୁଗମ କରାଇବା ସହିତ ନୂତନ କାର୍ଯ୍ୟାରମ୍ଭକୁ ପ୍ରୀତିପ୍ରଦ କରାଇବ। ତଥାପି ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି ବଢ଼ିଯାଇପାରେ।


**ମୀନ** – ରାଶିରେ ବୁଧ ବୌଦ୍ଧିକ ସହାୟତା,ଦୈହିକ ସ୍ୱାସ୍ଥ୍ୟ ଓ ପାରିବାରିକ ଶାନ୍ତି ପ୍ରଦାନରେ ସହାୟକ ହେବ। ଚନ୍ଦ୍ରଙ୍କ ସ୍ଥିତିରୁ ଶିକ୍ଷା,ସନ୍ତାନ,ଲେଖାପଢ଼ା,ସାଙ୍ଗକୁ ଆଶା ପୂରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟରେ ଲାଭ ମିଳିବ ।

ଆଜି ମହାବିଷୁବ ପଣା ସଂକ୍ରାନ୍ତି, ଭକ୍ତ ଶିରୋମଣି ହନୁମାନଙ୍କ ଜୟନ୍ତୀ, ପୀଠେ ବାସନ୍ତୀ ଦଶହରା, ବୈଷ୍ଣବ ସମ୍ମତ ଶ୍ରୀରାମ ନବମୀ, ଚୈତ୍ର ଶୁକ୍ଳ ନବମୀଯୁକ୍ତ ଦଶମୀ ରବିବାର, ଏପ୍ରିଲ ୧୪ ତାରିଖ, ଅଗ୍ନିଶମ ଦିବସ,ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କ ଜୟନ୍ତୀ, ୧୯୪୧ ଶକାବ୍ଦ ଆରମ୍ଭ, ରାଶି ନକ୍ଷତ୍ର- ସକାଳ, ଘ୮।୦୬ମି. ଗତେ ଅଶ୍ଳେଷା/କର୍କଟ, ମେଷ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮।୩୬ମି. ଗତେ ଘ୧୦।୧୦ମି. ମଧ୍ୟେ ଘ୧।୨୧ମି. ଗତେ ଘ୧।୫୭ମି. ମଧ୍ୟେ ଅମୃତବେଳା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ବଡ଼ ଫାସିବାଦୀ ନେତା। ସେ ନିଜ ଇଚ୍ଛାରେ ଦେଶକୁ ଚଳାଉଛନ୍ତି। ନିର୍ବାଚନରେ ଫାଇଦା ପାଇଁ ଭାଜପା ଧର୍ମକୁ ବ୍ୟବହାର କରୁଛି ବୋଲି ଶନିବାର ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି।








## ସଂକ୍ଷେପରେ

### ଭାଜପା ପ୍ରାର୍ଥୀଙ୍କୁ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତାଙ୍କ ଆକ୍ରମଣ ଅଭିଯୋଗ

## ସିଇଓଙ୍କୁ ଫେରାଦ ହେଲା ଭାଜପା

ଭୁବନେଶ୍ୱର,୧୩।୪(ବ୍ୟୁରୋ): ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନେ ଭାଜପା ପ୍ରାର୍ଥୀଙ୍କୁ ଆକ୍ରମଣ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ମଧ ନିର୍ବାଚନ ମଣ୍ଡଳୀର ୟୁନିଟ୍‌-୮ ସ୍ଥିତ ମହାବୀର କ୍ଲବ୍ ଯାହାକି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ମାତ୍ର ୧ କିମି ଦୂରରେ ଥିବା ଅଞ୍ଚଳରେ ଭୁବନେଶ୍ୱର ଭାଜପାର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ମଧ ଭୁବନେଶ୍ୱର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଏକ ନିର୍ବାଚନ ପ୍ରଚାର ଶୋଭାଯାତ୍ରରେ ଯାଉଥିବା ବେଳେ ବିଜୁ ଯୁବ ବାହିନୀର ୪୦ ରୁ ୫୦ ଜଣ କର୍ମକର୍ତ୍ତା ଅଶାଳୀନ ବ୍ୟବହାର କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରି ଟେକା ପଥର ମାଡ କରିଛନ୍ତି। ଏହି ଘଟଣାରେ ପ୍ରଧାନ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ରାଜଧାନୀରେ ଶାସକ ଦଳର ଏପରି ଗୁଣ୍ଡା ଗର୍ଦ୍ଦି ଚାଲିଥିବା ବେଳେ ପାଖରେ ପୋଲିସ ଉପସ୍ଥିତ ଥାଇ ମଧ୍ୟ କିଛି କଲେ ନାହିଁ। ଯଦି ରାଜଧାନୀର ସ୍ଥିତି ଏମିତି ଆଉ ଅନ୍ୟ ବିଧାନସଭା କ୍ଷେତ୍ରରେ କିପରି ମୁକ୍ତ ଓ ଅବାଧ ନିର୍ବାଚନ ହୋଇପାରିବ ଏହାର ପ୍ରତିବାଦରେ ଶନିବାର ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଘଟଣା ଘଟିଥିଲା ବେଳେ ପୋଲିସ ବିଭାଗର ଦୁଇଜଣ ଏସିପି, ନୟାପଲ୍ଲୀ ଥାନାଧିକାରୀ ଏବଂ ଭୁବନେଶ୍ୱର ବିଭିନ୍ନ ଅଞ୍ଚଳର ଥାନାଧିକାରୀମାନଙ୍କ ସହ ଏକ ବଡ ପୋଲିସ ପ୍ଲାଟୁନ ଉପସ୍ଥିତ ଥାଇ ମଧ ନୀରବଦ୍ରଷ୍ଟା ସାଜି ବିଜେଡିର ଗୁଣ୍ଡା ମାନଙ୍କୁ ହିଂସା ଘଟାଇବାକୁ ପ୍ରଶ୍ରୟ ଦେଉଥିଲେ। ସେମାନଙ୍କୁ କାହିଁକି ପୋଲିସ ସେତେବେଳେ ଅଟକାଇଲା ନାହିଁ କି ଏବେ ସୁଧା ଗିରଫ କରିନାହାନ୍ତି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। ଏହି ପ୍ରତିନିଧୀ ଦଳରେ ମଧ ଭୁବନେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ପ୍ରଦୀପ କୁମାର ଧଳ ଏବଂ ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶିଳ୍ପ, ନିଯୁକ୍ତିରେ ରାଜ୍ୟ ସରକାର ବିଫଳ: ଭାଜପା

ଭୁବନେଶ୍ୱର,୧୩।୪(ବ୍ୟୁରୋ):୧୯ ବର୍ଷ ଶାସନରେ ଥିବା ବିଜେଡି ସରକାର ଯୁବତୀଯୁବକଙ୍କୁ ପ୍ରତାରଣା କରିଛନ୍ତି। ସାରା ରାଜ୍ୟରେ ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନରେ ଓଡିଆ ନିଯୁକ୍ତି ଆଶାୟୀ ପ୍ରତାରିତ ହୋଇଛନ୍ତି ବୋଲି ଭାଜପା ସମାଲୋଚନା କରିଛି। ୨୦୦୦ ମସିହାରେ ଯେଉଁ ଯୁବତୀଯୁବକ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ଅବସ୍ଥାପିତ କରିଥିଲେ ସେମାନଙ୍କ ବୟସ ଏବେ ୩୭ ବର୍ଷ। ତେବେ ୨୦୦୦ରେ ଯୁବକ ଯୁବତୀମାନଙ୍କୁ ମୁଖ୍ୟମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଏବେ ପ୍ରତାରଣାରେ ପରିଣତ ହୋଇଛି। ବିଜେଡି ସରକାର ଶିଳ୍ପ ପ୍ରତିଷ୍ଠା କରି ନିଯୁକ୍ତି ଦେଇପାରିଲେ ନା ଆତ୍ମନିଯୁକ୍ତି ପାଇଁ ପ୍ରୋତ୍ସାହନ ଦେଲେ। ଶନିବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗ ଆଣିଛନ୍ତି ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ।




## ଟ୍ରେନ୍‌ରେ କଟି ମହିଳା ମୃତ

ଖୋର୍ଦ୍ଧା ଅଫିସ,୧୩।୪

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର କରଡଗାଡିଆ ଗାଁ ନିକଟରେ ଜଣେ ମହିଳା ଟ୍ରେନ ଧାରଣାରେ କଟିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କରଡଗାଡିଆର ପୁଷ୍ପାଞ୍ଜଳି ତ୍ରିପାଠୀ (୪୫)। ପୁଷ୍ପା ମାନସିକ ବିକାରଗସ୍ତ ଥିଲେ। ଖୋର୍ଦ୍ଧା ସଦର ଥାନା ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଶନିବାର ହସ୍ତାନ୍ତର କରିଛି। ଏ ନେଇ ପୋଲିସ ନଂ. ୩/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।




■ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

# ଦେଢ଼ଶହ ମିଟର ଗଡ଼ିଲା ରଥ



ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

### ୧ ଘଣ୍ଟା ୩୮ ମିନିଟ୍ ବିଳମ୍ବରେ ହେଲା ରଥଟଣା

ପୁରୁଣା ଭୁବନେଶ୍ୱର, ୧୩। ୪(ଡି.ଏନ.ଏ.)

ଅଶୋକାଷ୍ଟମୀ ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ପରେ ମନ୍ଦିରରୁ ସେବାୟତମାନେ ୨ଟା ୨୦ ମିନିଟ୍‌ରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ, ଭଉଣୀ ରୁକୁଣା ଦେବୀ, ଦୋଳଗୋବିନ୍ଦଙ୍କ ଚଳନ୍ତି ପ୍ରତିମାଙ୍କୁ ପହଣ୍ଡିରେ ଆଣିଥିଲେ। ଜୀଉମାନେ ରଥାରୂଢ ହେବା ପରେ ଟାହିଆ ଲାଗି କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବନିର୍ଘଣ୍ଟ ସମୟ ଅନୁସାରେ ଅପରାହ୍ନ ୪ଟାରେ ରଥଟଣା ହେବାକୁ ଥିଲା। ହେଲେ ୧ ଘଣ୍ଟା ୩୮ ମିନିଟ୍ ବିଳମ୍ବରେ ରଥଟଣା ଯାଇଥିଲା। ରଥଖଳାରୁ ମାତ୍ର ଦେଢଶହ ମିଟର ରଥ ଗଡିଲା ପରେ ସନ୍ଧ୍ୟା ହୋଇଯିବାରୁ ଟଣା ବନ୍ଦ ରହିଛି। ରଥ ଯାଇ ଶ୍ରୀଲିଙ୍ଗରାଜଙ୍କ ମାମୁଘର ନିକଟ କପାଳିମଠ ପାଖରେ ଅଟକି ରହିଛି।

ପ୍ରବଳ ଖରା ସତ୍ତ୍ୱେ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତିମୟ ପରିବେଶରେ ରଥ ଟାଣିବାକୁ ଅପେକ୍ଷା କରି ରହିଥିଲେ। ଅଳ୍ପ ସମୟ ରଥଟଣା ଯୋଗୁ ସେମାନେ ନିରାଶ ହୋଇ ଫେରିଥିଲେ। ରଥଟଣା ବିଳମ୍ବକୁ ସବୁ ମହଲରେ ନାପସନ୍ଦ କରାଯାଇଛି। ଗୋଟିଏ ଦିନରେ ରଥଟଣା ଯାଇ ମାଉସୀ ମା' ଘର ରାମେଶ୍ୱର ମନ୍ଦିରରେ ଲାଗିବାର ନିୟମ ଥିଲା ବେଳେ ଏହା ହୋଇ ପାରି ନ ଥିଲା। ଅପରାହ୍ନ ୪ଟା ୨୫ ମିନିଟ୍‌ରେ ରଥରେ ଘୋଡା ଯୋଚା ଯାଇଥିଲା। ୫ଟାରେ ରଥରେ ଚାରମାଳ ଖୋଲା ଯାଇଥିଲା। ୫ଟା ୨୫ ମିନିଟ୍‌ରେ ରଥରେ ଆଳତି ହୋଇଥିଲା, ୫ଟା ୩୬ରେ ରଥରେ ସାରଥି ଭବାନୀ ଖୁଣ୍ଟିଆ ରଥ ଟାଣିବା କାର୍ଯ୍ୟ ପାଇଁ ଘୋଡାରେ ବସିଥିଲେ। ୫ଟା ୩୮ ମିନିଟ୍‌ରେ ରଥଟଣା ଯାଇଥିଲା।

# ସୂଚନା ଅଧିକାର କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

## ଅଚ୍ୟୁତ ସାମନ୍ତଙ୍କ କର୍ମୀଙ୍କ ନାଁରେ ଆଣିଲେ ଅଭିଯୋଗ


ଫୁଲବାଣୀ ଅଫିସ, ୧୩।୪

କନ୍ଧମାଳ ଜିଲାରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଜିଲାର ଜଣାଶୁଣା ସୂଚନା ଅଧିକାର କର୍ମୀ ମହମ୍ମଦ ଜିଆଉଦ୍ଦିନ୍ ଅହମ୍ମଦଙ୍କୁ ତୁମୁଡିବନ୍ଧ ଅଞ୍ଚଳରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏ ସମ୍ପର୍କରେ ଜିଆଉଦ୍ଦିନ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ କର୍ମୀଙ୍କ ନାମରେ ତୁମୁଡିବନ୍ଧ ଥାନାରେ ଅଭିଯୋଗ କରିଛନ୍ତି।

ଓଡିଶା ସୂଚନା ଅଧିକାର ଅଭିଯାନର ଜିଲା ସହ ସଂଯୋଜକ ଜିଆଉଦ୍ଦିନ୍ ଶୁକ୍ରବାର ସନ୍ଧ୍ୟାରେ ଲାବଣ୍ୟବତୀ ଗ୍ରାମ ରାସ୍ତା ପାଖରେ ଠିଆ ହୋଇଥିଲେ। ସେହି ସମୟରେ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ପ୍ରଚାର ଗାଡି ଆସି ତାଙ୍କ ଗାଡି ଆଗରେ ଠିଆ ହେଲା। ଗାଡିରୁ ୭ ଜଣ କର୍ମୀ ବାହାରି ଉତ୍ତ୍ୟକ୍ତ ହୋଇ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଜିଆଉଦ୍ଦିନଙ୍କ ଗାଡିରେ ଥିବା ପ୍ରଚାରପତ୍ର ଫିଙ୍ଗି ମୁହଁକୁ ମୁଥ ମାରିଥିଲେ। ଏହି ସମୟରେ ଆଉ ଏକ ବୋଲେରୋ ଏବଂ ବାଇକ୍‌ରେ କେତେକ କର୍ମୀ ଆସି ପହଞ୍ଚିଥିଲେ। ସେମାନେ ଅଚ୍ୟୁତ ସାମନ୍ତ ଜିନ୍ଦାବାଦ ସ୍ଲୋଗାନ ଦେବାପରେ ଜିଆଉଦ୍ଦିନ୍‌ଙ୍କୁ ଘେରିଯାଇ ଗୋଇଠା ବିଧା ମାରି ଗାଡିରେ ବସାଇ ନେବାକୁ ଚେଷ୍ଟା କଲାବେଳେ ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିଥିଲେ। କିଛି ସମୟ ପରେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଅଚ୍ୟୁତ ସାମନ୍ତଙ୍କ କଳାକାରନାମା ଉପରେ ଆମେ ସୂଚନା ଅଧିକାର ଆଇନ ଅନୁଯାୟୀ, ତଥ୍ୟ ସଂଗ୍ରହ କରି ତାଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେଇ ଆସୁଛୁ। ତାଙ୍କ ଦ୍ୱାରା ଭବିଷ୍ୟତରେ ପୁଣି ଆକ୍ରମଣ ହେବାର ଆଶଙ୍କା ଥିବା ଜିଆଉଦ୍ଦିନ୍ ଏତଲାରେ ଦର୍ଶାଇଛନ୍ତି। ଜିଆଉଦ୍ଦିନ୍‌ଙ୍କ ଏତଲାକ୍ରମେ ତୁମୁଡିବନ୍ଧ ଥାନାରେ ନଂ. ୩୯/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ବିପକ୍ଷ ଲୋକଙ୍କ ଅଭିଯୋଗ କ୍ରମେ ଜିଆଉଦ୍ଦିନ୍‌ଙ୍କ ନାଁରେ ନଂ. ୪୦/୧୯ରେ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ମୋବାଇଲ ଫୋନ ନଂ. ୯୮୬୮୧୮୧୨୯୮ ଏବଂ ୯୪୩୭୦୯୬୯୨୮ରେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ତାହା ବନ୍ଦ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ। ଏ ନେଇ ଫୁଲବାଣୀ ପ୍ରେସ୍ କ୍ଲବରେ ଶନିବାର ସନ୍ଧ୍ୟାରେ ଓଡିଶା ସୂଚନା ଅଧକାର ଅଭିଯାନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆକ୍ରମଣ କାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି।



ମହମ୍ମଦ ଜିଆଉଦ୍ଦିନ୍ ଅହମ୍ମଦ




# ବହୁ ନେତାଙ୍କୁ ବିଜେଡି ସାଙ୍ଗଠନିକ ଦାୟିତ୍ୱ

■ ବିଜୟ ଭୁବନେଶ୍ୱର ପର୍ଯ୍ୟବେକ୍ଷକ
■ ଦଳରୁ ରବି, ଅରୁଣ ବହିଷ୍କୃତ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଯାଇଛି। ଆଗକୁ ୩ ପର୍ଯ୍ୟାୟ ଭୋଟ ଗ୍ରହଣ ବାକି ରହିଛି। ଶାସକ ଦଳ ବିଜେଡିରେ ଟିକେଟ୍‌ରୁ ବଞ୍ଚିତ ଦଳୀୟ ନେତାମାନଙ୍କୁ ବିଜେଡି ସାଙ୍ଗଠନିକ ପଦରେ ଅବସ୍ଥାପିତ କରିବାରେ ଲାଗିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏକାଧିକ ନେତାଙ୍କୁ ନିଯୁକ୍ତି ଦେଇଛନ୍ତି। ବିଧାୟକ ବିଜୟ କୁମାର ମହାନ୍ତିଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ସହ ଭୁବନେଶ୍ୱର ସାଙ୍ଗଠନିକ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ନିକଟରେ ଦଳରେ ସାମିଲ ହୋଇଥିବା ପ୍ରମୋଦ କିଶୋର ଜେନା ଏବଂ ସାରଦା ପ୍ରସନ୍ନ ଜେନାଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଦେବୀ ପ୍ରସାଦ ଭୂତିଆ, ହର୍ଷବର୍ଦ୍ଧନ ସିଂହଦେଓ, ଶଶୀ କୁମାର ସାହୁଙ୍କୁ ରାଜ୍ୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଯୁବ ବିଜେଡି ଉପସଭାପତି ଦୁର୍ଗା ପ୍ରସାଦ ସାମନ୍ତରାୟଙ୍କୁ ରାଜ୍ୟ ସମ୍ପାଦକ ସହ ଭୁବନେଶ୍ୱର(ଉତ୍ତର) ନିର୍ବାଚନମଣ୍ଡଳୀର ସହପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଯୁବ ବିଜେଡି ସଭାପତି ଅମରେଶ ପତ୍ରୀଙ୍କୁ କେନ୍ଦ୍ରାପଡା ଜିଲା ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁଧୀର କୁମାର ଦାସଙ୍କୁ ବୌଦ୍ଧ ଜିଲା କନ୍ଧମାଳ, ସୁଶୀଲ ରାୟଙ୍କୁ ବାଲେଶ୍ୱର ଜିଲା ସହପର୍ଯ୍ୟବେକ୍ଷକ, ଭୁବନାନନ୍ଦ ଦାସ ଓ ଗିରିଶ ଚନ୍ଦ୍ର ଦାସଙ୍କୁ ଜିଲା ବିଜେଡି ଉପସଭାପତି ଭାବେ ମନୋନୀତ କରାଯାଇଛି। ବାଲେଶ୍ୱର ଜିଲା ସମ୍ପାଦକ ଭାବେ ମନୋଜ କୁମାର ରାଉତ, ଆଶିଷ ଘୋଷ ଏବଂ ଅରୁଣ ଚାଟାର୍ଜୀଙ୍କୁ ନିଯୁକ୍ତି ଦିଆଯାଇଛି। ମିହିର ରଞ୍ଜନ ପରିଡ଼ାଙ୍କୁ ଯୁବ ବିଜେଡି ଉପସଭାପତି ଏବଂ କେନ୍ଦ୍ରାପଡ଼ା ଜିଲା ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ଭାବେ ଲୋହିତ କୁମାର ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଅପରପକ୍ଷରେ ପୂର୍ବତନ ଦେବଗଡ଼ ବିଧାୟକ ସଞ୍ଜୀବ କୁମାର ପ୍ରଧାନଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଛି। ପୂର୍ବତନ ବିଧାୟକ ରବି ମଲ୍ଲିକ ଏବଂ ଗଞ୍ଜାମ ବିଜେଡି ନେତା ଅରୁଣ ପଣ୍ଡାଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯାଇଛି। ଦଳର ରାଜ୍ୟ ସମ୍ପାଦକ ତଥା ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଭାବେ ମନୋନୀତ ହୋଇଥିବାରୁ ଦୁର୍ଗା ସାମନ୍ତରାୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଦଳର ସଂଗଠନକୁ ଆହୁରି ମଜଭୁତ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

କାହିଁକି ଭଲା ଭଗବାନ ଏ ପୃଥିବୀ ଉପରେ ବେଳେ ବେଳେ ଏମିତି ଭୟଙ୍କର ଆଘାତ ହାଣନ୍ତି ? କାହିଁକି ସେ ଏ ପୃଥିବୀକୁ ବାରମ୍ବାର ଆପଣା ରକ୍ତରେ ସ୍ନାନ କରାନ୍ତି ? କାହିଁକି ମଧ ସେ ଏ ପୃଥିବୀକୁ ନରକର ଡହଡହ ନିଆଁରେ ଦଗ୍ଧ କରୁଥାନ୍ତି ? କାରଣ –ମନୁଷ୍ୟ ସମାଜ ତଥାପି ମଧ ଏକ ଶକ୍ତ, କର୍କଶ ଓ ବନ୍ଧୁର ଲୋହପ୍ରସ୍ତର ରୂପେ ରହିଥାଏ। ତାଙ୍କର ଉପାଦାନ ସବୁ ଯେପରି –ଉପାୟ ମଧ ସେହିପରି। –ଶ୍ରୀଅରବିନ୍ଦ



# ନେତାଙ୍କ ଶିକ୍ଷା



ଆକାର ପଟେଲ

ଜଣେ ନେତା କେତେ ଶିକ୍ଷିତ ହେବା ଆବଶ୍ୟକ ଏବଂ ତାଙ୍କଠାରେ ଶିକ୍ଷା ଓ ବୌଦ୍ଧିକତାର ଅଭାବ ଥିଲେ କ'ଣ ଅସୁବିଧା ହୁଏ ? ସ୍ମୃତି ଇରାନୀ କଲେଜରେ ପାଠ ପଢ଼ିନାହାନ୍ତି କହି କଂଗ୍ରେସ ତାଙ୍କୁ ପରିହାସ କରୁଛି। ସେ ଏକ ପତ୍ରବିନିମୟ ପାଠ୍ୟକ୍ରମରେ ଯୋଗ ଦେଇଥିଲେ, କିନ୍ତୁ ତାକୁ ଶେଷ କରିନାହାନ୍ତି। ଏଥିରୁ ମନେହେଉଛି ତାଙ୍କର ସମ୍ଭବତଃ ଆଉ ଅଧିକ ଶିକ୍ଷା ଗ୍ରହଣ କରିବାକୁ ଆଗ୍ରହ ନ ଥିଲା।

ଇରାନୀ ଜଣେ ଚତୁର ଓ ବୁଦ୍ଧିମତୀ ମହିଳା। ଆନୁଷ୍ଠାନିକ ଶିକ୍ଷାର ଅଭାବ ତାଙ୍କ ପ୍ରଗତିରେ ବାଧା ସୃଷ୍ଟି କରିନାହିଁ। ଜଣେ କଲେଜ ଯାଇନାହିଁ ବୋଲି ଲାଜ କରିବାର କିଛି ନାହିଁ। କିନ୍ତୁ ଇରାନୀ ଅସୁବିଧାରେ ପଡ଼ିବାର କାରଣ ହେଉଛି, ସେ ତାଙ୍କର ଶିକ୍ଷା ନେଇ କିଛି ଦାବି କରିଥିଲେ (ୟେଲ୍ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ ବୋଲି କହିଥିଲେ), ଯାହା ସମ୍ପୂର୍ଣ୍ଣ ମିଥ୍ୟା ନ ହେଲେ ବି ବିଭ୍ରାନ୍ତିକର। କୁହାଯାଇପାରେ ଯେ କଂଗ୍ରେସର ଗାନ୍ଧୀ ପରିବାର ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ନୁହନ୍ତି। ରାଜୀବ ଗାନ୍ଧୀ କେମ୍ବ୍ରିଜରେ ପଢ଼ିବା ପାଇଁ ଇଂଲଣ୍ଡ ଯାଇଥିଲେ କିନ୍ତୁ ପରୀକ୍ଷାରେ ଫେଲ ହେବା ଯୋଗୁ କୌଣସି ଡିଗ୍ରୀ ପାଇପାରି ନ ଥିଲେ। ତାଙ୍କ ଭାଇ ସଞ୍ଜୟ ତ ଏପରି କି ମାଟ୍ରିକ୍ ବି ପାସ୍ କରି ନ ଥିଲେ। ସେ ଗାଡ଼ି ମରାମତି ସମ୍ପର୍କିତ ଏକ କୋର୍ସ କରିବା ପାଇଁ ସ୍କୁଲ ଛାଡ଼ିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏଭଳି ଲୋକ ତାଙ୍କ ମାଆଙ୍କ ଯୋଗୁ ବହୁ କ୍ଷମତାଶାଳୀ ଥିଲେ। ସଞ୍ଜୟଙ୍କ ସ୍ତ୍ରୀ ମାନେକା ତାଙ୍କୁ ୧୮ ବର୍ଷ ବୟସରେ ବିବାହ କରିଥିଲେ, ଯେଉଁଥିପାଇଁ ସେ ମଧ୍ୟ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ଲୋକ ସଭା ବିବରଣୀରୁ ଜଣାଯାଏ ଯେ, ସେ କେବଳ ସ୍କୁଲ ସ୍ତରରେ ପାଠ ପଢ଼ିଛନ୍ତି। ସୋନିଆ ଗାନ୍ଧୀ ମଧ୍ୟ କଲେଜ ଯାଇନାହାନ୍ତି। ୧୮ ବର୍ଷରେ ତାଙ୍କର ଶିକ୍ଷା ଶେଷ ହୋଇଥିଲା ଏବଂ ସେ ମଧ୍ୟ ସଅଳ ବାହା ହୋଇଥିଲେ। ଇନ୍ଦିରା ଗାନ୍ଧୀ ମଧ୍ୟ ଡିଗ୍ରୀ ହାସଲ କରି ନ ଥିଲେ।

ରାହୁଲ ଗାନ୍ଧୀଙ୍କୁ ତାଙ୍କ ସମାଲୋଚକମାନେ 'ପପୁ' ବୋଲି ସମ୍ବୋଧନ କରନ୍ତି, କିନ୍ତୁ ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ସେ ଉଜ୍ଜ୍ୱଳ ଥିବା ଜଣାଯାଏ। କେମ୍ବ୍ରିଜର ଟ୍ରିନିଟି କଲେଜରୁ ସେ ଫିଲୋସଫି ଇନ୍ ଡେଭ୍‌ଲପ୍‌ମେଣ୍ଟ ଇକୋନମିକ୍ସରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ନେହେରୁ ମଧ୍ୟ ସେଠାରେ ପଢୁଥିଲେ। ନେହେରୁ ଭଲ ଛାତ୍ର ନ ଥିଲେ ଏବଂ ସେ ଥାର୍ଡ ଡିଭିଜନରେ ପାସ୍ କରିଥିଲେ। ଗାନ୍ଧୀ ପରିବାରରେ ରାହୁଲ ହେଉଛନ୍ତି ସବୁଠୁ ଉଚ୍ଚଶିକ୍ଷିତ। ବିଖ୍ୟାତ ବ୍ରିଟିଶ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ କଲେଜ ଯାଇ ନ ଥିଲେ ଏବଂ ତାଙ୍କର କୌଣସି ଆନୁଷ୍ଠାନିକ ଶିକ୍ଷା ନ ଥିଲା। ତେବେ ଉଲ୍ଲେଖନୀୟ ଯେ, ସେ ଜଣେ ଐତିହାସିକ ଓ ଔପନ୍ୟାସିକ ଥିଲେ ଏବଂ ୧୯୫୩ ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିଲେ। ଆଉ ଜଣେ ବ୍ରିଟିଶ ପ୍ରଧାନମନ୍ତ୍ରୀ ହେଉଛନ୍ତି ଜନ୍ ମେଜର, ଯିଏ ୧୬ ବର୍ଷ ବୟସରେ ସ୍କୁଲ ଛାଡ଼ିଥିଲେ ଏବଂ କଲେଜ ଯାଇ ନ ଥିଲେ। ସେ ଥିଲେ ମାର୍ଗାରେଟ୍ ଥାଚରଙ୍କ ଉତ୍ତରାଧିକାରୀ। ମୋଟ ୧୧ ଜଣ ବ୍ରିଟିଶ ପ୍ରଧାନମନ୍ତ୍ରୀ କଲେଜ ଯାଇ ନ ଥିଲେ।

ନରେନ୍ଦ୍ର ମୋଦି ୧୭ ବର୍ଷ ବୟସରେ ତାଙ୍କ ଘର ଓ ସ୍ତ୍ରୀକୁ ଛାଡ଼ିଥିଲେ। ସେଥିପାଇଁ ସେ କଲେଜ ଯାଇନାହାନ୍ତି। କିନ୍ତୁ ସେ ପତ୍ରବିନିମୟ ପାଠ୍ୟକ୍ରମରେ ପାଠ ପଢ଼ିଥିଲେ, ଯାହାକୁ ନେଇ କିଛି ବିବାଦ ରହିଛି। ଆନୁଷ୍ଠାନିକ ଶିକ୍ଷାର ଅଭାବ ସତ୍ତ୍ୱେ ତାଙ୍କୁ ଆମେ ଜଣେ ଭଲ ଓ ସଫଳ ରାଜନେତା ବୋଲି କହିପାରିବା। କିନ୍ତୁ ତାଙ୍କର ଗୋଟିଏ ଅଭାବ ଅଛି। ମନମୋହନ, ଓବାମା ବା ଅନ୍ୟ ବିଜ୍ଞ ରାଜନେତାଙ୍କ ପରି ସେ ପଲିସି ପ୍ରସଙ୍ଗ ଭିତରକୁ ବେଶି ପଶନ୍ତି ନାହିଁ। ତାଙ୍କ ସହ ଏକ ସାକ୍ଷାତ୍‌କାରରେ ସେ କିପରି କାମ କରନ୍ତି, ସେ ବିଷୟରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ''ମୁଁ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବାର ତିନି ଚାରିଦିନ ପରେ ମୁଖ୍ୟ ସଚିବ ମୋ ପାଖକୁ ଆସିଲେ। ସେ ପ୍ରାୟ ତିନିଫୁଟ୍ ଉଚ୍ଚା ଫାଇଲର ଗଦା ନେଇ ଆସିଥିଲେ। ସେଗୁଡ଼ିକ ୧୫ରୁ ୨୦ କିଲୋ ହେବ। ପିଅନ ତାକୁ ମୋ ଟେବୁଲ ଉପରେ ରଖିଲା। ମୁଖ୍ୟ ସଚିବ କହିଲେ ସେଗୁଡ଼ିକ ନର୍ମଦା ସମ୍ପର୍କିତ ଫାଇଲ। ମୋର ନର୍ମଦା କଥା ମନେଅଛି, କିନ୍ତୁ ତା' ସହ ଆଉ ତିନୋଟି ଫାଇଲ ବି ଥିଲା। ମୁଖ୍ୟ ସଚିବ କହିଲେ ଯେ, ଏଗୁଡ଼ିକ ଗୁଜରାଟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଆପଣ ସମୟ ନେଇ ଏଗୁଡ଼ିକୁ ପଢ଼ନ୍ତୁ ଓ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନିଅନ୍ତୁ। ମୁଁ ତିନି ଚାରିଥର ଫାଇଲଗୁଡ଼ିକର ଉଚ୍ଚତାକୁ ଉପରୁ ତଳ ଦେଖିଲି। ମୁଁ ତାଙ୍କୁ କହିଲି, ଆପଣ ଫାଇଲଗୁଡ଼ିକୁ ଏଇଠି ରଖିଦେଇ ଯାଆନ୍ତୁ, ମୁଁ କିଛିଦିନ ପରେ ଆପଣଙ୍କୁ ଡାକିବି। ମୁଁ ଫାଇଲଗୁଡ଼ିକୁ ଖୋଲି ବି ନ ଥିଲି। ମୁଁ ଭାବିଲି ପଢ଼ିବାକୁ ଆରମ୍ଭ କଲେ ତାହା କେବେ ସରିବ ନାହିଁ। ତିନି ଚାରିଦିନ ପରେ ମୁଖ୍ୟ ସଚିବ ଆସିଲେ। ମୁଁ ତାଙ୍କୁ କହିଲି, ଏ ଫାଇଲଗୁଡ଼ିକରେ ଥିବା ସାରକଥା ମୋତେ ବୁଝାଅ। ସେ ମୋତେ ବୁଝାଇଲେ। ତା'ପରେ ମୁଁ କହିଲି, ସେତିକି ମୋ ପାଇଁ ଯଥେଷ୍ଟ। ଏବେ ଆପଣ ଫାଇଲଗୁଡ଼ିକୁ ନେଇଯାଆନ୍ତୁ। ଏହାପରେ ମୋତେ ଏ ବିଷୟରେ ଆଉ କାହାକୁ କିଛି ବୁଝାଇବାକୁ ପଡ଼ିନାହିଁ। ଏହା ଭିତରେ ୧୩ ବର୍ଷ ବିତିଗଲାଣି। ଅଳ୍ପକଥାରୁ ପ୍ରସଙ୍ଗ ବିଷୟରେ ପୂରା ବୁଝିବାର କ୍ଷମତା ମୋର ଅଛି। ମୁଁ ଅଫିସରମାନଙ୍କ ସହ ଯୁକ୍ତି କରେ ନାହିଁ। ମୁଁ ସେମାନଙ୍କ କଥା ମନଦେଇ ଶୁଣେ। ମୁଁ ଆଜି କହିପାରିବି ଯେ ମୋର ବିକାଶରେ ପାଠପଢ଼ା ୩୦ ପ୍ରତିଶତ ଓ ଶୁଣିବା ୭୦ ପ୍ରତିଶତ ଭୂମିକା ଗ୍ରହଣ କରିଛି। ମୁଁ ଯାହା ଶୁଣେ, ତାକୁ ବିଶ୍ଳେଷଣ କରେ ଏବଂ ମୋ ମନର ବିଭିନ୍ନ ଥାକରେ ତାକୁ ବର୍ଗୀକରଣ କରି ସଜାଇ ରଖେ। ଏଥିପାଇଁ ମୋତେ ବେଶି ସମୟ ଲାଗେ ନାହିଁ ଏବଂ ଯେତେବେଳେ ଦରକାର ପଡ଼େ ମୋ ମନ ଭିତରେ ସାଇତି ରଖିଥିବା ଜ୍ଞାନର ମୁଁ ଉପଯୋଗ କରେ। ଏବେ ବି ଯେତେବେଳେ କୌଣସି ଅଫିସର ମୋ ପାଖକୁ କିଛି କାଗଜ ନେଇ ଆସନ୍ତି, ମୁଁ ତା'ର ସାରାଂଶ ଦୁଇ ମିନିଟ୍ ଭିତରେ ମୋତେ କହିବାକୁ କୁହେ। ମୋ ପାଇଁ ଏହି ଦୁଇ ମିନିଟ୍‌ର କଥା ୧୦ ପୃଷ୍ଠାର ଦଲିଲଠାରୁ ବି ଅଧିକ ହୁଏ।'' ତେବେ ମୋ ମତରେ ଏକ ଜଟିଳ ଓ ବିଶାଳ ଦେଶକୁ ଚଳାଇବା ପାଇଁ ଏହା ଠିକ୍ ପଦ୍ଧତି ନୁହେଁ।


Email: aakar.patel@gmail.com


# ସୋସିଆଲ ମିଡିଆ ଅଳିଆ ନ ହେଉ



ପ୍ରକାଶ ତ୍ରିପାଠୀ

ସୋସିଆଲ ମିଡିଆ (ଫେସ୍‌ବୁକ ଓ ହ୍ୱାଟ୍‌ସଆପ)ରେ ସକ୍ରିୟ ଥିବା ମୋର ଜଣେ ବନ୍ଧୁ ନିର୍ବାଚନ ଘୋଷଣା ହେବା ଦିନଠାରୁ ଆଉ ଅନ୍‌ଲାଇନରେ ଆସୁନାହାନ୍ତି। କାରଣ ପଚାରନ୍ତେ କୁହନ୍ତି, ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସେ ସୋସିଆଲ ମିଡିଆଠାରୁ ଦୂରରେ ରହିବେ। ଫେକ୍ ନ୍ୟୁଜ ପଢି ସମୟ ବରବାଦ କରିବେ ନାହିଁ କି ବିଭ୍ରାନ୍ତ ହେବେ ନାହିଁ। ବନ୍ଧୁଙ୍କ ନିଷ୍ପତ୍ତିକୁ ମୁଁ ମନେ ମନେ ତାରିଫ କରୁଥିଲି। ଭାରତର ସାଧାରଣ ନିର୍ବାଚନ ୨୦୧୯ ଆରମ୍ଭ ହୋଇଯାଇଛି ଓ ସମଗ୍ର ବିଶ୍ୱର ରାଜନୈତିକ ବିଶାରଦମାନେ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ନିର୍ବାଚନ ପ୍ରକ୍ରିୟାକୁ ଉତ୍ସୁକତାର ସହିତ ଦେଖିବା ସହ ତର୍ଜମା ବି କରୁଛନ୍ତି। ବିଗତ ସାତ ଦଶନ୍ଧି ଧରି ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ସଫଳ ରୂପାୟନ କରି ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ନିଜକୁ ଅନ୍ତର୍ଜାତୀୟ ସମୁଦାୟରେ ପ୍ରମାଣିତ କରିପାରିଛି। ମାତ୍ର ଚଳିତ ନିର୍ବାଚନରେ ରାଜନୈତିକ ପ୍ରଚାର ଅଭିଯାନ ସୋସିଆଲ ମିଡିଆରେ ଯେପରି ଭାବେ ସକ୍ରିୟ ରହିଛି ଓ ଯେପରି ଭାବେ ଅସତ୍ୟ, ଅତିରଞ୍ଜିତ ତଥା ବିଦ୍ୱେଷମୂଳକ ଲେଖା ଓ ଭିଡିଓ ପ୍ରସାରିତ ହେଉଛି, ଏହା ନିଶ୍ଚିତ ଭାବେ ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାର ପରିପନ୍ଥୀ। ମୋ ବନ୍ଧୁଙ୍କ ଭଳି ଅନେକ ସଚେତନ ବ୍ୟକ୍ତି ଏଭଳି ଅସତ୍ୟ ଖବରରେ ଭ୍ରମିତ ହେବା ଅପେକ୍ଷା ସୋସିଆଲ ମିଡିଆଠାରୁ ସାମୟିକ ଭାବେ ଦୂରେଇ ଯାଉଛନ୍ତି।

ସୋସିଆଲ ମିଡିଆର ବିଭିନ୍ନ ମଞ୍ଚ ଯଥା ହ୍ୱାଟ୍‌ସଆପ, ଫେସ୍‌ବୁକ, ଟୁଇଟର, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଆଦିରେ ଯେପରି ଭାବେ ଅସତ୍ୟ ଖବର, ତଥ୍ୟ, ବ୍ୟକ୍ତିଗତ ନିନ୍ଦା, ଗାଳି, ଅସଭ୍ୟ ଭାଷା ପ୍ରୟୋଗ ତଥା ଅତିରଞ୍ଜିତ ତଥ୍ୟମାନ ସ୍ଥାନ ପାଉଛି, ସେଥିରେ ଜଣେ ସାଧାରଣ ଭୋଟର ଭ୍ରମିତ ହେବା ସ୍ୱାଭାବିକ। ନିର୍ବାଚନ ସମୟରେ ସୋସିଆଲ ମିଡିଆରେ ଅସଂଖ୍ୟ ଅସତ୍ୟ ବା ଫେକ୍ ଆକାଉଣ୍ଟକୁ ଦେଖିଲେ ମନେହୁଏ ସତେଯେମିତି ଫେକ୍ ଆକାଉଣ୍ଟର ବନ୍ୟା ଆସିଯାଇଛି। ପାକିସ୍ତାନ କବଳରୁ ଭାରତୀୟ ବାୟୁସେନାର ପାଇଲଟ ଅଭିନନ୍ଦନ ମୁକ୍ତ ହେବା ପରେ ତାଙ୍କ ନାମରେ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ଓ ଟୁଇଟରରେ ଏତେ ସଂଖ୍ୟକ ଫେକ୍ ଆକାଉଣ୍ଟ ଖୋଲାଗଲା ଯେ, ଶେଷରେ ବାୟୁସେନା ପକ୍ଷରୁ ଘୋଷଣା କରାଗଲା ସେସବୁ ଅସତ୍ୟ। ଇତିମଧ୍ୟରେ ନିର୍ବାଚନ ପ୍ରଚାରରେ ଅସତ୍ୟ ଖବର ଓ ଭିଡିଓ ପ୍ରସାରଣରେ ବ୍ୟସ୍ତ ଥିବା ଶହ ଶହ ଗ୍ରୁପ୍ ଓ ଏକକ ଫେସ୍‌ବୁକ ଆକାଉଣ୍ଟକୁ ଫେସ୍‌ବୁକ ନିଜ ତରଫରୁ ହଟାଇ ଦେଇଛି। ଫେସ୍‌ବୁକର ଏହି ଅଭିଯାନକୁ ଅଳିଆ ସଫା କାର୍ଯ୍ୟକ୍ରମ କୁହାଯାଉଛି ଓ ଆଗାମୀ ଦିନରେ ଏହି ଅଳିଆ ସଫା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଫେସ୍‌ବୁକ ତରଫରୁ ସୂଚନା ଦିଆଯାଇଛି।

ଚଳିତ ନିର୍ବାଚନରେ ୯୦.୮୪ କୋଟି ମତଦାତା ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ଏହି ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୦ କୋଟି ଭୋଟର ଇଣ୍ଟରନେଟଯୁକ୍ତ ମୋବାଇଲ ଫୋନ୍ (ସ୍ମାର୍ଟଫୋନ୍) ବ୍ୟବହାର କରୁଛନ୍ତି। ଏହା ହିଁ ଏକ ବିରାଟ ଉପଲବ୍ଧି। ସୋସିଆଲ ମିଡିଆର ପ୍ରମୁଖ ପ୍ଲାଟଫର୍ମ ଫେସ୍‌ବୁକରେ ପ୍ରାୟ ୩୦ କୋଟି ଭୋଟର ଯୋଡି ହୋଇଥିଲା ବେଳେ ହ୍ୱାଟ୍‌ସଆପରେ ୨୪ କୋଟି ଓ ଟୁଇଟରରେ ପ୍ରାୟ ୫ କୋଟି ଲୋକ ଯୋଡିହୋଇ ରହିଛନ୍ତି। ଭାରତୀୟମାନେ ହାରାହାରି ଦୁଇଘଣ୍ଟାରୁ ଚାରିଘଣ୍ଟା ସେମାନଙ୍କର ସ୍ମାର୍ଟଫୋନ୍ ବ୍ୟବହାର କରୁଥିବାରୁ ବିଭିନ୍ନ ରାଜନୈତିକ ଦଳ ପାଇଁ ସୋସିଆଲ ମିଡିଆ ଏକ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ନିର୍ବାଚନ ପ୍ରଚାର ପାଇଁ ଏହା ଏକ ବୃହତ୍ ଓ ଉର୍ବର ଭିତ୍ତିଭୂମି ଭାବେ ଉଭା ହୋଇଛି ଏବଂ ଅସତ୍ୟ, ଅତିରଞ୍ଜିତ ତଥା ଘୃଣା ସୃଷ୍ଟିକାରୀ ଲେଖା, ଚିତ୍ର ଓ ଭିଡିଓ ମାଧ୍ୟମରେ ଭୋଟରଙ୍କୁ ଆକର୍ଷିତ କରିବାରେ ସହାୟକ ହୋଇଛି। ନିଜ ସପକ୍ଷରେ ଓ ଅପରପକ୍ଷର ବିରୋଧରେ ଅତିରଞ୍ଜିତ ତଥ୍ୟମାନ ଉପସ୍ଥାପିତ କରି ଭୋଟରଙ୍କୁ ଭ୍ରମିତ କରିବାରେ ଏହା ଖୁବ୍ ଫଳପ୍ରଦ ହୋଇପାରୁଛି। ହ୍ୱାଟ୍‌ସଆପ ଭଳି ସୋସିଆଲ ମିଡିଆରେ ଗୁଜବ ପ୍ରଚାର କରାଯାଇ କିପରି ଭିଡ଼ହିଂସା ସୃଷ୍ଟି କରାଯାଇପାରେ, ଆମେ ତା'ର ଅନେକ ପ୍ରମାଣ ନିକଟ ଅତୀତରେ ପାଇସାରିଛେ। ନିର୍ବାଚନରେ ସୋସିଆଲ ମିଡିଆର ଅପବ୍ୟବହାରଜନିତ ଫାଇଦାର ପ୍ରମାଣ ୨୦୧୬ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସମଗ୍ର ବିଶ୍ୱ ଦେଖିଥିଲା। ଡୋନାଲ୍‌ଡ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ବିଜୟରେ ସୋସିଆଲ ମିଡିଆ ଫେସ୍‌ବୁକର ବଳିଷ୍ଠ ଭୂମିକା କୌଣସି ରାଜନୈତିକ ବିଶାରଦଙ୍କୁ ଅଛପା ନାହିଁ। ଏହି ନିର୍ବାଚନରେ ଫେସ୍‌ବୁକକୁ ମିଳିଥିଲା ଅନେକ ଶିକ୍ଷା, ସେଥିପାଇଁ ୨୦୧୮ର ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଆମେରିକାରେ ଅସତ୍ୟ ତଥା ଭ୍ରମାତ୍ମକ ଖବର ପ୍ରସାରଣକୁ ଅନେକାଂଶରେ ରୋକାଯାଇପାରିଲା। ତେବେ ଗତବର୍ଷ ମେକ୍ସିକୋ, ବ୍ରାଜିଲ ଓ କଲମ୍ବିଆର ସାଧାରଣ ନିର୍ବାଚନରେ ଅସତ୍ୟ ତଥ୍ୟ ପ୍ରସାରଣକୁ ଫେସ୍‌ବୁକ ରୋକି ପାରି ନ ଥିଲା। ଆଟ୍‌ଲାଣ୍ଟିକ କାଉନସିଲର ଡିଜିଟାଲ ଫରେନସିକ ରିସର୍ଚ୍ଚ ଲାବର ନିର୍ଦ୍ଦେଶକ ଗ୍ରାହାମ ବ୍ରୁକିଙ୍କ ଭାଷାରେ ୨୦୧୯ ଭାରତର ସାଧାରଣ ନିର୍ବାଚନ ଫେସ୍‌ବୁକ ପାଇଁ ଏକ ଏସିଡ୍ ଟେଷ୍ଟ ହେବ। ଯଦି ଭାରତୀୟ ନିର୍ବାଚନରେ ଅସତ୍ୟ ଖବର ପରିବେଷଣକୁ ଫେସ୍‌ବୁକ ଅଟକାଇପାରିବ ତେବେ ଆସନ୍ତାବର୍ଷ ଆମେରିକାରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଫେସ୍‌ବୁକ ନିରପେକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରିପାରିବ ବୋଲି ଆଶା ସୃଷ୍ଟି ହେବ। ସେହିପରି ଗତ ମାର୍ଚ୍ଚରେ ଏଥେନ୍‌ସ ଓ ମାଡ୍ରିଡ୍‌ରେ ଆଟଲାଣ୍ଟିକ କାଉନସିଲ ପକ୍ଷରୁ ପାଳିତ ହୋଇଥିବା 'ଡିସ୍‌ଇନ୍‌ଫୋଡଇକ୍' ଅବସରରେ ଏହାର ଅନ୍ୟତମ ପ୍ରବକ୍ତା ଡାନିଏଲ ଫେଡ୍‌ଙ୍କ ବକ୍ତବ୍ୟ ବି ତାତ୍ପର୍ଯ୍ୟପୂର୍ଣ୍ଣ। କେବଳ ନିର୍ବାଚନ ସମୟରେ ନୁହେଁ, ଅନ୍ୟ ସମୟରେ ମଧ୍ୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଅସତ୍ୟ ଖବର ପ୍ରସାରଣକୁ ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟଫର୍ମ ରୋକିବା ଆବଶ୍ୟକ।

ଗତ ସାଧାରଣ ନିର୍ବାଚନ ୨୦୧୪ରେ ଫେସ୍‌ବୁକ ଭାରତକୁ ପ୍ରଥମଥର ପାଇଁ ଏକ ପ୍ରୟୋଗଶାଳା ଭାବେ ବ୍ୟବହାର କରିଥିଲା ଓ ଆଶାନୁରୂପ ସଫଳ ବି ହୋଇଥିଲା। ତା' ପରବର୍ଷ ଅର୍ଥାତ୍ ୨୦୧୫ରେ ସିଲିକନଭ୍ୟାଲିସ୍ଥିତ ଫେସ୍‌ବୁକର ମୁଖ୍ୟ କାର୍ଯ୍ୟାଳୟରେ ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ଫେସବୁକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ମାର୍କ ଜୁକରବର୍ଗ ସରକାରୀ କାର୍ଯ୍ୟକ୍ରମରେ ଫେସ୍‌ବୁକର ଉପଯୋଗକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ରାଜନୈତିକ ଦଳ ଦ୍ୱାରା ଅସତ୍ୟ ସୂଚନା ପ୍ରସାରଣ ଆଶଙ୍କାରେ ସେ ଏଥିରୁ ଓହରିଯାଇଥିଲେ। ନିର୍ବାଚନ ସମୟରେ ଫେସ୍‌ବୁକର ଅପବ୍ୟବହାରକୁ ଦୃଷ୍ଟିରେ ରଖି ଏହାର ବ୍ୟବହାରକାରୀମାନେ ଯେପରି କୌଣସି ଅସତ୍ୟ ତଥ୍ୟ ଦ୍ୱାରା ଭ୍ରମିତ ନ ହୁଅନ୍ତି, ସେଥିପାଇଁ ଫେସ୍‌ବୁକ ନିଜକୁ ଅଧିକ ପ୍ରସ୍ତୁତ କରୁଛି। ଭାରତୀୟ ନିର୍ବାଚନ ପରିପ୍ରେକ୍ଷୀରେ ନିଜକୁ ଯଥାସମ୍ଭବ ନିରପେକ୍ଷ ରଖିବା ପାଇଁ ପ୍ରାୟ ବର୍ଷକ ତଳୁ ଫେସ୍‌ବୁକ ପ୍ରସ୍ତୁତ ହୋଇଥିଲେ ହେଁ ବର୍ତ୍ତମାନ ଏହାକୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଛି। ପ୍ରତି ମୁହୂର୍ତ୍ତରେ ପୋଷ୍ଟ ହେଉଥିବା ସୂଚନାକୁ ଯାଞ୍ଚ ସହ ଦୈନିକ ପ୍ରାୟ ୧୦ ଲକ୍ଷ ଆକାଉଣ୍ଟକୁ ହଟାଇ ଦିଆଯାଉଛି। ଅହୋରାତ୍ର ପ୍ରାୟ ୩୦ ହଜାର ବୈଷୟିକ କର୍ମଚାରୀ ଏଥିପାଇଁ କାର୍ଯ୍ୟରତ ଅଛନ୍ତି। ସେହିପରି ବହୁଳ ବ୍ୟବହାର ହେଉଥିବା ହ୍ୱାଟ୍‌ସଆପ ମଧ୍ୟ ଚେକ୍ ପଏଣ୍ଟ ଟିପ୍‌ଲାଇନ ପ୍ରସ୍ତୁତ କରିଛି, ଯେଉଁଥିରେ କି ସୂଚନାର ସତ୍ୟତାକୁ ପରଖାଯାଇପାରିବ ଏବଂ ଅସତ୍ୟ ଲେଖା ଓ ଭିଡିଓକୁ ହଟାଇ ଦିଆଯାଇପାରିବ।

ଯଦି ଆମେରିକା, ବ୍ରାଜିଲ, ମେକ୍ସିକୋ ଓ କଲମ୍ବିଆ ଭଳି ଶିକ୍ଷିତ, ସଚେତନ ଓ ଉନ୍ନତ ଜ୍ଞାନକୌଶଳଯୁକ୍ତ ରାଷ୍ଟ୍ରର ନାଗରିକମାନେ ସୋସିଆଲ ମିଡିଆରେ ପ୍ରସାରିତ ଅସତ୍ୟ ତଥ୍ୟ, ଫଟୋ ଓ ଭିଡିଓର ସତ୍ୟତାକୁ ପରଖି ନ ପାରି ପ୍ରଭାବିତ ହୋଇପାରୁଛନ୍ତି, ତେବେ ନୂଆ ନୂଆ ସ୍ମାର୍ଟଫୋନ୍ ଧରି ସୋସିଆଲ ମିଡିଆର ମାୟାରେ ଘାରି ହେଉଥିବା ଭାରତର ଅଧିକାଂଶ ନାଗରିକ ଅସତ୍ୟ ଖବରର ଜାଲରେ ନ ଫସିବେ କାହିଁକି? ଅବଶ୍ୟ ସୋସିଆଲ ମିଡିଆରେ ନିର୍ବାଚନ ପ୍ରଚାର ଉପରେ ନିର୍ବାଚନ କମିଶନ ତୀକ୍ଷ୍ଣ ନଜର ରଖିବା ସହ ବିଭିନ୍ନ ମିଡିଆ ମଞ୍ଚ ସହ ସମ୍ଭାବ୍ୟ ସମସ୍ୟା ଓ ନିରାକରଣ ଉପରେ ଅନେକବାର ଆଲୋଚନା କରିଛନ୍ତି। ଅନେକ କଟକଣାର ପ୍ରାବଧାନ ମଧ୍ୟ କରାଯାଇଛି। ଏହା ସତ୍ତ୍ୱେ ସୋସିଆଲ ମିଡିଆରେ ଏଡିଟିଂର ସ୍ୱତନ୍ତ୍ର ପ୍ରାବଧାନ ନ ଥିବାରୁ ସହଜରେ ଅସତ୍ୟ ଓ ଭ୍ରମାତ୍ମକ ତଥ୍ୟ ପ୍ରସାରଣ ହୋଇପାରୁଛି। ସୋସିଆଲ ମିଡିଆର ପ୍ରଭାବ ସାମ୍ପ୍ରତିକ ସମାଜରେ ବ୍ୟାପକ ଥିବାରୁ ଏହାର ଦୁରୁପଯୋଗକୁ ରୋକାଯିବା ଆବଶ୍ୟକ। ଏକ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ଗୋଟିଏ ରାଜନୈତିକ ଦଳ ନିଜକୁ ସର୍ବୋତ୍ତମ ଭାବେ ଭୋଟରଙ୍କ ଆଗରେ ଉପସ୍ଥାପିତ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ଏହାର ଅର୍ଥ ନୁହେଁ ଯେ, ଅନ୍ୟ ରାଜନୈତିକ ଦଳ ସମ୍ପର୍କରେ ଅସତ୍ୟ ଓ ଭ୍ରମାତ୍ମକ ତଥ୍ୟ ପରିବେଷଣ କରି ନିଜକୁ ସୁଯୋଗ୍ୟ ବୋଲି ପ୍ରଦର୍ଶନ କରିବା। ଅତିରଞ୍ଜିତ ତଥା ବିଦ୍ୱେଷମୂଳକ ଲେଖା ମାଧ୍ୟମରେ ଭୋଟରଙ୍କୁ ଭ୍ରମିତ କରିବା ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ନୁହେଁ। ସୋସିଆଲ ମିଡିଆକୁ ଅଳିଆ ନ କରି ଏକ ସକାରାତ୍ମକ ଢଙ୍ଗରେ ଉପଯୋଗ କରିପାରିଲେ ଏହା ସମାଜ ପାଇଁ ମଙ୍ଗଳକର ହୋଇପାରନ୍ତା।


ଇମେଲ–prakas.tripathy09@gmail.com


# କୃଷ୍ଣଗହ୍ୱରର ଆଲୋକବର୍ତ୍ତିକା

ବ୍ୟକ୍ତିତ୍ୱ



କାଥେରିନ୍ ବୋମାନ୍

ମହାକାଶରେ ବ୍ଲାକ୍‌ହୋଲ୍ ବା କୃଷ୍ଣଗହ୍ୱର ରହିଥିବା ପ୍ରଥମେ ବିଶିଷ୍ଟ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ଓ ପରେ ଷ୍ଟିଫେନ୍ ହକିଂ ସିଦ୍ଧାନ୍ତରେ ପହଞ୍ଚିଥିଲେ। ଏକ ଶତାବ୍ଦୀ ପୂର୍ବରୁ ଆଇନଷ୍ଟାଇନ୍‌ଙ୍କ 'ଥିଓରୀ ଅଫ୍ ଜେନେରାଲ ରିଲେଟିଭିଟି'ରେ ବ୍ଲାକ୍‌ହୋଲ୍ ଧାରଣା ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ଯେତେବେଳେ ଅସଂଖ୍ୟ ପଦାର୍ଥ ଗୋଟିଏ ସ୍ଥାନରେ ଖୁନ୍ଦି ହୋଇଯାଇଥାଆନ୍ତି ସେତେବେଳେ ତା'ର ମାଧ୍ୟାକର୍ଷଣ ଶକ୍ତି ଏତେ ଅଧିକ ହୋଇଯାଏ ଯେ ଏହା ଆଲୋକ, ସମୟ ସମେତ ସବୁକିଛିକୁ ନିଜ ଆଡ଼କୁ ଟାଣିନେଇ ଗିଳିଦେଇଥାଏ। ବ୍ଲାକ୍‌ହୋଲ୍‌ର ଏହି ରହସ୍ୟ ସର୍ବଦା ବିଜ୍ଞାନମନସ୍କ ବ୍ୟକ୍ତିଙ୍କୁ ଆନ୍ଦୋଳିତ କରିଥାଏ। ତେବେ ଏହି କୃଷ୍ଣଗହ୍ୱରର ଛବି କେହି ଦେଖିପାରି ନ ଥିଲେ। ୨୦୧୯ ଏପ୍ରିଲ ୧୦ରେ ଏହି ଚିତ୍ର ପ୍ରକାଶ କରି ଇତିହାସ ରଚିଛନ୍ତି ୨୯ ବର୍ଷୀୟା ବୈଜ୍ଞାନିକ କାଥେରିନ୍ ବୋମାନ୍। କମ୍ପ୍ୟୁଟର ଏଲ୍‌ଗୋରିଦିମ୍‌ସ ମାଧ୍ୟମରେ ସେ ଏହି ଛବି ଲୋକଲୋଚନକୁ ଆଣିବା ପରେ ତାଙ୍କ ବ୍ୟକ୍ତିତ୍ୱ ବିଶ୍ୱବିଖ୍ୟାତ ହୋଇଛି।

୧୯୮୯ ମେ ୯ରେ ଜନ୍ମିତ କାଥେରିନ୍‌ଙ୍କ ପିଲାଦିନ ଆମେରିକାର ଇଣ୍ଡିଆନା ପ୍ରଦେଶର ୱେଷ୍ଟ ଲାଫାୟେଟିରେ କଟିଥିଲା। ପିତା ଚାର୍ଲସ ବୋମାନ୍ ହେଉଛନ୍ତି ପୁର୍ଡ଼ିୟୁ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରିକାଲ୍ ଆଣ୍ଡ୍ କମ୍ପ୍ୟୁଟର ଇଞ୍ଜିନିୟରିଂର ପ୍ରଫେସର। କାଥେରିନ୍ ୨୦୦୭ରେ ୱେଷ୍ଟ ଲାଫାୟେଟି ଜୁନିୟର-ସିନିୟର ହାଇସ୍କୁଲରୁ ୨୦୦୭ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଏହି ସମୟରେ ସେ ପୁର୍ଡ଼ିୟୁ ବିଶ୍ୱବିଦ୍ୟାଳୟ ଅଧୀନରେ ଇମେଜିଂ ଉପରେ ଗବେଷଣା ଆରମ୍ଭ କରିଦେଇଥିଲେ। ସେତେବେଳେ ସେ ଇଭେଣ୍ଟ ହରାଇଜନ୍ ଟେଲିସ୍କୋପ୍ ଉପରେ ପ୍ରଥମେ ଜାଣିବାକୁ ପାଇଥିଲେ। ଅନିସନ୍ଧିତ୍ସୁ ମନ ତାଙ୍କୁ ଏ ବିଷୟରେ ଅଧିକ ଗବେଷଣା କରିବାକୁ ରାସ୍ତା ଦେଖାଇଥିଲା। ୨୦୧୧ରେ ସେ ମିଚିଗାନ୍ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପାଠ ପଢ଼ିଥିଲେ। ପରେ ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲଜି (ଏମ୍‌ଆଇଟି)ରୁ ୨୦୧୩ ଓ ୨୦୧୭ରେ ଯଥାକ୍ରମେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଆଣ୍ଡ୍ କମ୍ପ୍ୟୁଟର ସାଇନ୍ସରେ ସ୍ନାତକୋତ୍ତର ଓ ଡକ୍ଟରାଲ ଡିଗ୍ରୀ ହାସଲ କରିଥିଲେ। ଏମ୍‌ଆଇଟିର ଛାତ୍ରୀ ଥିବା ବେଳେ ସେ ହାସ୍‌ଟାକ୍ ଅବଜରଭେଟୋରିର ସଦସ୍ୟ ହୋଇଥିଲେ ଏବଂ ନ୍ୟାଶନାଲ ସାଇନ୍ସ ଫାଉଣ୍ଡେଶନ୍ ଗ୍ରାଜୁଏଟ୍ ଫେଲୋଶିପ୍ ପାଇଥିଲେ। ଏପରି କି ସ୍ନାତକୋତ୍ତର ବେଳେ ତାଙ୍କ ସନ୍ଦର୍ଭ 'ଏଷ୍ଟିମେଟିଂ ମେଟେରିଆଲ୍ ପ୍ରପର୍ଟିଜ୍ ଅଫ୍ ଫେବ୍ରିକ୍ ଥ୍ରୋ ଦି ଅବଜର୍ଭେଶନ ଅଫ୍ ମୋଶନ୍' ଉଚ୍ଚ ପ୍ରଶଂସିତ ହୋଇଥିଲା। ସେଥିପାଇଁ ତାଙ୍କୁ ଅର୍ନେଷ୍ଟ ଗୁଲେମିନ୍ ସମ୍ମାନ ମିଳିଥିଲା। ସେହିପରି ଗବେଷଣା ବେଳର ସନ୍ଦର୍ଭ ଥିଲା 'ଏକ୍‌ଷ୍ଟ୍ରିମ୍ ଇମେଜିଂ ଭାୟା ଫିଜିକାଲ୍ ମଡେଲ୍ ଇଭର୍ସନ୍: ସିଂ ଏରାଉଣ୍ଡ୍ କର୍ନର୍ସ ଆଣ୍ଡ୍ ଇମେଜିଂ ବ୍ଲାକ୍‌ହୋଲ୍ସ'। ୱିଲିୟମ୍ ଟି. ଫ୍ରିମେନ୍‌ଙ୍କ ତତ୍ତ୍ୱାବଧାନରେ କାଥେରିନ୍ ଗବେଷଣା ଜାରି ରଖି କିଛି ନୂଆ କରି ଦେଖାଇବା ପାଇଁ ଲକ୍ଷ୍ୟ ରଖିଥିଲେ। କୃଷ୍ଣଗହ୍ୱରର ଛବିକୁ କିଭଳି ତୋଳି ଧରିବେ ସେଥିନେଇ ସେ ଅନବରତ ଉଦ୍ୟମ ଜାରି ରଖିଥିଲେ। ଅଧିକ ଗବେଷଣା କରିବା ଲାଗି ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଡକ୍ଟରାଲ ଫୋଲେ ଭାବେ ଯୋଗଦେଇ ଇଭେଣ୍ଟ ହରାଇଜନ୍ ଟେଲିସ୍କୋପ୍ ଇମେଜିଂ ଟିମ୍‌ରେ ସାମିଲ ହୋଇଥିଲେ। ନିଜ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିପାରିଥିବାରୁ ସେ କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍‌ନୋଲଜି (କାଲ୍‌ଟେକ୍)ର ଆସିଷ୍ଟାଣ୍ଟ ପ୍ରଫେସର ଭାବେ ଜୁନ୍ ୨୦୧୯ରେ ଯୋଗଦେବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଆଇନଷ୍ଟାଇନ୍‌ଙ୍କ ସେଦିନର କୃଷ୍ଣଗହ୍ୱର ବିଷୟରେ ପଢୁଥିବା ଯୁବ ବୈଜ୍ଞାନିକ କାଥେରିନ୍ ତା'ର ଛବି ଉଠାଇ ଏବେ ସମଗ୍ର ଜଗତକୁ ଚମତ୍କୃତ କରିପାରିଥିବାରୁ ସେ ଏବେ ଅନ୍ୟ ଗବେଷକଙ୍କ ପାଇଁ ଆଲୋକବର୍ତ୍ତିକା ପାଲଟିପାରିଛନ୍ତି ବୋଲି କୁହାଯାଇପାରିବ। **–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ମଣିଷର ଆଦିମ ସାଥୀ ହେଉଛି କୁକୁର। ମଣିଷ ଓ ପୋଷା କୁକୁର ସମ୍ପର୍କରେ ଅନେକ କାହାଣୀ ରହିଛି। ସଭ୍ୟତାର ଆରମ୍ଭରୁ କୁକୁର ଅତି ବିଶ୍ୱସ୍ତ ପ୍ରାଣୀ ହୋଇ ରହିଆସିଛି। ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌର ବାନ୍ଧା ନିକଟସ୍ଥ ଉତ୍ତରାରେ ଏକ ପୋଷା କୁକୁର ୩୫ ଜଣଙ୍କ ଜୀବନ ବଞ୍ଚାଇଥିଲେ ମଧ୍ୟ ତା' ଜୀବନକୁ ବଞ୍ଚାଇବାକୁ କେହି ଆଗେଇଆସି ନ ଥିଲେ। ନିଜ କର୍ତ୍ତବ୍ୟ ସମ୍ପାଦନ କରି ସେ ନିଜ ଜୀବନକୁ ଉତ୍ସର୍ଗ କରିଛି। କଥାଟି ହେଉଛି, ଏଠାରେ ଥିବା ଏକ ଶୋ'ରୁମ୍‌ରେ ନିଆଁ ଲାଗିଯାଇଥିଲା। ଏହାକୁ ଦେଖି ତଳ ମହଲାରେ ଜଞ୍ଜିରରେ ବନ୍ଧା ହୋଇଥିବା ପୋଷା କୁକୁରଟି ଭୁକିବାକୁ ଲାଗିଥିଲା। ଏହା ଶୁଣି କିଛି ଲୋକଙ୍କ ନିଦ ଭାଙ୍ଗିଯିବାରୁ ସେମାନେ ଅନ୍ୟମାନଙ୍କୁ ସତର୍କ କରାଇଦେବା ସହିତ ସୁରକ୍ଷିତ ସ୍ଥାନକୁ ପଳାଇଯାଇଥିଲେ। ତେବେ ସେମାନେ ଜଞ୍ଜିରରେ ବନ୍ଧା ଯାଇଥିବା ପୋଷା କୁକୁରକୁ ସାଙ୍ଗରେ ନେବାକୁ ଭୁଲିଯାଇଥିଲେ। କୁକୁର ଦେହରେ ନିଆଁ ଲାଗିଯିବାରୁ ସେ ଭୁକିଥିଲେ ସୁଦ୍ଧା ତାକୁ ରକ୍ଷା କରିବା ପାଇଁ କେହି ପାଖରେ ନ ଥିଲେ। ଶେଷରେ କୁକୁରଟି ପ୍ରାଣ ହରାଇଥିଲା। ଏବେ ଏହି ପୋଷା କୁକୁରର ବିଶ୍ୱସନୀୟ କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

''ଭସ୍ମ ହେଉ ଜରା ମୃତ୍ୟୁ
ଅବସାଦ ତନ୍ଦ୍ରାଗ୍ଲାନି ଭୟ
''ଜାଗ ବୀର ! ଦେଖ ଚାହିଁ
ଜଳେ ଦୀପ ଅମର ଅକ୍ଷୟ।
''ନିଭିନାହିଁ ହତାଶାର
ତପତ ବତାସ ଲାଗି ତହିଁ
''ଦୀନତାର ଅଶ୍ରୁ କେତେ
ଅବିରାମ ପଡିଅଛି ବହି !
''ଶ୍ରାବଣର କେତେ ଅମା
କାଟି ଆଜି ଜଳେ ମହାଦୀପ
''ଜୀବନ-ତଇଳ ଢାଳି
ରଖ ତାକୁ ସଜାଗ ଜୀବିତ !

(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଏପ୍ରିଲ ୧୯୯୪**

- ଆଲଜେରିଆର ନୂତନ ପ୍ରଧାନମନ୍ତ୍ରୀ ରୂପେ ମୋକଦା ସିଫି ନିଯୁକ୍ତ।
- ସିକ୍ୟୁରିଟି ହେର୍‌ଫେର କାରବାରରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଷ୍ଟକ୍ ଦଲାଲ ହର୍ଷଦ୍ ମେହେଟ୍ଟାଙ୍କ ସମେତ ଅନ୍ୟ ୯ ଜଣ ବ୍ୟାଙ୍କ ଅଫିସରଙ୍କୁ ଗିରଫ କରିଛି।
- ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ଆରମ୍ଭ।

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାମାଞ୍ଚଳରେ ଶବ୍ଦ ପ୍ରଦୂଷଣ

ମହାଶୟ,

ବର୍ତ୍ତମାନ ବିବାହ, ବ୍ରତ, ନିର୍ବାଚନ ଆଦିର ସମୟ। ତେଣୁ ଗାଁ, ସାହି, ସହର କୋଳାହଳମୁଖର। ଏହି କୋଳାହଳକୁ ହଳାହଳମୟ କରିଦେଉଛି ଆତସବାଜି, ବମ୍, ଡିଜେ, ଗାଡ଼ିର ଗର୍ଜନ। ବିଭିନ୍ନ ଦଳର ଶୋଭାଯାତ୍ରା ବରଯାତ୍ରୀଙ୍କ ଜୟଯାତ୍ରାଠାରୁ କିଛି କମ୍ ନୁହେଁ। ଏ ସବୁକୁ ନିୟନ୍ତ୍ରଣ କରିବା ପାଇଁ ସହରରେ ଅନୁମତି ନେବାକୁ ପଡୁଛି ଏବଂ ରାତି ୧୦ଟା ପରେ ଏସବୁ ସମ୍ପୂର୍ଣ୍ଣ ବନ୍ଦ ଥିଲାବେଳେ ଗାଁ ଗଣ୍ଡା ପାଇଁ ଏହାର କୌଣସି ଆବଶ୍ୟକତା ନ ଥିବା ମନେହୁଏ। ପ୍ରଦୂଷଣ ଆଇନର କଟକଣା ଏଠି ବାଟବଣା। କାରଣ ପ୍ରଶାସନ, ପୋଲିସ ଏସବୁ ଦେଖିବା ପାଇଁ ଦଣ୍ଡାୟମାନ। କିନ୍ନର ନାଚ ଦେଖିବା ଓ ଡିଜେ ସଙ୍ଗୀତ ଶୁଣିବା ବେଳେ ପୋଲିସର ତୁଣ୍ଡ ବନ୍ଦ। ଏସବୁ ଶବ୍ଦ ପ୍ରଦୂଷଣ ବନ୍ଦ କରାଯାଉ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ଆଜିର ଝିଅ କାଲିର ମାଆ

ଆଜିର ଶିଶୁକନ୍ୟା ଆଗାମୀ କାଲିର ମା'। ବଡ଼ ଦୁଃଖର କଥା, ଶିଶୁ କନ୍ୟାମାନଙ୍କୁ ଅନେକ କ୍ଷେତ୍ରରେ ହତାଦର କରାଯାଉଛି। ଏପରି କି ହତ୍ୟା ମଧ୍ୟ କରାଯାଉଛି। କାମାନ୍ଧ ପୁରୁଷମାନେ ନାବାଳିକା ଓ ଶିଶୁକନ୍ୟାଠାରୁ ଆରମ୍ଭ କରି ଯୁବତୀମାନଙ୍କ ପର୍ଯ୍ୟନ୍ତ ଯେଉଁଠି ସୁଯୋଗ ପାଉଛନ୍ତି, ସେଠାରୁ ଅପହରଣ କରିନେଇ ବଳାତ୍କାର କରୁଛନ୍ତି। ଆହୁରି ବିଡ଼ମ୍ବନାର ବିଷୟ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ କନ୍ୟା ସନ୍ତାନର ଅଭାବ ଯୋଗୁ ଓଡିଶାରୁ ଅନେକ ଦଲାଲ କାମ ଯୋଗାଇଦେବାର ବାହାନା ଦେଖେଇ ସେହି ସବୁ ରାଜ୍ୟକୁ ଚାଲାଣ କରୁଛନ୍ତି ଏବଂ ମାଲାମାଲ ହେଉଛନ୍ତି। ଏଭଳି ପରିପ୍ରେକ୍ଷୀରେ ଆମ ରାଜ୍ୟରେ ଝିଅମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଉଚିତ। କାମାନ୍ଧମାନଙ୍କୁ ନପୁଂସକ କରିବା ସହିତ ଯୁବତୀ ଚାଲାଣ ର୍‍ୟାକେଟକୁ ଚିହ୍ନଟ କରି କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | B | 7 | | 2 | | 3 | A | | | 8 | | |
| | B | | | 0 | | | | | | 4 | | | | A |
| | | | | | 6 | | 1 | | 7 | | 9 | | | |
| 0 | 6 | | | | | C | A | 9 | 5 | 1 | | | | |
| C | | | 3 | | D | 8 | | | | | 6 | 1 | | |
| | | 4 | | | | | | | | | | | C | |
| | | | | 4 | 0 | | | | | | | | | 3 |
| | | | | 2 | | 7 | | 4 | C | E | 3 | | 6 | 0 |
| | | D | 1 | 5 | E | | B | | | | | | A | 9 |
| A | 7 | 0 | D | | B | | 5 | | | | | | | 8 |
| | | 2 | | | | | | A | B | | | | | |
| 4 | | | | 8 | 2 | | 3 | | | | | | | B |
| | 8 | A | 0 | B | 3 | | 2 | | | | 4 | | | D |
| | 9 | | | | | 4 | D | | 3 | 6 | | C | 7 | |
| | | | 6 | 9 | | | 8 | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।


| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 7 | 8 | B | 6 | 2 | D | 0 | 9 | A | 4 | 3 | 1 | C | 5 |
| A | 9 | C | E | 0 | 3 | 2 | 4 | 6 | 5 | 1 | D | 8 | B | 7 |
| 5 | D | 3 | 7 | C | 4 | 1 | A | B | 8 | E | 6 | 0 | 9 | 2 |
| 2 | 6 | 0 | 1 | A | 5 | 7 | E | 8 | B | C | 9 | D | 4 | 3 |
| 1 | 4 | B | 9 | 8 | D | 3 | C | 5 | 2 | 7 | 0 | E | 6 | A |
| 9 | 5 | 2 | 8 | 4 | 7 | A | 1 | E | 0 | B | C | 6 | 3 | D |
| 4 | 3 | 7 | A | 9 | 6 | B | D | 0 | 1 | 8 | 2 | C | 5 | E |
| D | C | A | 5 | E | 0 | 8 | 9 | 4 | 6 | 3 | 7 | B | 2 | 1 |
| 0 | B | 6 | 2 | D | 1 | C | 7 | 3 | 4 | 5 | E | A | 8 | 9 |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର



କେରଳରେ ଲୋକସଭା ନିର୍ବାଚନ ଆଉ ମାତ୍ର ୯ଦିନ ବାକି ଥିବାବେଳେ ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। ସାବରିମାଲା ଆନ୍ଦୋଳନ ସମ୍ପର୍କିତ ବିଭିନ୍ନ ମାମଲା ଉକ୍ତ ଗୋଷ୍ଠୀର ବ୍ୟକ୍ତିବିଶେଷଙ୍କ ବିରୋଧରେ ଲାଗୁ ହୋଇଥିବାରୁ ଏହାକୁ ବିରୋଧ କରି ହିନ୍ଦୁ ସମ୍ପ୍ରଦାୟର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।






## ସଂକ୍ଷେପରେ

### ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବା ଯୋଗ୍ୟତା ମୋଦିଙ୍କର ନାହିଁ : ନବୀନ

ଭୁବନେଶ୍ୱର,୧୩।୪(ବ୍ୟୁରୋ): ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବା ଯୋଗ୍ୟତା ନରେନ୍ଦ୍ର ମୋଦିଙ୍କର ନାହିଁ। ବିଗତ ୫ ବର୍ଷରେ କୃଷି, ଜଳସେଚନ ଆଦି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରଦର୍ଶନ ଉତ୍ସାହଜନକ ନୁହେଁ। ଅଟଳ ବିହାରୀ ବାଜପେୟୀ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଦେଶରେ ସାଧାରଣ ନିର୍ବାଚନ ଚାଲିଛି, ଓଡ଼ିଶାରେ ଲୋକ ସଭା ସହ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେଉଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ଦେଇଥିବା ଏହି ମନ୍ତବ୍ୟ ଜାତୀୟ ରାଜନୀତିକୁ ସରଗରମ କରିଛି। ପୂର୍ବ ଭଳି ବିଜେଡି କୌଣସି ମେଣ୍ଟ ବା ଦଳକୁ ସମର୍ଥନ କରିବ ନାହିଁ ବୋଲି ନବୀନ ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି କେନ୍ଦ୍ର ନିକଟରେ ରାଜ୍ୟର କେତେକ ମୌଳିକ ସମସ୍ୟା ରହିଛି। ସେଗୁଡିକର ସମାଧାନ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁଥିବା ମେଣ୍ଟ ତଥା ଦଳକୁ ବିଜେଡି ସମର୍ଥନ କରିବ। ସେହିପରି ଚଳିତ ଥର କେନ୍ଦ୍ରରେ ସରକାର ଗଢିବାରେ ବିଜେଡି ପ୍ରମୁଖ ଭୂମିକା ନେବ ବୋଲି ନବୀନ ପୂର୍ବରୁ କହିଥିଲେ। ନବୀନ ଆହୁରି କହିଛନ୍ତି ଯେ, କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ରାଜନୈତିକ ଭାବେ ଆହୁରି ପରିପକ୍ୱ ହେବାର ଆବଶ୍ୟକତା ରହିଛି। ଗୋଟିଏ ରାଜ୍ୟକୁ ଫୋକସ୍ କରିବା ରାହୁଲଙ୍କ ପକ୍ଷରେ ଉତ୍ତମ ହେବ ବୋଲି ନବୀନ କହିଛନ୍ତି।

# ବିଜେଡି ଷ୍ଟାରଙ୍କୁ ଲୋଡ଼ା ପଡ଼ିଲେ ବଲିଉଡ୍ ଷ୍ଟାର



ପ୍ରଚାର ମଞ୍ଚରେ ବିଜେଡି ଷ୍ଟାର ଓ ବଲିଉଡ୍ ଷ୍ଟାର।

**ଝାରସୁଗୁଡ଼ା ଅଫିସ,୧୩।୪**

ସାଧାରଣ ନିର୍ବାଚନ ପାଇଁ ଚାରିଆଡ଼େ ସରଗରମ ପରିସ୍ଥିତି। ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇସାରିଛି। ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ନେତାଏ ସକାଳ ୬ରୁ ଘରୁ ବାହାରି ଅଧରାତି ଯାଏ ଭୋଟ ଯୋଗାଡ଼ରେ ଲାଗି ପଡ଼ିଛନ୍ତି। ଭୋଟ ହାତେଇବାକୁ କିଏ କେଉଁ ରଣନୀତି ଅପଣଉଛି ତାକୁ ଅନ୍ୟ ରାଜନୈତିଦ ଦଳ ଏବଂ ଭୋଟର ନିକଟରୁ ନିରିଖେଉଛନ୍ତି। ଏପରି ସ୍ଥଳେ ଶୁକ୍ରବାର ଏବଂ ଶନିବାର ଝାରସୁଗୁଡ଼ାରେ ବଲିଉଡ୍ ଷ୍ଟାର ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଚର୍ଚ୍ଚାର ବିଷୟ ହୋଇଛି। ବଲିଉଡ୍ ଷ୍ଟାର ସୁନୀଲ ଶେଟ୍ଟି ଏବଂ ମହିମା ଚୌଧୁରୀ ଦୁଇଦିନ ଧରି ବରଗଡ଼ ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଏକାଧିକ ନିର୍ବାଚନୀ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଏହି ଦୁଇ ଷ୍ଟାରଙ୍କୁ ଦେଖିବାକୁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିଲା।

ପ୍ରସଙ୍ଗ ହେଲା, ବିଜେଡି ମୁଖିଆ ନବୀନ ପଟ୍ଟନାୟକ ୨୦୧୯ ନିର୍ବାଚନ ପାଇଁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛନ୍ତି। ଏହି ତାଲିକାର ଉପର ଆଡ଼କୁ ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, ଝାରସୁଗୁଡ଼ା ବିଧାୟକ ପ୍ରାର୍ଥୀ ନବ କିଶୋର ଦାସ ଏବଂ ବ୍ରଜରାଜନଗର ବିଧାୟକ ପ୍ରାର୍ଥୀ କିଶୋର କୁମାର ମହାନ୍ତିଙ୍କ ନାମ ରହିଛି। ହେଲେ ଏହି ତିନି ଷ୍ଟାରଙ୍କ ପାଇଁ ବଲିଉଡ୍ ଅଭିନେତା ସୁନୀଲ ଶେଟ୍ଟି ଓ ଅଭିନେତ୍ରୀ ମହିମା ଚୌଧୁରୀ ଶୁକ୍ରବାର ଝାରସୁଗୁଡ଼ାର କଣ୍ଟାପାଲି, ବମ୍ଲେଛକ ଏବଂ ଝଣ୍ଡାଛକରେ ପ୍ରଚାର କରିଥିବାବେଳେ ଶନିବାର ବ୍ରଜରାଜନଗରରେ ପ୍ରଚାର କରିଥିଲେ। ନବୀନ ଘୋଷଣା କରିଥିବା ଷ୍ଟାର ପ୍ରଚାରକଙ୍କ ପାଇଁ ବଲିଉଡ୍ ଷ୍ଟାରଙ୍କ ପ୍ରଚାର ସହଯୋଗର ଆବଶ୍ୟକତା ପଡ଼ିବା ନେଇ ଚର୍ଚ୍ଚା ହେଉଛି। ଭାଜପାର ଶକ୍ତି ବୃଦ୍ଧି ପାଇଁ ବିଜେଡି ନେତା ଚିନ୍ତିତ ଥିବାଭଳି ମନେ ହେଉଥିବା ସମୀକ୍ଷକମାନେ ମତ ଦେଇଛନ୍ତି। ପଶ୍ଚିମ ଓଡ଼ିଶାରେ ବିଜେଡିର ଷ୍ଟାର ପ୍ରଚାରକ କୁହାଯାଉଥିବା ଏହି ତିନି ନେତାଙ୍କ ପ୍ରଚାର ଅପେକ୍ଷା ବଲିଉଡ୍ ଅଭିନେତା, ଅଭିନେତ୍ରୀଙ୍କ ପ୍ରଚାର ବାସ୍ତବରେ ପ୍ରଭାବ ପକାଇବ କି ବୋଲି ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ବଲିଉଡ୍ ଷ୍ଟାରଙ୍କ ଦ୍ୱାରା ପ୍ରଚାର କରାଇବାରେ ଝାରସୁଗୁଡ଼ା ବିଧାୟକ ପ୍ରାର୍ଥୀ ନବ ଦାସଙ୍କ ଆଗରୁ ଅଭିଜ୍ଞତା ରହିଛି। ୨୦୦୯ ନିର୍ବାଚନରେ କଂଗ୍ରେସ ଟିକେଟରୁ ଲଢୁଥିବା ବେଳେ ନବ ବଲିଉଡ୍ କଳାକାର ଶକ୍ତି କପୁର ଏବଂ ଆଶ୍ରାନୀଙ୍କ ଦ୍ୱାରା ପ୍ରଚାର କରାଇଥିଲେ। ସେହିପରି ୨୦୧୪ରେ ନବଙ୍କ ପାଇଁ ଆଦିତ୍ୟ ପାଞ୍ଚୋଲି ଏବଂ ପ୍ରୀତି ଝିଙ୍ଗ୍ୟାନୀ ନିର୍ବାଚନ ପ୍ରଚାର କରିଥିଲେ। ସେଥିପାଇଁ ଚଳିତ ନିର୍ବାଚନରେ ମଧ୍ୟ ନବଙ୍କଠାରୁ ଭୋଟର ସେପରି କିଛି ଆଶା ରଖିଥିଲେ, ଯାହା ଗତ ଦୁଇଦିନ ଭିତରେ ସରିଛି। ତେବେ ଏହି ବଲିଉଡ୍ କଳାକାରଙ୍କ ପ୍ରଚାର ବିଜେଡି ନେତାଙ୍କୁ କେତେ ସଫଳତା ଦେବ ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ।

## ପିଇସୀ, ଝିଆରୀଙ୍କ ଆତ୍ମହତ୍ୟା

ନୂଆପଡ଼ା ଅଫିସ,୧୩।୪: ନୂଆପଡ଼ା ଜିଲା ସଦର ମହକୁମାଠାରୁ ମାତ୍ର ୮ କି.ମି. ଦୂର ଲଖନା ଥାନା ଅନ୍ତର୍ଗତ ସମରସିଂ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ପରିବାରର ୨ ଯୁବତୀ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପଦ୍ମିନୀ ମାଝି (୨୨) ଏବଂ ମୌନାବତୀ ମାଝି (୨୦)। ସେମାନେ ସମ୍ପର୍କରେ ପିଇସୀ ଓ ଝିଆରୀ। ଦୁହିଁଙ୍କ ଗଳିତ ମୃତଦେହକୁ ପୋଲିସ ସ୍ଥାନୀୟ ଏକ ଜଙ୍ଗଲରୁ ଜବତ କରିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ତଦନ୍ତ ଜାରି ରଖିଛି।

**ଟେଣ୍ଡର ବିଜ୍ଞପ୍ତି**

**୦୧ ମୋଟରସାଇକେଲ ଏବଂ ୦୨ ସ୍କୁଟର୍‌ର ସ୍କ୍ରାପିଂ**

ସମସ୍ତ ଗାଡ଼ି ଭୁବନେଶ୍ୱରଠାରେ ଅବସ୍ଥିତ

ତଦାରଖ ତାରିଖ: 17.04.2019

ଜଉମୁଦଦିଆ କୋଟେଶନ୍ ପ୍ରଶାସନିକ ବିଭାଗ ନିକଟକୁ ନିମ୍ନପ୍ରଦତ୍ତ ଠିକଣାରେ ପଠାଯାଇପାରିବ।

ଠିକଣା: 4ର୍ଥ ମହଲା, କ୍ରିଏଟିଭ୍ ପ୍ଲାଜା, ରସୁଲଗଡ଼ ଛକ, ଭୁବନେଶ୍ୱର - 751010

ଅଧିକ ବିବରଣୀ ପାଇଁ କଲ୍ କରନ୍ତୁ: 9078000302




## ନିମୋନିଆରେ ହାତୀଛୁଆର ମୃତ୍ୟୁ


ହାତୀଛୁଆକୁ ପୋତି ଦିଆଯାଉଛି।

**ଦଶପଲ୍ଲା,୧୩।୪ (ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବନାଞ୍ଚଳର ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲରେ ନିମୋନିଆରେ ଆକ୍ରାନ୍ତ ହୋଇ ୨ ମାସର ଏକ ଅଣ୍ଡିରା ଛୁଆ ହାତୀର ମୃତ୍ୟୁ ହୋଇଛି। ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିବା ସହ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଗତ ୧୦ ତାରିଖ ରାତିରେ ଏକ ହାତୀପଲ ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲକୁ ପଶିଆସିଥିବା ସୂଚନା ମିଳିଥିଲା। ପରେ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ସହ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିଲେ। ପରଦିନ ଅର୍ଥାତ୍ ୧୧ ତାରିଖ ସକାଳୁ ବନ କର୍ମଚାରୀ ଜଙ୍ଗଲରେ ପହଞ୍ଚି ଅନୁଧ୍ୟାନ କରିବା ସମୟରେ ଘୁମୁସର ନର୍ଥଠାରୁ ମାତ୍ର ୧୫ ଫୁଟ ଦୂରରେ ଏକ ଅଣ୍ଡିରା ଛୁଆ ହାତୀର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ଏହାପରେ ବନ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏସିଏଫ୍ ଅରବିନ୍ଦ ମହାନ୍ତି ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପ୍ରାଣୀ ଚିକିତ୍ସକ ନିହାର ରଞ୍ଜନ ସାମନ୍ତରାୟ ହାତୀ ଛୁଆର ଶବ ବ୍ୟବଚ୍ଛେଦ କରିବା ପରେ ଏହାକୁ ପୋତି ଦିଆଯାଇଥିଲା। ହାତୀ ଛୁଆଟି ନିମୋନିଆରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିବା ପ୍ରାଣୀ ଚିକିତ୍ସକ ସାମନ୍ତରାୟ କହିଛନ୍ତି। ଏ ନେଇ ବନ ବିଭାଗ ପକ୍ଷରୁ ୨/୧୯-୨୦ରେ ଏକ ମକଦ୍ଦମା ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ ସୋମନାଥ ନାୟକ ପ୍ରକାଶ କରିଛନ୍ତି।

## ଅବହେଳିତ ପିଲାଙ୍କ ପାଇଁ କାର୍ଯ୍ୟ କରିବେ ଦିୟା ମିର୍ଜା

**ମୁମ୍ବାଇ**

ଶୁକ୍ରବାର ଅନ୍ତର୍ଜାତୀୟ ଷ୍ଟ୍ରିଟ୍ ଚିଲ୍ଡ୍ରେନସ ଡେ' ପାଳିତ ହୋଇଥିବା ବେଳେ ମୌଳିକ ସୁବିଧା ସୁଯୋଗ ଓ ଅଧିକାରରୁ ବଞ୍ଚିତ ପିଲାଙ୍କ ଲାଗି କାର୍ଯ୍ୟ କରିବାକୁ ଅଭିନେତ୍ରୀ ତଥା ସାମାଜିକ କର୍ମୀ ଦିୟା ମିର୍ଜା ନିଜର ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଛନ୍ତି। ତାଙ୍କ ଭାଷାରେ ପ୍ରତ୍ୟେକ ପିଲା ନିଜର ହକ୍ ପାଇବା ପର୍ଯ୍ୟନ୍ତ ସେ ସଂଗ୍ରାମ କରିବେ। ପ୍ରତି ପିଲାଠାରେ ପ୍ରତିଭା ଲୁକ୍କାୟିତ ହୋଇ ରହିଛି। ସୁଯୋଗ ମିଳିଲେ ଶିଶୁମାନଙ୍କ ପ୍ରତିଭାର ବିକାଶ ଘଟିପାରିବ। ତେଣୁ ବିଶ୍ୱ ଏ ଦିଗରେ ଜାଗ୍ରତ ହେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଶିଶୁଙ୍କର ଶିକ୍ଷା ପାଇବା, ସ୍ୱାସ୍ଥ୍ୟର ଯତ୍ନ ଏବଂ ସୁବିଧା ସୁଯୋଗ ପାଇବାର ଅଧିକାର ରହିଛି। ତେଣୁ ସେମାନଙ୍କ ଭିତରେ ଥିବା ଅଦୃଶ୍ୟ ଶକ୍ତିକୁ ଦୃଶ୍ୟମାନ କରାଇବା ଆବଶ୍ୟକ ବୋଲି ଦିୟା ଏକ ବିବୃତିରେ ପ୍ରକାଶ କରିଛନ୍ତି।



ଏକ କଲ୍ୟାଣକାରୀ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ରାସ୍ତାକଡର ଝୁମ୍ପୁଡିରେ ବାସକରୁଥିବା ପିଲାଙ୍କ ନିମନ୍ତେ ସର୍ବପ୍ରଥମ ଥର ପାଇଁ ଲଣ୍ଡନରେ ଆସନ୍ତା ମାସରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଷ୍ଟ୍ରିଟ୍ ଚାଇଲ୍ଡ କ୍ରିକେଟ ୱାର୍ଲଡ କପ୍ (ଏସ୍‌ସିଡବ୍ଲ୍ୟୁସି) ନାମକ ଏହି କ୍ରୀଡା ପ୍ରତିଯୋଗିତା ବିଭିନ୍ନ ଦେଶର ଶିଶୁଙ୍କୁ ଏକତ୍ର ହେବା ପାଇଁ ସୁଯୋଗ ସୃଷ୍ଟି କରିବ। ୯ଟି ଦେଶର ୧୦ଟି ଟିମ୍‌କୁ ନେଇ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ସାମିଲ ହେବେ ଟିମ୍ ଇଣ୍ଡିଆ ନର୍ଥ, ଟିମ୍ ଇଣ୍ଡିଆ ସାଉଥ୍, ଇଂଲଣ୍ଡ, ତାଞ୍ଜାନିଆ, ବାଂଲାଦେଶ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ ଦି କଙ୍ଗୋ, ନେପାଳ ଏବଂ ମରିସସ୍।







## ସଂକ୍ଷେପରେ

### 'କଂଗ୍ରେସ ଶାସିତ ରାଜ୍ୟ ଦଳକୁ ନିର୍ବାଚନୀ ପାଣ୍ଠି ଯୋଗାଉଛି'



ମୀନାକ୍ଷୀ ଲେଖୀ

**ନୂଆଦିଲ୍ଲୀ,୧୩।୪(ପି.ଟି.):** କଂଗ୍ରେସ ଶାସିତ ରାଜ୍ୟଗୁଡିକୁ ଦଳ ନିର୍ବାଚନୀ ପାଣ୍ଠି ଲାଗି ଏଟିଏମ୍ ଭାବେ ବ୍ୟବହାର କରୁଥିବା ଭାଜପା ଅଭିଯୋଗ କରିଛି। ଏହି ରାଜ୍ୟଗୁଡିକରୁ କଳାଟଙ୍କା ନିର୍ବାଚନ ପ୍ରଚାରରେ ବ୍ୟୟ ହେଉଥିବା ଭାଜପା ମୁଖପାତ୍ର ମୀନାକ୍ଷୀ ଲେଖୀ କହିଛନ୍ତି। ନିକଟରେ ହୋଇଥିବା ଚଢ଼ାଉରୁ ତୋଗଲକ ରୋଡ ନିର୍ବାଚନ ଦୁର୍ନୀତି ସ୍ପଷ୍ଟ ହୋଇଛି ବୋଲି ଭାଜପା ମୁଖପାତ୍ର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଆୟକର ବିଭାଗ ପକ୍ଷରୁ ୫୨ଟି ସ୍ଥାନରେ ଚଢ଼ାଉ କରାଯାଇ ୨୮୧ କୋଟି ଟଙ୍କା ଜବତ ହୋଇଥିଲା। ମଧ୍ୟପ୍ରଦେଶରେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ନିର୍ବାଚନ ପ୍ରଚାରରେ ଖର୍ଚ୍ଚ ପାଇଁ ରଖାଯାଇଥିଲା ବୋଲି ଭାଜପା ଅଭିଯୋଗ କରିଛି।

### ପ୍ରଚାର ବେଳେ ଅଭିନେତା ରିଥେଶ୍ଙ୍କ ପରଲୋକ



**ରାମନାଥପୁର(ତାମିଲନାଡୁ),୧୩।୪ :** ଅଭିନେତାରୁ ରାଜନେତା ହୋଇଥିବା ଜେ.କେ. ରିଥେଶ୍ ନିଜ ସହର ରାମନାଥପୁରମ୍ଠାରେ ନିର୍ବାଚନ ପ୍ରଚାର କରୁଥିବାବେଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ୪୬ ବର୍ଷୀୟ ଏହି ଅଭିନେତା ଅନେକ ତେଲୁଗୁ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ସିଭିଲ ଇଞ୍ଜିନିୟରିଂରେ ଡିପ୍ଲୋମା ପରେ ସେ ଅଭିନୟ ଜଗତରେ ପ୍ରବେଶ କରିଥିଲେ। ପରେ ସେ ଡିଏମ୍‌କେରେ ଯୋଗଦେଇଥିଲେ। ୨୦୧୪ରେ ଡିଏମ୍‌କେ ଛାଡି ଏଆଇଏଡିଏମ୍‌କେରେ ସାମିଲ ହୋଇଥିଲେ।

### ଭାଜପାକୁ ବଜରଙ୍ଗବଲୀ ଭୋଟ ମିଳିବନି: ମାୟାବତୀ



**ବଦାଉଁ,୧୩।୪(ପି.ଟି.):** ଲୋକ ସଭା ନିର୍ବାଚନରେ ଭାଜପାକୁ ଅଲି କିମ୍ବା ବଜରଙ୍ଗବାଲି କୌଣସି ଭୋଟ ମିଳିବ ନାହିଁ ବୋଲି ବିଏସ୍‌ପି ସୁପ୍ରିମୋ ମାୟାବତୀ କହିଛନ୍ତି। ସମାଜବାଦୀ ପାର୍ଟି ପ୍ରାର୍ଥୀ ଧର୍ମେନ୍ଦ୍ର ଯାଦବଙ୍କ ପାଇଁ ପ୍ରଚାର କରିବାକୁ ଯାଇ ଏକ ମିଳିତ ର୍‍ୟାଲିରେ ମାୟାବତୀ କହିଥିଲେ, ବଜରଙ୍ଗବାଲି ଜାତି ସେ ନୁହେଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୃଷ୍ଟି କରିଛନ୍ତି। ବଜରଙ୍ଗବାଲୀ ବନବାସୀ ଏବଂ ଦଳିତ ବୋଲି ଯୋଗୀ କହିଥିଲେ। ଏଭଳି ତଥ୍ୟ ପାଇଁ ସେ ଯୋଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଭୟ ଅଲି ଓ ବଜରଙ୍ଗବାଲି ଭୋଟ ଏଣିକି ତାଙ୍କ ଦଳକୁ ମିଳିବ ବୋଲି ମାୟାବତୀ କହିଛନ୍ତି।

### 'ବିନା ମାଷ୍ଟର ଡିଗ୍ରୀରେ ଏମ୍‌ଫିଲ୍ କରିଛନ୍ତି ରାହୁଲ'

**ନୂଆଦିଲ୍ଲୀ,୧୩।୪:** କେନ୍ଦ୍ରମନ୍ତ୍ରୀ ତଥା ଅମେଠିର ଭାଜପା ପ୍ରାର୍ଥୀ ସ୍ମୃତି ଇରାନୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଥିବାବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଶନିବାର କଂଗ୍ରେସ ଉପରେ ବର୍ଷିଛନ୍ତି। ସେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଶିକ୍ଷାଗତ ଯୋଗ୍ୟତାରେ ପ୍ରଶ୍ନ ଲଗାଇଛନ୍ତି। ରାହୁଲ ବିନା ମାଷ୍ଟର ଡିଗ୍ରୀରେ ଏମ୍‌ଫିଲ୍ କରିଥିବା ଜେଟଲୀ କହିଛନ୍ତି। ପୂର୍ବରୁ ଭାଜପା ଏମ୍‌ପି ସୁବ୍ରମଣ୍ୟନ ସ୍ୱାମୀ ମଧ୍ୟ ରାହୁଲଙ୍କ କେମ୍ବ୍ରିଜ ସାର୍ଟିଫିକେଟ ଉପରେ ଅଭିଯୋଗ ଉଠାଇଥିଲେ। ଉକ୍ତ ସାର୍ଟିଫିକେଟରେ ତାଙ୍କ ନାଁ ରାହୁଲ ଭିନ୍ସି ରହିଛି। ସେ ଏମ୍‌ଫିଲ୍ ପଢ଼ିଛନ୍ତି ଏବଂ ନ୍ୟାଶନାଲ ଇକୋନୋମିକ୍ ପ୍ଲାନିଂ ଆଣ୍ଡ୍ ପଲିସିରେ ଫେଲ୍ ହୋଇଛନ୍ତି ବୋଲି ସୁବ୍ରମଣ୍ୟନ ଅଭିଯୋଗ କରିଥିଲେ।

# ଧ୍ୱସ୍ତ ଅର୍ଥନୀତିକୁ ସୁଧାରିବ 'ନ୍ୟାୟ' : ରାହୁଲ


**ମହୀଶୂର,୧୩।୪**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣ ଦେଶର ଅର୍ଥନୀତିକୁ ଧ୍ୱଂସ କରିଛି। କଂଗ୍ରେସ ଆଣିଥିବା 'ନ୍ୟାୟ ଯୋଜନା' ଧ୍ୱସ୍ତ ଅର୍ଥନୀତିକୁ ସୁଧାରିବାରେ ମୁଖ୍ୟ ଭୂମିକା ନେବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶନିବାର ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି। ମହୀଶୂରଠାରେ ରାହୁଲ କହିଛନ୍ତି, ନୋଟବନ୍ଦୀ ଯୋଗୁ ଅର୍ଥନୀତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଅନେକ ଶିଳ୍ପସଂସ୍ଥା ବନ୍ଦ ହୋଇଛି। ବେରୋଜଗାରୀ ବଢ଼ିଛି। ନ୍ୟାୟ ଦେଶର ଗରିବଙ୍କ ହାତକୁ ଟଙ୍କା ଯୋଗାଇଦେବ। ଟଙ୍କା ପାଇଲେ ସେମାନଙ୍କ କ୍ରୟଶକ୍ତି ବଢ଼ିବ ଏବଂ ଦେଶର ଅର୍ଥନୀତି ସୁଧୁରିବ। ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କଂଗ୍ରେସ କ୍ଷମତାକୁ ଆସିଲେ ସରକାରୀ ଚାକିରିରେ ରହିଥିବା ୨୨ ଲକ୍ଷ ଖାଲି ପଦବୀକୁ ବର୍ଷକ ମଧ୍ୟରେ ପୂରଣ କରାଯିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଥିଲେ। ଏହାବ୍ୟତୀତ ପଞ୍ଚାୟତସ୍ତରରେ ୧୦ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯିବ। ନ୍ୟାୟ ଯୋଜନାରେ ଦେଶର ୨୦ ପ୍ରତିଶତ ଅତି ଗରିବ ପରିବାରକୁ ବର୍ଷକୁ ୭୨ ହଜାର ଟଙ୍କା ଯୋଗାଇ ଦେବାକୁ ରାହୁଲ ପୂର୍ବରୁ ଘୋଷଣା କରିଥିଲେ। ଏହା ଦାରିଦ୍ର୍ୟ ଉପରେ କଂଗ୍ରେସର ସର୍ଜିକାଲ ଷ୍ଟ୍ରାଇକ୍। ମୋଦି ସରକାର ଦେଶର ଧନୀଙ୍କୁ ଟଙ୍କା ଯୋଗାଇଥିବାବେଳେ କଂଗ୍ରେସ ସବୁଠୁ ଗରିବଙ୍କୁ ଆର୍ଥିକ ସହାୟତା ଯୋଗାଇଦେବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଥିଲେ।

## ବାଲଟ ପେପର ପୁନଃପ୍ରଚଳନ ଲାଗି ଚନ୍ଦ୍ରାବାବୁଙ୍କ ଦାବି


**ଶ୍ରୀନଗର,୧୩।୪**



ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଗଣତନ୍ତ୍ରର ସୁରକ୍ଷା ଲାଗି ତୁରନ୍ତ ବାଲଟ ପେପର ପ୍ରଚଳନ ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍.ଚନ୍ଦ୍ରାବାବୁ ନାଇଡୁ ନିର୍ବାଚନ କମିଶନ (ଇସି)ଙ୍କୁ କହିଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଭିନ୍ନ ସ୍ଥାନରେ ଇଭିଏମ୍ ଅଚଳ ହେବା ପ୍ରସଙ୍ଗକୁ ନେଇ ଚନ୍ଦ୍ରାବାବୁ ଶନିବାର ସକାଳେ ନିର୍ବାଚନ କମିଶନ ଅଧିକାରୀମାନଙ୍କୁ ଭେଟିଥିଲେ। ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପରିଚାଳନାରେ ଇସିଙ୍କ ସାମ୍ବିଧାନିକ ଦାୟିତ୍ୱକୁ ନେଇ ଗୁରୁତର ସନ୍ଦେହ ସୃଷ୍ଟି ହୋଇଛି। ନିର୍ବାଚନ ପରିଚାଳନା ନିରପେକ୍ଷ ଏବଂ ଲକ୍ଷ୍ୟଭିତ୍ତିକ ହୋଇନାହିଁ। ତେଣୁ ତୁରନ୍ତ ବାଲଟ ପେପର ପ୍ରଚଳନ କରାଯାଉ ବୋଲି ଚନ୍ଦ୍ରାବାବୁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟ ପୋଲିସ ବିଭାଗର ଅନୁରୋଧ ସତ୍ତ୍ୱେ ନିର୍ବାଚନ ଲାଗି ଯଥେଷ୍ଟ ସୁରକ୍ଷା ବଳ ଯୋଗାଇ ଦିଆଯାଇ ନ ଥିଲା ବୋଲି ଚନ୍ଦ୍ରାବାବୁ ଅଭିଯୋଗ କହିଛନ୍ତି।

## ୩ ରାଜ୍ୟରେ କଂଗ୍ରେସ ସହ ମେଣ୍ଟ ପାଇଁ ଏଏପି ଦ୍ୱାର ଉନ୍ମୁକ୍ତ: ସିସୋଡିଆ

**ନୂଆଦିଲ୍ଲୀ,୧୩।୪(ପି.ଟି)**



ଦିଲ୍ଲୀ, ହରିୟାଣା ଏବଂ ଚଣ୍ଡିଗଡରେ କଂଗ୍ରେସ ସହ ନିର୍ବାଚନୀ ମେଣ୍ଟ କରିବା ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହାର ଦ୍ୱାର ଉନ୍ମୁକ୍ତ ରଖିଛି ବୋଲି ଏଏପି ନେତା ତଥା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସେ କହିଲେ, ନରେନ୍ଦ୍ର ମୋଦି ଏବଂ ଅମିତ ଶାହ ଦେଶ ପାଇଁ ବିପଜ୍ଜନକ ମନେ ହେଉଥିବାରୁ ସେମାନଙ୍କୁ ଦୂରେଇ ରଖିବା ଉପରେ ଗୁରୁତ୍ୱ ଦିଆଯିବ। ଭାଜପା ବିରୋଧରେ ଏକତ୍ରିତ ବିରୋଧୀ ମେଣ୍ଟ ଗଠନ କରିବା ଲକ୍ଷ୍ୟ ରହିଥିବାରୁ ସବୁ ମତପାର୍ଥକ୍ୟକୁ ଭୁଲିଯିବାକୁ ଚାହୁଁ। କାରଣ ମୋଦି-ଶାହ 'ବିପଜ୍ଜନକ' ଦ୍ୱୟଙ୍କୁ ଦେଶର ଶାସନ କ୍ଷମତାଠାରୁ ଦୂରେଇ ରଖିବାକୁ ହେବ।

ଗତ ସପ୍ତାହରେ ଏଏପି ଓ କଂଗ୍ରେସ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀ, ଗୋଆ, ଚଣ୍ଡିଗଡ, ହରିୟାଣା ଏବଂ ପଞ୍ଜାବରେ ୩୩ଟି ଆସନରେ ମେଣ୍ଟ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ମେଣ୍ଟ ଦ୍ୱାରା ଭାଜପା ନେତୃତ୍ୱାଧୀନ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ)କୁ କ୍ଷତି ପହଞ୍ଚା ଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

## ଅନ୍ୟାୟ କରିଥିବା କଂଗ୍ରେସ ମାନିଛି: ମୋଦି

**ଥେନି(ତାମିଲନାଡୁ),୧୩।୪(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସର ନ୍ୟାୟ ଯୋଜନାକୁ ସମାଲୋଚନା କରିଛନ୍ତି। 'ଏବେ ହେବ ନ୍ୟାୟ' ସ୍ଲୋଗାନ ଦେଇ କଂଗ୍ରେସ ଦୀର୍ଘ ୬୦ ବର୍ଷ ଧରି କରିଆସିଥିବା ଅନ୍ୟାୟକୁ ମାନିନେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଥମେ ସେମାନେ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ପୀଡିତ, ଭୋପାଳ ଗ୍ୟାସ ଦୁର୍ଗତଙ୍କୁ ନ୍ୟାୟ ଦିଅନ୍ତୁ। କଂଗ୍ରେସ ଶାସନରେ ଆତଙ୍କବାଦୀ ଆକ୍ରମଣ ସାରା ଦେଶକୁ ଦୋହଲାଇ ଦେଇଥିବାବେଳେ ଏନ୍‌ଡିଏର ନୀତି ଏହାକୁ ଅଟକାଇବାରେ ସକ୍ଷମ ହୋଇଛି ବୋଲି ତାମିଲନାଡୁର ରାମନାଥପୁରମଠାରେ ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଯେଉଁମାନେ ଦେଶକୁ ସୁରକ୍ଷା ଦେଇପାରନ୍ତିନି ସେମାନେ କେବେ ବିକାଶ କରିପାରିବେନି। ଏବେ ସମୟ ବଦଳିଛି, ଜଣେ ବି ଆତଙ୍କବାଦୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୋଦି କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ ବୋଲି କଲି ବାଲିଗରଡ଼ା,**
**ବନ୍ଧୁ ବୋଲି କଲି ଶାମ ପରିଡ଼ା ।**

ବାଲିଗରଡ଼ା କୌଣସି ମୂଲ୍ୟବାନ ଧାତୁ କି ପଥରରେ ଗଣା ହୋଇ ନ ଥାଏ। ଏହାର ମୂଲ୍ୟ ସାମାନ୍ୟ ମାଟିଠାରୁ ମଧ୍ୟ କମ୍ ହୋଇଥାଏ। ସେହିପରି ଯିଏ ବନ୍ଧୁତ୍ୱ କ'ଣ ଜାଣି ନ ଥାଏ, ତା'ଠାରୁ ବନ୍ଧୁପଣିଆ ଆଶା କରିବା ବୃଥା ହୋଇଥାଏ। ଭଲକୁ ଆଶା କରି ଭେଲ ପାଇଲେ ବ୍ୟକ୍ତି ହତୋତ୍ସାହିତ ହୋଇଯାଏ। ଏପରି ସ୍ଥଳେ କେବଳ ମନସ୍ତାପ କରିବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଧନ୍ୟ ତା ପିତାମାତା,**
**ଧନ୍ୟ ତା ଜନ୍ମଦାତା ।**

ଏହା ଉଭୟ ଭଲ ଓ ଖରାପ ଅର୍ଥରେ ସୂଚିତ କରାଯାଇଛି। ସନ୍ତାନ ଭଲ କାମ କଲେ ପିତାମାତାଙ୍କୁ ପ୍ରଶଂସା ମିଳିଥାଏ। ଏପରି ଗୁଣବନ୍ତ ପିଲାକୁ ଜନ୍ମ ଦେଇଥିବା କାରଣରୁ ପିତାମାତାଙ୍କୁ ଧନ୍ୟ ମନେ କରାଯାଇଥାଏ। ପରନ୍ତୁ ସନ୍ତାନ ଯଦି କୌଣସି ନାଁ ପକା କାମ କରେ ବା ଖରାପ କାମ କରେ, ତା'ହେଲେ ସେହି ଅନୁସାରେ ପିତାମାତାଙ୍କୁ ବିନା ଦୋଷରେ ନିନ୍ଦିତ ହେବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ମୋଦିଙ୍କ ଭଳି ଦେଖାଯାଉଥିବା ପ୍ରାର୍ଥୀ ଲଢୁଛନ୍ତି ନିର୍ବାଚନ

## 'ୱାନ୍ ଭୋଟ୍, ୱାନ୍ ନୋଟ୍' ସ୍ଲୋଗାନ ପାଇଁ ନୋଟିସ ଜାରି

**ଲକ୍ଷ୍ନୌ,୧୩।୪(ପି.ଟି)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଦେଖାଯାଉଥିବା ଜଣେ ବ୍ୟକ୍ତି ଲୋକ ସଭା ନିର୍ବାଚନନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ 'ୱାନ୍ ଭୋଟ, ୱାନ୍ ନୋଟ' ସ୍ଲୋଗାନ ପାଇଁ ଚର୍ଚ୍ଚାରେ ଅଛନ୍ତି। ଉକ୍ତ ସ୍ଲୋଗାନ ଦ୍ୱାରା ସେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଦର୍ଶାଇ ତାଙ୍କୁ ନୋଟିସ ଜାରି କରାଯାଇଛି। ଏହି ଚର୍ଚ୍ଚିତ ବ୍ୟକ୍ତି ହେଉଛନ୍ତି ଅଭିନନ୍ଦନ ପାଠକ। ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲକ୍ଷ୍ନୌ ଲୋକ ସଭା ଆସନରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବାରାଣସୀ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅଭିନନ୍ଦନ ପ୍ରାର୍ଥିପତ୍ର ଦାଖଲ କରିବା ପରେ ଗଣମାଧ୍ୟମକୁ କହିଥିଲେ, ତାଙ୍କର ସ୍ଲୋଗାନ ହେଉଛି-'ୱାନ୍ ଭୋଟ୍, ୱାନ୍ ନୋଟ୍'। ଏଥିପାଇଁ ଶୁକ୍ରବାର ସଂଧ୍ୟାରେ ଜିଲା ମାଜିଷ୍ଟ୍ରେଟ୍ କୌଶଲରାଜ ଶର୍ମା ପାଠକଙ୍କ ପାଖକୁ ଏକ ନୋଟିସ ଜାରି କରିଛନ୍ତି। ଭୋଟରଙ୍କୁ ଟଙ୍କାର ଲୋଭ ଦେଖାଇବା ଏହି ସ୍ଲୋଗାନର ଉଦ୍ଦେଶ୍ୟ ଥିବାରୁ ଏହା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି ବୋଲି ମାଜିଷ୍ଟ୍ରେଟ୍ ଦର୍ଶାଇଛନ୍ତି।

ମୋଦିଙ୍କ ମୁହଁର ସାଦୃଶ୍ୟ ବହନ କରୁଥିବା ପାଠକଙ୍କ ପୋଷାକ ଏବଂ ଭାଷଣ ଦେବାର ଶୈଳୀ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଭଳି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Every Day)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

FINANCE

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

See Color Display Classified on every Tuesday & Friday

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

HEALTH CARE

Feel Alive
Centre for Holistic Mental Health Care
Plot No- 1244, Sarala Nagar, Near VITS Hotel, Jharpada, Bhubaneswar
Services:- Intelligence and Personality Assessment, Counselling, Psychological Therapies for Mental Illness
Clinic Open:- Tuesday, Wednesday, Friday, Sunday (Only with prior appointment)
Ph-9658822477
7008410379
(Clinical Psychologist)

BUSINESS

Just Chill Out at Hot Summer



(All India National Permit)
13,17,26 Seater AC TOURIST TRAVELER
Especially for PICNIC, MARRIAGE PKG./FAMILY TOURS
Introductory 25% Discount Offer till 15th October

| Traveller (Seater) | >200Km Long Tour @ | Day Basis, 10hrs/day Day Rental Chg. | Fuel Chg. |
|---|---|---|---|
| 13 / 17 | 18/-per Km. | 1800/- Ext.Hr.@180/- Ext.Km.@18/- | 7 km/liter D. |
| 26 | 25/-per Km. | 2500/- Ext.Hr.@250/- Ext.Km.@25/- | 6 km/liter D. |
| INNOVA/ MARAZZO | 11/-per Km. | 1300/- Ext.Hr.@130/- Ext.Km.@11/- | 10km/liter D. |
| S.DZIRE/ H. EON | 10/-per Km. | 1000/- Ext.Hr.@100/- Ext.Km.@10/- | 14km/liter D. |

With honest 100% correct GPS billing & genuine service
Unit of Annapurna Ventures Pvt. Ltd. GST 5% applicable
Explore ODISHA
N5/525, IRC Village, BBSR www.exploreodishatours.com
Tours, Travels, Package Tours
7008652192, 9777968477

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

■ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

### ୩୯୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୯୫ ଲକ୍ଷ ଭୋଟର

**ଭୁବନେଶ୍ୱର,୧୩।୪(ବ୍ୟୁରୋ):** ଆସନ୍ତା ୨୯ ତାରିଖରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ୬ଟି ଲୋକ ସଭା ଆସନ ଯଥା- ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ସହ ଏହା ଅଧୀନ ୪୨ଟି ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଚତୁର୍ଥ ପର୍ଯ୍ୟାୟ ୬ଟି ଲୋକ ସଭା ନିର୍ବାଚନମଣ୍ଡଳୀରେ ୫୨ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ବିଧାନସଭା ନିର୍ବାଚନ ପାଇଁ ୩୪୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେମାନଙ୍କ ମଧ୍ୟରେ ୩୧୧ ପୁରୁଷ ଥିବାବେଳେ ୩୪ ଜଣ ମହିଳା ଏବଂ ଜଣେ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୧୦, ୭୯୨ ବୁଥ୍‌ରେ ୪୯,୦୮,୫୭୫ ପୁରୁଷ ଭୋଟର, ୪୬,୦୫,୬୯୪ ଜଣ ମହିଳା ଏବଂ ୬୧୫ ଜଣ ତୃତୀୟ ଲିଙ୍ଗ ଭୋଟରଙ୍କୁ ମିଶାଇ ମୋଟ ୯୫ ଲକ୍ଷ ୧୪ ହଜାର ୮୮୩ ଜଣ ଭୋଟର ମତଦାନ କରିବେ।

■ ନିର୍ବାଚନ ଚଢ଼ାଉ

### ୨.୯୩ କୋଟି ଟଙ୍କା ଜବତ

**ଭୁବନେଶ୍ୱର,୧୩।୪(ବ୍ୟୁରୋ):** ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ସହ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ରାଜ୍ୟରେ ଫ୍ଲାଇଂ ସ୍କ୍ୱାଡ୍ ଏବଂ ପୋଲିସ ଦ୍ୱାରା ଏ ପର୍ଯ୍ୟନ୍ତ ୨ କାଟି ୯୩ ଲକ୍ଷ ୧୯ ହଜାର ୭୫୦ଟଙ୍କା ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୧୩୨୨୮ଟି ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଥିବାବେଳେ ୫୪,୨୦୪ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସପ୍ରାପ୍ତ ୫୧୬୫ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୨୨୮ଟି ଅସ୍ତ୍ରଶସ୍ତ୍ର ଏବଂ ୧୪୩୩.୦୩୨କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ ଫଳରେ ୧୨୬୪୨୦.୫୫୫ଲିଟର ମଦ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୩ କୋଟି ୫୦ ଲକ୍ଷ ୮ହଜାର ୯୨୨ ଟଙ୍କା ହେବ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୩୦ ଲକ୍ଷ ୪୩ହଜାର ୫୭୩ ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନଗୁଡିକରେ ବେଆଇନ ଭାବେ ଲାଗିଥିବା ୨ ଲକ୍ଷ ୬୧ ହଜାର ୮୭୬ ଟି ହୋର୍ଡିଂ ଓ ପୋଷ୍ଟରକୁ ମଧ କାଢି ଦିଆଯାଇଛି। ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷକୁ ଏବେ ସୁଦ୍ଧା ୮୦୬ଟି ଅଭିଯୋଗ ଆସିଛି। ଭୋଟର ହେଲ୍‌ପଲାଇନକୁ ଏବେ ସୁଦ୍ଧା ୧୪୯୦୨ଟି କଲ୍ ମିଳିଛି।

■ ଫେମିନା ମିସ୍ ଇଣ୍ଡିଆ ଭୁବନେଶ୍ୱର ଅଡିଶନ

# ଶ୍ରେଷ୍ଠ ୩ରେ ତମନ୍ନା, ଶୀତଲ, ଅରୂପା



(ବାମରୁ) ଶୀତଲ୍ ସାହୁ, ଅରୂପା ରଥ ଓ ତମନ୍ନା ବ୍ୟାସ।



ବିଚାରକ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା ୨୦୧୮ ଟାଇଟଲ ବିଜେତା ଶ୍ରୁତିକ୍ଷା ନାୟକ ଏବଂ ଫ୍ୟାଶନ ଡିଜାଇନର ରିମ୍‌ଲି ମହାନ୍ତି।

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

ଦେଶର ଲୋକପ୍ରିୟ ବିଉଟି କଣ୍ଟେଷ୍ଟ ଏଫ୍‌ବିବି ଫେମିନା ମିସ୍ ଇଣ୍ଡିଆର ଭୁବନେଶ୍ୱର ଅଡିଶନ ଶନିବାର ଏସ୍‌ପ୍ଲାନେଡ୍ ମଲ୍‌ସ୍ଥିତ ବିଗ୍‌ବଜାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଓଡିଶାରୁ ଶ୍ରେଷ୍ଠ ୩ ପ୍ରତିଯୋଗୀଭାବେ ତମନ୍ନା ବ୍ୟାସ, ଶୀତଲ ସାହୁ ଏବଂ ଅରୂପା ରଥ ମନୋନୀତ ହୋଇଛନ୍ତି। ଏପ୍ରିଲ ୨୩ରେ କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ଇଷ୍ଟଜୋନାଲ କ୍ରାଉନିଂ ପ୍ରତିଯୋଗିତାରେ ଏମାନେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ୩ ସୁନ୍ଦରୀ ଓଡିଶାକୁ ଗୌରାବାନ୍ୱିତ କରିବା ସହ ଚଳିତବର୍ଷ ମିସ୍ ଇଣ୍ଡିଆ ଟାଇଟଲ୍‌ର ବିଜୟିନୀ ହେବାକୁ ଆଶାବାଦୀ ଥିବା କହିଛନ୍ତି।

ଚଳିତବର୍ଷ ଏଫ୍‌ବିବି କଲର୍ସ ଫେମିନା ମିସ୍ ଇଣ୍ଡିଆ ୨୦୧୮ ପ୍ରତିଯୋଗିତାର ଭୁବନେଶ୍ୱର ଅଡିଶନ୍‌ରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନରୁ ଆରମ୍ଭ ହୋଇଥିବା ଅଡିଶନ୍‌ର ୪ରୁ ଊର୍ଦ୍ଧ୍ୱ ରାଉଣ୍ଡରେ ପ୍ରତିଯୋଗୀମାନେ ସେମାନଙ୍କ ସୌନ୍ଦର୍ଯ୍ୟ ସହ ପ୍ରତିଭା, ବୁଦ୍ଧିମତ୍ତା ଏବଂ ର‌୍ୟାମ୍ପ୍ ଦକ୍ଷତାକୁ ପ୍ରଦର୍ଶିତ କରିଥିଲେ। ଇଣ୍ଟ୍ରୋଡକ୍ସନ, ର‌୍ୟାମ୍ପ୍ ୱାକ୍, ପ୍ରଶ୍ନୋତ୍ତର ଏବଂ କକ୍‌ଟେଲ୍ ରାଉଣ୍ଡ ପରେ ଶ୍ରେଷ୍ଠ ୬ ପ୍ରତିଯୋଗୀ ଚୟନ ହୋଇ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସେମାନଙ୍କୁ ଉପସ୍ଥିତ ଦର୍ଶକ ଏବଂ ବିଚାରକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାକୁ ପଡିଥିଲା। ସେହିଭଳି ପ୍ରତିଯୋଗୀମାନେ ର‌୍ୟାମ୍ପ୍‌ରେ ବିଭିନ୍ନ ଶୈଳୀରେ ଚାଲି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଫ୍ୟାଶନ ଡିଜାଇନର ରିମ୍‌ଲି ମହାନ୍ତି ଏବଂ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା ୨୦୧୮ ଟାଇଟଲ ବିଜେତା ଶ୍ରୁତିକ୍ଷା ନାୟକ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ବିଜେବି କଲେଜରେ ଜର୍ନାଲିଜିମ୍ ପଢିବା ସହ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରୁଥିବା ତମନ୍ନା, ବମ୍ବେରେ ସଫ୍ଟୱେର୍ ଇଞ୍ଜିନିୟରଭାବେ କାର୍ଯ୍ୟରତ ଶୀତଲ ଏବଂ କିଟ୍‌ରୁ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ଏଚ୍‌ଆର୍ ଭାବେ କାର୍ଯ୍ୟରତ ଅରୂପା ଏଥର ଗୋଲ୍ଡେନ୍ ଟିକେଟ ହାସଲ କରି ଜାତୀୟସ୍ତରରେ ଓଡିଶାରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି।

**ଜାତୀୟସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ**

ଚଳିତବର୍ଷ ମିସ୍ ଇଣ୍ଡିଆର ୫୬ତମ ସଂସ୍କରଣ ଅନୁଷ୍ଠିତ ହେଉଥିବାବେଳେ ଦେଶର ସମସ୍ତ ରାଜ୍ୟରେ ଅଡିଶନ କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯିବ। ପ୍ରତ୍ୟେକ ରାଜ୍ୟରୁ ୩ଜଣ ଲେଖାଏ ପ୍ରତିଯୋଗୀ ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେଠାରେ ରାଜ୍ୟ ସୁନ୍ଦରୀ ଟାଇଟଲ୍ ହାସଲ କରିବେ। ଓଡିଶାରୁ ୩ଜଣ ପ୍ରତିଯୋଗୀ ଇଷ୍ଟ ଜୋନାଲ କ୍ରାଉନିଂ ସେରିମନିରେ ଭାଗନେବାପରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ 'ମିସ୍ ଇଣ୍ଡିଆ ଓଡିଶା ୨୦୧୯' ଟାଇଟଲ୍ ପ୍ରଦାନ କରାଯିବ। ଭଲ ପ୍ରଦର୍ଶନ କଲେ ପରବର୍ତ୍ତୀ ପର୍ଯ୍ୟାୟକୁ ମନୋନୀତ ହେବାସହ ଜୁନ୍ ୧୫ରେ ମୁମ୍ବାଇରେ ହେବାକୁ ଥିବା ଗ୍ରାଣ୍ଡ୍ ଫିନାଲେରେ ମିସ୍ ଇଣ୍ଡିଆ ଟାଇଟଲ୍ ଜିତିବାର ଗୌରବ ମଧ ଅର୍ଜନ କରିପାରିବେ।

# ମହିଳାଙ୍କ କ୍ରୋଧର ନିଆଁରେ ଧ୍ୱଂସ ହେବ ବିଜେଡି ସରକାର

**ଜଟଣୀ ବଳାତ୍କାର, ହତ୍ୟା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ସମାଲୋଚନା**

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

ଖୋର୍ଦ୍ଧା ଜିଲା ଜଟଣୀରେ ଘଟିଥିବା ଶିଶୁକନ୍ୟା ବଳାତ୍କାର ଓ ହତ୍ୟା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଓଡ଼ିଶାର ମା' ଭଉଣୀଙ୍କ ଇଜ୍ଜତ ଉପରେ ଯିଏ ହାତ ପକେଇବ, ସେ ସେମାନଙ୍କ କ୍ରୋଧର ନିଆଁରେ ଜଳି ପୋଡ଼ି ପାଉଁଶ ହୋଇଯିବ। ତୃତୀୟ ମହଲାର ଅନୁମତି ବିନା ରାଜ୍ୟର ୫୦୦ ଥାନାରେ ସୋରିଷ ଫୁଟେ ନାହିଁ। ଗତ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ରହୁଥିବା ରାଜଧାନୀର ନାକତଳ ଅଞ୍ଚଳ ଜଟଣୀରେ ଜଣେ ନିରୀହ ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଶିଶୁକନ୍ୟାଙ୍କ ବାପା ଅଭିଯୋଗ କରିବାକୁ ଥାନାକୁ ଯିବା ପରେ ପୋଲିସ୍ ଏଫ୍‌ଆଇଆର ରଖିଲା ନାହିଁ। ଶାସକ ଦଳ କର୍ମୀ ଥାନା ଭିତରେ ମୃତା ଶିଶୁକନ୍ୟାଙ୍କ ବାପାକୁ ବାଡ଼େଇଲେ। କାହା ଚକ୍ରାନ୍ତରେ ଦୀର୍ଘ ସମୟ ଧରି ଜଟଣୀ ଥାନା ଅଧିକାରୀ ଏଫ୍‌ଆଇଆର ଗ୍ରହଣ କଲେ ନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ସେହିପରି ପିପିଲି ଗଣବଳାତ୍କାର ଓ ହତ୍ୟାକାଣ୍ଡର ଦୋଷୀମାନେ ମୁକୁଳିବା ପରେ ସେ ସମୟର ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ମନ୍ତବ୍ୟ ମଧ ଲଜ୍ଜାଜନକ ଥିଲା। ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିଲା, ହେଲେ ଚଳିତ ନିର୍ବାଚନରେ ପୁନର୍ବାର ପ୍ରାର୍ଥୀ କରାଯାଇଛି। ଓଡ଼ିଶାକୁ ସାରା ବିଶ୍ୱରେ ନିନ୍ଦିତ କରିଥିବା ଜଣେ ବ୍ୟକ୍ତିଙ୍କୁ ଭୁବନେଶ୍ୱରରେ ପ୍ରାର୍ଥୀ କରାଯାଇଛି। ମୟୂରଭଞ୍ଜର ଜଣେ ମହିଳାଙ୍କ ବାରମ୍ବାର ଅଭିଯୋଗ ପରେ ଜଣେ ନିନ୍ଦିତ ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏହା କ'ଣ ମହିଳା ସଶକ୍ତୀକରଣର ନମୁନା ବୋଲି ଧର୍ମେନ୍ଦ୍ର ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ, ନିଜର ଭୋଟ୍ ସର୍ବସ୍ୱ ରାଜନୀତିକୁ ରକ୍ଷା କରିବା ପାଇଁ ନବୀନ ବାବୁ ମା' ଭଉଣୀଙ୍କ ଉପରେ ଅତ୍ୟାଚାର କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଶାସନ ବୋଝରେ ସ୍ୱାଭିମାନୀ ଓଡ଼ିଆମାନେ ଦାରିଦ୍ର୍ୟ ବୋଝ ତଳେ ରହିଗଲେଣି। ମୁଖ୍ୟମନ୍ତ୍ରୀଙ୍କ ଦିନକାଳ ସରିଆସିଲାଣି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ୪୩ ଡିଗ୍ରୀ ଟପିଲା ପାରଦ

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

ରାଜ୍ୟରେ ତାତି ଅସହ୍ୟ ହେଲାଣି। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ଗତ ଦୁଇ ଦିନରେ ପାରଦ ୪ ଡିଗ୍ରୀ ସେଲସିୟସ ବଢି ଗଲାଣି। ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଉପରକୁ ଟପିଲାଣି। ଏଥିସହିତ ରାଜ୍ୟର ୯ଟି ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ତାଳଚେରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୩.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉତ୍ତର ପଶ୍ଚିମ ଦିଗରୁ ବାୟୁ ପ୍ରବାହ ଯୋଗୁ ତାତି ଆହୁରି ବଢିବ। ପାରଦ ୪୫ ଡିଗ୍ରୀ ଯାଏ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ୧୮ ତାରିଖରୁ ତାତିର ପ୍ରକୋପ ହ୍ରାସ ପାଇବ। ବାୟୁ ପ୍ରବାହର ଦିଗ ପରିବର୍ତ୍ତନ ହେବା ସହ ବଙ୍ଗୋପ ସାଗରରୁ ଜଳୀୟ ବାଷ୍ପ ଓଡିଶାକୁ ପ୍ରବେଶ କରିବ। ଏହାଛଡା ଓଡିଶା ଉପରେ ଏକ ଟ୍ରଫ ଲାଇନ ସୃଷ୍ଟି ହେବ। ଏହାର ପ୍ରଭାବରେ ୧୮ରୁ ୨୦ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ଭାଗରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ଉପକୂଳରେ ତାତି ୩୫ ଡିଗ୍ରୀକୁ ଖସି ଆସିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାୟଗଡା, କୋରାପୁଟ, ଗଜପତି, କନ୍ଧମାଳ, ଝାରସୁଗୁଡା, ଦେବଗଡ, ସୋନପୁର, ଜଗତସିଂହପୁର, ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି।

**୧୦ ଜିଲାରେ ଝଡ଼ ବର୍ଷା ସମ୍ଭାବନା**

# ରଥକାଠ ଚିରଟ ଅନୁକୂଳ


ରଥକାଠ ଚିରଟ ଅନୁକୂଳ ପାଇଁ ପୂଜାର୍ଚ୍ଚନା ଚାଲିଛି।

**ପୁରୀ ଅଫିସ,୧୩।୪**

ଆସନ୍ତା ଜୁଲାଇ ୪ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଅକ୍ଷୟ ତୃତୀୟାରୁ ତିନିରଥ ନିର୍ମାଣ ଆରମ୍ଭ ହେବାକୁ ଥିବାବେଳେ ଶନିବାର ରଥକାଠ ଚିରଟ ଅନୁକୂଳ ହୋଇଛି। କଟକ ଖପୁରିଆ କରତ କଳରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ରଥକାଠ ଚିରଟ ଆରମ୍ଭ କରାଯାଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁଦିନ ରଥର କ'ଣ ନିର୍ମାଣ କରାଯିବ ତାହା ଏହି ବିଧି ମୁତାବକ କରାଯାଇଥାଏ। ଶ୍ରୀରାମ ନବମୀରେ ତିନିରଥ ନିର୍ମାଣ ଲାଗି କାଠ ଚିରଟ ଅନୁକୂଳ ହେବାର ପରମ୍ପରା ରହିଛି। ସେଥିଲାଗି ସକାଳେ ଶ୍ରୀମନ୍ଦିର ପ୍ରଶାସନର ୬ଜଣିଆ ଟିମ୍ କଟକ ଗସ୍ତ କରିଥିଲେ। ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ସାଥିରେ ମହାପ୍ରଭୁଙ୍କ ଲାଗି ମାଳ, ମହାର୍ଦ୍ଦ, ଧୂପ, ଦୀପ, ପତନୀ, ନଡ଼ିଆ ନେଇଥିଲେ। ଖପୁରିଆସ୍ଥିତ କରତ କଳରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ପୂଜାର୍ଚ୍ଚନା। ଏହାପରେ କାଠ ଚିରଟ ଅନୁକୂଳ ହୋଇଥିଲା। ଏହି ଟିମ୍‌ରେ ଓଆଇସି (ନୀତି) ରବୀନ୍ଦ୍ରନାଥ ଦାଶ, ସ୍ୱତନ୍ତ୍ର ପଦାଧିକାରୀ ସରୋଜ କୁମାର ରାୟ, ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ସାମିଲ ଥିଲେ ।

ଓଡ଼ିଶା ଆସିବେ ଭାଜପା ଷ୍ଟାର ପ୍ରଚାରକ

# ୧୪ରେ ମନୋଜ, ୧୫ରେ ଯୋଗୀ

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

ନିର୍ବାଚନ ଯେତେ ପାଖେଇ ଆସୁଛି ରାଜ୍ୟରେ ପ୍ରଚାର ସେତିକି ସରଗରମ ହେଉଛି। ପ୍ରଚାର କ୍ଷେତ୍ରରେ ବିଜେଡି ଓ ଭାଜପା ଆଗରେ ରହିଛନ୍ତି। ବିଜେଡି ନିଜର ଷ୍ଟାର ପ୍ରଚାରକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଓଡିଆ ସିନେତାରକାଙ୍କୁ ନେଇ ପ୍ରଚାର ଚଳାଇଥିବାବେଳେ ଭାଜପା ଜାତୀୟ ସ୍ତରର ନେତା ଓ ଅଭିନେତାଙ୍କୁ ଆଣି ପ୍ରଚାର କରୁଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆସନ୍ତା ୧୫ ତାରିଖରେ ନିର୍ବାଚନ ପ୍ରଚାର ପାଇଁ ଓଡିଶା ଗସ୍ତରେ ଆସୁଛନ୍ତି। ସେ ପୂର୍ବାହ୍ନ ୧୦ଟା ୪୫ରେ ରାଉରକେଲାଠାରେ ଓ ମଧ୍ୟାହ୍ନ ୧୨ଟା ୩୦ରେ ଅନୁଗୋଳଠାରେ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଯୋଗୀ ଅପରାହ୍ନ ୨ଟାରେ ଫୁଲବାଣୀଠାରେ ପହଞ୍ଚି ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେବେ। ସେହିପରି ୧୪ ତାରିଖରେ ଓଡିଶା ଗସ୍ତରେ ଆସୁଛନ୍ତି ଦିଲ୍ଲୀର ଭାଜପା ସଭାପତି ମନୋଜ ତିୱାରୀ। ସେ ପୂର୍ବାହ୍ନ ୧୦ଟା ୩୦ରେ ବ୍ରଜରାଜନଗରରେ ରୋଡ ଶୋ'ରେ ଯୋଗଦେବେ ।









## ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ଉପନିର୍ବାଚନ ପ୍ରତିଶ୍ରୁତି ପରଖୁଛନ୍ତି ଭୋଟର

**ପ୍ରେମାନନ୍ଦ ଖମାରି**
**ବରଗଡ଼ ଅଫିସ, ୧୩।୪**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୫ ଦିନ ବାକି। ୩ ଦିନ ପରେ ଶେଷ ହେବ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର। କିନ୍ତୁ ପ୍ରାୟ ବର୍ଷେ ତଳେ ଅନୁଷ୍ଠିତ ଉପନିର୍ବାଚନ ଭଳି ଏଥର ବରଗଡ଼ ଜିଲା ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଆଉ ସେଦିନର ରାଜନୈତିକ ତାତି ନାହିଁ। ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ମଧ୍ୟ ଫିକା ପଡ଼ିଛି। ତଥାପି ଏହି ନିର୍ବାଚନମଣ୍ଡଳୀ ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବାରୁ ସବୁଦଳ ପାଇଁ ଏହି ନିର୍ବାଚନମଣ୍ଡଳୀ ବେଶ୍ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି।

ଉପନିର୍ବାଚନର ସଫଳତା ଓ ଦଳର ପ୍ରତିଶ୍ରୁତି ମୁତାବକ ଗତ ବର୍ଷକ ମଧ୍ୟରେ ଏହି ନିର୍ବାଚନମଣ୍ଡଳୀରେ ହୋଇଥିବା ବିକାଶକୁ ବିଜେଡି ପୁଞ୍ଜି କରିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ବିଜେପୁରକୁ ନିଜ ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଭାବେ ବାଛିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ଆୟୁଧ କରି ବିଜେଡି ବିଜୟକୁ ଦୋହରାଇବାକୁ ଏଥର ବି ଆଶାବାଦୀ ଅଛି। ୨୦୦୯ ସାଧାରଣ ନିର୍ବାଚନ ତୁଳନାରେ ଭାଜପା ଗତ ଉପନିର୍ବାଚନରେ ନିଜ ଭୋଟକୁ ଦ୍ୱିଗୁଣିତ କରିବାରେ ସକ୍ଷମ ହୋଇଥିଲା। ତଥାପି ବିଜୟର ସ୍ୱାଦ ଚାଖିପାରି ନ ଥିଲା। ଏଥର ଦଳ ଶାସକ ବିରୋଧୀ ମତ ହାତେଇବାକୁ ପ୍ରୟାସ ଜାରି ରଖିଛି। ସେହି ମତକୁ ଆୟୁଧ କରି ଦଳ ବିଜୟୀ ପାଇଁ ଆଶା ବାନ୍ଧିଛି। ସେହିପରି କଂଗ୍ରେସ ମଧ୍ୟ ପଛରେ ପଡ଼ିନାହିଁ। କୃଷକ, ଶ୍ରମିକ, ମହିଳା, ବେକାର ଯୁବତୀଯୁବକଙ୍କ ପାଇଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବହୁମୁଖୀ ଘୋଷଣାକୁ ଦଳ ପ୍ରଚାରର ମାଧ୍ୟମ କରିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଆଧାର କରି ଦଳ ଲୋକଙ୍କ ପାଖକୁ ଯାଉଛି।

ଅନ୍ୟପକ୍ଷେ ଏହି ନିର୍ବାଚନମଣ୍ଡଳୀ ଅଧୀନ ବିଜେପୁର ଓ ଗାଇସିଲେଟ ଅଞ୍ଚଳ ଦୀର୍ଘଦିନ ହେବ ଅଣଜଳସେଚିତ ଅବସ୍ଥାରେ ରହିଛି। ବରପାଲିର ମଧ୍ୟ କେତେକାଞ୍ଚଳକୁ ହୀରାକୁଦ ପାଣି ପହଞ୍ଚୁ ନ ଥିବା ଅଭିଯୋଗ ସାମ୍ନାକୁ ଆସିଛି। ଗତ ଉପନିର୍ବାଚନ ଭଳି ଏଥର ମଧ୍ୟ ଏଠାରେ ଜଳସେଚନ ହିଁ ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି। ଗଙ୍ଗାଧର ମେହେର ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଭଳି ଉପନିର୍ବାଚନର ଅନେକ ପ୍ରତିଶ୍ରୁତି ଏବେ କେବଳ ପ୍ରତିଶ୍ରୁତିରେ ରହିଛି। ବିରୋଧୀ କଂଗ୍ରେସ, ଭାଜପା ଏହି କଥାକୁ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ବିଜେଡି ଏହାକୁ କିଭଳି ସାମ୍ନା କରିବ ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ବିଜେଡି ବିଧାୟିକା ରୀତା ସାହୁ କହିଛନ୍ତି, ବିଜେପୁର ଉପନିର୍ବାଚନ ପରେ ସବୁ ଅଞ୍ଚଳରେ ବହୁବିଧ ବିକାଶ ହୋଇଛି। ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନମଣ୍ଡଳୀରେ ଏଥର ପ୍ରାର୍ଥୀ ହୋଇଛନ୍ତି। ଆଗକୁ ଏହି ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ହେବ। କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠ୍ କୁହନ୍ତି, ବିକାଶ କିଭଳି ବାଟବଣା ହୋଇଛି, ଲୋକେ ଭଲ ଭାବେ ଅବଗତ ଅଛନ୍ତି। ସରକାରଙ୍କ ବିଫଳତାକୁ ନେଇ ମୁଁ ଭୋଟରଙ୍କ ପାଖକୁ ଯାଉଛି। ଜନସାଧାରଣଙ୍କ ମୋ ପ୍ରତି ପୂର୍ବଭଳି ସମର୍ଥନ ରହିଛି। ଭାଜପା ପ୍ରାର୍ଥୀ ସନତ୍ କୁମାର ଗଡ଼ତିଆଙ୍କ ମତରେ ଏ ଅଞ୍ଚଳର ପ୍ରମୁଖ ଜୀବିକା କୃଷି। ଏଠାରେ ଜଳସେଚନର ବ୍ୟବସ୍ଥା ନାହିଁ। ୩୩ ପ୍ରତିଶତ ଜମିକୁ ଜଳସେଚନ ବ୍ୟବସ୍ଥା କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପାଣିର ଗାର ପାଲଟିଛି। ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ କାମ ଆଦୌ ଆଗେଇ ନାହିଁ। ଡାକ୍ତରଖାନାରେ ଡାକ୍ତର ନ ଥିବାବେଳେ ଶିକ୍ଷାନୁଷ୍ଠାନରେ ଆଉ ଗୁଣାତ୍ମକ ଶିକ୍ଷା ନାହିଁ। ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ି ଚାଲିଛି।

ଭୋଟରମାନେ ଏହାର ଜବାବ ଦେବେ। ବହୁଜନ ସମାଜ ପାର୍ଟି(ବିଏସ୍‌ପି) ପ୍ରାର୍ଥୀ ଅଶୋକ କଲେତ୍ କହିଛନ୍ତି, ଅନୁସୂଚିତ ଜାତି, ଜନଜାତି ତଥା ପଛୁଆ ଓ ଗରିବ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଦଳର ଯୋଜନା କେବଳ ନିର୍ବାଚନୀ ଇସ୍ତାହାରରେ ସୀମିତ ରହୁଛି। ବିଏସ୍‌ପିକୁ ଶାସନର ସୁଯୋଗ ଦେଲେ ସବୁବର୍ଗର ଆର୍ଥିକ ମେରୁଦଣ୍ଡ ସ୍ୱଚ୍ଛଳ ହେବ। ଏଥର ଭୋଟରମାନେ ବିଏସ୍‌ପିକୁ ସେହି ସୁଯୋଗ ଦେବେ ବୋଲି ଆଶା ରଖିଛି।

ତେବେ ରାଜନୈତିକ ନେତାମାନଙ୍କ ମତାମତଠାରୁ ଭୋଟରମାନଙ୍କ ପ୍ରତିକ୍ରିୟା ଭିନ୍ନ। ନିର୍ବାଚନମଣ୍ଡଳୀର ଜଣେ ବରିଷ୍ଠ ନାଗରିକ ଅନିରୁଦ୍ଧ ସାହୁ କୁହନ୍ତି, ବିଭିନ୍ନ ରାଜନୈତିକ ଦଳ ନାନା ପ୍ରତିଶ୍ରୁତି ଦେଉଛନ୍ତି। ଭୋଟ ସରିଗଲା ପରେ ତାହା କାର୍ଯ୍ୟକାରୀ ହେଉନାହିଁ। ଯେଉଁଦଳ ଭଲ କାମ କରିବ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରୁଥିବା ପ୍ରାର୍ଥୀଙ୍କୁ ବିଜୟୀ କରିବା ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ୍। ଲାଉମୁଣ୍ଡା ବାସିନ୍ଦା ଅରବିନ୍ଦ ଜୁଏଡ଼ କହିଛନ୍ତି, ଉପନିର୍ବାଚନର ପ୍ରତିଶ୍ରୁତି ପାଳନ କରିବାରେ ସରକାର ବିଫଳ ହୋଇଛନ୍ତି। ସମସ୍ୟା ଯେଉଁ ତିମିରେକୁ ସେହି ତିମିରେ ରହିଛି। ତେବେ ସ୍ୱଚ୍ଛ, ନିରପେକ୍ଷ ଶାସନ ପ୍ରଦାନ କରୁଥିବା ଦଳର ପ୍ରାର୍ଥୀଙ୍କୁ ଭୋଟ୍ ଦିଆଯିବା ଦରକାର। ବରପାଲିର ଜଣେ ଭୋଟର ନିଜ ନାମ ଗୋପନ ରଖିବା ସର୍ତ୍ତରେ କୁହନ୍ତି, ଉପନିର୍ବାଚନ ଭିନ୍ନ ଥିଲା। ସାଧାରଣ ନିର୍ବାଚନ ସାରା ଦେଶର ନିର୍ବାଚନ। ଦଳ ନୁହେଁ, ବିକାଶ କ୍ଷେତ୍ର ପାଇଁ ଯିଏ ସହାୟକ ହେବ, ସେଭଳି ଜଣେ ଉତ୍ତମ ପ୍ରାର୍ଥୀଙ୍କୁ ସମସ୍ତେ ଭୋଟ ଦେବେ। ପୁରନ୍ଦର ମେହେର କୁହନ୍ତି, ବିକାଶଧାରାକୁ ଗୁରୁତ୍ୱ ଦେଉଥିବା ଦଳକୁ ମୋର ସମର୍ଥନ ରହିଛି। ସେହି ଦଳର ପ୍ରାର୍ଥୀଙ୍କୁ ମୁଁ ଭୋଟ ଦେବି।

ମୋଟ୍ ଭୋଟରଙ୍କ ସଂଖ୍ୟା
**୨,୨୫,୫୬୭**
ମହିଳା ଭୋଟର
**୧,୦୮,୨୪୮**
ପୁରୁଷ ଭୋଟର
**୧,୧୭,୩୦୫**
ଅନ୍ୟାନ୍ୟ **୧୪**

ମୋଟ୍ ଭୋଟ ଗ୍ରହଣ କେନ୍ଦ୍ର- ୨୮୫
ସମ୍ବେଦନଶୀଳ- ୬
ଅଧିକ ସମ୍ବେଦନଶୀଳ- ୫
ସାଧାରଣ- ୨୭୪

**୨୦୧୪ ସାଧାରଣ ନିର୍ବାଚନ**
କଂଗ୍ରେସ- ୫୩,୨୯୦
ବିଜେଡି- ୫୨,୮୩୨
ଭାଜପା- ୩୦,୦୦୧

**୨୦୧୮ ଉପନିର୍ବାଚନ ଫଳାଫଳ**
ବିଜେଡି- ୧,୦୨,୮୭୧
ଭାଜପା- ୬୦,୯୩୮
କଂଗ୍ରେସ- ୧୦,୨୭୪


ରିପୁନାଥ ସେଠ


ସନତ୍ କୁମାର ଗଡ଼ତିଆ


ନବୀନ ପଟ୍ଟନାୟକ


ଅଶୋକ କଲେତ୍

## ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ରୋଡ୍ ଶୋ

# ବିଜେଡି ପୁଣି କ୍ଷମତାକୁ ଫେରିବ

**ଧରାକୋଟ/ଆସିକା/ପୋଲସରା/ସୋରଡା/ଭଞ୍ଜନଗର, ୧୩।୪(ଡି.ଏନ୍.ଏ.)**

ଓଡ଼ିଶାର ୪ କୋଟି ଜନସାଧାରଣ ମୋ ପରିବାର। ସେମାନଙ୍କ ଆଶୀର୍ବାଦରୁ ପୁଣିଥରେ ବିଜେଡି ରାଜ୍ୟରେ କ୍ଷମତାକୁ ଫେରିବ। କାଳିଆ ଯୋଜନାକୁ କେହି ରୋକିପାରିବେ ନାହିଁ ବୋଲି ଶନିବାର ଗଞ୍ଜାମ ଜିଲା ଧରାକୋଟ ବ୍ଲକ ରଥପଦାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ସେହିପରି ଆସିକା ଏନ୍‌ଏସି କଳିଙ୍ଗା ରୋଡ ମହୋତ୍ସବ ପଡିଆରେ ଅନୁଷ୍ଠିତ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ମୁଁ ଆପଣଙ୍କ ଗାଁକୁ ଆସିଛି, ଆପଣମାନେ ଏତେ ଖରାରେ ସଭାକୁ ଆସିଛନ୍ତି, ସେଥିଲାଗି ଆପଣଙ୍କୁ ଧନ୍ୟବାଦ ଦେଉଛି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ, ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି କହି ଭାଷଣ ସାରିଥିଲେ। ସେହିପରି ପୋଲସରାସ୍ଥିତ ଲୁଣିଘାଟି ପଡିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମହିଳା ଓ କୃଷକମାନଙ୍କର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ କହିବା ସହ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ଓ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେବା ପାଇଁ କହିଥିଲେ। ଧରାକୋଟସ୍ଥିତ ମିନି ଷ୍ଟାଡିୟମ ପଡିଆରେ ପୂର୍ବାହ୍ନ ସାଢେ ୧୧ଟାରେ ହେଲିକପ୍ଟରର ଅବତରଣ କରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ରଥପଦାସ୍ଥିତ ସଭାସ୍ଥଳକୁ ଅଣାଯାଇଥିଲା। ସେଠାରେ ଆସିକା ଲୋକସଭା ପ୍ରାର୍ଥିନୀ ପ୍ରମିଳା ବିଶୋଇ ଏବଂ ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥିନୀ ନନ୍ଦିନୀ ଦେବୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଡ. ପ୍ରଦୀପ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିବାବେଳେ ଉପସଭାପତି ଉମାଚରଣ ନାୟକ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ଓ ବିଧାୟିକା ପ୍ରାର୍ଥିନୀ ନନ୍ଦିନୀ ଦେବୀ ନିଜ ପାଇଁ ଭୋଟଭିକ୍ଷା କରିଥିଲେ। ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ସିଂ, ବିଡିଏ ଅଧକ୍ଷ ସୁବାଷ ମହାରଣା, ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେହିପରି ଆସିକାସ୍ଥିତ ସଭାରେ ମଧ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ଓ ବିଧାନସଭା ପ୍ରାର୍ଥୀନୀ ମଞ୍ଜୁଳା ସ୍ୱାଇଁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ।

ପ୍ରଥମ ଥର ପାଇଁ ଏକ ସାଧାରଣ ପରିବାରରୁ ଆସି ଆସିକା ଲୋକ ସଭା ପ୍ରାର୍ଥୀ ହୋଇଥିବା ପ୍ରମିଳା ବିଷୋୟୀ କ୍ଷତ୍ରିୟବରପୁରରୁ ହେଲିକେପ୍ଟରରେ ମୁଖ୍ୟମନ୍ତ୍ରୀଙ୍କ ସହ ଆସିକା ଅଭିମୁଖେ ପ୍ରଚାରରେ ଯାଇଥିଲେ। ଏହି ସମୟରେ ସେ ହେଲିକେପ୍ଟରରେ ବସି ହାତ ହଲାଉଥିବା ଦୃଶ୍ୟ ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିଲା।

ଏଥିସହ ମୁଖ୍ୟମନ୍ତ୍ରୀ ସୋରଡା, ଭଞ୍ଜନଗରରେ ହାଇଟେକ୍ ବସ୍‌ରେ ରୋଡ୍ ଶୋ କରିଥିଲେ। ସୋରଡା ଥାନା ନିକଟରୁ ବାହାରି ଗଣିଛକ, ରଥପଦା, ଆଡପମଣ୍ଡପ, ଗୋପାଳପୁରଶାସନ, ବଡବୋରସିଂ, ପାଲକାଟ, କୁଲାଗିଁ, ଲାଠିପଡା, କଣ୍ଟେଇପଲ୍ଲୀ ଦେଇ କ୍ଷେତ୍ରୀୟବରପୁର ପର୍ଯ୍ୟନ୍ତ ପ୍ରାୟ ୩୦କିମି ପର୍ଯ୍ୟନ୍ତ ରୋଡ୍ ଶୋ ରେ ଯାଇଥିଲେ। ସୋରଡା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଏମ୍‌ପି ପ୍ରାର୍ଥୀ ପ୍ରିମଳାଙ୍କୁ ଭୋଟ ଦେବାକୁ କହିଥିଲେ। ରାସ୍ତା କଡରେ ବହୁସଂଖ୍ୟାରେ ମହିଳା ଓ ପୁରୁଷ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପ୍ରବଳ ଖରା ଓ ମାସାନ୍ତ ମେରୁଯାତ୍ରା ସତ୍ତ୍ୱେ ବହୁ ଲୋକଙ୍କ ସମାଗମ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ହାଇଟେକ୍ ବସ୍ ଆଗରେ ଏକ ଖୋଲା ଜିପ୍‌ରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଆସିକା ଲୋକ ସଭା ପ୍ରାର୍ଥୀ ପ୍ରମିଳା ବିଷୋୟୀ, ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମିଶି ଲୋକଙ୍କୁ ଭୋଟ ଭିକ୍ଷା କରୁଥିଲେ। ମୁଖ୍ୟମନ୍ତ୍ରୀ ବସ୍‌ରେ ବସି ପ୍ରଚାର କରୁଥିଲେ।

### ପ୍ରମିଳାଙ୍କୁ ହେଲିକପ୍ଟରରେ ବୁଲାଇଲେ



# ୧୬ ଲକ୍ଷ ୭୦ ହଜାର ଟଙ୍କା ଜବତ କଲା ଫ୍ଲାଇଂ ସ୍କ୍ୱାଡ୍

**ପୁରୀ ଅଫିସ, ୧୩।୪**

ନିର୍ବାଚନ ଯେତେ ପାଖେଇ ଆସୁଛି ଯାନବାହନ ଯାଞ୍ଚବେଳେ ବିପୁଳ ପରିମାଣର ଟଙ୍କା ଧରାପଡୁଛି। ଏହାକୁ ନଜରରେ ରଖି ଫ୍ଲାଇଂ ସ୍କ୍ୱାଡ୍ ମଧ ବିଭିନ୍ନ ସ୍ଥାନରେ ଯାଞ୍ଚକୁ ଅଧିକ କଡ଼ାକଡ଼ି କରିଛି। ଶୁକ୍ରବାର ରାତିରେ କାକଟପୁର ଫ୍ଲାଇଂ ସ୍କ୍ୱାଡ୍ ଏବଂ ପୋଲିସ ମିଳିତ ଭାବେ ଚାରିଛକ-କାକଟପୁର ମୁଖ୍ୟରାସ୍ତାର ପାଣିଛତ୍ରଠାରେ ଗାଡ଼ି ତନଖି କରୁଥିଲେ। ରାତି ପ୍ରାୟ ସାଢେ ୧ଟାରେ ଏକ ବୁଲେଟକୁ ଅଟକାଇ ଯାଞ୍ଚ କରିଥିଲେ। ବୁଲେଟ୍ ଚାଳକ ଗୋପ ବ୍ଲକ ଜଙ୍ଗଲବୋରି ଗ୍ରାମର ପ୍ରଣୟ କୁମାର ସାହୁଙ୍କଠାରୁ ୧୬,୭୦,୩୫୫ଟଙ୍କା ଜବତ କରାଯାଇଥିଲା। ତେବେ ପାନ ବ୍ୟବସାୟୀଙ୍କୁ ଏହି ଟଙ୍କା ଦେବା ଲାଗି ସେ ନେଉଥିବା କହିଥିଲେ। କିନ୍ତୁ ପୋଲିସ ଏବଂ ସ୍କ୍ୱାଡ୍ ସଦସ୍ୟ ସେହି ଟଙ୍କା ଜବତ କରିଥିଲେ। ଉକ୍ତ ଟଙ୍କା କେଉଁ ଉଦ୍ଦେଶ୍ୟରେ ଓ କେଉଁଠାରୁ ଆଣିଥିଲେ ତାହାର ଆବଶ୍ୟକ ପ୍ରମାଣ ଦେବାକୁ ସାହୁଙ୍କୁ କୁହାଯାଇଛି। ଏ ନେଇ ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ୨ ଲକ୍ଷ ୯୫ ହଜାର ଜବତ

**ବାରିପଦା ଅଫିସ, ୧୩।୪**

ନିର୍ବାଚନ କମିଶନରଙ୍କ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ ପକ୍ଷରୁ ମୟୂରଭଞ୍ଜ ଜିଲାକୁ ଆସୁଥିବା ଓ ଜିଲା ବାହାରକୁ ଯାଉଥିବା ଗାଡି ମୋଟରକୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଉଛି। ଏହି ସ୍ୱତନ୍ତ୍ର ଟିମ ଶନିବାର ଯାଞ୍ଚ କରିବା ସମୟରେ ବାରିପଦା ସହର ଥାନା ଅଧୀନ ଗୁସାହି ନିକଟରୁ ଏକ ଟାଟା ଏସିଇରୁ ୨ ଲକ୍ଷ ଓ ଚାନ୍ଦୁଆ ଥାନା ଅଧୀନ ବଣ୍ଡବ ଛକ ନିକଟରୁ ଅନ୍ୟ ଏକ ବୋଲେରୋ ଗାଡିରୁ ୯୫ ହଜାର ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରହିଛି।

ବାରିପଦା ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ସୂଚନା ମୁତାବକ ରାସଗୋବିନ୍ଦପୁର ଅଞ୍ଚଳର ଗୋପି ମୋହନ ଦାସ ନାମକ ଜଣେ ବ୍ୟବସାୟୀ ଏକ ଟାଟା ଏସିଇ ଗାଡିରେ ୨ ଲକ୍ଷ ଟଙ୍କା ନେଇ ଗୁସାହି ରାସ୍ତାରେ ବାରିପଦା ଆସୁଥିଲେ। ଫ୍ଲାଇଙ୍ଗ ସ୍କ୍ୱାର୍ଡ ତାଙ୍କୁ ଧରି ଥାନା ଜିମା ଦେଇଛି। ପୋଲିସ ପ୍ରାଥମିକ ତଦନ୍ତ କରି ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିକଟକୁ ରିପୋର୍ଟ ପଠାଇଛି। ଅଧିକ ତଦନ୍ତ ପରେ ରିଟର୍ଣ୍ଣିଂ ଅଫିସର ଦାୟିତ୍ୱରେ ଥିବା ବାରିପଦା ଉପଜିଲାପାଳ ଆବଶ୍ୟକ ନିଷ୍ପତ୍ତି ନେବେ। ଧରାପଡିଥିବା ଗାଡିର ନମ୍ବର ନ ଥିବା ପୋଲିସ କହିଛି। କେଉଁ ଉଦ୍ଦେଶ୍ୟରେ ବାରିପଦାକୁ ଟଙ୍କା ଅଣାଯାଉଥିଲା ସେ ନେଇ ତନାଘନା ଜାରି ରହିଛି। ସେହିପରି କୁଲିଅଣା ଅଞ୍ଚଳର ରାଜେଶ ପ୍ରସାଦ ସାହା ଏକେ ବୋଲେରୋ ଯୋଗେ ୯୫ ହଜାର ଟଙ୍କା ନେଇ ଗୋପିବଲ୍ଲଭପୁର ଅଞ୍ଚଳକୁ ଯାଉଥିବା ବେଳେ ଷ୍ଟାଟିଷ୍ଟିକ ସର୍ଭିଲାନ୍ସ ଟିମ ସନ୍ଦେହରେ ତାଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଟଙ୍କା ବାହାରିଥିଲା। ପରେ ଏହି ମାମଲା ଚାନ୍ଦୁଆ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ କହିଛନ୍ତି। ଏସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଆବୋଲି ନରୱାଣେଙ୍କ ନିକଟକୁ ପଠାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ତେବେ ରାଜେଶ ଜଣେ ଗ୍ରୋସରି ଦୋକାନୀ ଓ ସେ ଡିଲରଙ୍କୁ ଟଙ୍କା ପଇଠ କରିବାକୁ ନେଇ ଯାଉଥିଲେ ବୋଲି ଜେରା ବେଳେ ପୋଲିସକୁ କହିଛନ୍ତି।


ଜବତ ଟଙ୍କା ସହ ବାରିପଦା ସଦର ଥାନା ଅଧିକାରୀ।

## ବ୍ରହ୍ମଗିରିରେ ପ୍ରାକ୍ ନିର୍ବାଚନୀ ହିଂସା



# ସଞ୍ଜୟଙ୍କୁ ବିରୋଧ, ଟେକାପଥର ମାଡ: ୫ ଆହତ

**ବ୍ରହ୍ମଗିରି, ୧୩।୪(ଡି.ଏନ୍.ଏ.)**

ନିର୍ବାଚନ ପ୍ରଚାର ଜମି ଆସୁଥିବାବେଳେ ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଶନିବାର ପ୍ରାକ୍ ନିର୍ବାଚନୀ ହିଂସା ଦେଖାଦେଇଛି। ପ୍ରଚାର ସମୟରେ ବିଧାୟକ ତଥା ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କୁ ତାଙ୍କ ନିର୍ବାଚନମଣ୍ଡଳୀର କେତେଜଣ ମହିଳା ଓ ପୁରୁଷ ଜୋରଦାର ବିରୋଧ କରିଛନ୍ତି। ଚିଟ୍‌ଫଣ୍ଡ ଟଙ୍କା କୁଆଡେ ଗଲା ବୋଲି ସଞ୍ଜୟଙ୍କୁ ସେମାନେ ପ୍ରଶ୍ନ କରିଥିଲେ। ବିରୋଧବେଳେ ଉତ୍ତେଜନା ସୃଷ୍ଟି ହୋଇ ଟେକାପଥର ମାଡ଼ ହେବାରୁ ୫ ଜଣ ଆହାତ ହୋଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ ବ୍ରହ୍ମଗିରି ବ୍ଲକର ବିଜିପୁର ଗ୍ରାମକୁ ଶନିବାର ସଞ୍ଜୟ ତାଙ୍କ ସମର୍ଥକଙ୍କ ସହ ଯାଇଥିଲେ। ବିଧାୟକଙ୍କ ଆସିବା ଜାଣି ଗ୍ରାମର ମହିଳାମାନେ ଚିଟ୍‌ଫଣ୍ଡ ଟଙ୍କା କେବେ ଫେରି ପାଇବୁ, ଚିଟ୍‌ଫଣ୍ଡ ଟଙ୍କା ନାହିଁ ତ ଭୋଟ ନାହିଁ ଲେଖାଥିବା ବିଭିନ୍ନ ପ୍ଲାକାର୍ଡ ଦେଖାଇ ବିଧାୟକଙ୍କୁ ବିରୋଧ କରିଥିଲେ। ଏହି ବିରୋଧକୁ ନେଇ ବିଧାୟକଙ୍କ ସମର୍ଥକ ଓ ଉକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇ ଟେକାପଥର ମାଡ଼ ହୋଇଥିଲା। ଘଟଣାରେ ୩ମହିଳାଙ୍କ ସମେତ ଉଭୟ ଗୋଷ୍ଠୀରୁ ୫ଜଣ ଆହତ ହୋଇଛନ୍ତି। ଏହି ଉତ୍ତେଜନାକୁ ଦେଖି ଘଟଣାସ୍ଥଳରୁ ବିଧାୟକ ଫେରିଯାଇଥିଲେ। ପରେ ଦୁଇ ଗୋଷ୍ଠୀଙ୍କ ତରଫରୁ ବ୍ରହ୍ମଗିରି ଥାନାରେ ପୃଥକ୍ ପୃଥକ୍ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ମନୋଜ କୁମାର ଶତପଥୀଙ୍କୁ ପଚରାଯିବାରୁ ଅଭିଯୋଗ ପାଇଛି, ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ସେ କହିଥିଲେ। ଏ ନେଇ ସଞ୍ଜୟଙ୍କୁ ତାଙ୍କ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନ ଥିଲା।

# ଦିଲୀପ ଏବେ ବି ଆମ ପରିବାର ସଦସ୍ୟ: ଜୁଏଲ

**ରାଉରକେଲା ଅଫିସ, ୧୩।୪**

ଦିଲୀପ ଆମ ପରିବାର ସଦସ୍ୟ। ଆମ ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ଆମକୁ ଗାଳି ଦିଅନ୍ତୁ କି ପ୍ରଶଂସା କରନ୍ତୁ। ଏହା ଆମ ଭିତର କଥା। ତାଙ୍କର ପ୍ରମୁଖ ଦୁଇ ଦାବି ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ନେଇ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ କ୍ଲିୟରାନ୍ସ ମିଳିସାରିଛି। ଏ ନେଇ ପତ୍ର ମାଧ୍ୟମରେ ତାଙ୍କୁ ଅବଗତ କରାଯାଇଛି। ସେ ସନ୍ତୁଷ୍ଟ ଅଛନ୍ତି ବୋଲି ରାଉରକେଲାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି। ସେ ପୁଣି କହିଛନ୍ତି, ଉପରୋକ୍ତ ଦୁଇଟି ପ୍ରସଙ୍ଗ ନେଇ ଦିଲୀପ ଅସନ୍ତୁଷ୍ଟ ଥିଲେ। ଏବେ ତାହା ଦୂର ହୋଇଛି। ଏଣୁ ଆମ ଭିତରେ ଦ୍ୱନ୍ଦ୍ୱ ନାହିଁ। ଓରାମଙ୍କ ଏହି ମନ୍ତବ୍ୟକୁ ନେଇ ସହରରେ ଏବେ ଚର୍ଚ୍ଚା ଜୋର ଧରିଛି। ଦିଲୀପ ଭାଜପାକୁ ଫେରିବେ ନା ନାହିଁ ତାହାକୁ ନେଇ ପୁଣି ଥରେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି।

ଏହି ଅବସରରେ ଜୁଏଲ କହିଥିଲେ, ଆସନ୍ତା ୧୫ ତାରିଖରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ତାଙ୍କ ଗସ୍ତ ନେଇ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



ଜେଡିସିଏ ପକ୍ଷରୁ ୨୨୭ତମ ମିଟ୍ ଦ ଆର୍ଟିଷ୍ଟ

# ୨୦୩୦ ସୁଦ୍ଧା ଭୁବନେଶ୍ୱର ହେବ ମେଟ୍ରୋ ସହର



**ଭୁବନେଶ୍ୱର, ୧୩।୪ (ବ୍ୟୁରୋ)**

ଦେଶ ସ୍ୱାଧୀନତା ହେବାର ଠିକ୍ ପରେ ପରେ ଓଡ଼ିଶାର ନୂତନ ରାଜଧାନୀ ରୂପେ ଭୁବନେଶ୍ୱରର ପରିକଳ୍ପନା କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭୁବନେଶ୍ୱରକୁ କଳା, ସଂସ୍କୃତି ଭିତ୍ତିକ ସହର ଭାବେ ଗଢ଼ି ତୋଳିବା ପାଇଁ ଚିନ୍ତା କରିଥିଲେ। ୪୦ ହଜାର ଅଧିବାସୀଙ୍କୁ ନେଇ ଜର୍ମାନ ସ୍ଥପତି ଓଟୋ କୋଏନ୍‌ସ୍‌ବର୍ଗର ଏହି ସହରର ନକ୍ସା ପ୍ରସ୍ତୁତ କରିଥିଲେ। ପୁରୁଣା ଭୁବନେଶ୍ୱରର ଐତିହ୍ୟ, ସ୍ଥାପତ୍ୟ ଓ ପରମ୍ପରାକୁ ଗୁରୁତ୍ୱ ଦେଇ ଏହା ସଂଲଗ୍ନ ଅଞ୍ଚଳରେ ସେ ନୂତନ ଭୁବନେଶ୍ୱର ପ୍ରତିଷ୍ଠା କରିବା ପାଇଁ ଚିନ୍ତା କରିଥିଲେ। ଜେଡି ସେଣ୍ଟର ଅଫ୍ ଆର୍ଟ ପକ୍ଷରୁ ଶନିବାର ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ୨୨୭ତମ ମିଟ୍ ଦ ଆର୍ଟିଷ୍ଟ କାର୍ଯ୍ୟକ୍ରମରେ ଅତିଥିମାନେ ଏହି କଥା କହିଛନ୍ତି। 'ଭୁବନେଶ୍ୱରର ଅଭିବୃଦ୍ଧି' ଉପରେ ବକ୍ତବ୍ୟ ରଖି ମୁଖ୍ୟବକ୍ତା ପ୍ରଫେସର ରତ୍ନମାଳା ମିଶ୍ର କହିଲେ, ଇତିମଧ୍ୟରେ ଭୁବନେଶ୍ୱରର ଜନସଂଖ୍ୟା ୧୦ ଲକ୍ଷରେ ପହଞ୍ଚିଛି। ଶିକ୍ଷା ନଗରୀ, ବାଣିଜ୍ୟ ବ୍ୟବସାୟର କେନ୍ଦ୍ର ଓ ସ୍ମାର୍ଟ ସିଟି ରୂପେ ପ୍ରସିଦ୍ଧି ଲାଭ କରିଛି। ୨୦୩୦ ସୁଦ୍ଧା ଭୁବନେଶ୍ୱର ମେଟ୍ରୋ ସହରରେ ପରିଣତ ହୋଇସାରିଥିବ। ଦୈତ୍ୟନଗରୀ କଟକ ଏବଂ ଭୁବନେଶ୍ୱର ସହ ଜଟଣୀ, ଖୋର୍ଦ୍ଧା ଏବଂ ବାରଙ୍ଗ ଆଦି ଅଞ୍ଚଳରେ ସମତୁଲ ବିକାଶ ହେବ। ତେବେ ଦେଶର ଏକ ଅଗ୍ରଣୀ ମେଟ୍ରୋ ସିଟି ରୂପେ ଭୁବନେଶ୍ୱରର ସମ୍ଭାବନା ରହିଥିବାବେଳେ ଜଳ ନିଷ୍କାସନ, ତାପମାତ୍ରା ବୃଦ୍ଧି, ବର୍ଜ୍ୟବସ୍ତୁ ପରିଚାଳନା ଏବଂ କିଛି ଅଞ୍ଚଳରେ ଗମନାଗମନର ଅସୁବିଧା ସହରବାସୀଙ୍କ ପାଇଁ ପ୍ରମୁଖ ସମସ୍ୟା ସାଜୁଥିବା ସେ କହିଥିଲେ।

ଜେଡିସିଏ ତରଫରୁ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଓ ଜଗଦାନନ୍ଦ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ମୁଖ୍ୟବକ୍ତାଙ୍କୁ ସମ୍ମାନିତ କରିଥିଲେ। ଡ. ମଙ୍ଗଳା ପ୍ରସାଦ ମହାନ୍ତି ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସୁପ୍ରସିଦ୍ଧ କଳାକାର ପଦ୍ମଶ୍ରୀ ହାକୁ ଶାହା ଓ ବିଶିଷ୍ଟ ଲେଖିକା ଉମା ବାସୁଦେବଙ୍କ ତିରୋଧାନରେ ଶୋକପ୍ରକାଶ ସହ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ନରସିଂହ ପ୍ରସାଦ ପାଣିଗ୍ରାହୀ, ସୁବାସ ଷଡ଼ଙ୍ଗୀ, ଜି. ଉପାଧ୍ୟାୟ, ବସନ୍ତ ପଣ୍ଡା, ମନୁ ଦାଶ, ବିରେନ୍ ଦାସ, ଅକ୍ଷୟ ବେଉରିଆ, କେ.ପି.ପାଢ଼ୀ, ଭାଗିରଥୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜେଡିସିଏ ତରଫରୁ ବିଶ୍ୱଜିତ ରାଉତ ଓ ପ୍ରଦୀପ୍ତ ସାମନ୍ତରାୟ ସହଯୋଗ କରିଥିଲେ।





# ସାହିଯାତ ଆରମ୍ଭ: ଚଳଚଞ୍ଚଳ ଶ୍ରୀକ୍ଷେତ୍ର

**ପୁରୀ ଅଫିସ, ୧୩।୪**

ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ସାହିଯାତ ଶନିବାର ପବିତ୍ର ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇଛି। ଏଥିଯୋଗୁ ଚଳଚଞ୍ଚଳ ହୋଇପଡିଛି ଶ୍ରୀକ୍ଷେତ୍ର। ଶ୍ରୀରାମଙ୍କ ଜନ୍ମ ଲୀଳାରୁ ଆରମ୍ଭ ହୋଇଥିବା ଏହି ଯାତ ଆସନ୍ତା ୨୭ତାରିଖରେ ରାମାଭିଷେକରେ ସମାପନ ହେବ।

ଶ୍ରୀଜଗନ୍ନାଥଙ୍କ ଉପାସନାରେ ଶ୍ରୀରାମଲୀଳା ଏକ ଅଙ୍ଗ। ଶ୍ରୀମନ୍ଦିରରେ ଏହି ଲୀଳା ପାଳିତ ହେବା ସହ ଶ୍ରୀକ୍ଷେତ୍ରରେ ସାହିଯାତ ମାଧ୍ୟମରେ ପାଳିତ ହୋଇଆସୁଛି। ସାହିଯାତରେ ସାମରିକ କଳା, ଲୋକକଳା, ଲୋକନୃତ୍ୟ ଓ ସାଂସ୍କୃତିକ ପରମ୍ପରାର ସମ୍ମିଶ୍ରଣ ଭରପୂର ହୋଇରହିଛି। ଶ୍ରୀକ୍ଷେତ୍ରର ସାତ ସାହି ଆଖଡା ପକ୍ଷରୁ ଏହି ଯାତ ହୋଇଥାଏ। ଏଥିରେ ଶ୍ରୀରାମ ଜନ୍ମ, ଯଜ୍ଞରକ୍ଷା, ସୀତା ବିବାହ, ଶ୍ରୀରାମଙ୍କ ବନବାସ, ମାୟାମୃଗ ପ୍ରସ୍ତାବ, ଲଙ୍କାପୋଡ଼ି, ସେତୁବନ୍ଧ, ରାବଣ ବଧ ଏବଂ ରାମାଭିଷେକ ଲୀଳା ସମ୍ପନ୍ନ ହୋଇଥାଏ। ଶନିବାର ସାହିଯାତର ପ୍ରଥମ ଦିବସରେ କାଳିକାଦେବୀ ସାହି ଆଖଡା ପକ୍ଷରୁ ସମ୍ପନ୍ନ ହୋଇଛି ଶ୍ରୀରାମ ଜନ୍ମ ନୀତି। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଥିଲା। ସାହି ଆଖଡାରୁ ଅପରାହ୍ନରେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ହନୁମାନଙ୍କ ସହ ଋଷିଶୃଙ୍ଗ ବାହାରି ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶ୍ରୀନଅରକୁ ଯାଇଥିଲେ। ସେଠାରୁ ବାଦିସାହି ମାଟିମଣ୍ଡପ ସାହି ଦେଇ ପୁଣି କାଳିକାଦେବୀ ସାହିକୁ ଫେରିଥିଲେ। ବିଶ୍ୱନାଥ ପଣ୍ଡା ରାମ, ଆୟୁଷ ମେକାପ ଲକ୍ଷ୍ମଣ, ଜଗନ୍ନାଥ ସାମନ୍ତରାୟ ଭରତ, ପ୍ରତ୍ୟୁଷ କୁମାର ପଟ୍ଟନାୟକ ଶତ୍ରୁଘ୍ନ, ଗିରିଧାରୀ ପଣ୍ଡା ହନୁମାନ ଏବଂ ମାନସ କୁମାର ଦାସ ଋଷ୍ୟଶୃଙ୍ଗ ବେଶରେ ସଜ୍ଜିତ ହୋଇଥିଲେ। ରାତିରେ ସାହି ଆଖଡାରୁ ଆଗରେ ନିଶାଣ ରହି ପଟୁଆର ବାହାରିଥିଲା। ପଟୁଆରରେ ନବଶିରା, ବୀରକର୍ଣ୍ଣ, ନାଗା ଓ ମେଢ ପ୍ରଭୃତି ସାମିଲ ହୋଇଥିଲେ। ନବଶିରା ବେଶରେ ଆଶୁତୋଷ ସିଂହ, ବୀରକର୍ଣ୍ଣ ବେଶରେ ଚିନ୍ତାମଣି ସାହିନାୟକ, ଦୁର୍ଗାମେଢ (ମୁଖା) ବେଶରେ ପ୍ରୀତମ ମହାନ୍ତି, ଦୁର୍ଗାମେଢ (ଖୋଲା ମୁହଁ) ବେଶରେ କହ୍ନେୟା ଆଚାର୍ଯ୍ୟ, ଛିନ୍ନମସ୍ତା ବେଶରେ ସୁନୀଲ କୁମାର ସାହୁ, ପଞ୍ଚମୁଖୀ ବେଶରେ କାଳୀ ଶଙ୍କର ରାଉତ, କାଳିମେଢ ବେଶରେ ନାରାୟଣ ପଣ୍ଡା, ଉଗ୍ରକାଳୀ ବେଶରେ ବାସୁଦେବ ପାଢୀ, ନାଗା ବେଶରେ ଗୋପାଳ ପଣ୍ଡା ଓ ବିକାଶ ଚନ୍ଦ୍ର ମହାପାତ୍ର ମେଢ ବନ୍ଧାଇ ପଟୁଆରରେ ସାମିଲ ହୋଇଥିଲେ। ପଟୁଆର କାଳିକାଦେବୀ ସାହି ପରିକ୍ରମା କରି ସିଂହଦ୍ୱାରକୁ ଆସିଥିଲା। ସେଠାରୁ ମିତ୍ର ସାହି ମାଟିମଣ୍ଡପ ସାହିକୁ ଯାଇ ପରିକ୍ରମା କରିଥିଲା।

# ରାମ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ



**ଭୁବନେଶ୍ୱର, ୧୩।୪ (ବ୍ୟୁରୋ)**


ପବିତ୍ର ରାମନବମୀ ଉପଲକ୍ଷେ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବକୁ ଶନିବାର ମହାସମାରୋହରେ ପାଳନ କରିଛନ୍ତି ରାଜଧାନୀବାସୀ। ସହରରେ ଥିବା ମନ୍ଦିରଗୁଡିକରେ ଶନିବାର ସକାଳୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗିରହିବା ସହ ଘଣ୍ଟ, ଘଣ୍ଟା ଓ ଶଙ୍ଖନାଦରେ ପ୍ରକମ୍ପିତ ହୋଇଉଠିଥିଲା ପୂରା ପରିବେଶ। ପୂଜା ସହ ହୋମଯଜ୍ଞ, ରାମ କଥାମୃତ ଏବଂ ଶ୍ରୀ ରାମଚରିତମାନସ ପାରାୟଣ ସମସ୍ତ ମନ୍ଦିରରେ ପ୍ରମୁଖ ଆକର୍ଷଣ ଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତମାନେ ଧାଡ଼ିରେ ଆସି ଠାକୁରଙ୍କ ଦର୍ଶନ କରିଥିଲେ। ରାମ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଇସ୍କନ ମନ୍ଦିର, ୟୁନିଟ୍-୯ ଓ ଶହୀଦନଗରସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଭିଡ଼ ଲାଗି ରହିଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ରାମ ମନ୍ଦିରରେ ଭୋର୍ ପ୍ରାୟ ୫ଟାରେ ମଙ୍ଗଳ ଆଳତି ସରିବା ପରେ ଦର୍ଶନ ଲାଗି ଦ୍ୱାର ଫିଟାଯାଇଥିଲା। ଏହାପରେ ଶୃଙ୍ଗାର ଆଳତି କରାଯାଇଥିଲା। ଏହାପରଠାରୁ ଭକ୍ତମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରୀରାମ ଚରିତମାନସର ପୂର୍ଣ୍ଣାହୂତି ଅନୁଷ୍ଠିତ ହେବା ପରେ ରାମଚନ୍ଦ୍ରଙ୍କ ଜନ୍ମ ଉତ୍ସବ ପାଇଁ କିଛି ସମୟ ଲାଗି ମନ୍ଦିରର ପହଡ ପଡିଥିଲା। ପହଡ ଖୋଲାଯିବା ପରେ ପ୍ରଭୁ ଶ୍ରୀରାମଙ୍କ ଜନ୍ମଉତ୍ସବ ମହାସମାରୋହରେ ପାଳନ କରାଯାଇଥିଲା। ଆଳତି ସହ ପ୍ରଭୁଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଅପରାହ୍ନରେ ପହଡ ଖୋଲିବା ସହ ଭକ୍ତମାନଙ୍କ ଦର୍ଶନ ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଶୃଙ୍ଗାର ଆଳତି ଓ ରାତିରେ ଭୋଗ ଆଳତି ସମ୍ପନ୍ନ ହୋଇଥିଲା। ରାତି ପ୍ରାୟ ୧୦ଟା ୩୦ ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ଜାରି ରହିଥିଲା। ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ମହିଳା ଓ ପୁରୁଷ ଭକ୍ତଙ୍କ ପ୍ରବେଶ ଲାଗି ସ୍ୱତନ୍ତ୍ର ବ୍ୟାରିକେଡ୍ ସହ ମହିଳା ପୋଲିସ ମୁତୟନ ହୋଇଥିଲା। ସେହିଭଳି ଟଙ୍କପାଣି ରୋଡସ୍ଥିତ ଶିରିଡି ସାଇ ମନ୍ଦିର ଓ ସହରର ଅନ୍ୟାନ୍ୟ ମନ୍ଦିରରେ ରୀତିନୀତି ଅନୁଯାୟୀ ପ୍ରଭୁଙ୍କ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।




# ମରାମତି ପାଇଁ ଆଜି ବନ୍ଦ ରହିବ ଯୋବ୍ରା ବ୍ରିଜ୍

**କଟକ ଅଫିସ, ୧୩।୪:** ମହାନଦୀ ଉପରେ ଯାଇଥିବା ଯୋବ୍ରା-ଜଗତ୍‌ପୁର ବ୍ରିଜ୍‌ରେ ରବିବାର ସକାଳ ୬ଟାରୁ ଅପରାହ୍ନ ୨ ପର୍ଯ୍ୟନ୍ତ ଯାତାୟାତ ବନ୍ଦ ରହିବ। ବ୍ରିଜ୍‌ର ଏକ ସଂଯୋଗୀକରଣ କାର୍ଯ୍ୟ ରବିବାର ହେବ। ଫଳରେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଯାତାୟାତ ବନ୍ଦ ରଖାଯାଇଛି ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ତେବେ ମାଲଗୋଦାମ ଥାନା ପଟୁ ବ୍ରିଜ୍ ଦେଇ ଯିବାକୁ ଥିବା ଗାଡିଗୁଡିକ ଶିଖରପୁର, ନିମପୁର ଦେଇ ଯିବାକୁ କୁହାଯାଇଛି। ସେହିପରି ଜଗତ୍‌ପୁର ବ୍ୟାରେଜ ପଟୁ ବ୍ରିଜ୍ ଦେଇ ଆସିବାକୁ ଥିବା ଗାଡିଗୁଡିକ ନିମପୁର, ଶିଖରପୁର ଦେଇ ଆସିବାକୁ କୁହାଯାଇଛି। ଯଦି ଏହି ଟ୍ରାଫିକ କଟକଣାକୁ କେହି ଉଲଂଘନ କରନ୍ତି, ତେବେ ତାଙ୍କ ଠାରୁ ୫୦୦ରୁ ୧୦୦୦ଟଙ୍କା ଜରିମାନା ଆଦାୟ କରାଯିବ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି।








ଅନ୍ତର୍ନିହିତ ଦେବତ୍ତ୍ୱ ବିକାଶର ନାମ ହିଁ ଧର୍ମ।
- ସ୍ୱାମୀ ବିବେକାନନ୍ଦ



# ଭକ୍ତଙ୍କ ମେଳରେ ଶ୍ରୀଲିଙ୍ଗରାଜ

**ପୁରୁଣା ଭୁବନେଶ୍ୱର, ୧୩। ୪(ଡି.ଏନ.ଏ.)ପବିତ୍ର ଅଶୋକାଷ୍ଟମୀ ଅବସରରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଭକ୍ତଙ୍କ ମେଳରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରା ସମୟରେ ରଥଖଳା, ରଥ ଓ ପଥର ବିଭିନ୍ନ ଦୃଶ୍ୟ ନଜରକୁ ଆସିଥିଲା।**

### ଶ୍ରୀଜୀଉଙ୍କ ଦୁଇଘଣ୍ଟା ନୀତି ବିଳମ୍ବ

ଶୁକ୍ରବାର ରଥ ପ୍ରତିଷ୍ଠା ପାଇଁ ବହୁ ବିଳମ୍ବ ହୋଇଥିଲା। ଏ ନେଇ ମରୀଚିକୁଣ୍ଡ ପାଣି ୨ ଗରା ସ୍ଥାନରେ ଗୋଟିଏ ଗରା ଆସିବାରୁ ସେବାୟତମାନେ ହୋହଲ୍ଲା କରିଥିଲେ। ରାତି ୩ଟା ପର୍ଯ୍ୟନ୍ତ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଉତ୍ତେଜନା ଦେଖାଦେଇଥିଲା। ଏଣୁ ବିଳମ୍ବରେ ରଥ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହେବାରୁ ଶନିବାର ସକାଳ ୭ଟା ୨୫ମିନିଟ୍ ପର୍ଯ୍ୟନ୍ତ ସମୟ ଗଡିଥିଲା। ଏପଟେ ପଞ୍ଚବକ୍ତ୍ର ରଥ ତଦାରଖରେ ଅନୁରୂପ ବିଳମ୍ବ ହୋଇଥିଲା। ଶନିବାର ଭୋର ୫ଟାରେ ଠାକୁରଙ୍କ ମଙ୍ଗଳ ଆଳତି, ଅବକାଶ ନୀତି ସକାଳ ୭ଟା ପରେ ଆରମ୍ଭ ହୋଇଥିଲା।



### ରୁକୁଣା ରଥ ନିକଟରେ ହନୁମାନ ବେଶଧାରୀ

ରଥଯାତ୍ରା ଦେଖିବାକୁ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଜଣେ ହନୁମାନ ବେଶଧାରୀ ସମସ୍ତଙ୍କୁ ଆକୃଷ୍ଟ କରୁଥିଲେ। ସେ ବିଭିନ୍ନ ମୁଦ୍ରାରେ ରହି ଶ୍ରଦ୍ଧାଳୁଙ୍କୁ ଆପ୍ୟାୟିତ କରୁଥିଲେ।

### ବଡ଼ ପାଖରେ କୁନି ରଥ

ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିକଟରେ ପିଲାମାନଙ୍କ ଦ୍ୱାରା ଏକ କୁନି ରଥକୁ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ଯିଏ ରଥ ଟାଣିବାରୁ ବଞ୍ଚିତ ହେଉଥିଲେ, ସେମାନେ କୁନି ରଥକୁ ଟାଣି ଆତ୍ମ ସନ୍ତୋଷ ଲାଭ କରୁଥିବା ଦେଖିବାକୁ ମିଳିଥିଲା।



### ରଥ ସମ୍ମୁଖରେ ଓଡ଼ିଶୀ ନୃତ୍ୟ

ଓଡ଼ିଶାର ଓଡ଼ିଶୀ ନୃତ୍ୟ ବିଶ୍ୱବିଦିତ। ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ଗହଳି ରଥଦାଣ୍ଡରେ ହୋଇଥିଲା। ଦିଅଁଙ୍କ ନିକଟରେ ସମର୍ପଣ ଭାବ ରଖି ୩ ଜଣ ଓଡ଼ିଶୀ କଳାକାର ନିଜର ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଥିଲା। ପ୍ରଚଣ୍ଡ ଖରା ତାତି ସତ୍ତ୍ୱେ ସେମାନଙ୍କ ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା।

### ମାନିଲେନି ନିର୍ଦ୍ଦେଶ

ରଥାରୂଢ ଠାକୁରଙ୍କ ଚତୁଃପାର୍ଶ୍ୱରେ ସେବାୟତ ବସିରହିବାରୁ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ରଥଯାତ୍ରା ପୂର୍ବ ପ୍ରସ୍ତୁତି ବୈଠକରେ କମିଶନରେଟ୍ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କମ୍‌ସଂଖ୍ୟକ ସେବାୟତ ରଥରେ ଚଢିବେ। ହେଲେ ଏହାକୁ କେହି ମାନି ନ ଥିଲେ।

### ରଥ ଉପରେ ରାଜନେତା

ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବିଭିନ୍ନ ଦଳର ରାଜନେତାମାନେ ରଥରେ ଚଢି ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ବିଜେଡି ଏକାମ୍ର ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା, ଭାଜପା ପ୍ରାର୍ଥୀ ବାବୁ ସିଂ, ଭୁବନେଶ୍ୱର ଲୋକ ସଭା ଆସନରୁ ବିଜେଡିର ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ, କଂଗ୍ରେସର ଜଟଣୀ ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ସୁରେଶ କୁମାର ରାଉତରାୟ ପ୍ରମୁଖ ରଥରେ ଚଢି ଦିଅଁଙ୍କୁ ଦର୍ଶନ କରିଥିଲେ।

### ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ

ରଥଯାତ୍ରାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଡିସିପି ଅନୁପ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ହେଲେ ପ୍ରବଳ ଭିଡ ଭିତରେ ଲୁଟେରାମାନେ ଲୁଟ୍ କରୁଥିବା ବେଳେ ୨ଜଣ ଲୁଟେରାଙ୍କୁ ସାଦା ପୋଷାକଧାରୀ ପୋଲିସ କାବୁ କରିଥିଲା।

### ଖରାରେ ଅଚେତ ହେଲେ ଶ୍ରଦ୍ଧାଳୁ

ପ୍ରବଳ ଖରାକୁ ଦୃଷ୍ଟିରେ ରଖି ପାଣି ସିଞ୍ଚନର ବ୍ୟବସ୍ଥା କରାଯାଇଥିଲା ଭଳି ମନେହେଉ ନ ଥିଲା। କାରଣ ଏତେ ଗୁଳୁଗୁଳି ହେଉଥିଲା ଯେ ଶ୍ରଦ୍ଧାଳୁମାନେ ଆଉଟପାଉଟ ହୋଇ ଯାଉଥିଲେ। ଏହା ମଧ୍ୟରେ ଜଣେ ମହିଳା ଶ୍ରଦ୍ଧାଳୁ ଅଚେତ ହୋଇଯିବାରୁ ତାଙ୍କୁ ସ୍ୱେଚ୍ଛାସେବୀମାନେ ନେଇ ବିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରିଥିଲେ।



### ସ୍ୱେଚ୍ଛାସେବୀଙ୍କ ଜଳଦାନ

ପ୍ରବଳ ଖରା ଗରମକୁ ନଜରରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜଳଦାନର ବ୍ୟବସ୍ଥା କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଗହଳି ଭିତରେ ଦହି ଓ ଲେମ୍ବୁ ପାଣି ପିଇ ନିଜର ଶୋଷ ମେଣ୍ଟାଉଥିବା ଦେଖିବାକୁ ମିଳିଥିଲା।




ଓଡ଼ିଆ ନବବର୍ଷକୁ ଅଭିନନ୍ଦନ ଜଣାଇ ଶନିବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

### ଡା. ସୁବାସ ଚନ୍ଦ୍ର ରଥଙ୍କ ସ୍ମୃତିଚାରଣ ସଭା

## ଅନିତ୍ୟ ସଂସାରରେ ଦିନେ ମୃତ୍ୟୁ ସମସ୍ତଙ୍କୁ ସ୍ପର୍ଶ କରିବ




**କଟକ ଅଫିସ,୧୩।୪**

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ତଥା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସୁବାସ ଚନ୍ଦ୍ର ରଥଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଶିକ୍ଷାନୁଷ୍ଠାନ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ରଥଙ୍କ ଫଟୋଚିତ୍ରରେ ବିଭିନ୍ନ ବିଭାଗର ନିର୍ଦ୍ଦେଶକ, ଅଧ୍ୟକ୍ଷ, ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ମାଲ୍ୟାର୍ପଣ କରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାବା ସତ୍ୟାନନ୍ଦ ଦାସ ମହାରାଜ କହିଥିଲେ, ଅନିତ୍ୟ ସଂସାରରେ ଦିନେ ମୃତ୍ୟୁ ସମସ୍ତଙ୍କୁ ସ୍ପର୍ଶ କରିବ। ହେଲେ ଯେଉଁମାନେ ଭଲ କାମ କରିଥିବେ, ଅନ୍ୟ ପାଇଁ କିଛି ଅବଦାନ ଥିବ ସେମାନେ ସମାଜରେ ସ୍ମରଣୀୟ ହୋଇରହିବେ। ଡା. ସୁବାସ ଚନ୍ଦ୍ର ରଥ ସେହିଭଳି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। 'ଡ୍ରିମ୍‌ସ'ର ଅଧ୍ୟକ୍ଷ ତଥା ସ୍ୱର୍ଗତ ରଥଙ୍କ ସାନଭାଇ ପ୍ରମୋଦ ଚନ୍ଦ୍ର ରଥ, ଡା. ଭୁବନାନନ୍ଦ ଦାସ, କ୍ଷୀରୋଦ ଚନ୍ଦ୍ର ସାହୁ, ଡା. ଧରଣୀଧର ପାଣ୍ଡବ, ଶିକ୍ଷାବିତ୍ ରୁଦ୍ରନାରାୟଣ ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ଅଖିଳ ମହାପାତ୍ର, ରବୀନ୍ଦ୍ରନାଥ ଷଡଙ୍ଗୀ, ଅଭୟପଞ୍ଜର ସାହୁ, ରମେଶ ଚନ୍ଦ୍ର ବେହେରା, କ୍ଷୀରୋଦ ପ୍ରମୁଖ ସ୍ୱର୍ଗତ ରଥଙ୍କ ସ୍ମୃତିଚାରଣ କରିଥିଲେ। 'ଡ୍ରିମ୍‌ସ ମ୍ୟୁଜିକ୍ କ୍ଲବ'ର ଶିଳ୍ପୀମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

150 YEARS OF CELEBRATING THE MAHATMA

ଏକ କୃତଜ୍ଞ ରାଷ୍ଟ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି
ବାବାସାହେବ
ଡା. ବି.ଆର୍. ଆମ୍ବେଦକରଙ୍କୁ
ତାଙ୍କ
ଜନ୍ମବାର୍ଷିକୀ ଅବସରରେ
ରାଷ୍ଟ୍ରୀୟ ସମରସତା ଦିବସ
(୧୪ ଏପ୍ରିଲ, ୨୦୧୯)






ପୁଷ୍ପାଞ୍ଜଳି ଅର୍ପଣ
ତାରିଖ: ୧୪ ଏପ୍ରିଲ, ୨୦୧୯
ସମୟ: ପୂର୍ବାହ୍ନ ୯.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା
ସ୍ଥାନ: ପାର୍ଲାମେଣ୍ଟ ଭବନ ପ୍ରାଙ୍ଗଣ

ସମସ୍ତଙ୍କୁ ସାଦର ନିମନ୍ତ୍ରଣ
(ପ୍ରବେଶ: ପିଟିଆଇ ବିଲ୍ଡିଂ ବିପରୀତ, ସଂସଦ ମାର୍ଗ, ନୂଆଦିଲ୍ଲୀ)

(ଦୟାକରି ସାଙ୍ଗରେ ବ୍ୟାଗ୍, ବ୍ରିଫ୍‌କେସ୍, ପ୍ୟାକେଟ, ସେଲ୍ ଫୋନ୍, ପେନ୍, କ୍ୟାମେରା, ପତାକା, ଲାଠି, ପ୍ଲାକାର୍ଡ, ମଶାଲ, ବ୍ୟାନର୍, ଆଗ୍ନେୟାସ୍ତ୍ର, ଖଣ୍ଡା, ହେଲର୍ ଭଳି ନିଷିଦ୍ଧ ସାମଗ୍ରୀ ଏବଂ ଅନ୍ୟାନ୍ୟ ଆପତ୍ତିଜନକ ବସ୍ତୁ ଆଣନ୍ତୁ ନାହିଁ । ବ୍ୟକ୍ତିଗତ ସାମଗ୍ରୀଗୁଡ଼ିକୁ ପିଟିଆଇ ଭବନ ନିକଟରେ ସ୍ଥାପିତ ଫାଉଣ୍ଡେଶନ୍ସ ସ୍ଥଳରେ ଜମା କରାଯାଇପାରିବ)

davp 38101/13/0003/1920



ଅଯଥା ସନ୍ଦେହ ବିଶ୍ୱାସଘାତକତାକୁ ନିମନ୍ତ୍ରଣ କରି ଆଣେ।
- ଭଲଟାୟାର



# ଏଇ ସପ୍ତାହର କାର୍ଯ୍ୟକ୍ରମ

### ୧୪।୪।୨୦୧୯(ରବିବାର)

## ଭୁବନେଶ୍ୱର

- ଉତ୍କଳ ରଜକ ମହାସଂଘ ପକ୍ଷରୁ ଡ.ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା, ବୁଦ୍ଧମନ୍ଦିରଠାରୁ ଏଜି ଛକ, ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା।
- ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ପକ୍ଷରୁ ୧୨୮ତମ ଡ.ବି.ଆର୍ ଆମ୍ବେଡକର ଜୟନ୍ତୀ ପାଳନ, କଲେଜ ମିଟିଂ ହଲ୍, ପୂର୍ବାହ୍ନ ୧୦ଟା।
- ଉତ୍କଳ ବିକାଶ ପରିଷଦ ପକ୍ଷରୁ ଏକବିଂଶ ବାର୍ଷିକ ଅଧିବେଶନ ତଥା ବିଷୁବ ମିଳନ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଗୁରୁଦ୍ୱାର ସିଂ ସଭା ପକ୍ଷରୁ ଖାଲ୍‌ସାଙ୍କ ଜନ୍ମଦିନରେ ବୈଶାଖୀ ଉତ୍ସବ, ୟୁନିଟ-୩, ଖାରବେଳ ନଗର, ପୂର୍ବାହ୍ନ ୧୦ଟା।
- ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ସଙ୍କଟମୋଚନ ହନୁମାନ ଆଶ୍ରମ ପକ୍ଷରୁ ଶ୍ରୀ ରାମନବମୀ ଏବଂ ହନୁମାନ ଜୟନ୍ତୀ, ଆଶ୍ରମ ପରିସର, ମଧ୍ୟାହ୍ନ ୧୨ଟା।
- ସଂଭାବନା ଟ୍ରଷ୍ଟ ପକ୍ଷରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ଏକାମ୍ର ହାଟ, ସନ୍ଧ୍ୟା ୬ଟା।
- ୟୁଥ ଫର ଇକ୍ୱାଲିଟି ଏବଂ ଇଣ୍ଡିଆ ଏଗେନଷ୍ଟ ରିଜର୍ଭେସନର ମିଳିତ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, ମାଷ୍ଟର କ୍ୟାଣ୍ଟିନ ଛକ, ସନ୍ଧ୍ୟା ୬ଟା।
- ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏସ୍‌ସି/ଏସ୍‌ଟି ଇମ୍ପ୍ଲଇସ୍ ୱେଲଫେର କାଉନ୍‌ସିଲ ପକ୍ଷରୁ ଡ. ବି.ଆର୍. ଆମ୍ବେଡରକରଙ୍କ ୧୨୮ତମ ଜନ୍ମଜୟନ୍ତୀ ପାଳନ, ମୁଖ୍ୟ ଶାଖା, ସନ୍ଧ୍ୟା ୬ଟା।

## କଟକ

- ଜିଲାସ୍ତରୀୟ ଡ. ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ପାଳନ, ହାଇକୋର୍ଟ ଛକ, ସକାଳ ୭ଟା ୩୦।
- ଝଙ୍କାରର ଜନ୍ମବାର୍ଷିକୀ ଏବଂ ପ୍ରଜାତନ୍ତ୍ର ପ୍ରଚାର ସମିତିର ବାର୍ଷିକ ସମାବର୍ତ୍ତନ ଉତ୍ସବ, ପ୍ରଜାତନ୍ତ୍ର ପରିସର, ବିଷୁବ ମଣ୍ଡପ, ପୂର୍ବାହ୍ନ ୧୦ଟା।
- ପପୁଲାର କ୍ଲବ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି, କ୍ଲବ ପରିସର, ନୂଆପାଟଣା, ସନ୍ଧ୍ୟା ୭ଟା ।

## ପୁରୀ

- ସୃଜନୀ ସାହିତ୍ୟ ସଂସଦର ଓଡ଼ିଆ ନବବର୍ଷ ଉତ୍ସବ, ରାଣୀସତୀ ଭବନ, ସନ୍ଧ୍ୟା ୬.୧୫ ମିନିଟ୍।
- ଶ୍ରୀରାମ ଚରିତ ମାନସ ପାରାୟଣ, ରୁଆ, ଚନ୍ଦନପୁର, ସକାଳ ୮ଟା।
- ବ୍ରାହ୍ମଣ ବୋର୍ଡିଂ ଛକ ଗଣେଶ ପୂଜା କମିଟି ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବୋର୍ଡିଂ ଛକ, ସକାଳ ୧୦ଟା।
- ମାନବ ସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବଡଶଙ୍ଖ ବଜାର, ସକାଳ ୧୦ଟା ୩୦।
- ଅନୁଷ୍ଠାନ ଶାନ୍ତି ପକ୍ଷରୁ ଶୀତଳ ବାମ୍ଫ ସେବା ଶିବିର ଉଦ୍‌ଘାଟନୀ ଦିବସ, ପୌର ସଦନ ଛକ, ମଧ୍ୟାହ୍ନ ୧୨ଟା।
- ଶ୍ରୀ ମହାବୀର ଜୟନ୍ତୀ ଭଜନ ସମାରୋହ, ଶିରୁଲୀ ମହାବୀର, ସନ୍ଧ୍ୟା ୬ଟା।
- ଶ୍ରୀ ମହାବୀର ଜୟନ୍ତୀ ଭଜନ ସମାରୋହ, ଶିରୁଲୀ ମହାବୀର, ସନ୍ଧ୍ୟା ୬ଟା୧୫।

## ବ୍ରହ୍ମଗିରି

- ମା' ତାରିଣୀଙ୍କ ପଞ୍ଚଦଶ ବାର୍ଷିକ ମହୋତ୍ସବ ଉପଲକ୍ଷେ ସୂର୍ଯ୍ୟପୂଜା, ଚଣ୍ଡୀପାଠ ଓ ନାମ ସଂକୀର୍ତ୍ତନ, ଦେକୁଦୀ, ସନ୍ଧ୍ୟା ୬ଟା।

## ସାକ୍ଷୀଗୋପାଳ

- ଅଲଗୁମ ସାହିତ୍ୟ ସଂସଦର ବିଷୁବ କବିତା ଆସର ଏବଂ ଯୋଗ ଶିବିର, ଗଡିଶ୍ୱରଦେବଙ୍କ ମନ୍ଦିର, ସକାଳ ୮ଟା।
- ସଙ୍କଟମୋଚନ ମହାବୀରଙ୍କ ମାଜଣା ଓ ପଣାଭୋଗ, ବିଦ୍ୟାଧରପୁର, ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା, ବସନ୍ତେଇ, ଯୋଗମାୟା ଦେବୀଙ୍କ ଝାମୁଯାତ୍ରା, ଶ୍ରୀରାମଚନ୍ଦ୍ରପୁର ମାଧିତଳ ଗ୍ରାମ, ଅପରାହ୍ନ ୩ଟା।
- ଖାଇଫୋଡ ଯାତ୍ରା, ଭୀମପୁର ଏବଂ ଦାଶ ବିଦ୍ୟାଧରପୁରା, ଅପରାହ୍ନ ୩ଟା।
- ସପ୍ତବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି, ମଣିନାଗ ଦୁର୍ଗାଙ୍କ ପୀଠ ବୀରରାମଚନ୍ଦ୍ରପୁର ଶାସନ, ସନ୍ଧ୍ୟା ୬ଟା।
- ବାଟମହାବୀରଙ୍କ ପ୍ରତିଷ୍ଠା ଉତ୍ସବ ଯଜ୍ଞ ପୂର୍ଣ୍ଣାହୂତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଉନ୍ନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞର ୨ୟ ଦିବସ,ଶ୍ରୀ ଶ୍ରୀ ସଙ୍କଟ ମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ସିଂହାର ଆରତି, ସକାଳ ୬ଟା ୩୦। ବାଜପୁର ରଙ୍ଗଣୀ ସାହି ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମାୟଣ ଗାନ, ଅପରାହ୍ନ ୨ଟା। ପ୍ରବଚନ, ରାତ୍ର ୮ଟା ।
- ପଞ୍ଚବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ସାନ୍ଧ୍ୟ ପ୍ରବଚନର ଜ୍ଞାନଯଜ୍ଞର ଉଦ୍‌ଘାଟନ ଉତ୍ସବ, ଶ୍ରୀରାମ ନଗର, ମାନସ କାର୍ଯ୍ୟକ୍ରମ, ସକାଳ ୭ଟା ୩୦। ସନ୍ଧ୍ୟା ଆରତି ଓ ହନୁମାନ ଚାଳିଶା ପଠନ, ସନ୍ଧ୍ୟା ୬ଟା। ପ୍ରବଚନ, ସନ୍ଧ୍ୟା ୭ଟା ୩୦।
- ଖୋର୍ଦ୍ଧା ବିଷୁବ ମିଳନ ଉତ୍ସବ ଓ ଉନ୍ନବିଂଶତମ ରାଜ୍ୟସ୍ତରୀୟ କବି ଲେଖକ କଳାକାର ସମାବେଶ,ଗୀତା ଭବନ, କ୍ଷୁଦ୍ର କବିତା ପାଠୋତ୍ସବ, ସକାଳ ୯ଟା। ସାରସ୍ୱତ ସଭା, ପୂର୍ବାହ୍ନ ୧୧ଟା ୩୦। କବିତା ଆସର, ଅପରାହ୍ନ ୨ଟା ।
- ଭାରତରତ୍ନ ଡ. ବାବା ସାହେବ ଆମ୍ବେଦକରଙ୍କର ୧୨୮ତମ ଜନ୍ମ ଜୟନ୍ତୀ, ଜିଲା ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।
- ବିଷୁବ ସାରସ୍ୱତ ସମାରୋହର ପ୍ରଥମ ଅଧିବେଶନ, ଖୋର୍ଦ୍ଧା ସାହିତ୍ୟ ସଂସଦ ଶ୍ରୀରାମନଗର କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦। ୨ୟ ଅଧିବେଶନ ସାରସ୍ୱତ ସଭା, ପୂର୍ବାହ୍ନ ୧୧ଟା ୩୦। ଅଣୁଗଳ୍ପ ପାଠ, ଅପରାହ୍ନ ୨ଟା ୩୦।
- ଭାରତ ରତ୍ନ ଡ. ବାବା ସାହେବ ଆମ୍ବେଡକରଙ୍କର ୧୨୮ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ୱତନ୍ତ୍ର ଉତ୍ସବ, ଗୀତା ଭବନ, ଅପରାହ୍ନ ୫ଟା।

## ବାଲିଅନ୍ତା

- ଷଷ୍ଠ ଜନ୍ମବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟପୂଜା ଓ ଗୀତା ଆହୁତି, ହଂସପାଳ ବାଟମହାବୀର ପୀଠ, ସକାଳ ୮ଟା।
- ସଂକୀର୍ତ୍ତନ ମହୋତ୍ସବ, ଛଦୋଳ, ଭଗବତ ବାସୁଦେବ ପୀଠ, ସକାଳ ୮ଟା।
- ବାଦୀପାଲା ପରିବେଷଣ, ଦେଓ୍ୱାନାପାଟଣା, ଗାଦି ଗୋସ୍ୱାଇଁ ପୀଠ, ରାତି ୭ଟା।
- ବାଦୀପାଲା ପରିବେଷଣ, ମହାନ୍ତିପାଟଣଶ, ମା' ବନଦୁର୍ଗାଙ୍କ ପୀଠସ୍ଥଳୀ, ରାତି ୭ଟା।
- ୪୦ତମ ବାର୍ଷିକ ରାମଲୀଳା ଉପଲକ୍ଷେ ଗୀତିନାଟ୍ୟ ପରିବେଷଣ, ରାମଲୀଳା ପଡ଼ିଆ, ବେଣୁପୁର, ରାତି ୧୨ଟା।

### ୧୫।୪।୨୦୧୯(ସୋମବାର)

## ଭୁବନେଶ୍ୱର

- ବିଏମ୍‌ପିଏସ୍ ତକ୍ଷଶୀଳା ସ୍କୁଲ ପକ୍ଷରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ, ସ୍କୁଲ ପରିସର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା।
- ନୂତନ ଜୀବନ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ରସୁଲଗଡ଼ ସତସଙ୍ଗ ମନ୍ଦିର ନିକଟ, ରସୁଲଗଡ଼ ମହିଳା ସମିତି, ସକାଳ ୯ଟା।
- ଚିନ୍ତା ଓ ଚେତନାର ୪୦ତମ ବୈଶାଖୀ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ପୁରୀ

- ଶ୍ରୀରାମ ଚରିତ ମାନସ ପାରାୟଣ, ରୁଆ, ଚନ୍ଦନପୁର, ସକାଳ ୮ଟା।
- ବ୍ରାହ୍ମଣ ବୋଡିଂ ଛକ ଗଣେଶ ପୂଜା କମିଟି ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବୋର୍ଡିଂ ଛକ, ସକାଳ ୧୦ଟା।
- ମାନବ ସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବଡଶଙ୍ଖ ବଜାର, ସକାଳ ୧୦ଟା ୩୦।
- ଅନୁଷ୍ଠାନ ଶାନ୍ତି ପକ୍ଷରୁ ଶୀତଳ ବାମ୍ଫ ସେବା ଶିବିର ଉଦ୍‌ଘାଟନୀ ଦିବସ, ପୌର ସଦନ ଛକ, ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା

- ଉନ୍ନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞର ୩ୟ ଦିବସ, ଶ୍ରୀ ଶ୍ରୀ ସଙ୍କଟ ମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ପାନବରଜ ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମାୟଣ ଗାନ, ଅପରାହ୍ନ ୨ଟା, ପ୍ରବଚନ, ରାତ୍ର ୮ଟା।
- ଖୋର୍ଦ୍ଧା ପାଇଁ ମୋର ଅନୁଚିନ୍ତା ଖୋଲାମଞ୍ଚ, ଗୀତା ଭବନ, ଅପରାହ୍ନ ୫ଟା ୩୦।
- ପଞ୍ଚବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ସାନ୍ଧ୍ୟ ପ୍ରବଚନର ଜ୍ଞାନଯଜ୍ଞର ୨ୟ ଦିବସ ପ୍ରବଚନ, ଶ୍ରୀରାମ ନଗର, ସନ୍ଧ୍ୟା ୭ଟା ୩୦।

## ବ୍ରହ୍ମଗିରି

- ମା' ତାରିଣୀଙ୍କ ପଞ୍ଚଦଶ ବାର୍ଷିକ ମହୋତ୍ସବ ଉପଲକ୍ଷେ ସୂର୍ଯ୍ୟପୂଜା, ଚଣ୍ଡୀପାଠ ଓ ନାମ ସଂକୀର୍ତ୍ତନ, ଦେକୁଦୀ, ସନ୍ଧ୍ୟା ୬ଟା।

## ବାଲିଅନ୍ତା

- ସଂକୀର୍ତ୍ତନ ମହୋତ୍ସବ, ଛଦୋଳ, ଭଗବତ ବାସୁଦେବ ପୀଠ, ସକାଳ ୮ଟା।
- ବାଦୀପାଲା ପରିବେଷଣ, ଦେଓ୍ୱାନାପାଟଣା, ଗାଦି ଗୋସ୍ୱାଇଁ ପୀଠ, ରାତି ୭ଟା।
- ୪୦ତମ ବାର୍ଷିକ ରାମଲୀଳା ଉପଲକ୍ଷେ ଗୀତିନାଟ୍ୟ ପରିବେଷଣ, ରାମଲୀଳା ପଡ଼ିଆ, ବେଣୁପୁର, ରାତି ୧୨ଟା।

### ୧୬।୪।୨୦୧୯(ମଙ୍ଗଳବାର)

## ପୁରୀ

- ଶ୍ରୀରାମ ଚରିତ ମାନସ ପାରାୟଣ, ରୁଆ, ଚନ୍ଦନପୁର, ସକାଳ ୮ଟା।
- ବ୍ରାହ୍ମଣ ବୋଡିଂ ଛକ ଗଣେଶ ପୂଜା କମିଟି ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବୋର୍ଡିଂ ଛକ, ସକାଳ ୧୦ଟା।
- ମାନବ ସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବଡଶଙ୍ଖ ବଜାର, ସକାଳ ୧୦ଟା ୩୦।
- ଅନୁଷ୍ଠାନ ଶାନ୍ତି ପକ୍ଷରୁ ଶୀତଳ ବାମ୍ଫ ସେବା ଶିବିର ଉଦ୍‌ଘାଟନୀ ଦିବସ, ପୌର ସଦନ ଛକ, ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା

- ଉନ୍ନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞର ୪ର୍ଥ ଦିବସ, ଶ୍ରୀ ଶ୍ରୀ ସଙ୍କଟ ମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ଧନୁ ଭଗ୍ନ, ଅପରାହ୍ନ ୨ଟା। ସୀତା ବିବାହ ଓ ପର୍ଶୁରାମ ଭେଟ ଉତ୍ସବ, ପ୍ରବଚନ ରାତ୍ର ୮ଟା।
- ପଞ୍ଚବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ସାନ୍ଧ୍ୟ ପ୍ରବଚନର ଜ୍ଞାନଯଜ୍ଞର ୩ୟ ଦିବସ ପ୍ରବଚନ, ଶ୍ରୀରାମ ନଗର, ସନ୍ଧ୍ୟା ୭ଟା ୩୦ ।

## ବାଲିଅନ୍ତା

- ସଂକୀର୍ତ୍ତନ ମହୋତ୍ସବ, ଛଦୋଳ, ଭଗବତ ବାସୁଦେବ ପୀଠ, ସକାଳ ୮ଟା।
- ବାଦୀପାଲା ପରିବେଷଣ, ଦେଓ୍ୱାନାପାଟଣା, ଗାଦି ଗୋସ୍ୱାଇଁ ପୀଠ, ରାତି ୭ଟା।
- ୪୦ତମ ବାର୍ଷିକ ରାମଲୀଳା ଉପଲକ୍ଷେ ଗୀତିନାଟ୍ୟ ପରିବେଷଣ, ରାମଲୀଳା ପଡ଼ିଆ, ବେଣୁପୁର, ରାତି ୧୨ଟା।

### ୧୭।୪।୨୦୧୯(ବୁଧବାର)

## ଭୁବନେଶ୍ୱର

- ବିଜୁ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୩ତମ ଶ୍ରାଦ୍ଧବାର୍ଷିକ ଉତ୍ସବ, ବିଜୁ ପଟ୍ଟନାୟକ ଖେଳପଡ଼ିଆ, ପ୍ରାଚୀ ବିହାର, ପଳାଶୁଣୀ, ପୂର୍ବାହ୍ନ ୧୧ଟା।

## ପୁରୀ

- ଶ୍ରୀରାମ ଚରିତ ମାନସ ପାରାୟଣ, ରୁଆ, ଚନ୍ଦନପୁର, ସକାଳ ୮ଟା।
- ବ୍ରାହ୍ମଣ ବୋଡିଂ ଛକ ଗଣେଶ ପୂଜା କମିଟି ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବୋର୍ଡିଂ ଛକ, ସକାଳ ୧୦ଟା।
- ମାନବ ସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବଡଶଙ୍ଖ ବଜାର, ସକାଳ ୧୦ଟା ୩୦।
- ଅନୁଷ୍ଠାନ ଶାନ୍ତି ପକ୍ଷରୁ ଶୀତଳ ବାମ୍ଫ ସେବା ଶିବିର ଉଦ୍‌ଘାଟନୀ ଦିବସ, ପୌର ସଦନ ଛକ, ମଧ୍ୟାହ୍ନ ୧୨ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ପଞ୍ଚବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ସାନ୍ଧ୍ୟ ପ୍ରବଚନର ଜ୍ଞାନଯଜ୍ଞର ୪ର୍ଥ ଦିବସ ପ୍ରବଚନ, ଶ୍ରୀରାମ ନଗର, ସନ୍ଧ୍ୟା ୭ଟା ୩୦।
- ଉନ୍ନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞର ୫ମ ଦିବସ, ଶ୍ରୀ ଶ୍ରୀ ସଙ୍କଟ ମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ଭଜନ ସନ୍ଧ୍ୟା, ଅପରାହ୍ନ ୨ଟା। ପ୍ରବଚନ, ରାତ୍ର ୮ଟା ।

## ବାଲିଅନ୍ତା

- ସଂକୀର୍ତ୍ତନ ମହୋତ୍ସବ, ଛଦୋଳ, ଭଗବତ ବାସୁଦେବ ପୀଠ, ସକାଳ ୮ଟା।
- ବାଦୀପାଲା ପରିବେଷଣ, ଦେଓ୍ୱାନାପାଟଣା, ଗାଦି ଗୋସ୍ୱାଇଁ ପୀଠ, ରାତି ୭ଟା।
- ୪୦ତମ ବାର୍ଷିକ ରାମଲୀଳା ଉପଲକ୍ଷେ ଗୀତିନାଟ୍ୟ ପରିବେଷଣ, ରାମଲୀଳା ପଡ଼ିଆ, ବେଣୁପୁର, ରାତି ୧୨ଟା।

### ୧୮।୪।୨୦୧୯(ଗୁରୁବାର)

## ପୁରୀ

- ଶ୍ରୀରାମ ଚରିତ ମାନସ ପାରାୟଣ, ରୁଆ, ଚନ୍ଦନପୁର, ସକାଳ ୮ଟା।
- ବ୍ରାହ୍ମଣ ବୋଡିଂ ଛକ ଗଣେଶ ପୂଜା କମିଟି ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବୋର୍ଡିଂ ଛକ, ସକାଳ ୧୦ଟା।
- ମାନବ ସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବଡଶଙ୍ଖ ବଜାର, ସକାଳ ୧୦ଟା ୩୦।
- ଅନୁଷ୍ଠାନ ଶାନ୍ତି ପକ୍ଷରୁ ଶୀତଳ ବାମ୍ଫ ସେବା ଶିବିର ଉଦ୍‌ଘାଟନୀ ଦିବସ, ପୌର ସଦନ ଛକ, ମଧ୍ୟାହ୍ନ ୧୨ଟା।।

## ଖୋର୍ଦ୍ଧା

- ଉନ୍ନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞର ଷଷ୍ଠ ଦିବସ, ଶ୍ରୀ ଶ୍ରୀ ସଙ୍କଟମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ଭଜନ ସନ୍ଧ୍ୟା, ଅପରାହ୍ନ ୨ଟା। ପ୍ରବଚନ, ରାତ୍ର ୮ଟା।
- ପଞ୍ଚବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ସାନ୍ଧ୍ୟ ପ୍ରବଚନର ଜ୍ଞାନଯଜ୍ଞର ୫ମ ଦିବସ ପ୍ରବଚନ, ଶ୍ରୀରାମ ନଗର, ସନ୍ଧ୍ୟା ୭ଟା ୩୦।

## ବାଲିଅନ୍ତା

- ବାଦୀପାଲା ପରିବେଷଣ, ଦେଓ୍ୱାନାପାଟଣା, ଗାଦି ଗୋସ୍ୱାଇଁ ପୀଠ, ରାତି ୭ଟା।
- ୪୦ତମ ବାର୍ଷିକ ରାମଲୀଳା ଉପଲକ୍ଷେ ଗୀତିନାଟ୍ୟ ପରିବେଷଣ, ରାମଲୀଳା ପଡ଼ିଆ, ବେଣୁପୁର, ରାତି ୧୨ଟା।

### ୧୯।୪।୨୦୧୯(ଶୁକ୍ରବାର)

## ଭୁବନେଶ୍ୱର

- ସ୍ୱାଗତିକା ଅନୁଷ୍ଠାନ ପକ୍ଷରୁ ଚିତ୍ରକଳା, ସାଧାରଣଜ୍ଞାନ, ରଚନା, ରାହିମସ୍, କୌତୁକ ପୋଷାକ, ବକ୍ତୃତା, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ ପ୍ରତିଯୋଗିତା, ସୂଚନା ଭବନ, ପୂର୍ବାହ୍ନ ୧୦ଟା।

## ପୁରୀ

- ଶ୍ରୀରାମ ଚରିତ ମାନସ ପାରାୟଣ, ରୁଆ, ଚନ୍ଦନପୁର, ସକାଳ ୮ଟା।
- ବ୍ରାହ୍ମଣ ବୋଡିଂ ଛକ ଗଣେଶ ପୂଜା କମିଟି ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବୋର୍ଡିଂ ଛକ, ସକାଳ ୧୦ଟା।
- ମାନବ ସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବଡଶଙ୍ଖ ବଜାର, ସକାଳ ୧୦ଟା ୩୦।
- ଅନୁଷ୍ଠାନ ଶାନ୍ତି ପକ୍ଷରୁ ଶୀତଳ ବାମ୍ଫ ସେବା ଶିବିର ଉଦ୍‌ଘାଟନୀ ଦିବସ, ପୌର ସଦନ ଛକ, ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା

- ପଞ୍ଚବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ସାନ୍ଧ୍ୟ ପ୍ରବଚନର ଜ୍ଞାନଯଜ୍ଞର ଷଷ୍ଠ ଦିବସ ପ୍ରବଚନ, ଶ୍ରୀରାମ ନଗର, ସନ୍ଧ୍ୟା ୭ଟା ୩୦।
- ଉନ୍ନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞର ଷଷ୍ଠ ଦିବସ ପ୍ରବଚନ, ଶ୍ରୀ ଶ୍ରୀ ସଙ୍କଟ ମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ରାତ୍ର ୮ଟା।

## ବାଲିଅନ୍ତା

- ୪୦ତମ ବାର୍ଷିକ ରାମଲୀଳା ଉପଲକ୍ଷେ ଗୀତିନାଟ୍ୟ ପରିବେଷଣ, ରାମଲୀଳା ପଡ଼ିଆ, ବେଣୁପୁର, ରାତି ୧୨ଟା।

### ୨୦।୪।୨୦୧୯(ଶନିବାର)

## ଭୁବନେଶ୍ୱର

- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗୋପୀନାଥ ଇଣ୍ଟରନ୍ୟାଶନାଲ ମିଳିତ ଆନୁକୂଲ୍ୟରେ ୨୮ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶ୍ରୀରାମ ଚରିତ ମାନସ ପାରାୟଣ, ରୁଆ, ଚନ୍ଦନପୁର, ସକାଳ ୮ଟା।
- ବ୍ରାହ୍ମଣ ବୋଡିଂ ଛକ ଗଣେଶ ପୂଜା କମିଟି ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବୋର୍ଡିଂ ଛକ, ସକାଳ ୧୦ଟା।
- ମାନବ ସେବା କେନ୍ଦ୍ର ପକ୍ଷରୁ ଜଳଛତ୍ର ଶୁଭାରମ୍ଭ, ବଡଶଙ୍ଖ ବଜାର, ସକାଳ ୧୦ଟା ୩୦।
- ଅନୁଷ୍ଠାନ ଶାନ୍ତି ପକ୍ଷରୁ ଶୀତଳ ବାମ୍ଫ ସେବା ଶିବିର ଉଦ୍‌ଘାଟନୀ ଦିବସ, ପୌର ସଦନ ଛକ, ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା

- ଉନ୍ନବିଂଶତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞର ୭ମ ଦିବସ, ଶ୍ରୀ ଶ୍ରୀ ସଙ୍କଟମୋଚନ ମହାବୀର ଦେବଙ୍କ ବିଜେସ୍ଥଳୀ ଜରିପୁଟ୍ ତନ୍ତ ମୁଣ୍ଡିଆ, ଲଙ୍କାପୋଡି ଉତ୍ସବ, ସନ୍ଧ୍ୟା ୬ଟା। ପ୍ରବଚନ, ରାତ୍ର ୮ଟା।
- ପଞ୍ଚବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ସାନ୍ଧ୍ୟ ପ୍ରବଚନର ଜ୍ଞାନଯଜ୍ଞର ସପ୍ତମ ଦିବସ ପ୍ରବଚନ, ଶ୍ରୀରାମ ନଗର, ସନ୍ଧ୍ୟା ୭ଟା ୩୦।

## ବାଲିଅନ୍ତା

- ୪୦ତମ ବାର୍ଷିକ ରାମଲୀଳା ଉପଲକ୍ଷେ ଗୀତିନାଟ୍ୟ ପରିବେଷଣ, ରାମଲୀଳା ପଡ଼ିଆ, ବେଣୁପୁର, ରାତି ୧୨ଟା।


# ପୂର୍ବ ତଟ ରେଳପଥ
## ନିର୍ମାଣ କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2019016, ତା: 10.04.2019

**କାର୍ଯ୍ୟର ନାମ :** କୋରାପୁଟ-ସିଙ୍ଗାପୁର ଦୋହରୀକରଣ ପ୍ରକଳ୍ପ : ପୂର୍ବ ତଟ ରେଳପଥର ୱାଲଟିୟର ମଣ୍ଡଳ ଅନ୍ତର୍ଗତ କୋରାପୁଟ-ସିଙ୍ଗାପୁର ରୋଡ଼ ଦୋହରୀକରଣ ଲାଇନ୍‌ରେ ବୈଦ୍ୟୁତିକ ଜେନେରାଲ୍ ସର୍ଭିସ୍ କାର୍ଯ୍ୟ ଗୁଡ଼ିକ ସହିତ ଲକ୍ଷ୍ମୀପୁର ରୋଡ଼, ଧଉରାହା, ସିଙ୍ଗରାମ୍ ଓ ଟିକିରି ଷ୍ଟେସନ ଗୁଡ଼ିକ ଠାରେ ଷ୍ଟେସନ ବିଲ୍ଡିଂ, ସର୍ଭିସ୍ ବିଲ୍ଡିଂ, କର୍ମଚାରୀ ବାସଗୃହ, ପ୍ଲାଟ୍‌ଫର୍ମ, ପ୍ଲାଟ୍‌ଫର୍ମ ସେଲଟର୍, ଫୁଟ ଓଭର ବ୍ରିଜ୍, ଆପ୍ରୋଚ ରାସ୍ତା (Approach Road) ନିର୍ମାଣ, ଯାତ୍ରୀ ସୁବିଧା କାର୍ଯ୍ୟ, ପରିକ୍ଷେତ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2597.32ଲକ୍ଷ, EMD : ₹ 14,48,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 12(ବାର)ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 02.05.2019ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-07/CC/19-20



# ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
## ଇଞ୍ଜିନିୟରିଂ ଏବଂ ନିର୍ମାଣ କାର୍ଯ୍ୟ ପାଇଁ ବିଜ୍ଞପ୍ତି

କ୍ର.ସଂ. (୧) ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-

CPR/10/32

ସ୍ୱଚ୍ଛ ଭାରତ ଅଭିଯାନ


নିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନୁପସ୍ଥିତ

# ୬ ଅଧିକାରୀ ନିଲମ୍ବିତ

**୨୦ ଜଣଙ୍କ ବିରୋଧରେ ମାମଲା ରୁଜୁ**

**କଟକ ଅଫିସ, ୧୩।୪**

ଗତ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିଥିବା ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିବାରୁ ଶନିବାର କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଜଣେ ପ୍ରିଜାଇଡିଂ ଅଫିସରଙ୍କ ସମେତ ୫ ଜଣ ପୋଲିଂ ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ବଳଦେବଜୀଉ ୟୁଜି ହାଇସ୍କୁଲର ଶିକ୍ଷକ ବିଷ୍ଣୁପଦ ସାମଲ, ସିଆରଆର ହାଇସ୍କୁଲର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାନ୍ତି, ମାନପୁର ୟୁ.ପି. ସ୍କୁଲର ଶିକ୍ଷକ ସୁବାସ ଚନ୍ଦ୍ର ପୃଷ୍ଟି, ଝୋଟେଶ୍ୱର ନେଡାଲ ହାଇସ୍କୁଲର ପିଅନ ଅଭିରାମ ମଲ୍ଲିକ, ଗୋପ ପ୍ରାଇମେରୀ ସ୍କୁଲର ଶିକ୍ଷକ ଉଲ୍ଲାସ ସ୍ୱାଇଁ ଓ ମଧୁପାଲି ପି.ୟୁ.ପି.ଏସର ଶିକ୍ଷକ ରମେଶ ଚନ୍ଦ୍ର ବେହେରା। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପ୍ରତ୍ୟେକ କର୍ମଚାରୀମାନଙ୍କ ଗୁରୁଦାୟିତ୍ୱ ରହିଛି ଏବଂ ଏଥିରେ ସଂଶ୍ଳିଷ୍ଟ ଥିବା ପ୍ରତ୍ୟେକ କର୍ମଚାରୀ କାର୍ଯ୍ୟରେ ଅବହେଳା ନ କରିବା ପାଇଁ ଜିଲାପାଳ ଚେତାବନୀ ଦେଇଛନ୍ତି। ଅବହେଳା କଲେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଅଗ୍ରୱାଲ କହିଛନ୍ତି। ପୁନଶ୍ଚ ଏହି ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟରେ ଯୋଗଦେଇ ନ ଥିବା ୨୦ ଜଣ ପୋଲିଂ ଅଧିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।


ଭାରତୀୟ ରେଳ • INDIAN RAILWAYS

# ପୂର୍ବ ତଟ ରେଳପଥ
## 'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2018-19/27, ତା : 11.04.2019

"ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ।"

"ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ।"

PR-28/K/19-20 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର


ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସ୍ମୃତି



ଶୁଭଜିତ୍



ଆଶିଷ



ରାଜେଶ



ଜାହ୍ନବୀ



ପ୍ରତ୍ୟୁଷ



ସାନୁ



ପ୍ରିୟା




# ମତଦାନ ଆମ ଅଧିକାର




ମାନସ


ସୁଶ୍ରୀ ମଧୁସ୍ମିତା


ସତ୍ୟ ପ୍ରକାଶ


ନୀହାର


ଶ୍ୱେତା

ଗଣତାନ୍ତ୍ରିକ ଶାସନ ପ୍ରଣାଳୀରେ ମତଦାନ ବା ଭୋଟଦେବା ଅଧିକାର ଦେଶର ନାଗରିକଙ୍କର ସବୁଠାରୁ ବଡ଼ ଅଧିକାର। ଏହି ଅଧିକାର ଦ୍ୱାରା ଜନତା ନୂଆ ସରକାର ଗଢ଼ିବାର ଶକ୍ତି ରଖୁଥିବା ବେଳେ ସରକାର ଭାଙ୍ଗିବାର ମଧ୍ୟ କ୍ଷମତା ରଖେ। ତେବେ ଦେଶର ଉନ୍ନତି ଏବଂ ପ୍ରଗତି ଲାଗି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟଦେଇ ନିଜର ପ୍ରତିନିଧି ଭାବେ ଚୟନ କରିବା ଏକ ବହୁମୂଲ୍ୟ ଦାୟିତ୍ୱ। ତେଣୁ ଦେଶର ପ୍ରତ୍ୟେକ ନାଗରିକ ଏଥିପ୍ରତି ସଚେତନ ହେବା ଜରୁରୀ। କୌଣସି ସ୍ୱତନ୍ତ୍ର ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ନ ହୋଇ ନିଜର ବହୁମୂଲ୍ୟ ଭୋଟ ଜଣେ ଦକ୍ଷ ତଥା ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବା ଉଚିତ। କେବଳ ସେତିକି ନୁହେଁ, ଦେଶରେ ଅନୁଷ୍ଠିତ ହେଉଥିବା ନିର୍ବାଚନକୁ ଧନବଳ ରାଜନୀତିଠାରୁ ଦୂରେଇ କିଭଳି ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ଭାବେ ଅନୁଷ୍ଠିତ କରାଯାଇପାରିବ, ସେଥିପ୍ରତି ମଧ୍ୟ ବିଶେଷ ଧ୍ୟାନଦେବା ଜରୁରୀ। ଏ କ୍ଷେତ୍ରରେ ଦେଶର ଯୁବପିଢ଼ିଙ୍କ ଭୂମିକା ବେଶ୍ ଗୁରୁତ୍ୱ ବହନ କରେ। କାରଣ ଦେଶର ଦୁଇ ତୃତୀୟାଂଶ ଭୋଟର ଯୁବଗୋଷ୍ଠୀ। ତେଣୁ ଏହି ସାଧାରଣ ନିର୍ବାଚନରେ ଯୁବଗୋଷ୍ଠୀଙ୍କର ଭୋଟ ଗେମ୍ ଚେଞ୍ଜର ଭାବେ ପ୍ରତୀୟମାନ ହେବ।

ସମୟ ବଦଳିବା ସହ ଭୋଟ ଦେବାର ପ୍ରଣାଳୀରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଛି। ଦିନ ଥିଲା, ଲୋକେ ଭୋଟ ବାକ୍ସରେ କାଗଜ ଗଳେଇ ଭୋଟ ଦେଉଥିଲେ। କିନ୍ତୁ ବର୍ତ୍ତମାନ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବ୍ୟବସ୍ଥା କରାଯାଇଛି। ଭୋଟରଙ୍କୁ ଯଦି କୌଣସି ପ୍ରାର୍ଥୀ ପସନ୍ଦ ନ ଆସୁଛନ୍ତି, ତେବେ ସେମାନଙ୍କ ପାଇଁ ନୋଟା ବା ନନ୍ ଅଫ୍ ଦ ଏବଭ୍ ଅପ୍ସନ୍‌ର ବି ସୁବିଧା ରହିଛି। କେବଳ ସେତିକି ନୁହେଁ ସ୍ୱଚ୍ଛ ଏବଂ ବିଶ୍ୱସନୀୟ ନିର୍ବାଚନ ପ୍ରକ୍ରିୟାର ସମୃଦ୍ଧିକରଣ ଲାଗି ଚଳିତ ନିର୍ବାଚନରେ ଇଭିଏମ ସହ ପ୍ରଥମ ଥର ଲାଗି ଭିଭିପାଟ ମେସିନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଯାହା ଆପଣ ଦେଇଥିବା ଭୋଟର ସ୍ୱଚ୍ଛତାର ପ୍ରମାଣ ଦେବ। ତେବେ ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକ ମତଦାନ ଅଧିକାରକୁ ବ୍ୟବହାର କରିବା ଉଚିତ। କାରଣ ଆପଣଙ୍କର ଗୋଟିଏ ଭୋଟ ଦେଶର ଭବିଷ୍ୟତ ବଦଳେଇବାର କ୍ଷମତା ରଖେ। ୨୦୧୯ ସାଧାରଣ ନିର୍ବାଚନ ଉପରେ ଏବେ ସମସ୍ତଙ୍କ ନଜର। ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଯାଇଛି। ଆଗାମୀ ପର୍ଯ୍ୟାୟ ମତଦାନକୁ ନେଇ ଭୋଟର ତଥା ପ୍ରାର୍ଥୀମାନଙ୍କ ମଧ୍ୟରେ ନାହିଁ ନଥିବା ଆଗ୍ରହ ଏବଂ ଉତ୍ସାହ ପରିଲକ୍ଷିତ ହେଉଛି। ତେବେ ଏହି ମତଦାନକୁ ନେଇ ଆଜିର ଯୁବଗୋଷ୍ଠୀ କ'ଣ ମତ ରଖନ୍ତି ସେ ସମ୍ପର୍କରେ...

**✲ ଖୁସିଲାଗେ ଆମ ଭୋଟ ଦେଶ ଗଠନ ଏବଂ ପ୍ରଗତି କ୍ଷେତ୍ରରେ ବ୍ୟବହୃତ ହେଉଛି:** ଏଇଥର ମୁଁ ଦ୍ୱିତୀୟ ଥର ଲାଗି ଭୋଟ ଦେବାକୁ ଯାଉଛି। ଖୁସିଲାଗେ ଆମ ଭୋଟ ଦେଶ ଗଠନ ଏବଂ ପ୍ରଗତି କ୍ଷେତ୍ରରେ ବ୍ୟବହୃତ ହେଉଛି। ତେବେ ଜଣେ ସଚେତନ ନାଗରିକ ଭାବରେ ମୁଁ ମୋର ଭୋଟ ଦେବା ଅଧିକାରକୁ ପୂର୍ଣ୍ଣ ଭାବେ ଉପଯୋଗ କରିବାକୁ ଚାହେଁ। ଆମ ମତ ସାବ୍ୟସ୍ତ କରିବା ଦ୍ୱାରା ହିଁ ଆମେ ପରିବର୍ତ୍ତନର ଆଶା ରଖିପାରିବା। ଆଜି ସମଗ୍ର ଭାରତବର୍ଷରେ କେବଳ ୬୦ ପ୍ରତିଶତ ମତଦାନ ହେଉଛି, ଯାହା ଆଦୌ ଶୁଭଙ୍କର ନୁହେଁ। ଆମକୁ ମତଦାନ ହାର ବଢ଼େଇବାକୁ ପଡ଼ିବ। ଲୋକମାନଙ୍କ ମଧ୍ୟରେ ଭୋଟ ଦେବାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ଆଗାମୀ ଦିନରେ ଦେଶ ପାଇଁ ଏକ ଉପଯୁକ୍ତ ପ୍ରତିନିଧି ବାଛି ଭାରତକୁ ଏକ ପ୍ରଗତିଶୀଳ ରାଷ୍ଟ୍ରରେ ପରିଣତ କରିପାରିବା। ତେବେ ମୁଁ ଜଣେ ଏପରି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବି, ଯିଏ ଜନତାଙ୍କ ସବୁ ସୁଖଦୁଃଖରେ ସାମିଲ ହୋଇ ପାରୁଥିବେ। ଦେଶ ଗଠନ ତଥା ସମାଜର ଉନ୍ନତି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିପାରୁଥିବେ।

**– ସୁଶ୍ରୀ ମଧୁସ୍ମିତା ବେହେରା**
*ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର*

**✲ ମୋର ବହୁମୂଲ୍ୟ ଭୋଟକୁ ଅପଚୟ ନ କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ଦେବି:** ଗଣତାନ୍ତ୍ରିକ ରାଷ୍ଟ୍ରରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକଙ୍କ ଭୋଟ ଦେବା ଅଧିକାର ଅଛି। ତେଣୁ ଏହି ଅଧିକାରକୁ ଆମେ ସମସ୍ତେ ବୁଝି ବିଚାରି ଦେବା ଉଚିତ। ଏଭଳି ପ୍ରାର୍ଥୀଙ୍କୁ ଭୋଟ ଦେବା, ଯିଏକି ସମାଜ ତଥା ରାଷ୍ଟ୍ର ପ୍ରତି ଥିବା ନିଜ ଦାୟିତ୍ୱକୁ ସୂଚାରୁ ରୂପେ ତୁଲେଇ ପାରୁଥିବେ। ଜନହିତକର କାର୍ଯ୍ୟରେ ସମର୍ପଣ ଭାବନା ରଖି କାର୍ଯ୍ୟ କରୁଥିବେ। ତେଣୁ ମୁଁ ମୋର ବହୁମୂଲ୍ୟ ଭୋଟକୁ ଅପଚୟ ନ କରି ଉଚିତ ପ୍ରାର୍ଥୀଙ୍କୁ ଦେବି। ଏଥର ମୁଁ ତୃତୀୟ ଥର ଲାଗି ଭୋଟ ଦେବି। ମୋର ଭୋଟ ଦେଶହିତ କାର୍ଯ୍ୟରେ ଲାଗୁଥିବା ହେତୁ ମୁଁ ବହୁତ ଖୁସି।

**– ମାନସ ରଞ୍ଜନ ସାହୁ**
*ଘଷିପୁରା, କେନ୍ଦୁଝର*

**✲ କଥାରେ ନୁହେଁ, କାମରେ ବିଶ୍ୱାସ ରଖୁଥିବା ପ୍ରାର୍ଥୀଙ୍କୁ ଭୋଟ ଦେବି:** ଏକ ଅଧ୍ୟୟନରୁ ଜଣାଯାଇଛି ଯେ ମତଦାନ କ୍ଷେତ୍ରରେ ଯୁବ ଭୋଟରଙ୍କ ସଂଖ୍ୟା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଏହାର କାରଣ ହେଉଛି ୧୮ ରୁ ୨୯ ବର୍ଷ ବୟସ୍କ ମଧ୍ୟରେ ଥିବା ଯୁବଗୋଷ୍ଠୀଙ୍କ ରାଜନୀତି ପ୍ରତି ଥିବା ବିମୁଖଭାବ। ଦେଶରେ ସର୍ବାଧିକ ସଂଖ୍ୟକ ଯୁବଭୋଟର ଥିବା ବେଳେ, ରାଜନୀତି ପ୍ରତି ଥିବା ଅନାଗ୍ରହ ସେମାନଙ୍କ ଭୋଟ ଦେବା ଇଚ୍ଛାକୁ ଦମନ କରୁଛି। ତେଣୁ ଏହି ବର୍ଗର ନାଗରିକମାନଙ୍କ ମଧ୍ୟରେ ରାଜନୈତିକ ଘଟଣାବଳୀ ତଥା ମତଦାନ ପ୍ରତି ସଚେତନତା ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ। ସେମାନଙ୍କୁ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିବା ଲାଗି ମଧ୍ୟ ଉତ୍ସାହିତ କରିବା ଆବଶ୍ୟକ। ମୋ ମତରେ ଏଭଳି ପ୍ରାର୍ଥୀଙ୍କୁ ଭୋଟ ଦେବା ଉଚିତ, ଯିଏକି କଥାରେ ନୁହେଁ କାମରେ ବିଶ୍ୱାସ କରୁଥିବେ। ଯେଉଁ ବ୍ୟକ୍ତିଙ୍କୁ ଆମେ ୫ ବର୍ଷ ଯାଏଁ ଆମର ପ୍ରତିନିଧି ଭାବେ ଚୟନ କରିବୁ ସେ ଅନ୍ୟ ରାଜନୈତିକ ଦଳଙ୍କ ବିରୋଧରେ ରାଜନୈତିକ ଖେଳ ନ ଖେଳି ବରଂ ଜନତାଙ୍କର ତଥା ସମାଜର ହିତ ସକାଶେ କାର୍ଯ୍ୟ କରୁଥିବେ। ମୁଁ ଏଥର ପ୍ରଥମ ଥର ଲାଗି ଭୋଟ ଦେବାକୁ ଯାଉଥିବାରୁ ବହୁତ ଏକ୍ସାଇଟେଡ ଅଛି। ମୋ ଭୋଟ ଜଣେ ଯୋଗ୍ୟ ତଥା ଦକ୍ଷ ପ୍ରାର୍ଥୀଙ୍କୁ ଦେବି।

**– ଶ୍ୱେତା ପ୍ରୀତିଶା ପତି**
*ନୟାପଲ୍ଲୀ, ଭୁବନେଶ୍ୱର*

**✲ ଆମ ଭୋଟ ହିଁ ଆମ ଦେଶର ଭବିଷ୍ୟତ ଏବଂ ପ୍ରଗତି ନିର୍ଦ୍ଧାରଣ କରିବ:** ଗଣତନ୍ତ୍ରର ଗଣପର୍ବ– ୨୦୧୯ ନିର୍ବାଚନ ସମ୍ଭବତଃ ବିଶ୍ୱର ସବୁଠାରୁ ବ୍ୟୟବହୁଳ ନିର୍ବାଚନ ହେବାକୁ ଯାଉଛି। ମୋ ମତରେ ବର୍ତ୍ତମାନ ସ୍ଥିତିରେ ଏହି ନିର୍ବାଚନ ଏକ ବାଧ୍ୟବାଧକ ପରିସ୍ଥିତି ସୃଷ୍ଟି କରୁଛି, ଜଣକୁ ଶାସକ ହିସାବରେ ବାଛିବା ପାଇଁ। କାରଣ ପ୍ରାର୍ଥୀ ବାଛିବାରେ ଅପ୍ସନ କମ୍ ରହିଛି। ବାହୁବଳ ଏବଂ ଧନବଳ ଥିବା ଲୋକଙ୍କୁ ପ୍ରାର୍ଥୀ ଭାବେ ଟିକେଟ ମିଳିଛି। ଲୋକଙ୍କ ସେବାର ବାସ୍ତବତା ସହିତ ସେମାନଙ୍କ କୌଣସି ସମ୍ପର୍କ ନାହିଁ ବୋଲି ହୃଦୟଙ୍ଗମ ହେଉଛି। ଯିଏ ପ୍ରକୃତ ଜନସେବକ, ଜନତା ତାଙ୍କୁ ହିଁ ନିଜ ପ୍ରତିନିଧି ଭାବେ ଚାହାନ୍ତି। ମୁଁ ମୋ ଭୋଟ ଜଣେ ଦୂରଦୃଷ୍ଟିସମ୍ପନ୍ନ, କର୍ତ୍ତବ୍ୟ ପରାୟଣ ତଥା ଜଣେ ସଚ୍ଚୋଟ ବ୍ୟକ୍ତିଙ୍କୁ ଦେବାକୁ ଚାହେଁ। ଅପରାଧ ସମ୍ପର୍କ ଥିବା ଛଦ୍ମ ଜନସେବକଙ୍କୁ ସମ୍ପୂର୍ଣ୍ଣ ବହିଷ୍କାର କରିବି। ତେବେ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଭୋଟ ଦେବା ନିଶ୍ଚିତ ଆବଶ୍ୟକ। ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାର ଅଙ୍ଗ ହିସାବରେ ଏହା ଆମର କର୍ତ୍ତବ୍ୟ ଏବଂ ଦାୟିତ୍ୱ ମଧ୍ୟ। ଆମ ଭୋଟ ହିଁ ଆମ ଦେଶର ଭବିଷ୍ୟତ ଏବଂ ପ୍ରଗତି ନିର୍ଦ୍ଧାରଣ କରିବ।

**– ନୀହାର ରଞ୍ଜନ ବାରିକ,** ଢେଙ୍କାନାଳ

**✲ ମତଦାନ ଦ୍ୱାରା ହିଁ ଯୁବପିଢ଼ି ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବେ:** ମତଦାନ ଆମର ସାମ୍ବିଧାନିକ ଅଧିକାର। ଦେଶର ନାଗରିକ ଭାବରେ ଉଚିତ ପ୍ରାର୍ଥୀଙ୍କୁ ଚୟନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ନିଜର ମତଦାନ କରି ଆଜିର ଶିକ୍ଷିତ ଯୁବପିଢ଼ି ଦେଶ ଗଠନ ତଥା ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବେ। ତେଣୁ ଭୋଟ ଦେବା ପୂର୍ବରୁ ମତଦାତାମାନେ ପ୍ରାର୍ଥୀଙ୍କ ବିଷୟରେ ଜାଣିବା ଜରୁରୀ। କୌଣସି ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ନ ହୋଇ ନିଜ ଭୋଟ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବା ଉଚିତ।

**– ସତ୍ୟ ପ୍ରକାଶ ଦାଶ**
*ଚକେଇସିଆଣି, ଭୁବନେଶ୍ୱର*

**ଉପସ୍ଥାପନା: ଲିପ୍‌ସା ବିଶୋଇ**

# କାନ ପାଇଁ କ୍ଷତିକାରକ ଇଅରଫୋନ୍



ଅଧିକାଂଶ ଯୁବପିଢ଼ିଙ୍କୁ ବିନା ମ୍ୟୁଜିକ୍‌ରେ ନିଦ ହୁଏ ନାହିଁ। ରାତିରେ ଇଅରଫୋନ୍ ଲଗାଇ ଗୀତ ଶୁଣୁ ଶୁଣୁ ନିଦ ଆସିଯାଇଥାଏ। ଅଧିକ ସମୟ ଇଅରଫୋନ୍ କାନରେ ଲଗାଇବା ଦ୍ୱାରା ଶ୍ରବଣଶକ୍ତି ପ୍ରଭାବିତ ହୋଇଥାଏ। ଏହାର ଖରାପ ପ୍ରଭାବ ମସ୍ତିଷ୍କ ଏବଂ ନିଦ ଉପରେ ମଧ ପଡ଼ିଥାଏ।

❖ ମ୍ୟୁଜିକ୍ ଶୁଣିବା ଦ୍ୱାରା ଆରାମ ମିଳିଥାଏ ସତ, କିନ୍ତୁ ଏହି ଆର୍ଟିଫିସିଆଲ ସାଉଣ୍ଡ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ।

❖ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଇଅରଫୋନ୍ ଲଗାଇ ମ୍ୟୁଜିକ୍ ଶୁଣିବା ଦ୍ୱାରା ନିଦ ପ୍ରଭାବିତ ହୋଇଥାଏ। ମସ୍ତିଷ୍କ ବିଶ୍ରାମ ନ ନେଇ ଆକ୍ଟିଭ ମୋଡ୍‌ରେ ରହିଥାଏ।



❖ ଯଦି ଆପଣଙ୍କ ଇଅରଫୋନ୍ ସାଙ୍ଗସାଥୀଙ୍କୁ ବ୍ୟବହାର କରିବାକୁ ଦେଉଛନ୍ତି ତେବେ ଆପଣଙ୍କ କାନରେ ଇନ୍‌ଫେକ୍ସନ୍ ହେବାର ଆଶଙ୍କା ରହିଛି।

❖ ଶରୀରକୁ ଅତିକମ୍‌ରେ ୬ରୁ ୮ଘଣ୍ଟା ବିଶ୍ରାମ ଆବଶ୍ୟକ। ଅଧିକ ସାଉଣ୍ଡରେ ଇଅରଫୋନ୍ ଲଗାଇ ଶୁଣିଲେ ଶ୍ରବଣଶକ୍ତି ପ୍ରଭାବିତ ହୋଇଥାଏ। ଆପଣଙ୍କ ହାର୍ଟ ବିଟ୍ ମଧ ନର୍ମାଲ ତୁଳନାରେ ପ୍ରଖର ହୋଇଥାଏ ; ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

❖ ରାତିରେ ଭଲ ନିଦ ହେବା ପାଇଁ ଗୀତ ଶୁଣନ୍ତୁ, କିନ୍ତୁ ଇଅରଫୋନ୍ ଲଗାଇ ଗୀତ ଶୁଣନ୍ତୁ ନାହିଁ। ଆପଣ ଚାହିଁଲେ ନିଦରେ ଶୋଇବା ପୂର୍ବରୁ ଇଅରଫୋନ୍ କାଢ଼ି ଶୋଇପାରିବେ। ଶୋଇବା ପୂର୍ବରୁ କ୍ଷୀର କିମ୍ବା ପାଣି ପିଅନ୍ତୁ। କିଛି ବହି ପଢ଼ିବା ଦ୍ୱାରା ବି ଭଲ ନିଦ ଆସିବ।

## ଏ ସପ୍ତାହର ପ୍ରଶ୍ନ

୧.କେଉଁ ବୈଜ୍ଞାନିକ ରେଡିୟମ ଉଦ୍ଭାବନ ପାଇଁ ବିଶ୍ୱପ୍ରସିଦ୍ଧ ହୋଇପାରିଥିଲେ ?
୨.କେଉଁ ପାରମ୍ପରିକ ନୃତ୍ୟରେ ଗୁରୁ ଗୋପୀ କ୍ରିଷ୍ଣା ଲୋକପ୍ରିୟ ହୋଇଥିଲେ ?
୩.ଜୁଡେ ଫେଲିକ୍ସ କେଉଁ ଖେଳ ସହ ସମ୍ପୃକ୍ତ ?
୪.ଜ୍ୟାମିତିର ଜନକ ଭାବରେ କାହାକୁ ଅଭିହିତ କରାଯାଏ ?
୫.ଗରମପାନୀ ଅଭୟାରଣ୍ୟ କେଉଁ ରାଜ୍ୟରେ ଅଛି ?

## ଗତ ସପ୍ତାହର ଉତ୍ତର

୧ ଟ୍ରାନ୍ସ–କାନାଡ଼ା ପ୍ରାୟ ୮୦୦୦ କି.ମି.
୨ ଜାମ୍ବିଆ
୩ ଡୁରାଣ୍ଡ ଲାଇନ
୪ ଆଣ୍ଟୁ
୫ ୧୯୬୯

## ଉତ୍ତରଦାତା


ନରେଶ କୁମାର କର
ବାଲିଆପାଳ, ବାଲେଶ୍ୱର

ଗୋପବନ୍ଧୁ କର୍ଣ୍ଣ,
ସୋନପୁର, ଉଲୁଣ୍ଡା


ସୂଚନା: ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com





ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
: ନେତାଜୀ ସୁଭାଷ ବୋଷ

## ସଂକ୍ଷେପରେ

### ପଥଚାରୀଙ୍କୁ ଅଂଶୁଘାତଜନିତ ସଚେତନତା ବାର୍ତ୍ତା

ଭୁବନେଶ୍ୱର,୧୩।୪(ବ୍ୟୁରୋ):ସମ୍ପ୍ରତି ରାଜ୍ୟରେ ଦେଖାଦେଉଥିବା ରୌଦ୍ରତାପ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଦିନ ୧୦ଟା ପରେ ରାସ୍ତାଘାଟ ଶୂନ୍‌ଶାନ ହୋଇପଡୁଥିବାବେଳେ ଅବହେ ଗୁଲୁଗୁଲି ସହିତ ପାଣି ସମସ୍ୟା ପଥଚାରୀଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ଶନିବାର ପବିତ୍ର ରାମ ନବମୀ ଉପଲକ୍ଷେ ୟୁନିଟ-୩ ଖାରବେଳନଗରସ୍ଥିତ ପ୍ରଦର୍ଶନୀ ପଡ଼ିଆ ନିକଟରେ ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଛି। ଜଳଛତ୍ରକୁ ଭାଜପା ନେତା ଜଗନ୍ନାଥ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଯୁବମୋର୍ଚ୍ଚା ସଭାପତି ଅଭିଷେକ ଆଚାର୍ଯ୍ୟ ଓ ସାମାଜିକକର୍ମୀ ତୁଳସୀ ବିଶୋଇଙ୍କ ସମେତ ଫାଉଣ୍ଡେସନ ସଭାପତି ରଞ୍ଜନ କୁମାର ମହାପାତ୍ର, ଉପସଭାପତି ବିଶ୍ୱଜିତ ସାମନ୍ତରାୟ, ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ, ପ୍ରଶାସନିକ ନିରଞ୍ଜନ ନାୟକ, ଉପଦେଷ୍ଟା ସୁବାସ କୁମାର ତାରଣୀଆ ପ୍ରମୁଖ ପଥଚାରୀମାନଙ୍କୁ ଦର୍ପଣା ବଣ୍ଟନ କରିବା ସହିତ ଅଂଶୁଘାତଜନିତ ସଚେତନତା ବାର୍ତ୍ତା ଦେଇଥିଲେ।

### ଭାଜପାର ବିଜୟ ସଂକଳ୍ପ ସଭା

ବାଲିପାଟଣା,୧୩।୪(ଡି.ଏନ୍.ଏ.): ବାଲିପାଟଣାସ୍ଥିତ ବଡ଼ ଖେଳ ପଡିଆଠାରେ ଶନିବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ଭାଜପା ଖୋର୍ଦ୍ଧା ଜିଲା ଉପସଭାପତି ସୁଭାସ ଜେନାଙ୍କ ସଭାପତିତ୍ୱରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ, ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ କେନ୍ଦ୍ରର ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମସ୍ତଲୋକଙ୍କ ପାଖରେ ରାଜ୍ୟ ସରକାର ପହଞ୍ଚାଇପାରିନାହାନ୍ତି। ଡବଲ ଇଞ୍ଜିନ ଲଗାଇଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ। ସଭାରେ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ବିକାଶ ଚାହୁଁଥିଲେ ପରିବର୍ତ୍ତନ ଧାରାରେ ସାମିଲ ହୋଇ ରାଜ୍ୟ ଓ କେନ୍ଦ୍ରରେ ଭାଜପାକୁ ସହଯୋଗ କରନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଦିଲୀପ କୁମାର ସ୍ୱାଇଁ, ବିଧାନସଭା ପ୍ରାର୍ଥୀ ନରେନ୍ଦ୍ର ନାଥ ନାୟକ, ଭାଜପା ନେତା ବସନ୍ତ ନାୟକ, ଜିଲା ପରିଷଦ ସଭ୍ୟା ରାଜଲକ୍ଷ୍ମୀ ଭୋଇ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

### ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ

ବାଲିପାଟଣା,୧୩।୪(ଡି.ଏନ୍.ଏ.): ବାଲିପାଟଣାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ମେଳଣ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ମିନକେତନ ବ୍ରହ୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଇଂ. ଦିପ୍ତୀରଞ୍ଜନ ପଣ୍ଡା ଯୋଗଦେଇଥିଲେ। ଅତିଥିଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର ଓ ସରପଞ୍ଚ ମନ୍ଦୋଦରୀ ଦେଈ ଯୋଗଦେଇଥିଲେ। ଏହି ଅବସରରେ ନିଆଳିସ୍ଥିତ ରତନପୁର ଗ୍ରାମର ଶହୀଦ ମନୋଜ ବେହେରାଙ୍କ ମା'ଙ୍କୁ ସମ୍ମାନିତ କରାଯିବା ସହ ମର୍ଦ୍ଦଳ ବାଦକ ବିଜୟ ବାରିକଙ୍କୁ ସରସ୍ୱତୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

■ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଭୁବନେଶ୍ୱର ପାଇଁ ୬୦ ପ୍ଲାଟୁନ ଫୋର୍ସ, ୨ ଶହ ଅଫିସର

ଭୁବନେଶ୍ୱର,୧୩।୪ (ବ୍ୟୁରୋ)

**ପୋଲିସ କମିଶନର ଓ ଏସ୍‌ପିଜି ଟିମ୍‌ର ଆଲୋଚନା**

ସାଧାରଣ ନିର୍ବାଚନ ପାଇଁ ଓଡ଼ିଶାକୁ କେନ୍ଦ୍ରୀୟ ଷ୍ଟାର ପ୍ରଚାରକଙ୍କ ସୁଅ ଛୁଟୁଛି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆ ଓ ସମ୍ବଲପୁରର ଦଳୀୟ ସଭାରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ସହ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ଉପରେ କମିଶନରେଟ ପୋଲିସ ଅଧିକ ଗୁରୁତ୍ୱ ଦେଇଛି। ଶନିବାର ସକାଳେ କମିଶନରେଟ ପୋଲିସ ଓ ଏସ୍‌ପିଜି ଟିମ୍ ମଧ୍ୟରେ ସିପି ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବିମାନବନ୍ଦରରୁ ବରମୁଣ୍ଡା ପଡ଼ିଆ ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ୬୦ ପ୍ଲାଟୁନ ପୋଲିସ ଫୋର୍ସ ଓ ୨ଶହ ପୋଲିସ ଅଫିସର ମୁତୟନ କରାଯିବ। ୪ ଜଣ ଅତିରିକ୍ତ ଡିସିପି ର୍‍ୟାଙ୍କର ଅଫିସର ଏହି ସୁରକ୍ଷା ବ୍ୟାପାରୁ ତଦାରଖ କରିବେ। ଭୁବନେଶ୍ୱର ଡିସିପି ସୁରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିଚାଳନା କରିବେ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି।

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ କିଭଳି ବିମାନ ବନ୍ଦରରୁ କଡ଼ା ସୁରକ୍ଷାରେ ବରମୁଣ୍ଡା ପଡ଼ିଆକୁ ଯିବେ ସେନେଇ ମଧ୍ୟ ଏକ ମକ୍ ଡ୍ରିଲ୍ କରାଯିବ। ଏଥିରେ ମେଡିକାଲ ଟିମ୍ ସହ ଅନ୍ୟ ଗାଡ଼ିଗୁଡ଼ିକ ସାମିଲ ହେବ। ସେହିଭଳି ଅଧିକ ଲୋକଙ୍କ ସମାଗମ ଆଶଙ୍କା ଥିବାରୁ ସଭାସ୍ଥଳ ଓ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯିବ ସହ ସଭାସ୍ଥଳକୁ ଯାଉଥିବା ବ୍ୟକ୍ତିଙ୍କୁ ଯାଞ୍ଚ କରାଯିବ। ଗଣମାଧ୍ୟମ ପ୍ରତିନିଧି ଓ ଦଳୀୟ ନେତାଙ୍କୁ ଏକ ସ୍ୱତନ୍ତ୍ର କାର୍ଡ ଦିଆଯିବ। ତାହାକୁ ଦେଖାଇ ସେମାନେ ସଭାମଞ୍ଚ ନିକଟକୁ ଯାଇପାରିବେ ବୋଲି କମିଶନର ମହାନ୍ତି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଏସ୍‌ପିଜି ଟିମ୍ ମଧ୍ୟ ସେମାନଙ୍କ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ନେଇ ପୋଲିସ କମିଶନରଙ୍କ ସହ ଆଲୋଚନା କରିଥିଲେ। କେଉଁଠି କିପରି ସୁରକ୍ଷା ଦିଆଯିବ ତାହା ଉପରେ ମଧ୍ୟ ପରାମର୍ଶ ଅବଗତ କରାଇଥିଲେ। ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ତେବେ ପ୍ରଧାନମନ୍ତ୍ରୀଙ୍କ ଯିବା ଆସିବା ବେଳେ ମୁଖ୍ୟ ରାସ୍ତା ସହ ଗଳିକନ୍ଦି ରାସ୍ତାକୁ ସିଲ୍ କରାଯିବ। ଏହି ସମୟରେ ଟ୍ରାଫିକ୍ ସମସ୍ୟାକୁ ଏଡାଇବା ପାଇଁ ଅଧିକ ଟ୍ରାଫିକ୍ ପୋଲିସ ନିୟୋଜିତ ଉପରେ ଏସ୍‌ପିଜି ପକ୍ଷରୁ ମତ ରଖାଯାଇଥିଲା।

## ବିଲ୍‌ଡର ଅଫିସରୁ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

**କଟକ ରୋଡ,୧୩।୪(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ପୋଲିସ ଶନିବାର ଏକ ବିଲ୍‌ଡର ଅଫିସ ପରିସରରୁ ଜଣେ କର୍ମଚାରୀଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ କଟକ ଜିଲା କାନପୁର ଥାନା ଅଧୀନ ପଦମାଳ ଗ୍ରାମର ସୂର୍ଯ୍ୟକାନ୍ତ ମାହାଳିକ (୨୧)। ସୂଚନା ଅନୁଯାୟୀ, ଗତ ୫ବର୍ଷ ହେବ ସୂର୍ଯ୍ୟକାନ୍ତ ଲକ୍ଷ୍ମୀସାଗର ହାଉସିଂବୋର୍ଡସ୍ଥିତ ଉକ୍ତ ବିଲଡରଙ୍କ କାର୍ଯ୍ୟାଳୟରେ ଅଫିସ ବୟ ଭାବେ କାମ କରୁଥିଲେ। ସକାଳ ୭ଟାରେ ସେ ଏକ ଫ୍ୟାନରେ ଝୁଲୁଥିବା ନେଇ ଘର ମାଲିକ ଦେଖିବାକୁ ପାଇଥିଲେ। ପୋଲିସ ପହଞ୍ଚି ସୂର୍ଯ୍ୟକାନ୍ତଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୃତକଙ୍କ ନିକଟରୁ ଏକ ସୁଇସାଇଡାଲ ନୋଟ ମଧ୍ୟ ମିଳିଛି। ଯେଉଁଥିରେ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହେଁ ବୋଲି ଲେଖାଯାଇଥିବା ଘଟଣାର ତଦନ୍ତକାରୀ ଅଧିକାରୀ ବିଶ୍ୱଧର ପ୍ରଧାନ କହିଛନ୍ତି। ଏନେଇ ଅପମୃତ୍ୟୁ ମାମଲା(ନଂ.୧୨/୧୯)ରୁଜୁ ହୋଇଛି।

# ଜନ୍ମଦିନ ପାଳିଲା ରାଜଧାନୀ

ଭୁବନେଶ୍ୱର,୧୩।୪(ବ୍ୟୁରୋ)



ରାଜଧାନୀ ଭୁବନେଶ୍ୱରର ୭୨ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜଧାନୀ ପ୍ରତିଷ୍ଠା କମିଟି ପକ୍ଷରୁ ସନ୍ଧ୍ୟାରେ ସୂଚନା ଭବନରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ବିଭାଗର କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରଦୀପ ପ୍ରଜ୍ୱଳନ କରିବା ସହ କେକ୍ କାଟି ଭୁବନେଶ୍ୱରର ଜନ୍ମଦିନ ପାଳନ କରିଥିଲେ।

ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଶାନ୍ତ ପାଢ଼ୀ, ବିଦିଶା ଦାସ ଓ ତାଙ୍କ ଦଳ ଭଜନ ପରିବେଷଣ କରିଥିବାବେଳେ ବଲାଙ୍ଗୀରର ଢୋଲ ମହୁରୀ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଭୁବନେଶ୍ୱରର ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ତାଲଖାଇ, ଓମ୍ ନମଃ ଶିବାୟ, ବନ୍ଦେ ଉତ୍କଳ ଜନନୀ, ସମ୍ବଲପୁରୀ ନୃତ୍ୟ ଉପସ୍ଥାପନ କରିଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ଆଇନ ଉପଦେଷ୍ଟା ମାନସ ମହାପାତ୍ରଙ୍କ ସମେତ ବହୁ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସକାଳେ ପିଏମ୍‌ଜି ଛକଠାରେ ସଚିବାଳୟ ସମ୍ମୁଖ ଭିତ୍ତିପ୍ରସ୍ତର ଫଳକ ନିକଟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସଚିବ ସିଂହ ସମବେତ ରାଜଧାନୀବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଉପ-ନିର୍ଦ୍ଦେଶକ ବିପିନ ବିହାରୀ ବାରିକୀ, ବରଦା ପ୍ରସନ୍ନ ଦାସ, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସନ୍ତୋଷ କୁମାର ଦାସ, ଭୁବନେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି ଓ ସାଧାରଣ ସମ୍ପାଦକ ସନତ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୩ ବାଇକ୍ ଜବତ, ଲୁଟେରା ଗିରଫ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ରାଜଧାନୀର ବିଭନ୍ନ ଅଞ୍ଚଳରୁ ବାଇକ୍ ଚୋରି କରୁଥିବା ଜଣେ ଲଅଭିଯୁକ୍ତକୁ ନୟାପଲୀ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କନ୍ଧମାନ ନୂଆପଦର ଅଞ୍ଚଳର ସୁମନ୍ତ ଦିଗାଲ (୨୫)। ସେ ସାଲିଆସାହିର ଶକ୍ତି ବିହାରରେ ରହୁଥିଲେ। ତାଙ୍କ ନିକଟରୁ ପୋଲିସ ୩ଟି ବାଇକ୍ ଜବତ କରିଛନ୍ତି।ଏନେଇ ନୟାପଲୀ ଥାନା ପୋଲିସ କେସ୍ ନଂ-୧୮୩/୧୯ ଦଫା ୩୭୯ ଲଗାଇ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ମାଞ୍ଚେଶ୍ୱର ଜରିପାଟଣା ଅଞ୍ଚଳର ଚନ୍ଦ୍ରକାନ୍ତ ପରିଡା ନାମକ ବ୍ୟକ୍ତି ଗତ ୧୧ ତାରିଖରେ ନୟାପଲି ଆସିଥିଲେ। ସେ ତାଙ୍କର ବାଇକ ପାର୍କିଂ କରି କୌଣସି କାର୍ଯ୍ୟରେ ଯାଇଥିଲେ। ସେ ଫେରିବା ପରେ ତାଙ୍କ ବାଇକରେ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ସେଠାରେ ଲାଗିଥିବା ସିସିଟିଭି ଚାଞ୍ଚ କରି ଲୁଟେରା ସୁମନ୍ତଙ୍କୁ ଚିହ୍ନଟ କରିଥିଲେ। ତାଙ୍କୁ ପଚରାଉଚରା କରିବା ପରେ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ପୋଲିସ ତାଙ୍କୁ ପଚରାଉଚରା କରିବା ପରେ ଆଉ ଦୁଇଟଇ ବାଇକ ଚୋରି କରିଥିବା ମାନିଯାଇଥିଲା। ପୋଲିସ ତାର କହିବା ଅନୁଯାୟୀ ଚଢାଉ କରି ୩ଟି ବାଇକୁ ଜବତ କରିଛି। ସେ ଏକା ବାଇକ ଚୋରି କରୁଥିଲା ନାଁ ତା ଗ୍ୟାଙ୍ଗରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ସେନେଇ ପୋଲିସ ଖୋଳତାଡ କରୁଛି।

# ମହିଳାଙ୍କ ଦ୍ୱାରା ରାମନବମୀ ପାଳିତ



ହୋମ ଯଜ୍ଞରେ ବସିଥିବା ମହିଳାମାନେ।

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ନୀଳାଦ୍ରି ବିହାରସ୍ଥିତ ରାମମନ୍ଦିରରେ ନିଆରା ଢଙ୍ଗରେ ରାମନବମୀ ପାଳିତ ହୋଇଯାଇଛି। ୯ ଦିନ ଧରି ଏହି ମନ୍ଦିରରେ ପୂର୍ଣ୍ଣାନନ୍ଦ ଚୌଧୁରୀଙ୍କ ନେତୃତ୍ୱରେ ରାମ ମହାନବମୀ ପ୍ରାଣାୟାମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ କଲୋନୀର ମହିଳାମାନଙ୍କ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ଶନିବାର ଶ୍ରୀରାମ ନବମୀ ଉତ୍ସବ ଓ ରାମ ଅଭିଷେକ ହେବା ପରେ ଅପରାହ୍ନରେ ବିଶ୍ୱଶାନ୍ତି ହୋମ ଯଜ୍ଞ ହୋଇଥିଲା। ଏଥିରେ ମହିଳାମାନେ ଯଜ୍ଞକୁଣ୍ଡ ଚତୁର୍ପାର୍ଶ୍ୱରେ ବସି ହୋମ୍‌ରେ ଅକ୍ଷତ ଓ ଘୃତ ଆଦି ଅର୍ପଣ କରିଥିଲେ। ଜାତିଧର୍ମ ନିର୍ବିଶେଷରେ ସମସ୍ତ ବାସିନ୍ଦାଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସନ୍ନ୍ୟାସୀ ପରିଡ଼ା, ଜଗନ୍ନାଥ ରଥ, ରମେଶ ଚନ୍ଦ୍ର ଚାନ୍ଦ ଓ ଯୁବ ଗୋଷ୍ଠୀ ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିଥିଲେ।

## ମା' ମଙ୍ଗଳ ଲକ୍ଷ୍ମୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ମା' ମଙ୍ଗଳଲକ୍ଷ୍ମୀ ଶାକଦ୍ୱୀପି ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଓ ନିଖିଳ ଶାକଦ୍ୱୀପି ବ୍ରାହ୍ମଣ ସମାଜର ତତ୍ତ୍ୱାବଧାନରେ ମା' ମଙ୍ଗଳଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ତିନିଦିନାତ୍ମକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୧୦ ତାରିଖ ଠାରୁ ଚାଲିଥିବା ଯଜ୍ଞ ଶନିବାର ଶେଷ ହେବା ସହିତ ଶୁକ୍ରବାରଠାରୁ ସାର୍ବଭୌମ୍ୟ ଶାକଦ୍ୱୀପିୟ ବ୍ରାହ୍ମଣ ମହାସଂଘ ପକ୍ଷରୁ ଚାଲିଥିବା ମହା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାନ ସାଧୁ ସନ୍ଥ ସର୍ବ ଭାରତୀୟ ଦିବ୍ୟ ଜୀବନ ସଂଘ, ଋଷିକେଷ, ଉତ୍ତରାଖଣ୍ଡ, ଦିବ୍ୟ ଜୀବନ ସଂଘର ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ମହାରାଜ, ମହାନସନ୍ଥ ନିଗମ କଳ୍ପତରୁ ଆଶ୍ରମ ଭୁବନେଶ୍ୱରର ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜଙ୍କ ଆର୍ଶିବଚନ ଏହି ଅବସରରେ ଶ୍ରୋତାମାନଙ୍କୁ ଶୁଣିବାକୁ ମିଳିଥିଲା। ଅନ୍ୟ ପ୍ରବକ୍ତାମାନଙ୍କ ମଧ୍ୟରେ ପଣ୍ଡିତ ବ୍ରଜଗୁରୁ ଆଚାର୍ଯ୍ୟଙ୍କ ଆର୍ଶିବଚନ ପରିସରରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଉକ୍ତ ସଭାକୁ ନିଖିଳ ଶାକଦ୍ୱୀପି ବ୍ରାହ୍ମଣ ସମାଜର ସଭାପତି ବିଜୟ କୁମାର ନାୟକ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପୂର୍ବରୁ ପଣ୍ଡିତ ବିପିନ ବିହାରୀ ପାଣିଗ୍ରାହୀ ବେଦ ପାଠ କରିଥିଲେ। ସର୍ବଭାରତୀୟ ଶାକଦ୍ୱୀପି ବ୍ରାହ୍ମଣ ସମ୍ମିଳନୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ଉପାଧ୍ୟାୟ, ରାଷ୍ଟ୍ରୀୟ ମହାସଚିବ ରାଜେନ୍ଦ୍ର କୁମାର ଶର୍ମା ତଥା ବିଭିନ୍ନ ପ୍ରଦେଶରୁ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକା 'ବ୍ରହ୍ମଜ୍ୟୋତି' ଉନ୍ମୋଚିତ ହୋଇଥିଲା। ଅନ୍ୟପକ୍ଷେ ସମିତିର ଅନ୍ତରାଷ୍ଟ୍ରୀୟ କମକର୍ତ୍ତାମାନଙ୍କୁ ଭାସ୍କର ଜ୍ୟୋତି ଉପାଧିରେ ଓ ମନ୍ଦିର ପ୍ରତିଷ୍ଠାତା ଭୂବନ ନାୟକଙ୍କୁ ଜ୍ୟୋତିଷ ବିଷାରଦ ସମ୍ମାନରେ ଭୂଷିତ କରାଯାଇଥିଲା। ଅନ୍ୟ ଉପସ୍ଥିତ ପଣ୍ଡିତମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ହିନ୍ଦୁଜାଗରଣ ସାମ୍ମୁଖ୍ୟ ତରଫରୁ ଶ୍ରୀରାମ ନବମୀ ମହୋତ୍ସବ

**ଭୁବେନେଶ୍ୱର,୧୩।୪(ବ୍ୟୁରୋ)-** ହିନ୍ଦୁଜାଗରଣ ସାମ୍ମୁଖ୍ୟ ପକ୍ଷରୁ ରାମନବମୀ ମହୋତ୍ସବ ଶନିବାର ଭୁବନେଶ୍ୱରରେ ପାଳିତ ହୋଇଯାଇଛି। ମଞ୍ଚର ସଂଯୋଜକ ସୁମନ୍ତ ଘଡ଼େଇଙ୍କ ନେତୃତ୍ୱରେ ୩ହଜାରରୁ ଉର୍ଦ୍ଧ୍ୱ ଯୁବକଙ୍କୁ ନେଇ ଏକ ଶୋଭାଯାତ୍ରା ହୋଇଥିଲେ। ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ, ସଂକୀର୍ତ୍ତନ ମଣ୍ଡଳୀ, ରାମ, ଲକ୍ଷ୍ମଣ ଓ ସୀତା ଏବଂ ହନୁମାନ ବେଶଧାରୀ କୁନି ଛାତ୍ରୀଛାତ୍ର ଆକର୍ଷଣ ସାଜିଥିଲେ। ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ଯୋଗଦେଇଥିବା ବେଳେ ଅତିଥି ଭାବେ ପୂର୍ବ କ୍ଷେତ୍ର ଧର୍ମଜାଗରଣ ପ୍ରମୁଖ ବିନୟ ଭୂୟାଁ, ଆରଏସ୍ଏସ୍ ଓଡ଼ିଶା ପୂର୍ବ ପ୍ରାନ୍ତ ସହପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ ଏବଂ ହିନ୍ଦୁ ଜାଗରଣ ସାମ୍ମୁଖ୍ୟର ପ୍ରାନ୍ତ ସଭାପତି ଅଜିତ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଭୁବନେଶ୍ୱରର ୫୫ଟି ସ୍ଥାନରେ ହନୁମାନ ଚାଳିଶା ପାଠ କରାଯାଇଥିଲା।

# ମେଣ୍ଢାଶାଳରେ ମେରୁ ଉତ୍ସବ, ଅଘୋରତପ



ପାଟୁଆମାନେ ରାସ୍ତାରେ ଗଡ଼ି ଦଣ୍ଡନାଚ କରୁଛନ୍ତି।

ବାରଙ୍ଗ,୧୩।୪(ଡି.ଏନ.ଏ.)

ମେଣ୍ଢାଶାଳରେ ଶନିବାର ଦଣ୍ଡୁଆମାନଙ୍କ ଦ୍ୱାରା ମେରୁ ଉତ୍ସବ, ଦଣ୍ଡଗଡ଼ା, ଭୋଗଖିଆ ଓ ଅଘୋରତପ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମେରୁ ଦିନ ଦଣ୍ଡଯାତ୍ରାରେ ଭାଗନେଇଥିବା ପାଟୁଆମାନଙ୍କ ଦ୍ୱାରା ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାତଦିନ ପୂର୍ବରୁ ଦଣ୍ଡରେ ମିଶିଥିବା ପାଟୁଆମାନେ ବାଲୁଙ୍କେଶ୍ୱର ଦେବଙ୍କ ନିକଟ ପଦ୍ମ ପୋଖରୀରେ ସ୍ନାନାଦି ସମାପନ କରିଥାନ୍ତି। ପ୍ରତ୍ୟେକ ରାତିରେ ଗାଁ ସାହି ବୁଲି ଦଣ୍ଡଖେଳ, ଚଢ଼େୟା ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ମେରୁଦିନ ଦିନ ୧୧ଟା ସମୟରେ ସମସ୍ତ ପାଟୁଆ, କାଳେସୀମାନେ ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ଭଗବତ ମନ୍ଦିର ସମ୍ମୁଖରୁ ତତଲା ବାଲିରେ ଗଡ଼ି ଗଡ଼ି ଅଧ କିଲୋମିଟର ଦୂର ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇଥାନ୍ତି। ଏହାକୁ ଦଣ୍ଡଗଡ଼ା ପର୍ବ କୁହାଯାଏ। ପରେ ସମସ୍ତ ପାଟୁଆ ସ୍ନାନାଦି କାର୍ଯ୍ୟ ସାରି ଦଣ୍ଡ, ଗୌରିବେତ ଧରି ଗ୍ରାମ ସାରା ବୁଲି ଭୋଗପଣା ଖିଆ ଅନୁଷ୍ଠିତ ହୋଇଥାଏ। ଏ ବର୍ଷ ଦୁଇଜଣ ଅଘୋରପ ମାନସିକଧାରୀଙ୍କୁ ପାର୍ବତୀ ମନ୍ଦିରରୁ ବାହାରକୁ ଆଣି, ପଦ୍ମପୋଖରୀକୁ ସ୍ନାନ ପାଇଁ ମୁହଁରେ ଲୁଗା ଗୁଡ଼ାଇ ନେଇଥାନ୍ତି। ସ୍ନାନ ପରେ ସେମାନଙ୍କୁ ହଳଦିଆ ବସ୍ତ୍ର ପରିଧାନ ସହ ବେକରେ ଚମ୍ପାଫୁଲ ମାଳ, ପାଟିରେ ତିରଣ ଧରି ମୁହଁ ଘୋଡାଇ ଯଜ୍ଞ କୁଣ୍ଡ ନିକଟକୁ ଆଣିଥାନ୍ତି। ଯଜ୍ଞକୁଣ୍ଡ ଉପରେ ବନ୍ଧାଯାଇଥିବା ଭାରାରେ ଗୋଡ଼ ବାନ୍ଧି କୁଣ୍ଡ ଉପରେ ଝୁଲାଇ ଦେଇ କାଳେସୀ ତିନିମୁଠା ଝୁଣା ମାରିଥାନ୍ତି। ଝୁଣା ନିଆଁ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ତିନିଥର ମରାଯିବା ପରେ ଅଘୋରତପ ଶେଷ ହୋଇଥାଏ। ଉତ୍ସବକୁ ଦେଖିବା ପାଇଁ ମେଳନ ପଡ଼ିଆରେ ଆଖପାଖ ଗ୍ରାମରୁ ଦର୍ଶକ ଉପସ୍ଥିତ ଥାଆନ୍ତି। ରବିବାର ଝାମୁଚଲା ଯାତ୍ରା ଅନୁଷ୍ଠିତ ହୋଇଥାଏ।

# ଶପଥ ଗ୍ରହଣ କଲେ ସୈନିକ ସ୍କୁଲ କ୍ୟାଡେଟ୍

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)-** ଚଳିତ ଶିକ୍ଷାବର୍ଷ ପାଇଁ ସୈନିକସ୍କୁଲ ଭୁବନେଶ୍ୱର କ୍ୟାଡେଟ୍‌ମାନଙ୍କର ପଦ ଶପଥ ଗ୍ରହଣ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍. ଡୋମିନିକ୍ ରାୟନ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିବା ପାଇଁ ମନୋନୀତ କ୍ୟାଡେଟ୍‌ମାନଙ୍କୁ ଅଧ୍ୟକ୍ଷ ର୍‍ୟାଙ୍କ୍ ପିନ୍ଧାଇଥିଲେ। ବିଦ୍ୟାଳୟର ବିବେକାନନ୍ଦ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ଏହି ଉତ୍ସବରେ ଉପାଧ୍ୟକ୍ଷ କମାଣ୍ଡର ଅମିତାଭ ରଞ୍ଜନ, ପ୍ରସାଶନିକ ଅଧିକାରୀ ଏନ. ସନ୍ତୋଷ କୁମାର, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ସମସ୍ତ କ୍ୟାଡେଟ୍, ଅଫିସ ଓ ଛାତ୍ରାବାସ କର୍ମଚାରୀଙ୍କ ସମେତ କେତେଜଣ ପୁରାତନ ଛାତ୍ର ପ୍ରତିନିଧି ଉପସ୍ଥିତ ଥିଲେ। ପଦ ଶପଥ ଗ୍ରହଣ ପରେ ନିଷ୍ଠାର ସହିତ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ମୁଖ୍ୟ ଅତିଥି କ୍ୟାଡେ଼ଟ୍‌ମାନଙ୍କୁ କହିଥିଲେ। ବରିଷ୍ଠ ଅଧ୍ୟାପକ ସୁଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଯୁବତୀଙ୍କୁ ବ୍ଲାକମେଲ କରି ୨ ଗିରଫ

କଟକ ଅଫିସ,୧୩।୪

**■ ଆଇବିକୁ ଯାଉଥିବା ପ୍ରେମୀଯୁଗଳଙ୍କ ଭିଡିଓ ରେକର୍ଡିଂ କରୁଥିଲେ**

ଜଣେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଦେଖାଇ ବ୍ଲାକମେଲ୍ କରିବା ଅଭିଯୋଗରେ ସିଡିଏ ଫେଜ୍-୨ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ସେସମାନେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ଅଞ୍ଚଳର ବନୋଜ ସାହୁ ଓରଫ ଲିଟୁ(୨୦) ଏବଂ ନାରାୟଣ ବେହେରା(୩୦) । ପୋଲିସ ସେମାନଙ୍କଠାରୁ ୨ଟି ମୋବାଇଲ, ଗୋଟିଏ ଡିଏସ୍‌ଏଲ୍‌ଆର୍ କ୍ୟାମେରା ଜବତ କରିବା ସହ ଆଇପିସି ଦଫା ୨୯୨, ୩୫୪, ୩୪ ଏବଂ ଆଇଟି ଆକ୍ଟ- ୬୬ଇ, ୬୭, ୬୭(ଏ)ରେ ଏକ ମାମଲା (ନଂ. ୨୨/୧୯) ରୁଜୁ କରିଛି । ମୁଖ୍ୟ ଅଭିଯୁକ୍ତ ନାରାୟଣ ଏଭଳି ବହୁ ପ୍ରେମୀଯୁଗଳଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ରେକର୍ଡିଂ କରିଥିବା ପୋଲିସ ସୂଚନା ଦେଇଛି ।

ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ସେ ଏବଂ ତାଙ୍କର ପ୍ରେମିକ ଗତ ଡିସେମ୍ବରରେ ନରାଜସ୍ଥିତ ଆଇବିକୁ ଯାଇଥିଲେ। ସେଠାରେ ଦୁହେଁ କିଛି ସମୟ ବିତାଇବା ପରେ ଚାଲିଆସିଥିଲେ। ତେବେ ଗତ ଜାନୁୟାରୀ ୪ତାରିଖରେ ଲିଟୁ ତାଙ୍କ ମୋବାଇଲକୁ ହ୍ୱାଟ୍‌ସ ଆପରେ ତାଙ୍କର ଏବଂ ତାଙ୍କ ପ୍ରେମିକଙ୍କ ସହିତ ରଖିଥିବା ଶାରୀରିକ ସମ୍ପର୍କର ଭିଡିଓ ପଠାଇଥିଲେ। ପରେ ଉକ୍ତ ଭିଡିଓ ଦେଖାଇ ଯୁବତୀଙ୍କୁ ବ୍ଲାକମେଲ୍ କରିବା ସହ ଟଙ୍କା ମାଗିଥିଲେ। ଏ ନେଇ ଯୁବତୀ ଜଣକ ସିଡିଏ ଫେଜ-୨ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି। ପଚରାଉଚରା ବେଳେ ଦୁହେଁ ଉକ୍ତ ଭିଡିଓ ସେମାନଙ୍କ ଅଜାଣତରେ ଉତ୍ତୋଳନ କରିଥିବା ସ୍ୱୀକାର କରିଛନ୍ତି। ଏଥିସହ ନାରାୟଣ ତାଙ୍କ ମୋବାଇଲରେ ଆଇବିକୁ ଆସୁଥିବା ପ୍ରେମୀଯୁଗଳଙ୍କ ଭିଡିଓ ରେକର୍ଡିଂ କରୁଥିଲେ। ଉକ୍ତ ଭିଡିଓକୁ ସେମାନେ ସୋସିଆଲ ମିଡ଼ିଆରେ ଛାଡୁଥିବା ମଧ୍ୟ ମାନିଛନ୍ତି। ଏପରିକି ଉକ୍ତ ଭିଡିଓ ଦେଖାଇ ସେମାନେ ପ୍ରେମିକ ପ୍ରେମିକାଙ୍କୁ ବ୍ଲାକମେଲ୍ କରୁଥିଲେ ବୋଲି ମାନିଥିବା ପୋଲିସ ସୂଚନା ଦେଇଛି।

## ବେଣ୍ଣୁପୁରରେ ରାମନବମୀ ମହୋତ୍ସବ

ବାଲିଅନ୍ତା,୧୩।୪(ଡି.ଏନ.ଏ.)

ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଣୁପୁର, ଗୋଳେବିନ୍ଧା ଓ କାକରୁଦ୍ରପୁର ଗ୍ରାମରେ ଶନିବାର ପବିତ୍ର ଶ୍ରୀ ରାମନବମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାମନବମୀ ଉପଲକ୍ଷେ ଗ୍ରାମର ରାମମନ୍ଦିର ଗୋଳେବିନ୍ଧାର ସୀତା ରାମେଶ୍ୱର ଓ କାକରୁଦ୍ରପୁର ପତିତପାବନ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବେଣ୍ଣୁପୁର ଗ୍ରାମରେ ପାରମ୍ପରିକ ରାମଲୀଳା ଉତ୍ସବ ପାଇଁ ଜଳଯାତ୍ରା ଘଟସ୍ଥାପନ ଯଜ୍ଞ ଆଦି ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ଚଳନ୍ତି ଠାକୁର ଚନ୍ଦ୍ରଶେଖର ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୀଠରୁ ବରଣୀ କରାଯାଇ ରାମ ମନ୍ଦିରକୁ ଅଣାଯାଇଥିଲା। ସନ୍ଧ୍ୟାରେ ଆଳତି, ପୁଷ୍ପାଞ୍ଜଳି ଓ ନୀତି ଭୋଗ ଲାଗି କରାଯାଇଥିଲା। ରାମଲୀଳାର ୩୦ କଳାକାର ଓ କର୍ମକର୍ତ୍ତାମାନେ ବ୍ରତଧାରଣ କରିଥିଲେ। ମନ୍ଦିର ପୂଜକ ବିଶ୍ୱମ୍ଭର ପତି ପୂଜା ପରିଚାଳନା କରିଥିଲେ। ସନ୍ଧ୍ୟାରେ ଜୟଦେବ ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ଢାଲୀ ମନ୍ଦିରକୁ ଆସି ଆଶୀର୍ବାଦ ଭିକ୍ଷା କରିଥିଲେ।






## BRIDE WANTED

Girl for karan 1979/170 cm. M.Tech (IIT Bombay) internship Steinbeis University Germany Commander Indian Navy. Contact. 09438183860. D-12049

Brahmin boy 1989, 5'8'' MBA. Manager Accenture Bangalore "Sunasansar". 9937512659. D- 12050

ତେଲିପାତ୍ର ୫୫ + ମାଟ୍ରିକ୍ କମ୍ପାନୀ ଚାକିରି ପାଇଁ ସହୃଦୟା ମହିଳା ଆବଶ୍ୟକ। 7377316197. D-59930

Brahmin 1989 B.Tech NIT, MBA Xavier, software Bangalore. 6372663936, 9238578599. D- 60121

Khandayat 45/5'7" highly paid software Engineer at America searching for unmarried/ issueless widow/ divorced around 35 Doctor/Engineer/any graduate bride of any caste other than SC/ ST. 8327789819. D-12044

Now Matrimonial ads. only on Wednesday & Sunday Book 1 Get 1 FREE

ଇଣ୍ଡିଆନ ସ୍କୁଲ ଅଫ୍ ମାଇନ୍ସରୁ ପାସ୍ କରିଥିବା ଆଲାଏଡ୍ ବ୍ରାହ୍ମଣ ପାତ୍ର ପାଇଁ ଡ଼ାକ୍ତର ଝିଅ ଦରକାର। ଯୋଗାଯୋଗ: ୯୪୩୭୦୧୦୯୮୯, ୮୦୧୮୮୪୫୪୦୪. D-12110

Wanted suitable Bangalore service Brahmin girl for Bangalore service software Engineer boy, 1990, 5'10": 9439630459, 8079961511. D-12130

Divorcee groom class-1 officer 38, clerk 42 (caste-no-bar). Contact: 7873374269. D-66430

Bhubaneswar କଟକ ଯିବାରାସ୍ତା ହଂସପାଳ ନିକଟରେ develop ଘରବାରି plot କିନନ୍ତୁ। 9439487505. D-12075

2400 sft. GA plot at SUM Hospital, Bharatpur, Bhubaneswar. Contact Deepak- 9937329999 (brokers excuse). D-66214

Gharabari plot at Balianta, Bhingarpur infront Sudhananda Engineering College and Duplex/ Simplex at Atala near Hanspal square: 9438419823, 9861086655. D-66429

Double storied residential building (30'x66') Mukunda Mishra Nagar at Puri for sale. Rs.70 lakhs. Contact: 7978936187, 9437470042. D-63942

Book 4BHK duplex having land area 1750 sqft. and construction area 2400 sqft., near ITER College, Jagamara, Bhubaneswar. Price- 93 lakhs, 7326084916. D-66085

Book 4BHK/3BHK duplex with gated community at Gudiapokhari, Uttara. Land-1400, construction- 1800. 7327043914. D-66083

GA plot for sale. Niladri Vihar 4500 sqft. (60x75) East facing. Broker Excuse. Contact: 7008654197, 7008568545. D-59531

New ladies hostel, 60 bed available. Marble room attached latrin bathrooms, Baramunda Bus stand. Student, employees contact: 9438423524. D-11999

2 bedroom and 1 hall with 2 toilet, kitchen in first floor having parking in Kalpana square for office, guest house, coaching centre. Contact: 9337116095. D- 65634

3BHK beautifully designed semi furnished marbeled flat at unit-8, Soubhagya Nagar. 9000001508. D- 64955

Commercial/ residential space/ Office/ Godown, 2500 sqft. four units. Bapuji Nagar, Bhubaneswar. 9556700943. D- 65635

Godown space available 4500 sqft near Cuttack Road. Contact: 9937066789. D-12068

Ground floor, 3BR, dining, drawing, no car parking, Jagannath Ashram, Tankapani Road, Bhubaneswar. 9438061655. D- 58074

House at Nayapalli near DAV/ Stewart School for family. 9438490107. D-65874

Office space 350 sqft. rent at Indradhanu Market, Bhubaneswar. 7008967858. D- 66124

160,000 sqft. vacant land with compound wall Tolet for godown, stock-yard & wire housing purpose at Totapada NH/16 near Khurdha. Contact: 9937033933. D-12125

Marbled 1600 sqft. house 3 rooms, unit-8, DAV, Kalyanmandap chhak. Rent- 14,000/-. 9438250900. D-66086

Ayurvedic full body massage ladies/ gents experts therapist. 8338097451 . D-65877

Newly opening ayurvedic body massage smart therapist Shree herbal. 7750020754. D-66079

Newly open body massage by ladies/ gents Samantrapur, BBSR. 7749975576. D-65875

education

Film making, Acting courses at best Schools of Mumbai. Career at Bollywood. 7978231072. D-66427

business

Start your part/full time business today. Low startup cost & huge returns. Call: 9090029024. D-12140

real estate

## SALE

2BHK flat near Garage Chhak Lewis Road, Bhubaneswar. Contact: 8328890345. D-65637

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12127

ଭୁବନେଶ୍ୱର ପାହାଳରେ Bank finance ଥାଇ plot sqft.- 780/-ରେ ଘର କରନ୍ତୁ। 8280032048. D-66316

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66305

Tomando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ। 9438859527. D-66325

ସ୍ଥିତିବାନ ଘରବାରି ପ୍ଲଟ ରେଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

Resale of 3BHK full-furnished flat (1450 sqft.) at Budheswari Colony, CTC road, Bhubaneswar. Cost- 78 lakhs. Contact: Rohit Agrawal. Mob: 9861444119. D-58073

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12128

ଜଟଣୀ ଗେଟ ପାଖରେ NH5 sideରେ ଘରବାରି boundary plot ବିକ୍ରିହେବ। 9778556265. D- 66335

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ୍ **(Grand Bazar) NH-5ରୁ** ଅଳ୍ପ ଦୂରତାରେ ଘରବାରି ବାସୋପଯୋଗି **plot** କିଣନ୍ତୁ। **7749090720.** D-66327

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Gharabari demarcated plot for sale near Sum Hospital, Nuagaon. 100 feet road Bhubaneswar Malipada mouza @1600/- sqft. Contact: 9777063609. D-66342

Corner plot (5,200 Sq.ft App., sthitiban status) with newly constructed double storied building (total roof area 3,500 sq.ft App.) + outhouse (roof area 540 sq.ft App.) with compound wall having two separate entry for vehicles on both sides. Address: Puri Town (Odisha), near Railway level crossing Puri Konark road. Suitable for: Residence guest house, holiday home, office, nursing home, bank etc. Contact details: 9835532641, rajeshkrsarangi@gmail.com. D-63765

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

ଘାଟିକିଆରେ ମୋର commercial corner ପ୍ଲଟ୍ ବିକ୍ରୟ କରାଯିବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ: 9438166196, 9937273159. D-12031

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Residential plot at Ghatikiya, Sankarpur, Bhubaneswar 2000 sqft. (15nos) electric, Govt. Supply water, 30' road available: 7381564227, 8114744495. D- 66428

Limited nos. of 2BHK flats of owner's share at Tankapani Road, Bhubaneswar are available for booking (400 meters from Rabi talkies sqr. and 160 meters from Rajarani temple, on the 100ft. main road). Project is scheduled for handover by April 2020. Interested buyers may contact owner at: 9438485933, 9776620800, 9556372717. D-58077

Gharabari plot behind Hitech Plaza, beside 30' road with boundary wall- 490/-, Pradhan sahi mouza (SC plot) - 650/-, 9090008333, 9437357287. D-12089

1200 sqft. gharabari housing plot 30'road Ranga bazar. 8,40,000/- 8144998588. D-66334

Tamando Market ପାଖରେ ଏବଂ ଜଟଣୀ ଗେଟ NH-5କୁ ଲାଗି plot ମିଳୁଅଛି। 9439864322. D-66340

ଘରବାରି plot sale ନଖରା ବ୍ରାହ୍ମଣଝରିଲୋ ପିତୁରୋଡ଼ sideରେ 3000 sqft. 16,50,000/- 9437306208. D-66337

2BHK flat garage at Garage chhak, Bhubaneswar only purchaser. 9583242566. D-52893

Bhubaneswar Patia ଅଞ୍ଚଳରେ ସ୍ଥିତିବାନ ଘରବାରି ପ୍ଲଟ electric ସୁବିଧା ଥାଇ boundary ସହ କିଣନ୍ତୁ। Ph: 8249693292, 9439489460. D-12109

Booking 2BHK simplex 1200 sqft. 12,80,000/, 5km. from BJEM-II, monthly installment 10,000/- for 3 years. 7735738102. D-12107

Yellowzone gharabari plots BDA area near Badagada canal road. 7735738102. D-12108

Plot sale Patia sqft.- 1,090/-, Sundarpada- 300/-, Pitapalli- 620/-. 7377735755. D-12111

ଭୁବନେଶ୍ୱର Patrapada HDFC Bank ରୁ 500 mtr କଲୋନୀରେ plot କିଣନ୍ତୁ। 9348767829. D-66341

Book 2BHK, 3BHK flat at GGP colony, Rasulgarh near Palasuni Canal road. 9439716901. (Broker not allowed). D-66082

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

4BHK duplex with gated community at Balianta (land-1400 construction- 2200 @ 55 lakh, and 2600 @ 65 lakh). Contact: Mplanets: 9938219397, 9861022055. D-12048

Gharabari plot with boundary wall, sand filling for sale at Pahala. Contact: 9437321343. D-12131

construction

Construct your dream home with US. Construction planning with vastu approvals, design, execution. Contact: 9437013529, 7008638913, Email: usconstruction19@gmail.com D-66081

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12129

Build home @ 1150/- with all branded materials, Tata rod, Ultratech/ACC cement, red bricks, all complete. 7537874306. D-66084

to-let

2BHK (Large) semi furnishing flat with basement covered parking at "Tata Ariana Project" at Kalinga Nagar, Bhubaneswar will be given on rent. 9438694488, 8249500319. D- 66120

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Summer special mesmerizing offer expert therapeutic refreshing massage appointment. 9668374480. D-66080

Herbal full body massage with refreshment by well trained therapist. 7381239385, 0674-2540855. D-66076

Experience full body massage with us by experts. Enquiry- 0674-2597822, 7377048581. D-66077

Herbal full body massage by smart/expert therapist. Contact: 8338067247. D-66078

### ପ୍ରଥମ ଜନ୍ମ ବାର୍ଷିକ ଶୁଭେଚ୍ଛା



**ଦିବ୍ୟାଂଶୁ ପରିଡ଼ା**

**ବେଢ଼ାସୁନ୍ଦର, ବ୍ରହ୍ମଗିରି, ପୁରୀ**

ବାବା ଭୀମେଶ୍ୱରଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ

ବାପା– ହୃଷୀକେଶ ପରିଡ଼ା, ମା– ଦେବଶ୍ରୀ ପରିଡ଼ା, ଜେଜେ, ଜେଜେମା, ଦାଦା, ଖୁଡ଼ୀ ଓ ବନ୍ଧୁ ପରିବାରବର୍ଗ।

ଧ–୧୨୧୪୩

### Birthday Wish



**Jharana Khatua**

**Bhadrak**

**I send to you warm wishes, that your happiness will be as wonderful as the happiness, Wish you Happy Birthday Jhili.**

D-12142

### ୨୦ତମ ଜନ୍ମଦିନ ଶୁଭେଚ୍ଛା



**ପ୍ରିୟଙ୍କା ପାତ୍ର(ମାନା)**

ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମର କୋଟିକୋଟି ପ୍ରଣାମ ତୋତେ ସର୍ବଦା ଭଲରେ ରଖନ୍ତୁ।

**ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା ଓ ଶୁଭେଚ୍ଛା ସହ: ଅଜା, ଆଇ, ବୋଉ, ଦାଦା, ଖୁଡ଼ି, ମାମୁଁ, ମାଇଁ, ଭାଇ, ଭାଉଜ, ଦିଦି, ଅପା ଓ ବରିବାର ବର୍ଗ।**

ଧ–୬୬୧୨୨

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ନବ୍ୟା ନିୟତୀ ସ୍ୱାଇଁ (ଗୁଡ୍ଡୁଲି)**

**ଚକେଇସିହାଣି, ଭୁବନେଶ୍ୱର**

ଧନ ଆଜି ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀସାଇବାବାଙ୍କୁ ଆମର କୋଟି କୋଟି ପ୍ରଣାମ ଜଣାଉଛୁ। ତୋତେ ବୁଦ୍ଧିମତୀ, ସ୍ୱାସ୍ଥ୍ୟବାନ ଓ ଦିର୍ଘାୟୁ କରାନ୍ତୁ। ଶୁଭେଚ୍ଛା ସହ: ଜେଜେମା, ଅଜା, ଆଇ, ବାପା, ମାମା, ଓ ପରିବାର ବର୍ଗ।

ଧ–୧୨୧୪୧

### ଜନ୍ମଦିନ ଶୁଭେଚ୍ଛା



**ଉତ୍କଳିକା ବାରିକ (ଲିଜା)**

ଜନ୍ମଦିନରେ ମା' ତାରିଣୀ ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ। ତୋ ଚଲାପଥ କୁସୁମିତ ହେଉ, ଏହାହିଁ ଆମର କାମନା।

ଶୁଭେଚ୍ଛା ସହ

ଜେଜେମା, ବାପା, ବୋଉ, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ଭାଇ ଏବଂ ଭଉଣୀ।

ଧ–୫୩୨୧୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୧୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।**

## CLASSIFIED BOOKING STATIONS

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-1, Road No-2, BBSR. Mr. Swayang Prava Nayak, Mob: 9937791331.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

## ମନେ ପଡ଼ନ୍ତି

### ୬ଷ୍ଠ ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)**

ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩
(ଚୈତ୍ର ଶୁକ୍ଳ ଦଶମୀ)

ତୁ ଯିବାର ୬ ବର୍ଷ ହୋଇଗଲା। ସମୟ ସହ ସବୁ ବଦଳି ଯାଇଛି ସତ କିନ୍ତୁ ଏବେବି ତୁ ଆମ ପାଖରେ ଅଛୁ ଆଉ ରହିବୁ ସବୁବେଳେ। ତୋର ପ୍ରତ୍ୟେକଟି କଥା ଆମକୁ ଯୋଡ଼ି ରଖିଛି ତୋ' ସହ। ତୋର ସରଳ ଆଉ ନିଷ୍କପଟ ମନ ଯୋଗୁ ଭଗବାନ ବି ତୋତେ ଛାଡ଼ି ରହି ପାରିଲେ ନାହିଁ ଏ କଥା ହିଁ ସତ। ସେଇ କାଳିଆ ଠାକୁରଙ୍କ ପାଖେ ପ୍ରାର୍ଥନା ତୋତେ ସବୁବେଳେ ଖୁସିରେ ଆଉ ଶାନ୍ତିରେ ରଖନ୍ତୁ। ତୋର ବନ୍ଧୁ ଓ ପରିବାର।

ଧ–୬୧୯୧୩

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ପ୍ରସନ୍ନ ଦାସ**

ଓଡ଼ିଆ ମଠ ଛକ, ପୁରୀ

ବାବୁଭାଇ ଆଜିକୁ ୧୦ ଦିନ ହେଲା ତମେ କେମିତି ଛାଡ଼ି ଚାଲିଗଲ। ତୁମ ଅତିଥି ଅଫିସି ଖାଲି ପଡ଼ିଛି। ଭାଉଜ, ପୁଅ, ମିଟୁ ଓ ତୁମର ପରିବାରବର୍ଗ ଓ ତୁମ ସାଥେ ଚଳୁଥିବା ଡ୍ରାଇଭରମାନେ ପ୍ରତି ମୁହୂର୍ତ୍ତରେ ମନେପକାଇ କେତେ କାନ୍ଦୁଛନ୍ତି। କଣ ଭୁଲ୍ ଦେଖି, ତୁମେ ଆମକୁ ଛାଡ଼ି ଚାଲିଗଲ। ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ ତୁମ ଆତ୍ମାର ସଦ୍‌ଗତି ହେଉ। (ଇତି) ତୁମ ସାନଭାଇ ମିଟୁ, ବନ୍ଧୁ ପରିବାରବର୍ଗ ଓ ଡ୍ରାଇଭର ଭାଇମାନେ।

ଧ–୬୩୭୬୪

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଚାରୁବାଳା ପ୍ରଧାନ**

ପ୍ଲଟ ନଂ–୧୭୬, ଶହୀଦନଗର, ଭୁବନେଶ୍ୱର

ତିରୋଧାନ: ୦୪।୦୪।୨୦୧୯
(ଚୈତ୍ରମାସ, କୃଷ୍ଣପକ୍ଷ, ଅମାବାସ୍ୟା ତିଥି)

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପୁତ୍ର–ପୁତ୍ରବଧୂ, ଝିଅ–ଜ୍ୱାଇଁ, ନାତି, ନାତୁଣୀ ବନ୍ଧୁ ଓ ପରିବାରବର୍ଗ।

ଧ–୬୬୩୪୪

## ସଂକ୍ଷେପରେ

### ଇଲେକ୍ଟୋରାଲ ଟ୍ରଷ୍ଟକୁ ୨୨୦ କୋଟି ଦେଇଛି ଟିସିଏସ୍




ନୂଆଦିଲ୍ଲୀ,୧୩-୪: ଟାଟା କନ୍ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସ(ଜାନୁୟାରୀ-ମାର୍ଚ୍ଚ)ରେ ଏକ ଇଲେକ୍ଟୋରାଲ ଟ୍ରଷ୍ଟକୁ ୨୨୦ କୋଟି ଟଙ୍କା ଦାନ କରିଥିବା ପ୍ରକାଶ କରିଛି। କମ୍ପାନୀ ଏହାକୁ ନିଜ ଆକାଉଣ୍ଟରେ ଅନ୍ୟ ଖର୍ଚ୍ଚ ଭାବେ ଦର୍ଶାଇଛି। ରାଜନୈତିକ ଦାନ ବାବଦରେ ଟିସିଏସ୍ ଅଦ୍ୟାବଧି ସର୍ବାଧିକ ଦାନ ଦେଇଥିବା କୁହାଯାଉଛି। ତେବେ କେଉଁ ପାର୍ଟି ଏହାଦ୍ୱାରା ଉପକୃତ ହେଲେ ତାହା କମ୍ପାନୀ ସ୍ପଷ୍ଟ କରିନାହିଁ। ଉଲ୍ଲେଖ କରାଯାଇପାରେ ଯେ, ଟିସିଏସ୍ ସମେତ ଟାଟା ଗ୍ରୁପ୍ର ଏକାଧିକ କମ୍ପାନୀ ଇଲେକ୍ଟୋରାଲ ଟ୍ରଷ୍ଟକୁ ଅର୍ଥ ଦାନ କରିଛନ୍ତି। ଭାରତରେ ଏପରି ଏକାଧିକ ଇଲେକ୍ଟୋରାଲ ଟ୍ରଷ୍ଟ ରହିଛି, ଯିଏକି ରାଜନୈତିକ ଦଳ ଓ କର୍ପୋରେଟ ମଧ୍ୟରେ ମଧ୍ୟସ୍ଥ କାମ କରନ୍ତି।

### ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ହ୍ରାସ

ନୂଆଦିଲ୍ଲୀ,୧୩-୪: ଆର୍ଥିକ ବର୍ଷ ୨୦୧୮-୧୯ରେ ପଡୋଶୀ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ହ୍ରାସ ପାଇଛି। ଚାଇନାରୁ ଆମଦାନୀ କମିବା କାରଣରୁ ଭାରତ ବାଣିଜ୍ୟ ନିଅଣ୍ଟ ୭୦ ହଜାର କୋଟି ଟଙ୍କା ହ୍ରାସ ପାଇ ମାତ୍ର ୩.୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ଆମେରିକା ଓ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ କାରଣରୁ ଭାରତକୁ ଏହି ସଫଳତା ମିଳିଛି। ଚଳିତ ବର୍ଷ ମାର୍ଚ୍ଚରେ ଶେଷ ହୋଇଥିବା ୨୦୧୯ଆର୍ଥିକ ବର୍ଷରେ ଅସ୍ଥାୟୀ ଆକଳନ ଅନୁଯାୟୀ, ଭାରତରୁ ଚାଇନାରୁ ରପ୍ତାନି ୩୧ ପ୍ରତିଶତ ବଢ଼ି ୧.୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ସେହିପରି ଏହି ସମୟ ମଧ୍ୟରେ ଆମଦାନୀ ୮% ହ୍ରାସ ପାଇ ୪.୮ ଲକ୍ଷ କୋଟି ଟଙ୍କା ହୋଇଛି। ଭାରତରୁ ଚାଇନାରୁ ଔଦ୍ୟୋଗିକ କେମିକାଲ୍ସ, ପ୍ଲାଷ୍ଟିକ କଞ୍ଚାମାଲ, କଟନ ୟାର୍ନ ରପ୍ତାନି ବୃଦ୍ଧି ପାଇବା କାରଣରୁ ବାଣିଜ୍ୟ ନିଅଣ୍ଟ ପରିମାଣ ହ୍ରାସ ପାଇବାରେ ସଫଳତା ମିଳିଛି।

### ସୁଧ ହାର ହ୍ରାସ କଲା ଆଇଡିବିଆଇ ବ୍ୟାଙ୍କ

IDBI BANK

ନୂଆଦିଲ୍ଲୀ,୧୩-୪
ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କ ୫ ବେସିସ ପଏଣ୍ଟ ସୁଧ ହାର ହ୍ରାସ କରିଥିବା ବେଳେ ଏହା ଶୁକ୍ରବାରଠାରୁ ଲାଗୁ ହୋଇଛି। ଏହି ନୂଆ ପଦକ୍ଷେପ ସହ ବ୍ୟାଙ୍କର ବାର୍ଷିକ ସୁଧ ହାର ୯%କୁ ହ୍ରାସ ଘଟିଛି। ୨୪ ଘଣ୍ଟା ଜମା ରାଶି ଉପରେ ସୁଧ ହାର ୭.୯୫ରୁ ୭.୯୦%କୁ ଖସିଛି। ସେହିପରି ଏକ ମାସ ଜମା ରାଶି ଉପରେ ସୁଧ ହାର ୮.୨୫%ରୁ ୮.୧୫, ୩ ମାସିଆ ଜମା ଉପରେ ୮.୬୫ରୁ ୮.୬୦% ହୋଇଛି। ଏହା ବାଦ ଦୁଇ ବର୍ଷିଆ ଏବଂ ୩ ବର୍ଷିଆ ଜମା ଉପରେ ପୂର୍ବରୁ ସୁଧ ହାର ୯.୩୦% ଥିବା ବେଳେ ଏହା ଯଥାକ୍ରମେ ୯.୨୫% ଏବଂ ୯.୩୦% ହୋଇଛି।

> ସୋର୍ ସୁଭେନ ଫାର୍ମା ଇଙ୍କ ମାଧ୍ୟମରେ ଆମେରିକାର ରାଇଜିଂ ଫାର୍ମାସ୍ୟୁଟିକାଲ୍ସକୁ ସୁଭେନ ଲାଇଫ ସାଇନ୍ସେସ କିଣିପାରିଛି। ଏହାଦ୍ୱାରା ଗ୍ରାହକଙ୍କୁ ଔଷଧ ଯୋଗାଣ ଅଧିକ ସହଜ ହେବ।
> –ଭେଙ୍କଟ ଜଷ୍ଟି, ସିଇଓ, ସୁଭେନ ଲାଇଫ ସାଇନ୍ସେସ



> ଡକ୍ଟର ରେଡ୍ଡୀ ପକ୍ଷରୁ ନୂଆ ଡ୍ରଗ୍ସ ଆପ୍ଲିକେଶନ ଅଧିଗ୍ରହଣ କରାଯାଇଛି। ଆଗକୁ ମଧ୍ୟ ଆହୁରି ଅଧିଗ୍ରହଣ କରାଯିବ।
> –ଇରେଜ ଇସ୍ରାଏଲି, ସିଇଓ, ଡକ୍ଟର ରେଡ୍ଡୀସ ଲ୍ୟାବରେଟୋରୀ



## ଜିଡିପି ଡାଟାକୁ ନେଇ ସନ୍ଦେହ
# ରାଜନଙ୍କ ସହ ସ୍ୱର ମିଳାଇଲେ ଗୀତା ଗୋପୀନାଥ

ନୂଆଦିଲ୍ଲୀ,୧୩-୪

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ପରେ ଦେଶବିଦେଶର ୧୦୮ ଅର୍ଥନୀତିଜ୍ଞ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ସଂଶୋଧିତ ଜିଡିପି ତଥ୍ୟ ଉପରେ ସନ୍ଦେହ ବ୍ୟକ୍ତ କରିଥିଲେ। ଏବେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍)ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ମଧ୍ୟ ରାଜନଙ୍କ ସହ ସ୍ୱର ମିଳାଇଛନ୍ତି। ଭାରତ ପକ୍ଷରୁ ଜିଡିପି ଆକଳନରେ ବ୍ୟବହୃତ ଉପାୟକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଗୀତାଙ୍କ ପ୍ରଶ୍ନବାଚୀ ଏବେ ସରକାରଙ୍କ ପାଇଁ ଏକ ଶକ୍ତ ଝଟକା ସଦୃଶ କୁହାଯାଉଛି। କାରଣ ସଂଶୋଧିତ ଜିଡିପି ଡାଟାକୁ ସରକାରୀ କଳ କ୍ରମାଗତ ଭାବେ ସମର୍ଥନ କରିଆସୁଛି। ବିଶ୍ୱ ବ୍ୟାଙ୍କ ଏବଂ ଆଇଏମ୍ଏଫ ଭଳି ସମସ୍ତ ଅନ୍ତର୍ଜାତୀୟ ଏଜେନ୍ସି ଭାରତର


ଗୀତା ଗୋପୀନାଥ।

ଜିଡିପି ଡାଟାକୁ ସମର୍ଥନ କରୁଛନ୍ତି ବୋଲି ସରକାରଙ୍କ ପ୍ରମୁଖ ଅଧିକାରୀମାନେ ଯୁକ୍ତି ଦର୍ଶାଉଛନ୍ତି। ଗୋପୀନାଥ କହିଛନ୍ତି ଯେ, ସଂଶୋଧିତ ଜିଡିପି ଗଣନାପ୍ରଣାଳୀରେ ରହିଥିବା ତ୍ରୁଟିକୁ ସୁଧାରିବାର ଆବଶ୍ୟକତା ରହିଛି। ତେବେ ସେ ରାଜନଙ୍କ ଭଳି ଜିଡିପି

- ଜିଡିପି ଡାଟା ଗଣନା ପ୍ରଣାଳୀରେ ଥିବା ତ୍ରୁଟି ସୁଧାରିବାକୁ ହେବ
- ସରକାର ସଂଶୋଧିତ ଡାଟାକୁ ସମର୍ଥନ କରୁଛନ୍ତି
- ୨୦୧୯,୨୦୨୦ରେ ଭାରତର ଜିଡିପି ୭%ରୁ ଅଧିକ ରହିବ

ସଂଖ୍ୟାକୁ ନେଇ ପ୍ରଶ୍ନ ଉଠାଇନାହାନ୍ତି। କେରଳ ସରକାରଙ୍କ ପୂର୍ବତନ ପରାମର୍ଶଦାତା କହିଛନ୍ତି ଯେ, ପ୍ରକୃତ ଜିଡିପି ଆକଳନ ଲାଗି ଯେଉଁ ପ୍ରଣାଳୀ ଆପଣାଯାଇଥିଲା, ସେଥିରେ ରହିଥିବା ତ୍ରୁଟିର ସମାଧାନ ଜରୁରୀ। ରାଜନ, ଗୋପୀନାଥଙ୍କ ସହ ଏକାଧିକ ଅର୍ଥନୀତିଜ୍ଞ ରାଜନୈତିକ ଦଳଗୁଡ଼ିକ ପାଇଁ ଅର୍ଥନୈତିକ ଏଜେଣ୍ଡା ଘୋଷଣା କରିଥିବା ବେଳେ ଜିଡିପି ସଂଖ୍ୟା ନେଇ ଆଲୋଚନା କରିବା ଉପରେ ସେ ଜୋର୍ ଦେଇଛନ୍ତି। ଏକ ଟିଭି ଚ୍ୟାନେଲ ସହ ସାକ୍ଷାତକାର ବେଳେ ସେ କହିଛନ୍ତି ଯେ, ୨୦୧୯ ଓ ୨୦୨୦ରେ ଭାରତର ଜିଡିପି ୭%ରୁ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହା ସମ୍ଭବ ହେଲେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ହାସଲକାରୀ ଦେଶ ହେବ । ଏହି ଦୃଷ୍ଟିରୁ ଭାରତର ପରିସଂଖ୍ୟାନରେ ଅଧିକ ସ୍ୱଚ୍ଛତା ଆସୁଛି। କାରଣ ସମସ୍ତେ ଭାରତ ଉପରେ ନଜର ରଖୁଛନ୍ତି ବୋଲି ସେ କହିଛନ୍ତି। ସୂଚନାଥାଉ କି, ପୂର୍ବରୁ ରାଜନ ନୂଆ ଗଣନା ପ୍ରଣାଳୀକୁ ନେଇ ସେଣ୍ଟ୍ରାଲ ଷ୍ଟାଟିଷ୍ଟିକ୍ସ ଅଫିସ୍‌କୁ ପ୍ରଶଂସା କରିଥିବା ବେଳେ ଜିଡିପି ତଥ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଭାରତର ଜିଡିପିକୁ ଅଧିକ ଭାବେ ଦର୍ଶାଯାଇଥିବା ସେ ଅଭିଯୋଗ କରିଛନ୍ତି।

## ନୂଆ ମଡେଲ ଦ୍ୱାରା ସ୍ଥିତି ଦୃଢ଼ କଲା ହିରୋ ମୋଟୋକର୍ପ

ନୂଆଦିଲ୍ଲୀ,୧୩-୪

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ ନୂଆ ମଡେଲର ଉନ୍ମୋଚନ ସହ ଘରୋଇ ବଜାରରେ ଏହାର ବିକ୍ରି ସ୍ଥିତିକୁ ଆହୁରି ଦୃଢ଼ କରିଛି। କମ୍ପାନୀ ପ୍ରିମିୟମ ମୋଟର ସାଇକେଲ ବର୍ଗରେ ନୂଆ 'ଏକ୍ସଟ୍ରିମ ୨୦୦ ଆର୍' ଏବଂ ୧୨୫ ସିସି ସ୍କୁଟର ବର୍ଗରେ 'ଡେଷ୍ଟିନି ୧୨୫' ମଡେଲ ବଜାରକୁ ଆଣିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ଦେଶ ମଧ୍ୟରେ ୭୮.୨୦ ଲକ୍ଷ ୟୁନିଟ ଏବଂ ୨୦୧୭-୧୮ରେ ୭୫.୮୭ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ଲଗାତର ଭାବେ ଏହାର ବିକ୍ରିକୁ ବଢାଇବାରେ ସକ୍ଷମ ହୋଇଥିବା କମ୍ପାନି ସୂଚନା ଦେଇଛି। ଅପରପକ୍ଷରେ ହୋଣ୍ଡାମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍ଏମ୍ଏସ୍ଆଇ) ୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ଯଥାକ୍ରମେ ୬୧.୨୩



**୨୦୧୮-୧୯ରେ ବିକିଲା ୭୮.୨୦ ଲକ୍ଷ ୟୁନିଟ ଯାନ**

ଲକ୍ଷ ଓ ୫୯ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ଏହି ଦୁଇ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ହୋଣ୍ଡା ତୁଳନାରେ ଯଥାକ୍ରମେ ୧୪.୬୩ ଲକ୍ଷ ଏବଂ ୧୯.୧୯ ଲକ୍ଷ ଅଧିକ ୟୁନିଟ ଯାନ ବିକ୍ରି କରିଥିବା କହିଛି।

୨୦୨୦ ସୁଦ୍ଧା ହିରୋ ମୋଟୋକର୍ପକୁ ଟପି ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହେବା ନେଇ ପୂର୍ବରୁ ହୋଣ୍ଡା ଘୋଷଣା କରିଥିଲେ ମଧ୍ୟ ୨୦୧୮-୧୯ର ଦ୍ୱିତୀୟାର୍ଦ୍ଧରେ ପ୍ରଭାବିତ ବଜାର ସ୍ଥିତି ଯୋଗୁ ବିକ୍ରି କମିଥିବା ପ୍ରକାଶ କରିଛି।

# ଆଇଏଲ୍ଆଣ୍ଡଏଫ୍ଏସ୍ର ପୂର୍ବତନ ସିଇଓ ଗିରଫ

ମୁମ୍ବାଇ,୧୩-୪

ଆର୍ଥିକ ପରିଚାଳନାରେ ତ୍ରୁଟି ତଥା ଅନିୟମିତତା ଯୋଗୁ ଋଣରେ ବୁଡ଼ି ଯାଇଥିବା ଆଇଏଲ୍ଆଣ୍ଡଏଫ୍ଏସ୍ ମାମଲାରେ ଆଉ ଜଣେ ପୂର୍ବତନ ବଡ଼ ଅଧିକାରୀ ଗିରଫ ହୋଇଛନ୍ତି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ (ଏସ୍ଏଫ୍ଆଇଓ) ଆଇଏଲ୍ଆଣ୍ଡଏଫ୍ଏସ୍ ଫାଇନାନ୍ସିଆଲ ସର୍ଭିସେସର ପୂର୍ବତନ ଏମ୍‌ଡି ତଥା ସିଇଓ ରମେଶ ବାୱାଙ୍କୁ ଗିରଫ କରିଛି। ତାଙ୍କୁ ଗତ ରାତିରେ ଦିଲ୍ଲୀରୁ ଗିରଫ କରାଯାଇଛି। ଏଥିପୂର୍ବରୁ ପୂର୍ବତନ ଉପାଧ୍ୟକ୍ଷ ହରି ଶଙ୍କରନଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ବର୍ତ୍ତମାନ ମୁମ୍ବାଇର ବାୟକୁଲା



ରମେଶ ବାୱା।

ଜେଲ୍‌ରେ ରଖାଯାଇଛି। ଅନ୍ୟପକ୍ଷରେ ତାଙ୍କୁ ଗିରଫ ନ କରିବା ଲାଗି ଆଉ ସମୟ ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିବା ପରେ ବାୱାଙ୍କୁ କମ୍ପାନୀ ଆଇନର ଧାରା ୪୪୭ ଅଧୀନରେ ଗିରଫ କରାଯାଇଛି। ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଆଇଏଲ୍ଆଣ୍ଡଏଫ୍ଏସ୍ ବୋର୍ଡ କହିଥିଲେ ଯେ, କମ୍ପାନୀ ନିକଟରେ ମୋଟ ୧୮,୮୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି, ଯେଉଁଥିରୁ ୧୦.୭୦୦ କୋଟି ଟଙ୍କା ବହିଃ ଏଜେନ୍ସିର ବୋଲି ଜଣାପଡିଛି। ଏହି ମାମଲାରେ ଏସ୍ଏଫ୍ଆଇଓ ବ୍ୟତୀତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଧ୍ୟ ଯାଞ୍ଚ କରୁଛି। ଫେବୃୟାରୀରେ ଆଇଏଲ୍ଆଣ୍ଡଏଫ୍ଏସ୍ ରେଳ ଲିମିଟେଡ, ଟ୍ରାନ୍ସପୋର୍ଟେଶନ ନେଟ୍‌ୱର୍କ ଲିମିଟେଡ, ରବି ପାର୍ଥସାରଥି, ପୂର୍ବତନ ଅଧ୍ୟକ୍ଷ ଏବଂ ମ୍ୟାନେଜିଂ ଡାଇରେକ୍ଟରଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଦାଏର କରାଯାଇଥିଲା। ଏସ୍ଏଫ୍ଆଇଓ ପକ୍ଷରୁ କୁହାଯାଇଛି ଯେ, ବାୱା ନିଜ କ୍ଷମତାର ଅପବ୍ୟବହାର କରି ଏଭଳି କମ୍ପାନୀଙ୍କୁ ଋଣ ଦେଇଥିଲେ ଯେଉଁମାନେ ଆଦୌ ଭରସାଯୋଗ୍ୟ ନ ଥିଲେ। ପରେ ଏହି ଋଣକୁ ଏନ୍‌ପିଏ ଘୋଷଣା କରାଯାଇଥିଲା।

## ୩ ଦିନ ଆଲ୍ଲାହାବାଦ ଦେଇ ଯିବ ନୀଳାଚଳ ଏକ୍ସପ୍ରେସ



ଭୁବନେଶ୍ୱର,୧୩-୪

ବାରାଣସୀ ଏବଂ ଲକ୍ଷ୍ନୌ ମାର୍ଗ ପରିବର୍ତ୍ତେ ତିନି ଦିନ ଲାଗି ନୀଳାଚଳ ଏକ୍ସପ୍ରେସ ଆଲ୍ଲାହାବାଦ ମାର୍ଗ ଦେଇ ଯାତ୍ରା କରିବ। ଉତ୍ତର ରେଳପଥ ଲକ୍ଷ୍ନୌ ରେଳ ମଣ୍ଡଳର ଲକ୍ଷ୍ନୌ-ରାଏବରେଲୀ ରେଳ ସେକ୍ସନରେ ଦୋହରୀକରଣ ତଥା ଆଧୁନିକୀକରଣ କାର୍ଯ୍ୟ ଲାଗି କେତେକ ଟ୍ରେନକୁ ବାତିଲ କରାଯାଇଛି। ଆଉ କିଛି ଟ୍ରେନର ମାର୍ଗକୁ ଅସ୍ଥାୟୀ ଭାବେ ପରିବର୍ତ୍ତନ କରାଯାଇଛି। ଏଥି ଲାଗି ପୁରୀରୁ ଛାଡୁଥିବା ନୀଳାଚଳ ଏକ୍ସପ୍ରେସ ତିନି ଦିନ ଲାଗି ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ପୁରୀ-ଆନନ୍ଦ ବିହାର ନୂଆଦିଲ୍ଲୀ ପୁରୀ ନୀଳାଚଳ ଏକ୍ସପ୍ରେସ ପୁରୀଠାରୁ ଚଳିତ ମାସ ୧୬,୧୯ ଏବଂ ୨୧ ତାରିଖରେ ଏବଂ ଆନନ୍ଦ ବିହାରଠାରୁ ଚଳିତ ମାସ ୧୯,୨୧ ଏବଂ ୨୩ ତାରିଖ ଦିନ ପରିବର୍ତ୍ତିତ ମାର୍ଗରେ ଯାତ୍ରା କରିବ। ଏହା ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ-ଆଲ୍ଲାହାବାଦ-କାନପୁର ଷ୍ଟେଶନ ମାର୍ଗରେ ଯାତ୍ରା କରିବ। ଏହି ସମୟରେ ନୀଳାଚଳ ଏକ୍ସପ୍ରେସ କାଶୀ, ବାରାଣସୀ, ଭାଦୋହୀ, ପ୍ରତାପଗଡ ଏବଂ ଲକ୍ଷ୍ନୌ ଭଳି ଷ୍ଟେଶନ ଦେଇ ଯାତ୍ରା କରିବ ନାହିଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

## ଏସ୍ପ୍ଲାନେଡ ୱାନର 'ଟିକେଟ ଟୁ ହାପିନେସ୍'

ଭୁବନେଶ୍ୱର,୧୩-୪

ଏସ୍ପ୍ଲାନେଡ ୱାନ ମଲ୍ ପକ୍ଷରୁ ଓଡ଼ିଶାରେ ପ୍ରଥମଥର ପାଇଁ 'ଟିକେଟ ଟୁ ହାପିନେସ୍' ପଦକ୍ଷେପ ଗ୍ରହଣ କରାଯାଇଛି। ଇଂଲଣ୍ଡରେ ହେବାକୁ ଥିବା କ୍ରିକେଟ ଦେଖିବାକୁ ଏଥିରେ ଗ୍ରାହକ ସୁବିଧା ପାଇପାରିବେ। ମେ ୩୦ରୁ ଜୁଲାଇ ୧୪ ଯାଏ ହେବାକୁ ଥିବା ଏହି କ୍ରିକେଟ ମ୍ୟାଚରେ ନିଜ ପ୍ରିୟ ଟିମର ଖେଳ ଦେଖିବାକୁ ଗ୍ରାହକ ସୁଯୋଗ ଲାଭ କରିପାରିବେ। ଏହି ମଲ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡର ସାମଗ୍ରୀ ଉପଲବ୍ଧ ରହିଛି। ଏଠାରୁ ମାତ୍ର ୨୫୦୦ ଟଙ୍କାର କ୍ରୟ ଉପରେ ଲକି ଡ୍ରରେ ଭାଗ ନେବାକୁ ସୁଯୋଗ ମିଳିବ। ଲକି ଡ୍ରର ଭାଗ୍ୟଶାଳୀ ବିଜେତାଙ୍କୁ


**ଭାଗ୍ୟଶାଳୀ ବିଜେତାଙ୍କୁ କ୍ରିକେଟ ୱାର୍ଲଡ କପ୍ ଦେଖିବାର ସୁଯୋଗ**

କ୍ରିକେଟ ୱାର୍ଲଡ କପ୍ ୨୦୧୯ ଦେଖିବାକୁ ସୁଯୋଗ ମିଳିବ। ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ହୋଇ ଦମ୍ପତି ଇଂଲଣ୍ଡ ଟ୍ରିପର ଖର୍ଚ୍ଚ ମାଗଣାରେ ପାଇପାରିବେ। ମେ ମାସ ୧୯ ଯାଏ ଉପଲବ୍ଧ ହେବାକୁ ଥିବା ଏହି ଅଫରରେ ସାପ୍ତାହିକ ଗିଫ୍ଟ ଜିତିବା ସୁବିଧା ମଧ୍ୟ କରାଯାଇଛି। ପ୍ରତି ସପ୍ତାହରେ ଲକି ୱିନରଙ୍କ ନାମ ଘୋଷଣା କରାଯିବ। ଗ୍ରାହକଙ୍କୁ ଏକ ଭିନ୍ନ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଏସ୍ପ୍ଲାନେଡ ୱାନ ମଲ୍‌ର ସେଣ୍ଟର ହେଡ ପାର୍ଥ ପ୍ରତୀମ ନାୟକ ସୂଚନା ଦେଇଛନ୍ତି।

# ମହଙ୍ଗା ପଡ଼ିବ ଭାରତଠାରୁ ଜିଏସ୍‌ପି ପ୍ରତ୍ୟାହାର

ୱାଶିଂଟନ,୧୩-୪

ସାମାନ୍ୟ ପ୍ରାଥମିକତା ବ୍ୟବସ୍ଥା(ଜିଏସ୍‌ପି) ଅଧୀନରେ ଭାରତକୁ ମିଳୁଥିବା ଲାଭ ରଦ୍ଦ କରିବାକୁ ଆମେରିକାର ଟ୍ରମ୍ପ ପ୍ରଶାସନ ବିଚାର କରୁଛି । ତେବେ ଏହି ନିଷ୍ପତ୍ତି ଟାଳିବାକୁ ଦୁଇ ଜଣ ସିନେଟର ପ୍ରଶାସନକୁ ଅନୁରୋଧ କରିଛନ୍ତି। ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ଭାରତରୁ ଆମଦାନୀ ହେଉଥିବା ୫.୬ ବିଲିୟନ ଡଲାର ଶୁଳ୍କ ମୁକ୍ତ ସାମଗ୍ରୀ ରଦ୍ଦ କରାଗଲେ ଭାରତ ଅପେକ୍ଷା ଆମେରିକାର ଅଧିକ କ୍ଷତି ହେବ। ସୂଚନାଥାଉ କି, ଆମେରିକା ରାଷ୍ଟ୍ରପତି ବହୁ ପୁରୁଣା ଏହି ଜିଏସ୍‌ପି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଚାହୁଁଛନ୍ତି। ଭାରତଠାରୁ ଏହି



ମାନ୍ୟତା ପ୍ରତ୍ୟାହାର କରାଗଲେ ଆସନ୍ତା ମେ'ରୁ ଭାରତ ବିନା ଶୁଳ୍କରେ ଆମେରିକାକୁ ଆଉ କୌଣସି ସାମଗ୍ରୀ ରପ୍ତାନି କରିପାରିବେ ନାହିଁ। ଭାରତୀୟ ଅଧିକାରୀମାନେ ଏହାର ଜବାବ ଦେବାକୁ ପ୍ରସ୍ତୁତ ବୋଲି କହିଥିବା ସିନେଟରମାନେ ଉଲ୍ଲେଖ କରିଛନ୍ତି। ରିପବ୍ଲିକାନ ପାର୍ଟି ସିନେଟର ଜନ୍ କରନିନ୍ ଏବଂ ଡେମୋକ୍ରାଟିକ ପାର୍ଟି ସିନେଟର ମାର୍କ ୱାର୍ନର ଆମେରିକା ବାଣିଜ୍ୟ ପ୍ରତିନିଧି ରବର୍ଟ ଲିଥିଜେରଙ୍କୁ ପତ୍ର ଲେଖି କହିଛନ୍ତି ଯେ, ବଜାରକୁ ନେଇ ଅନେକ ପ୍ରସଙ୍ଗ ରହିଥିବା ନେଇ ସହମତି ରହିଛି। ଏହା ଉପରେ ଧ୍ୟାନ ଦେବାକୁ ପଡିବ। ଭାରତୀୟ ସାମଗ୍ରୀଗୁଡ଼ିକରୁ ଶୁଳ୍କ ଛାଡ଼ ପ୍ରତ୍ୟାହାର କରାଯିବା ଦ୍ୱାରା ଆମେରିକାରେ ଏଗୁଡ଼ିକର ମୂଲ୍ୟ ବଢ଼ିଯିବ। ଏହାର ପ୍ରଭାବ ଆମେରିକାବାସୀଙ୍କ ଉପରେ ପଡ଼ିବ। ଏହାଛଡ଼ା ଭାରତ ଓ ଆମେରିକା ମଧ୍ୟରେ ଏବେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଏଭଳି ଏକ ସମୟରେ ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ତରବରିଆ ହେବ। ଭାରତରେ ମେ ୨୩ ଯାଏ ନିର୍ବାଚନ ପ୍ରକ୍ରିୟା ଚାଲିବ। ଏଭଳି ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭାରତୀୟ ସମକକ୍ଷଙ୍କ ପାଇଁ କଷ୍ଟକର ହେବ ସେମାନେ ଉଲ୍ଲେଖ କରିଛନ୍ତି।

## ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟ ସତର୍କତା ଅଧିକାରୀଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୧୩-୪

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ସତର୍କତା ଅଧିକାରୀ ପର୍ଶୁରାମ ପଣ୍ଡା ବ୍ୟାଙ୍କରେ ନିଜର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ଲାଗି ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ୧୯୮୮ରେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ବ୍ୟାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ସେ ବେଲଜିୟମରେ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଛନ୍ତି। ତାଙ୍କର ଏହି ଦୁଇ ଦିନିଆ ଗସ୍ତ ସମୟରେ ବ୍ୟାଙ୍କର ବିଭିନ୍ନ ଅଧିକାରୀଙ୍କ ସହ ଭେଟିବା ସହ ସତର୍କତା ଦିଗରେ



ପର୍ଶୁରାମ ପଣ୍ଡା।

ବିଭିନ୍ନ ଆଲୋଚନା କରିବେ । ସେ ଶାଖା ମୁଖ୍ୟଙ୍କୁ ଉଦ୍‌ବୋଧନ ଦେବେ ବୋଲି ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସୂଚନା ରହିଛି।

# 'ପରମ୍ପରାରୁ ହଟି ଭାବିବାକୁ ହେବ'

ୱାଶିଂଟନ ଡିସି,୧୩-୪

ବିକାଶଶୀଳ ବଜାରରେ ମୁଦ୍ରା ଅର୍ଥଶାସ୍ତ୍ର ଉପରେ ନୂଆ ଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ବିଶ୍ୱରେ ଦେଖା ଦେଇଥିବା ଋଣ ସଙ୍କଟ ଯୋଗୁ ପାରମ୍ପରିକ ଓ ଅଣପାରମ୍ପରିକ ମୁଦ୍ରାନୀତିରେ ରହିଥିବା ତ୍ରୁଟି ସାମ୍ନାକୁ ଆସିଥିବାରୁ ବିଶେଷ କରି ବିକାଶଶୀଳ ଦେଶ ସମ୍ବନ୍ଧରେ ଏହା ଉପରେ ପୁନର୍ବିଚାର କରାଯିବା ଜରୁରୀ ବୋଲି ସେ କହିଛନ୍ତି। ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଏବଂ ବିଶ୍ୱ ବ୍ୟାଙ୍କର ବାର୍ଷିକ ଗ୍ରୀଷ୍ମକାଳୀନ ବୈଠକରେ ଯୋଗ ଦେବା ଅବସରରେ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା କହିଛନ୍ତି। ଦାସଙ୍କ କହିବା ଅନୁସାରେ



**ଅର୍ଥନୀତିକୁ ନେଇ ମତ ରଖିଲେ ଶକ୍ତିକାନ୍ତ**

ଆଧୁନିକ କେନ୍ଦ୍ରୀୟ ବ୍ୟାଙ୍କର ନୀତିଗତ ସୁଧ ହାର(ରେପୋ ରେଟ) ୦.୨୫ ପ୍ରତିଶତ ହ୍ରାସ ଅଥବା ବୃଦ୍ଧି କରିବାକୁ ନେଇ ପରମ୍ପରାଗତ ଚିନ୍ତାଧାରାରେ ପରିବର୍ତ୍ତନ କରିବାକୁ ହେବ। ସେ ଏକବିଂଶ ଶତାବ୍ଦୀରେ ମୁଦ୍ରା ନୀତି ସହ ଜଡ଼ିତ ଚିନ୍ତାକୁ ଦୂର କରିବା ପାଇଁ ସ୍ୱତନ୍ତ୍ର ଚିନ୍ତାଧାରା ଆପଣାଇବା ଉପରେ ଜୋର୍ ଦେଇଛନ୍ତି। ଆର୍‌ବିଆଇ ଗଭର୍ନର କହିଛନ୍ତି ଯେ, ବିକଶିତ ଦେଶର ଅଣପରମ୍ପରାଗତ ମୁଦ୍ରା ନୀତି ଅନ୍ୟ ଦେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି,ଯାହା କି ବିକାଶଶୀଳ ବଜାର ଲାଗି ବିପଦ ସ୍ଥିତି ସୃଷ୍ଟି କରିଛି। ସେମାନେ ପ୍ରଭାବିତ ହେଉଛନ୍ତି। ସେ କହିଛନ୍ତି ଯେ, ଭାରତର ଅର୍ଥନୀତି ଅଭିବୃଦ୍ଧି ହାର ୭.୫% ରହିବ ବୋଲି ଆଶା କରାଯାଉଛି । ତେବେ ଭାରତ ଆହୁରି ଭଲ ପ୍ରଦର୍ଶନ କରିପାରିବ ବୋଲି ସମସ୍ତଙ୍କର ଆଶା ରହିଛି। ଜମି ଏବଂ ଶ୍ରମ କ୍ଷେତ୍ରରେ ଢାଞ୍ଚାଗତ ସଂସ୍କାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଅଶୋଧିତ ତୈଳ ଦର ବୃଦ୍ଧି ପାଇଁ ପୁଣି ଖସିଲେ ଭାରତର ଅର୍ଥନୀତି ଏହାଦ୍ୱାରା ସାମାନ୍ୟ ପ୍ରଭାବିତ ହେବ। କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଦର ବଢ଼ିଲେ ଏଥିଯୋଗୁ ଭାରତର ଅର୍ଥନୀତି ଅଭିବୃଦ୍ଧି ଏବଂ ଚଳନ୍ତି ଜମା ନିଅଣ୍ଟ ପ୍ରଭାବିତ ହେବ ବୋଲି ସେ କହିଛନ୍ତି।

## ନୂଆ ରଙ୍ଗରେ ଟିଭିଏସ୍ ସ୍କୁଟି ପେପ୍ ପ୍ଲସ

ନୂଆଦିଲ୍ଲୀ,୧୩-୪

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଲୋକପ୍ରିୟ ବ୍ରାଣ୍ଡ ସ୍କୁଟି ପେପ୍ ପ୍ଲସ ୨ଟି ନୂଆ ରଙ୍ଗରେ ବଜାରକୁ ଆସିଛି। ଇତିମଧ୍ୟରେ କମ୍ପାନୀ ଏହାର ସ୍କୁଟି ମଡେଲର ୨୫ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ରିଭାଇଜିଙ୍ଗ ରେଡ୍ ଏବଂ ଗ୍ଲିଟରିଂ ଗୋଲ୍ଡ ରଙ୍ଗର ମଡେଲ ବଜାରକୁ ଆସିଛି। ପ୍ରଡକ୍ଟର ଗୁଣାତ୍ମକ ମାନ, ଆମୋଦଦାୟକ ଅନୁଭୂତି ସହ ଗତ ୨୫ ବର୍ଷ ଧରି ଏହା ଯୁବା ଭାରତୀୟଙ୍କ ଦ୍ୱାରା ବେଶ ପସନ୍ଦଯୋଗ୍ୟ ହୋଇ ପାରିଛି ବୋଲି କମ୍ପାନୀ ପ୍ରକାଶ କରିଛି। ବର୍ତ୍ତମାନ ସୁଦ୍ଧା ସ୍କୁଟି ପେପ୍ ପ୍ଲସର ୪.୫ ନିୟୁତରୁ ଅଧିକ ଗ୍ରାହକ ରହିଥିବା କମ୍ପାନୀର ମାର୍କେଟିଂ ଉପସଭାପତି ଅନିରୁଦ୍ଧ ହାଲଦାର କହିଛନ୍ତି।

# ଓଭରଟାଇମ କଲ୍‌ଚରକୁ ଜ୍ୟାକ୍ ମାଙ୍କ ସମର୍ଥନ

ବେଜିଂ,୧୩-୪

କର୍ମଚାରୀଙ୍କ କ୍ଷମତା ଏବଂ ଦକ୍ଷତାକୁ ରଚନାତ୍ମକ କରିବା ଉଦ୍ଦେଶ୍ୟରେ ସପ୍ତାହରେ ୪ ଦିନ ଏବଂ ଅପେକ୍ଷାକୃତ କମ୍ ଘଣ୍ଟା କାମ କରିବା ଉପରେ କମ୍ପାନୀମାନେ ଏବେ ବିଚାର କରୁଥିବା ବେଳେ ବିଶ୍ୱରେ ବଡ଼ ବ୍ୟବସାୟୀଙ୍କ ମଧ୍ୟରେ ପରିଚିତ ଆଲିବାବା ପ୍ରତିଷ୍ଠାତା ଜ୍ୟାକ୍ ମା 'ଓଭରଟାଇମ କଲ୍‌ଚର'କୁ ସମର୍ଥନ କରୁଛନ୍ତି। ଆଲିବାବା ସିଇଓ ମା ନିଜ କର୍ମଚାରୀଙ୍କୁ ସକାଳ ୯ରୁ ରାତି ୯ ଯାଏ ଏପରି ୧୨ ଘଣ୍ଟା ଏବଂ ସପ୍ତାହରେ ୬ ଦିନ କାମ କରିବାକୁ ପଡ଼ିବ ବୋଲି ସ୍ପଷ୍ଟ ଭାବେ ଶୁଣାଇ ଦେଇଛନ୍ତି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କମ୍ପାନୀର ଆଭ୍ୟନ୍ତରୀଣ ବୈଠକରେ ଯୋଗ ଦେଇ ଜ୍ୟାକ୍ କହିଛନ୍ତି ଯେ, ଅଫିସରେ ୮ଘଣ୍ଟା ବିତାଉଥିବା କର୍ମଚାରୀଙ୍କୁ ସେ ଚାହୁଁନାହାନ୍ତି।


ଜ୍ୟାକ୍ ମା।

ଚାଇନାର ସବୁଠାରୁ ଧନୀ ବ୍ୟକ୍ତି କହିଛନ୍ତି ଯେ, ସେ '୯୯୬ ୱାର୍କ କଲ୍‌ଚର'କୁ ବିଶ୍ୱାସ କରୁଛନ୍ତି। ୯୯୬ ଅନୁଯାୟୀ କାମ କରିବାର ଯୋଗ୍ୟତା ରଖିଥିବା କର୍ମଚାରୀଙ୍କୁ ବରଦାନ କୁହାଯାଇପାରେ। ଆଲିବାବା ଗ୍ରୁପ୍‌ରେ କାମ କରିବା ଅଥବା ଯୋଗ ଦେବାକୁ ହେଲେ ଦୈନିକ ୧୨ ଘଣ୍ଟା କାମ କରିବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, ଚାଇନାର ଟେକ୍ ଇଣ୍ଡଷ୍ଟ୍ରିରେ ଅଧିକ ସମୟ କାମ କରିବା କାରଣରୁ ପ୍ରୋଗ୍ରାମର ଏବଂ ଷ୍ଟାର୍ଟଅପ୍ ଫାଉଣ୍ଡରଙ୍କ ଅସମୟରେ ମୃତ୍ୟୁ ହୋଇଯାଇଥିବାର ବହୁ ମାମଲା ସାମ୍ନାକୁ ଆସିଛି। ଗତ ମାସରେ ଚାଇନାର ପ୍ରୋଗ୍ରାମରଙ୍କ ପକ୍ଷରୁ ଅନ୍‌ଲାଇନ କୋଡ୍ ଶେୟାରିଂ କମ୍ୟୁନିଟି'ଗିଥୁବ'ରେ କାମ କରିବାର ଖରାପ ସ୍ଥିତି ଉପରେ ଏକ ଅଭିଯାନ ଆରମ୍ଭ କରାଯାଇଥିଲା। ୯୯୬.ଆଇସିୟୁ ନାମରେ ଏକ ଅଭିଯାନ ଏକ ୱେବସାଇଟରେ ଆରମ୍ଭ ହେବା ପରେ ସବୁଠାରୁ ଲୋକପ୍ରିୟ ହୋଇଥିଲା ଏବଂ ଏହାକୁ ୨,୧୧,୦୦୦ରୁ ଅଧିକ ଥର ଷ୍ଟାର ମିଳିଥିଲା ଏବଂ ପ୍ରୋଜେକ୍ଟ ପେଜ୍‌ରେ ୯୯୬ ୱର୍କକଲ୍‌ଚର ପାଳନ କଲେ ନିଜେ ଆଇସିୟୁରେ ପହଞ୍ଚିବାର ବିପଦ ମୁଣ୍ଡାଉଛନ୍ତି ବୋଲି ଲେଖାଯାଇଥିଲା।

ଶିଖର ଧାୱନ ଜଣେ ଶ୍ରେଷ୍ଠ ଓପନିଂ ବ୍ୟାଟ୍ସମ୍ୟାନ। ସନରାଇଜର୍ସ ହାଇଦ୍ରାବାଦ ଛାଡ଼ିବା ମାତ୍ରେ ଆମେ ତାଙ୍କୁ ଦଳରେ ସାମିଲ କରିଥିଲୁ ।

–ସୌରଭ ଗାଙ୍ଗୁଲି, ଦିଲ୍ଲୀ କ୍ୟାପିଟାଲ୍ସ ପରାମର୍ଶଦାତା



ଭାରତୀୟ କ୍ରୀଡ଼ାରେ ଏବେବି ଭେଦଭାବ ରହିଛି। ମହିଳା ସଶକ୍ତୀକରଣ ପାଇଁ ଆହୁରି ଅନେକ କିଛି କରିବାକୁ ପଡ଼ିବ ।

–ସାନିଆ ମିର୍ଜା, ବିଶିଷ୍ଟ ଟେନିସ ଖେଳାଳି



## ସଂକ୍ଷେପରେ

### ସିଙ୍ଗାପୁର ଓପନରେ ଭାରତୀୟ ଅଭିଯାନ ଶେଷ

**ସିଙ୍ଗାପୁର,୧୩।୪ (ପିଟି):** ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଛି। ଅନ୍ତିମ ଖେଳାଳି ଭାବେ ପି. ଭି. ସିନ୍ଧୁ ପରାସ୍ତ ହୋଇଛନ୍ତି। ସେ ସେମିଫାଇନାଲରେ ଜାପାନର ନୋଜୋମି ଓକୁହରାଙ୍କ ସାମ୍ନାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଛନ୍ତି। ରିଓ ଅଲିମ୍ପିକ୍ସ ରୌପ୍ୟ ପଦକଧାରୀ ସିନ୍ଧୁ ୭-୨୧, ୧୧-୨୧ ଗେମ୍‌ରେ ୩ୟ ର୍‍ୟାଙ୍କ ଓକୁହରାଙ୍କ ଠାରୁ ହାରି ଯାଇଛନ୍ତି। ବିଶ୍ୱ ଚାମ୍ପିୟନଶିପ ଫାଇନାଲଠାରୁ ଉଭୟ ପରସ୍ପରକୁ ୬ ଥର ଭେଟିଛନ୍ତି। ଏଥିରୁ ସିନ୍ଧୁ ୪ ଥର ବିଜୟୀ ହୋଇଛନ୍ତି। କିନ୍ତୁ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓକୁହାରାଙ୍କ ନିୟନ୍ତ୍ରଣ ଆଗରେ ସିନ୍ଧୁ ହାର ମାନିଥିଲେ। ଜାପାନିଜ ଖେଳାଳି ଫାଇନାଲରେ ଶୀର୍ଷ ର୍‍ୟାଙ୍କଧାରୀ ତାଇ ଜୁ ୟିଙ୍ଗଙ୍କୁ ଭେଟିବେ। ଚାଇନିଜ ତାଇପେ ଖେଳାଳି ୟିଙ୍ଗ ୧୫-୨୧, ୨୪-୨୨, ୨୧-୧୯ ଗେମ୍‌ରେ ୟାମାଗୁଚିଙ୍କୁ ପରାସ୍ତ କରିଛନ୍ତି।

### କେକେଆର୍ ବିପକ୍ଷରେ ଖେଳିବେନି ହରଭଜନ

**କୋଲକାତା, ୧୩।୪ (ପି.ଟି.):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ପରବର୍ତ୍ତୀ ମ୍ୟାଚ ଖେଳିବେ ନାହିଁ ସିନିୟର ଅଫ୍ ସ୍ପିନର ହରଭଜନ ସିଂ। ସେ ଏବେ ଇଞ୍ଜୁରିରୁ ମୁକ୍ତି ପାଇଥିଲେ ମଧ ତାଙ୍କ ପାରିବାରିକ ସମସ୍ୟା ଦେଖାଦେଇଛି। ସିଏସ୍‌କେ ଏହାର ଆଗ୍ରେ ଆଇପିଏଲ ଗେମ୍ କୋଲକାତା ନାଇଟ ରାଇଡର୍ସ (କେକେଆର୍) ବିପକ୍ଷରେ ଖେଳିବ। ୩୮ ବର୍ଷୀୟ ହରଭଜନ ଚଳିତ ଆଇପିଏଲରେ ଭଲ ଫର୍ମରେ ଅଛନ୍ତି। ସେ ୪ଟି ଗେମ୍‌ରେ ୭ ଉଇକେଟ ଅକ୍ତିଆର କରିଛନ୍ତି ଏବଂ ଦୁଇ ଥର ମ୍ୟାନ ଅଫ୍ ଦି ମ୍ୟାଚ ହୋଇଛନ୍ତି। ହରଭଜନ କହିଛନ୍ତି, ଜୟପୁରରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ମୋର ଖେଳିବାର ଥିଲା। ମାତ୍ର ସକାଳେ ବେକରେ ଯନ୍ତ୍ରଣା ଅନୁଭବ କରିବାରୁ ମ୍ୟାଚ୍‌ରୁ ଓହରିଯିବାକୁ ବାଧ ହୋଇଥିଲି। ମୋ ସ୍ତ୍ରୀ ଏବଂ ଝିଅ ଉଭୟ ଏବେ ଅସୁସ୍ଥ। ତେଣୁ ମୁଁ ବର୍ତ୍ତମାନ କୋଲକାତା ନ ଯିବା ଲାଗି ସ୍ଥିର କରିଛି। ମୁଁ ବର୍ତ୍ତମାନ ମୁମ୍ବାଇରେ ପରିବାର ସହିତ ଅଛି। ମୋ ସ୍ତ୍ରୀ ଓ ଝିଅ ସୁସ୍ଥ ହେବାମାତ୍ରେ ମୁଁ ତୁରନ୍ତ ଯାଇ ଦଳରେ ଯୋଗଦେବି।

### 'ପ୍ରେରଣାର ସ୍ରୋତ ଧୋନୀ'

**କୋଲକାତା,୧୩।୪(ପିଟି):** ଅମ୍ପାୟରଙ୍କ ସହ ଯୁକ୍ତି ପରେ କ୍ୟାପଟେନ କୁଲ ମହେନ୍ଦ୍ର ସିଂ ଧୋନୀଙ୍କୁ ଚାରିଆଡ଼ୁ ସମାଲୋଚନା କରାଯାଉଛି। ହେଲେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ସାଥି ଖେଳାଳି ଇମ୍ରାନ ତାହିରଙ୍କ ପାଇଁ ଧୋନୀ ଜଣେ ପ୍ରେରଣାର ସ୍ରୋତ। ସେ ଜଣେ ଭଲ ଅଧିନାୟକ ସାଙ୍ଗକୁ ଜଣେ ଭଲ ମଣିଷ ମଧ୍ୟ। ସଭିଙ୍କ ସାହାଯ୍ୟ ପାଇଁ ପୂର୍ବତନ ଭାରତୀୟ ଅଧିନାୟକ ସର୍ବଦା ପ୍ରସ୍ତୁତ ରୁହନ୍ତି। ଏହା ମୋତେ ଧୋନୀଙ୍କ ଗ୍ଲୋବାଲ କ୍ରିକେଟ୍ ଏକାଡେମୀରେ ଯୋଗଦେବାକୁ ପ୍ରେରିତ କରିଛି। ମୁଁ ଏପର୍ଯ୍ୟନ୍ତ ଧୋନୀଙ୍କ ଏକାଡେମୀ ସହ ବିଦ୍ଧବଧ ଭାବେ ଜଡ଼ିତ ହୋଇଥିବା ଘୋଷଣା କରିନାହିଁ। ମୁଁ ବିଶ୍ୱକପ୍ ପରେ ସମ୍ପୂର୍ଣ୍ଣ ଫ୍ରି ରହିବି। ଏହି ଏକାଡେମୀରେ ଭବିଷ୍ୟତର କ୍ରିକେଟରଙ୍କ ସହାୟତା ପାଇଁ ମୋତେ ଭାରତ କିମ୍ବା ଅନ୍ୟ ଦେଶକୁ ଯିବାକୁ ପଡ଼ିଲେ, ମୁଁ ଯିବା ପାଇଁ ଇଚ୍ଛୁକ ବୋଲି ତାହିର କହିଛନ୍ତି। ଉଲ୍ଲେଖଥାଉ କି, ଏମ୍‌ଏସ୍‌ଡିଙ୍କ ଏକାଡେମୀର ୧୭ଟି ବ୍ରାଞ୍ଚ ରହିଛି। ସିଙ୍ଗାପୁର ଓ ଦୁବାଇରେ ଦୁଇଟି ମୁଖ୍ୟ ସେଣ୍ଟର ରହିଛି।

# ରାଜସ୍ଥାନକୁ ଜିତାଇଲେ ବଟଲର

**ମୁମ୍ବାଇ,୧୩।୪(ପି.ଟି.)**



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜୋସ୍ ବଟଲର।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୭/୫
(ଡି କକ- ୮୧, ରୋହିତ- ୪୭, ହାର୍ଦ୍ଦିକ- ୨୮*, ସୂର୍ଯ୍ୟକୁମାର- ୧୬, ଆର୍ଚର- ୩/୩୯) ।
ରାଜସ୍ଥାନ ରୟାଲ୍ସ ୧୯.୩ ଓଭରରେ ୧୮୮/୬
(ବଟଲର- ୮୯, ରାହାନେ- ୩୭, ସାମସନ- ୩୧, କ୍ରୁନାଲ- ୩/୩୪, ବୁମ୍‌ରା- ୨/୨୩)।

ଓପନର ଜୋସ ବଟଲରଙ୍କ ବିସ୍ଫୋରକ ବ୍ୟାଟିଂ ଓ ଡେଥ୍ ଓଭରରେ ଶ୍ରେୟାସ ଗୋପାଲଙ୍କ ଉପଯୋଗୀ ତଥା ସାହସିକ ପ୍ରଦର୍ଶନ ବଳରେ ରାଜସ୍ଥାନ ରୟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୭ତମ ମ୍ୟାଚ୍‌ରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସକୁ ୩ଟି ବଲ ବାକିଥାଇ ୪ ଉଇକେଟରେ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ଏଥିସହ ରାଜସ୍ଥାନ ୭ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୫ ପରାଜୟ ସହ ୪ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି। ଅନ୍ୟପଟେ ମୁମ୍ବାଇ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି।

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୭ ରନର ଆଖିଦୃଶିଆ ସ୍କୋର ଛିଡ଼ା କରିଥିଲା। ଜବାବରେ ମିଡଲ ଅର୍ଡରର ବିପର୍ଯ୍ୟୟ ସତ୍ତ୍ୱେ ରାଜସ୍ଥାନ ୧୯.୩ ଓଭରରେ ୬ ଉଇକେଟ ହରାଇ ୧୮୮ ରନ କରି ବିଜୟୀ ହୋଇଥିଲା। ୪୩ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୭ ଛକା ସହ ଦ୍ରୁତ ୮୯ ରନର ଧୂଆଁଧାର ପାଳି ଖେଳିଥିବା ବଟଲର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୮୮ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ରାଜସ୍ଥାନ ଦେଖିଚାହିଁ ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ବଟଲର ୬୨ ବଲରୁ ୬୦ ରନ ସଂଗ୍ରହ କରିଥିଲେ। ରାହାନେ ୩୭ ରନ (୨୧ ବଲ, ୬ ଚୌକା, ୧ ଛକା) କରି କ୍ରୁନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ବଟଲର ରାହୁଲ ଚହରଙ୍କ ବଲ୍‌ରେ ସୂର୍ଯ୍ୟକୁମାରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଉଇକେଟ କିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ୨୬ ବଲରୁ ୨ ଚୌକା ଓ ୧ ଛକା ସହ ୩୧ ରନକରି ଯଶପ୍ରୀତ ବୁମ୍‌ରାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ମାତ୍ର ୬ଟି ବଲ୍‌ରେ ରାଜସ୍ଥାନ ରାହୁଲ ତ୍ରିପାଠୀ, ଲିୟମ ଲିଭିଙ୍ଗ୍‌ଷ୍ଟୋନ ଓ ସ୍ମିଥ୍‌ଙ୍କୁ ହରାଇ ବିପଦରେ ପଡିଥିଲା। ରାହୁଲ ୧, ଲିଭିଙ୍ଗ୍‌ଷ୍ଟୋନ ୧ ରନ କରି କ୍ରୁନାଲଙ୍କ ଦ୍ୱାରା ଆଉଟ ହେବାପରେ ଅଭିଜ୍ଞ ଷ୍ଟିଭେନ୍ ସ୍ମିଥ୍ ମାତ୍ର ୧୨ ରନ କରି ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ତେବେ ଶ୍ରେୟାସ ଗୋପାଲ ୭ ବଲରୁ ୨ ଚୌକା ସହ ୧୩ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ମୁମ୍ବାଇର କ୍ରୁନାଲ ୩, ବୁମ୍‌ରା ୨ ଓ ଚହର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଆରମ୍ଭରୁ ଦ୍ରୁତ ଗତିରେ ରନ ସଂଗ୍ରହ ପାଇଁ ପ୍ରୟାସ କରିଥିଲା। ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡି କକ୍ ପ୍ରଥମ ଉଇକେଟରେ ୬୫ ବଲରୁ ୯୬ ରନ ସଂଗ୍ରହ କରିଥିଲେ। ରୋହିତ ୪୭ ରନ (୩୨ ବଲ , ୬ ଚୌକା, ୧ ଛକା)କରି ଜେପ୍ରା ଆର୍ଚରଙ୍କ ବଲ୍‌ରେ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ସୂର୍ଯ୍ୟକୁମାର ୧୬, କିରନ ପୋଲାର୍ଡ ୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ୫୨ଟି ବଲ୍ ଖେଳି ୬ ଚୌକା ଓ ୪ ଛକା ସହ ଦ୍ରୁତ ୮୧ ରନର ଇନିଂସ ଖେଳିଥିବା ଡି କକ୍ ବଟଲରଙ୍କୁ କ୍ୟାଚ୍ ଦେଇ ଆର୍ଚରଙ୍କ ଦ୍ୱାରା ପ୍ୟାଭିଲିୟନ ଫେରିଥିଲେ। ଇଶାନ କିଷାନ ୫ ରନ କରି ଆଉଟ ହେବା ସହ ନିରାଶ କରିଥିଲେ। ତେବେ ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୧୧ଟି ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୨୮ ରନ କରି ଅପରାଜିତ ରହିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ରାଜସ୍ଥାନ ତରଫରୁ ବୋଲିଂରେ ଆର୍ଚର ସର୍ବାଧିକ ୩, ଧବଲ କୁଲକର୍ଣ୍ଣୀ ଓ ଜୟଦେବ ଉନାଡ଼କଟ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ଆଜିର ମ୍ୟାଚ**



କୋଲକାତା ନାଇଟ ରାଇଡର୍ସ
ବନାମ
ଚେନ୍ନାଇ ସୁପର କିଙ୍ଗ୍ସ
ସ୍ଥାନ : କୋଲକାତା
ସମୟ : ଅପରାହ୍ନ ୪ଟା

ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ : ହାଇଦ୍ରାବାଦ
ସମୟ: ରାତି ୮ଟା

ପ୍ରସାରଣ
ଷ୍ଟାର ସ୍ପୋର୍ଟ୍ସ

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୭ | ୬ | ୧ | ୧୨ | +୦.୨୯୯ |
| ନାଇଟ ରାଇଡର୍ସ | ୭ | ୪ | ୩ | ୮ | +୦.୪୩୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୨୦୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୪ | ୩ | ୮ | ୦.୧୯୭ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | −୦.୦୯୩ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | −୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୧ | ୬ | ୨ | −୧.୨୦୨ |

## ଦୂତୀଙ୍କ ପ୍ରଦର୍ଶନ ବଳରେ ରିଲେ ଦଳର ଯୋଗ୍ୟତା

**ପଟିଆଲା, ୧୩।୪(ପି.ଟି.)**

ଓଡ଼ିଆ ତାରକା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତୀୟ ୪x ୧୦୦ ରିଲେ ଦଳ ଦୋହାରେ ଆୟୋଜନ ହେବାକୁ ଥିବା ଏସିଆନ୍ ଆଥଲେଟିକ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଛି। ଏହି ମେଗା ଇଭେଣ୍ଟ ପାଇଁ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏକ ୫୧ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଦୋହାରେ ଏହି ଇଭେଣ୍ଟ ଏପ୍ରିଲ ୨୧ରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ସ୍ଥାନୀୟ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ) ରେ ଶନିବାର ଅନୁଷ୍ଠିତ ଟ୍ରାଏଲରେ ଦୂତୀ, ହିମା, ଅର୍ଚ୍ଚନା ସୁସିନ୍ଦ୍ରନ ଓ କେ ରଙ୍ଗାଙ୍କୁ ନେଇ ଗଠିତ ମହିଳା ୧୦୦ ମିଟର ରିଲେ ଟିମ୍ ୪୪.୧୨ ସେକେଣ୍ଡ ସମୟ ନେଇଥିଲେ। ତେବେ ଏଏଫ୍‌ଆଇ ଷ୍ଟାଣ୍ଡାର୍ଡ

**ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍**

୪୪.୫୦ ରହିଥିବା ବେଳେ ଏହି ରିଲେ ଦଳ ଅପେକ୍ଷାକୃତ କମ୍ ସମୟ ନେଇ ଯୋଗ୍ୟତା ହାସଲ କରିଛି। ମହିଳା ରିଲେ ଦଳ ଓ ୮୦୦ ମିଟରରେ କେ. ଗୋମଥୀ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ କ୍ରସ କରିଥିଲେ। ଅଧିକାଂଶ ରନର କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ କ୍ରସ୍ କରିବାରେ ବିଫଳ ହୋଇଥିଲେ।

## ପୱନ ପ୍ରଥମ ଭାରତୀୟ ଅଲିମ୍ପିକ୍ସ ଶୁଟିଂ ଜୁରି

**ପୁଣେ,୧୩।୪:** ପୱନ ସିଂ ଅଲିମ୍ପିକ୍ସ ଜୁରୀ ଭାବେ ମନୋନୀତ ହୋଇ କ୍ୟାରିୟରର ୩ୟ ଇନିଂସ ଆରମ୍ଭ କରିଛନ୍ତି। ବହୁ ଦେଶୀୟ ଇଭେଣ୍ଟ ଲାଗି ଜଣେ ଶୁଟର ଓ କୋଚ ଭାବେ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହେବା ପରେ ସେ ଆଇଏସ୍‌ଏସ୍‌ଏଫ୍ ଜୁରୀ ସଦସ୍ୟ ଭାବେ ଅଲିମ୍ପିକ୍ସରେ ପ୍ରବେଶ କରିଛନ୍ତି। ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ପକ୍ଷରୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ପରିଚାଳନା କରିବା ପାଇଁ ପୱନଙ୍କୁ ଚୟନ କରିଛି। ସେ ଦିଲ୍ଲୀଠାରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ୨୦୧୭ ବିଶ୍ୱକପ୍‌ଠାରୁ ଅନ୍ତର୍ଜାତୀୟ ଇଭେଣ୍ଟ ପରିଚାଳନା କରୁଛନ୍ତି।

## ବିଭୁ କଲ୍ୟାଣ ଏଫ୍‌ଆଇଏଚ୍ ସ୍ୱାସ୍ଥ୍ୟ, ନିରାପତ୍ତା କମିଟି ଅଧକ୍ଷ

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

ବିଭୁ କଲ୍ୟାଣ ନାୟକ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ସ୍ୱାସ୍ଥ୍ୟ ଓ ନିରାପତ୍ତା କମିଟିର ଅଧକ୍ଷ ଭାବେ ନିଯୁକ୍ତି ପାଇବେ। ଭୁବନେଶ୍ୱର ବାସିନ୍ଦା ବିଭୁ କଲ୍ୟାଣ କ୍ୟୁବାର ହାଭାନାସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ ମେଡିସିନ ଏବଂ ସ୍ପେନର ମାଡ୍ରିଡଠାରେ ରହିଥିବା ନ୍ୟାଶନାଲ ସ୍ପୋର୍ଟ୍ସ ସେଣ୍ଟରଠାରେ ସ୍ପୋର୍ଟ୍ସ ଟ୍ରମାଟୋଲୋଜି ଏବଂ ସ୍ପୋର୍ଟ୍ସ ଏକ୍ସରସାଇଜ୍ ଫିଜିଓଲୋଜି ଉପରେ ବିଶେଷ ତାଲିମ ନେଇଛନ୍ତି। ତାଙ୍କ କାର୍ଯ୍ୟକାଳ ଦୁଇବର୍ଷ ରହିବ। ବିଭୁ କଲ୍ୟାଣ ପୁରୁଷ ବିଶ୍ୱକପ୍ ୨୦୧୮ରେ ଜଣେ ମେଡିକାଲ ଅଫିସର ଭାବେ ଏବଂ ୧୯୯୫ରେ ଇଣ୍ଡିଆନ ଆର୍ମିର ମେଡିକାଲ କର୍ପସରେ କାର୍ଯ୍ୟ କରିଛନ୍ତି। ପୁଣେସ୍ଥିତ ଆର୍ମି ସ୍ପୋର୍ଟ୍ସ ଇନଷ୍ଟିଚ୍ୟୁଟ୍‌ରେ ୬ ବର୍ଷ ପାଇଁ ସେ କାର୍ଯ୍ୟ କରିଛନ୍ତି। ୨୦୦୭ରେ ତାଙ୍କୁ ପ୍ରଥମ ଥର ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରିବା ସୁଯୋଗ ମିଳିଥିଲା। ଇଣ୍ଡିଆନ



ୟୁଥ୍ ବକ୍ସିଂ ଟିମ୍ ସହିତ ଦୁଇ ବର୍ଷ ସଂଶ୍ଳିଷ୍ଟ ଥିଲେ। ୨୦୦୯ରେ ସେ ଭାରତୀୟ ହକି ଦଳ ସହିତ ରହିଥିଲେ। ସେ ସୁଲ୍‌ତାନ ଆଜଲାନ ଶାହ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମେତ ବହୁ ଇଭେଣ୍ଟରେ ଦଳ ପାଇଁ କାର୍ଯ୍ୟ କରିଥିଲେ। ବିଭୁ କଲ୍ୟାଣ କହିଛନ୍ତି, ଜଣେ ଭାରତୀୟ ହିସାବରେ ଏହି ନିଯୁକ୍ତି ନେଇ ମୁଁ ଗୌରବାନ୍ୱିତ ମନେ କରୁଛି। ଗତ ଦୁଇ ଦଶନ୍ଧି ଧରି ଏଲିଟ୍ ଆଥଲେଟିକ୍‌ଙ୍କ ସହିତ କାର୍ଯ୍ୟ କରି ମୁଁ ଯେଉଁ ଅଭିଜ୍ଞତା ହାସଲ କରିଥିଲି ତାହାର ଠିକଣା ଉପଯୋଗ କରିବାର ସୁଯୋଗ ମୋତେ ମିଳିଛି।

# ବାଙ୍ଗାଲୋରର ପ୍ରଥମ ବିଜୟ

**ମୋହାଲି,୧୩।୪**



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବି ଡି'ଭିଲର୍ସ

**ସଂକ୍ଷିପ୍ତ ସ୍କୋର**

କିଙ୍ଗ୍ସ ଇଲେଭେନ ପଞ୍ଜାବ: ୨୦ଓଭରରେ ୧୭୩/୪ (କ୍ରିସ୍ ଗେଲ୍-୯୯*, ୟେଜୁବେନ୍ଦ୍ର ଚହଲ-୨/୩୩, ମୋଇନ ଅଲି- ୧/୧୯, ମହମ୍ମଦ ସିରାଜ- ୧/୫୪)।
ରୟାଲ୍ସ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର: ୧୯.୨ ଓଭର ୧୭୪/୨ (ବିରାଟ କୋହଲି- ୬୭, ଏବି ଡି'ଭିଲର୍ସ-୫୯*, ମହମ୍ମଦ ସାମି-୧/୪୩)

କ୍ରିସ୍ ଗେଲ୍‌ଙ୍କ ଅପରାଜିତ ୯୯ରନ ସତ୍ତ୍ୱେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର କ୍ରମାଗତ ୬ଟି ପରାଜୟ ପରେ ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ପଞ୍ଜାବ କ୍ରିକେଟ ଆସୋସିଏଶନ ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଦଳ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ୮ ଉଇକେଟରେ ପରାସ୍ତ କରିଛି। ଅଧିନାୟକ ବିରାଟ କୋହଲି ଓ ଏବି ଡି'ଭିଲର୍ସଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ବାଙ୍ଗାଲୋର ଦଳ ୧୭୪ ରନର ବିଜୟ ଲକ୍ଷ୍ୟକୁ ୧୯.୨ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। କୋହଲି ୫୩ ବଲ୍‌ରେ ୮ ଚୌକା ସହ ୬୭ ରନ କରିଥିବାବେଳେ ଡି'ଭିଲର୍ସ ୩୮ ବଲ୍‌ରେ ୫ ଚୌକା ଓ ୨ ଛକା ସହାୟତାରେ ୫୯ ରନ କରି ଅପରାଜିତ ରହିଥିଲେ। ପାର୍ଥିବ ପଟେଲ ୧୯ ରନ କରିଥିବାବେଳେ ମାର୍କସ ଷ୍ଟୋଇନିସ ୨୮ ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ଦଳ ପକ୍ଷରୁ ମହମ୍ମଦ ସାମି ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

### ଗେଲ୍ ଶତକରୁ ବଞ୍ଚିତ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ତରଫରୁ ଅଭିଜ୍ଞ ଓପନର କ୍ରିସ୍ ଗେଲ ୯୯ ରନର ବିସ୍ଫୋରକ ଇନିଂସ ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେ ୬୪ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୫ ଛକା ମାରି ଘରୋଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ ମଧ ୧ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟତମ ଓପନର ଲୋକେଶ ରାହୁଲ ୧୮ରନ (୧୫ ବଲ, ୨ଚୌକା, ୧ଛକା) କରି ୟୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ ୧୫, ସର୍ଫରାଜ ଖାଁ ୧୫, ସାମ କୁରାନ ୧ ରନ କରି ଯଥାକ୍ରମେ ଚହଲ, ମହମ୍ମଦ ସିରାଜ ଓ ମୋଇନ ଅଲିଙ୍କ ଦ୍ୱାରା ଆଉଟ ହୋଇଥିଲେ। ମନଦୀପ ସିଂ ୧୬ ବଲରୁ ୧୮ ରନ କରି ଅପରାଜିତ ରହିଥିଲେ।



ସାଥୀ ପର୍ବତାରୋହୀଙ୍କ ସହ ବଚ୍ଛେନ୍ଦ୍ରୀ ପାଲ (ବାମରୁ ସପ୍ତମ)।

## ଇଣ୍ଡୋ-ନେପାଳ ଏଭରେଷ୍ଟ ଅଭିଯାନର ନେତୃତ୍ୱ ନେବେ ବଚ୍ଛେନ୍ଦ୍ରୀ

**ନୂଆଦିଲ୍ଲୀ,୧୩।୪**

ପଦ୍ମ ଭୂଷଣ ତଥା କିମ୍ବଦନ୍ତୀ ମହିଳା ପର୍ବତାରୋହୀ ବଚ୍ଛେନ୍ଦ୍ରୀ ପାଲ ୧୯୯୩ ଇଣ୍ଡୋ-ନେପାଳ ମହିଳା ଏଭରେଷ୍ଟ ଅଭିଯାନର ରୌପ୍ୟଜୟନ୍ତୀ ଅବସରରେ ହେବାକୁ ଥିବା ସ୍ମାରକୀ ଆରୋହଣ ଯାତ୍ରାର ନେତୃତ୍ୱ ନେବେ। ୧୨ ଦିନଧରି ଚାଲିବାକୁ ଥିବା ଏହି ଆରୋହଣ ଯାତ୍ରା ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ଲେଗ୍ (୩, ୭୯୦ ମିଟର) ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବ। ଏଥିରେ ୧୦ଜଣ ମହିଳା ପର୍ବତାରୋହୀ ଓ ଜଣେ ଟେକ୍‌ନିକାଲ ଆଡଭାଇଜର ସାମିଲ ରହିବେ। ଏହି ଆରୋହଣ ଯାତ୍ରା ଲୁକଲାଠାରୁ ଆରମ୍ଭ ହୋଇ ସମୁଦ୍ର ପତ୍ତନରୁ ୩, ୭୯୦ ମିଟର ଉଚ୍ଚରେ ଥିବା ଖୁମ୍‌ଜୁଙ୍ଗ ପର୍ଯ୍ୟନ୍ତ ଲମ୍ବିବ। ଏଭରେଷ୍ଟର ଦକ୍ଷିଣ-ପୂର୍ବ ପୃଷ୍ଠରେ ଥିବା ରୁଟ୍ ଦେଇ ପର୍ବତାରୋହୀ ମାନେ ଆରୋହଣ କରିବେ। ଆରୋହଣରେ ଯିବା ପୂର୍ବରୁ ବଚ୍ଛେନ୍ଦ୍ରୀଙ୍କ ସହ ଏହି ପର୍ବତାରୋହୀ ଦଳ ଓ ଟାଟା ଷ୍ଟିଲ କର୍ପୋରେଟ ସର୍ଭିସେସ ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ ଶୁକ୍ରବାର ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ରାମ ନାଥ କୋବିନ୍ଦଙ୍କୁ ସାକ୍ଷାତ କରିଛନ୍ତି। ରାଷ୍ଟ୍ରପତି ଏହି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ଓ ଏହି ପର୍ବତାରୋହୀ ଦଳ ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ବଚ୍ଛେନ୍ଦ୍ରୀ ପ୍ରଥମ ଭାରତୀୟ ମହିଳା ଭାବେ ଏଭରେଷ୍ଟ ଆରୋହଣ କରିବାର ଗୌରବ ଅର୍ଜନ କରିଥିଲେ ଓ ୧୯୯୩ ଆରୋହଣରେ ମଧ ବଚ୍ଛେନ୍ଦ୍ରୀ ନେତୃତ୍ୱ ନେଇଥିଲେ।



"ଦିଲ୍ଲୀ କ୍ୟାପିଟାଲ୍ସ ହୋମ୍ ଗ୍ରାଉଣ୍ଡ ତୁଳନାରେ କୋଲକାତା ନାଇଟ ରାଇଡର୍ସର ଇଡେନ୍ ଗାର୍ଡେନ୍ସ ପିଚ୍ ସମ୍ପୂର୍ଣ୍ଣ ଓଲଟା ।"
–ଶିଖର ଧାୱନ, ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି



"ଆଇପିଏଲରେ କ୍ରମାଗତ ଦୁଇଟି ବିଜୟ ଦ୍ୱାରା ଆମ ଖେଳାଳିମାନେ ସେମାନଙ୍କ ଭୂମିକା ନେଇ ସଚେତନ ବୋଲି ସୂଚନା ମିଳୁଛି ।"
–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ

## ସଂକ୍ଷେପରେ

### ପ୍ରଥମ ଥର ବିଶ୍ୱରେ ପ୍ରସାରଣ ହେବ ମହିଳା ବିଶ୍ୱକପ୍

**ପ୍ୟାରିସ,୧୩।୪(ଏଏଫ୍‌ପି):** ୧୯୯୧ ପ୍ରଥମ ମହିଳା ବିଶ୍ୱକପର ସିଧା ପ୍ରସାରଣ କେବଳ ଆୟୋଜକ ଚାଇନାର ଦର୍ଶକମାନେ ଦେଖିଥିଲେ। କିନ୍ତୁ ଚଳିତ ବର୍ଷ ଫ୍ରାନ୍ସରେ ହେବାକୁ ଥିବା ସଂସ୍କରଣ ୨୦୦ରୁ ଅଧିକ ଦେଶରେ ସିଧା ପ୍ରସାରଣ କରାଯିବ। ୨୪ ଦଳକୁ ନେଇ ହେବାକୁ ଯାଉଥିବା ଇଭେଣ୍ଟକୁ ବିଶ୍ୱର ଏକ ନିୟୁତ ଦର୍ଶକ ଉପଭୋଗ କରନ୍ତୁ ବୋଲି ଆୟୋଜକ ଫ୍ରାନ୍ସ ଲକ୍ଷ୍ୟ ରଖିଛି। ଏହା ଦ୍ୱାରା ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିଥିବା ଦକ୍ଷିଣ ଆଫ୍ରିକା ଓ ଜାମାଇକାରେ ମହିଳା ଫୁଟ୍‌ବଲର ଲୋକପ୍ରିୟତା ବୃଦ୍ଧି କରିବ। ଏହି ବହୁ ଦଳୀୟ ଇଭେଣ୍ଟ ଜୁନ ୭ରୁ ଜୁଲାଇ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୩ ଥର ବିଶ୍ୱକପ୍ ଓ ୪ ଥର ଅଲିମ୍ପିକ୍ ଚାମ୍ପିୟନ ଆମେରିକାରେ ସର୍ବାଧିକ ସଂଖ୍ୟକ ଦର୍ଶକ ଉପଭୋଗ କରିବେ। ୨୦୧୧ ବିଶ୍ୱକପ୍ ଓ ୨୦୧୨ ଅଲିମ୍ପିକ୍ସ ରନର୍ସ ଅପ୍ ଜାପାନର ୩୦ ପ୍ରତିଶତ ଫୁଟ୍‌ବଲ ପ୍ରଶଂସକ ଦେଖିବେ। ଏହି ବିଶ୍ୱକପ ବେଳେ ବିଜ୍ଞାପନ ବାବଦକୁ ପୁରୁଷ ଇଭେଣ୍ଟ ଅପେକ୍ଷା ୫୦ ପ୍ରତିଶତ କମ୍ ପଡ଼ିବ ବୋଲି ଫ୍ରାନ୍ସର କ୍ରୀଡ଼ା ଓ ଟେଲିଭିଜନ ନିର୍ଦ୍ଦେଶକ ଲୌରେଣ୍ଟ ଇରିକ ଲେ କହିଛନ୍ତି।

### ବଳାତ୍କାର ମାମଲାରେ ଅଷ୍ଟ୍ରେଲିଆନ କ୍ରିକେଟର ଦୋଷୀ

**ଲଣ୍ଡନ,୧୩।୪:** ଇଂଲଣ୍ଡରେ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ଅଷ୍ଟ୍ରେଲିଆନ କ୍ରିକେଟର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବର୍ସେଷ୍ଟର କ୍ରାଉନ କୋର୍ଟଙ୍କ ଶୁଣାଣି ପରେ ଆଲେକ୍ସ ହେପବର୍ନ ମୁହଁ ଲୁଚାଇ କାନ୍ଦିବା ଆରମ୍ଭ କରିଥିଲେ। ପଶ୍ଚିମ ଅଷ୍ଟ୍ରେଲିଆରେ ଜନ୍ମିତ ୨୩ ବର୍ଷୀୟ ହେପବର୍ନ ୨୦୧୩ରେ କ୍ରିକେଟ କ୍ୟାରିୟର ଆରମ୍ଭ କରିବା ପାଇଁ ଇଂଲଣ୍ଡ ଯାଇଥିଲେ। ଉକ୍ତ ମହିଳା ନିଜ ଆପାର୍ଟମେଣ୍ଟରେ ଶୋଇଥିବାବେଳେ ହେପବର୍ନ ବଳାତ୍କାର କରିଥିଲେ। ତାଙ୍କୁ ୱର୍ସେଷ୍ଟରସାୟାର ଦଳରୁ ବହିଷ୍କୃତ କରାଯାଇଛି।

### ଇକୋର୍ସା ବିଜୟୀ

**ଭୁବନେଶ୍ୱର, ୧୩।୪(କ୍ରୀଡ଼ା ପ୍ରତିନିଧି):** ରେଲୱେ ଷ୍ଟାଡିୟମରେ ଚାଲିଥିବା ଇ-ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଆସୋସିଏଶନ (ଇକୋର୍ସା) ୫ ଉଇକେଟରେ ଓଡ଼ିଶା କଲ୍ଟସକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା କଲ୍ଟସ ୩୬.୨ ଓଭରରେ ୧୨୪ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ବିପ୍ଲବ ସାମନ୍ତରାୟ ସର୍ବାଧିକ ୩୫, ଗିରିଜା ବାରିକ ୨୭ ଓ ସୌଭାଗ୍ୟ ମିଶ୍ର ୧୭ ରନ କରିଥିଲେ। ପ୍ରତିପକ୍ଷ ଦଳର ଲଗ୍ନଜିତ ସାମଲ ୧୯ ରନରେ ୪ଟି ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ, ଆଲୋକ ମଙ୍ଗରାଜ ୨ଟି ଲେଖାଏ ଓ ଜୟନ୍ତ ବେହେରା ଗୋଟିଏ ଉଇକେଟ ନେଇଥିଲେ। ୧୨୫ ରନର ବିଜୟ ଲକ୍ଷ୍ୟକୁ ଇକୋର୍ସା ୨୮ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଦଳ ପକ୍ଷରେ ଅଙ୍କିତ ଯାଦବ ୪୧ ରନକରି ଅପରାଜିତ ରହିଥିବାବେଳେ ସମିର ମହାନ୍ତି ୨୬, ସୁଜିତ ଲେଙ୍କା ୨୫ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଲଗ୍ନଜିତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।



ସୁପର କପ୍ ଫୁଟବଲ ଚାମ୍ପିୟନ ଏଫ୍‌ସି ଗୋଆ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

# ଏଫ୍‌ସି ଗୋଆ ନୂଆ ଚାମ୍ପିୟନ

**ଭୁବନେଶ୍ୱର, ୧୩।୪(କ୍ରୀଡ଼ା ପ୍ରତିନିଧି)**

**ସୁପର କପ୍ ଫୁଟବଲ**

- ଚାମ୍ପିୟନ ଏଫ୍‌ସି ଗୋଆ- ୨୫ ଲକ୍ଷ
- ରନର୍ସଅପ୍ ଚେନ୍ନାଇନ୍ ଏଫ୍‌ସି- ୧୫ ଲକ୍ଷ
- ହିରୋ ଅଫ୍ ଦି ମ୍ୟାଚ୍ - ମହମ୍ମଦ ନୱାଜ
- ହିରୋ ଅଫ୍ ଦି ସିରିଜ - ଫେରାନ କୋରୋମିନାସ

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି । ଫାଇନାଲରେ ଚେନ୍ନାଇନ୍ ଏଫସିକୁ ୨-୧ ଗୋଲରେ ହରାଇ ଏଫସି ଗୋଆ ହୋଇଛି ନୂଆ ଚାମ୍ପିୟନ । ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ଫାଇନାଲରେ ବେଙ୍ଗାଲୁରୁ ଏଫସି ନିକଟରୁ ଏକମାତ୍ର ଗୋଲରେ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିବା ଗୋଆ ଏଠାରେ କିନ୍ତୁ ପିନ୍ଧିଛି ବିଜୟ ମୁକୁଟ । ଜାତୀୟ ଫୁଟବଲରେ ଏଫସି ଗୋଆର ଏହାଥିଲା ପ୍ରଥମ ଟାଇଟଲ । ଚାମ୍ପିୟନ ଗୋଆକୁ ଟ୍ରଫି ସହ ୨୫ ଲକ୍ଷ ଏବଂ ରନର୍ସଅପ୍ ଚେନ୍ନାଇନ୍ ଏଫସିକୁ ୧୫ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସସ୍ମିତା ମଲିକ, କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ବରିଷ୍ଠ ଉପସଭାପତି ସୁବ୍ରତ ଦତ୍ତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଚେନ୍ନାଇନ୍ ଏଫସି ସହ ମାଲିକ ତଥା ବଲିଉଡ ଅଭିନେତା ଅଭିଷେକ ବଚ୍ଚନ ଚେନ୍ନାଇନ୍ ଡଗ୍‌ଆଉଟ ନିକଟରେ ଉପସ୍ଥିତ ରହି ଖେଳାଳି ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଗୋଆ ଗୋଲକିପର ମହମଦ ନୱାଜ ହିରୋ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ହିରୋ ଅଫ ଦି ସିରିଜ ପୁରସ୍କାର ପାଇଥିଲେ ଏଫସି ଗୋଆ ଫରୱାର୍ଡ ଫେରାନ କୋରୋମିନାସ।

ବାସନ୍ଦ ଯୋଗୁ ସେମିଫାଇନାଲ ଖେଳିପାରି ନ ଥିବା ମିଡ୍‌ଫିଲ୍ଡର ଏଡୁଆର୍ଡୋ ବେଡିଆ ପେଲେଜ ଫାଇନାଲରେ ଗୋଆ ଦଳର ନେତୃତ୍ୱ ନେଇଥିଲେ। ସେ ଜାଇଦ୍ କ୍ରୋଟ୍‌ଙ୍କ ସ୍ଥାନରେ ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇଥିଲେ। ଦୁଇ ହେଭିୱେଟ ଦଳ ମଧ୍ୟରେ ଲଢ଼େଇ ଆରମ୍ଭରୁ ବେଶ୍ ରୋମାଞ୍ଚକ ହୋଇଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ। ଉଭୟ ଦଳ ଅନେକ ସୁଯୋଗ ମଧ୍ୟ ସୃଷ୍ଟି କରିଥିଲେ। ମାତ୍ର ପ୍ରଥମାର୍ଦ୍ଧର ନିର୍ଦ୍ଧାରିତ ସମୟ ଓ ୨ ମିନିଟର ଇଞ୍ଜୁରି ଟାଇମ୍‌ରେ ଗୋଲ ହୋଇପାରି ନ ଥିଲା।

ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକଭାବେ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଗୋଆ ପକ୍ଷରୁ ଆକ୍ରମଣକୁ ଜୋରଦାର କରାଯାଇଥିଲା। ୫୦ତମ ମିନିଟରେ ବେଡିଆ ମାରିଥିବା ଶଟ୍ ଚେନ୍ନାଇନ୍ ଗୋଲପୋଷ୍ଟରେ ବାଜି ଫେରି ଆସିଥିଲା। ମାତ୍ର ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ ଟୁର୍ନାମେଣ୍ଟର ଅନ୍ୟତମ ଅଗ୍ରଣୀ ସ୍କୋରର ଫେରାନ କୋରୋମିନାସ। ଚେନ୍ନାଇନ୍‌ର ଅନିରୁଦ୍ଧ ଥାପା ବଲ୍‌କୁ କ୍ଲିୟର କରିଦେବାକୁ ଉଦ୍ୟମ କରିଥିବାବେଳେ ଦୁର୍ବଳ ଶଟ୍‌କୁ କୋରୋମିନାସ ରୋକିବା ସହ ବାମପାଦରେ ବଲ୍‌କୁ ଚେନ୍ନାଇନ୍ ଗୋଲପୋଷ୍ଟ ମଧ୍ୟକୁ ଠେଲିଦେଇଥିଲେ। ୫୧ତମ ମିନିଟରେ କୋରୋ ଏହି ଗୋଲଟି ଦେଇଥିଲେ। ମାତ୍ର ଗୋଆର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା । ଗୋଆ ଗୋଲପୋଷ୍ଟରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ଚେନ୍ନାଇନ୍‌ର ରାଫାଲ ଅଗଷ୍ଟୋ ୫୪ତମ ମିନିଟରେ ଗୋଲଟିକୁ ପରିଶୋଧ କରି ଦେଇଥିଲେ । ଫଳରେ ମ୍ୟାଚରେ ଉଷ୍ମତା ଭରିଥିଲା । ଗୋଆ କିନ୍ତୁ ସହଜରେ ଛାଡ଼ିବାର ନ ଥିଲା । ୬୪ତମ ମିନିଟରେ ଇଡୁ ବେଡିଆ ବଲ୍‌କୁ ନିୟନ୍ତ୍ରଣକୁ ଆଣି ବ୍ରେଣ୍ଡନ ଫର୍ନାଣ୍ଡିଜ୍ ଦ୍ରୁତ ବେଗରେ ଚେନ୍ନାଇନ୍ ବକ୍ସ ଏରିଆକୁ ଯାଉଥିବାର ଦେଖିଥିଲେ। ତେଣୁ ସେ ଫର୍ନାଣ୍ଡିଜ୍‌ଙ୍କୁ ପାସ୍ ଦେଇଥିଲେ ଏବଂ ସେ ଏହାକୁ ଗୋଲରେ ପରିଣତ କରିଥିଲେ । ୭୫ତମ ମିନିଟରେ ବେଡିଆ ଓ କୋରୋମିନାସ ମିଳିତଭାବେ ବଲ୍ ନେଇ ଚେନ୍ନାଇନ୍ ଗୋଲପୋଷ୍ଟରେ ପହଞ୍ଚିଥିଲେ । ବେଡିଆ ବାମ ପାଦରେ ବଲ୍‌କୁ ଗୋଲପୋଷ୍ଟକୁ ଠେଲି ଥିଲେ ହେଁ ଚେନ୍ନାଇନ୍ ଗୋଲକିପର କରନଜିତ ସିଂ ଚମତ୍କାରଭାବେ ଏହାକୁ ସେଭ୍ କରିଥିଲେ । ୮୧ତମ ମିନିଟରେ ଜ୍ୟାକିଚାନ୍ଦ ସିଂ ଗୋଲପୋଷ୍ଟ ନିକଟରୁ ମାରିଥିବା ଶଟ୍‌କୁ ଗୋଲକିପର କରନଜିତ ଅଟକାଇ ଦେଇଥିଲେ । ବଲ ଫେରି ଆସୁଥିବାବେଳେ କୋରୋମିନାସ ତାହାକୁ ଗୋଲରେ ପରିଣତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଶୋଇପଡ଼ି ବଲ୍‌କୁ ଧରିବା ଉଦ୍ୟମରେ ଗୋଲକିପର କରନଜିତଙ୍କ ହାତ କୋରୋମିନାସଙ୍କ ଗୋଡ଼ରେ ବାଜିଥିଲା। ଫଳରେ କୋରୋମିନାସ ତଳେ ପଡ଼ି ଯାଇଥିଲେ। ୬ ମିନିଟ ଇଞ୍ଜୁରି ଟାଇମ୍ ଆରମ୍ଭରେ ଚେନ୍ନାଇନ୍‌କୁ ଏକ କର୍ନର ମିଳିଥିଲା । ମାତ୍ର ଗୋଆ ଡିଫେଣ୍ଡର ସରିଗ୍ନେ ମୋର୍ତାଦା ଫଲ୍ ବଲ୍‌କୁ ବାହାରକୁ ପଠାଇ ଦେଇଥିଲେ । ଶେଷ ମିନିଟରେ ଚେନ୍ନାଇନ୍ ପକ୍ଷରୁ ମରାଯାଇଥିବା ଏକ ଶଟ୍ ଗୋଆ ଗୋଲପୋଷ୍ଟ ବାର୍‌ରେ ବାଜି ଫେରି ଆସିଥିଲା । ପରେ ରେଫରିଙ୍କ ମ୍ୟାଚ ଶେଷ ହ୍ୱିସିଲ ବାଜିଥିଲା ଏବଂ ଗୋଆ ଖେଳାଳି ଓ ଟିମ୍ ମ୍ୟାନେଜମେଣ୍ଟ ସଦସ୍ୟମାନେ ନାଚି ଖୁସି ମନାଇଥିଲେ ।



ଫେରାନ କୋରୋମିନାସଙ୍କୁ ଅତିଥିମାନେ ହିରୋ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରୁଛନ୍ତି ।

## କଳିଙ୍ଗ କର୍ନର

### ଓଡ଼ିଆ ଦର୍ଶକଙ୍କୁ ଟାଣିଲେ ଅଭିଷେକ

**ଭୁବନେଶ୍ୱର, ୧୩।୪ (କ୍ରୀଡ଼ା ପ୍ରତିନିଧି):** ସୁପର କପ୍ ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଥିଲେ ହେଁ ସେମିଫାଇନାଲ ପର୍ଯ୍ୟନ୍ତ ଷ୍ଟାଡିୟମରେ ଦର୍ଶକଙ୍କ ଅଭାବ ପରିଲକ୍ଷିତ ହୋଇଥିଲା। କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲରେ ବଡ଼ ଦଳଗୁଡ଼ିକ ମଧ୍ୟରେ ମୁକାବିଲା ହୋଇଥିଲେ ହେଁ ତାହା ଓଡ଼ିଆ ଦର୍ଶକଙ୍କୁ ଆକୃଷ୍ଟ କରିପାରି ନ ଥିଲା। ମାତ୍ର ଫାଇନାଲରେ ଇଷ୍ଟ ଓ ୱେଷ୍ଟ ଷ୍ଟାଣ୍ଡରେ କିଛି ଦର୍ଶକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। କାରଣ ହେଲେ ବଲିଉଡ ଅଭିନେତା ଅଭିଷେକ ବଚନ । ଚେନ୍ନାଇନ୍ ଏଫସିର ସହ ମାଲିକ ଅଭିଷେକ ଫାଇନାଲ ଅବସରରେ ଉପସ୍ଥିତ ହୋଇ ଦଳକୁ ଉତ୍ସାହିତ କରିବେ ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । ସମ୍ଭବତଃ ଦର୍ଶକମାନେ ମ୍ୟାଚ ଦେଖିବା ସହ ସେମାନଙ୍କ ପ୍ରିୟ ଅଭିନେତାଙ୍କୁ ନିକଟରୁ ଦେଖିବା ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲେ । ମ୍ୟାଚ ସମୟରେ ଅଭିଷେକ ଭିଆଇପି ବକ୍ସରୁ ବାହାରକୁ ଆସି ଖେଳାଳିଙ୍କୁ ଉତ୍ସାହିତ କରୁଥିବା ପରିଲକ୍ଷିତ ହୋଇଥିଲା। ମ୍ୟାଚ ପରେ ସେ ପଡ଼ିଆକୁ ଓହ୍ଲାଇ ପ୍ରଥମେ ଚେନ୍ନାଇନ୍ ଡଗ୍‌ଆଉଟକୁ ଯାଇ ଖେଳାଳିଙ୍କ ସହ ହାତ ମିଳାଇଥିଲେ ଏବଂ କିଛି ସମୟ ଆଲୋଚନା କରିଥିଲେ । ପରେ ସେ ପୁରସ୍କାର ପ୍ରଦାନ ସମାରୋହକୁ ଯାଇଥିଲେ ।

#### ୱେଷ୍ଟରେ ଚେନ୍ନାଇନ୍, ଇଷ୍ଟରେ ଗଉର ଆର୍ମି

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶନିବାର ଏଫସି ଗୋଆ ଓ ଚେନ୍ନାଇନ୍ ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳକୁ ଉତ୍ସାହିତ କରିବା ପାଇଁ ଷ୍ଟାଡିୟମରେ ଉଭୟ ଦଳର କିଛି ସମର୍ଥକ ଉପସ୍ଥିତ ଥିଲେ। ୱେଷ୍ଟଷ୍ଟାଣ୍ଡରେ ଚେନ୍ନାଇନ୍ ସମର୍ଥକମାନେ ବଡ଼ ବ୍ୟାନର ମାରିବା ସହ ବାଜା ବଜାଇ, ଗୀତ ଗାଇ ନିଜ ଦଳକୁ ଉତ୍ସାହିତ କରିଥିଲେ। ଅନ୍ୟପକ୍ଷରେ ଇଷ୍ଟଷ୍ଟାଣ୍ଡରେ ଗଉର ଆର୍ମିଭାବେ ପରିଚିତ ଗୋଆର ସମର୍ଥକମାନେ ପେଁକାଳି ବଜାଇବା ସହ କୋଳାହଳ କରି ନିଜ ଦଳକୁ ଉତ୍ସାହିତ କରିଥିଲେ। ସମର୍ଥକଙ୍କ ଉପସ୍ଥିତିରେ ଉଭୟ ଦଳ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ ମଧ୍ୟ କରିଥିଲେ।

#### ମ୍ୟାଚ ପରେ ସେଲ୍‌ଫି

ମ୍ୟାଚ ଶେଷ ହେବାପରେ ଚେନ୍ନାଇନ୍ ଏଫସି ସହ ମାଲିକ ତଥା ବଲିଉଡ ଅଭିନେତା ଅଭିଷେକ ବଚନ ପଡ଼ିଆକୁ ଆସିଥିଲେ। ପୁରସ୍କାର ବିତରଣ ପରେ ଅଭିଷେକଙ୍କ ସହ ପ୍ରଶଂସକମାନେ ସେଲ୍‌ଫି ନେଇଥିଲେ । ଅଭିଷେକ କାହାକୁ ନିରାଶ ନ କରି ସମସ୍ତଙ୍କ ସହ ଫଟୋ ଉଠାଉଥିବା ପରିଲକ୍ଷିତ ହୋଇଥିଲା ।

#### କୋରୋ ଟପ୍ ସ୍କୋରର

କଳିଙ୍ଗ ଷ୍ଟାଡିୟମରେ ଶନିବାର ଶେଷ ହୋଇଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ଟପ୍ ସ୍କୋରର ହୋଇଛନ୍ତି ଏଫସି ଗୋଆ ଷ୍ଟ୍ରାଇକର ଫେରାନ କୋରୋମିନାସ । ସେ ସର୍ବାଧିକ ୫ଟି ଗୋଲ ସ୍କୋର କରିଛନ୍ତି। ଆଟଲେଟିକୋ ଡି କୋଲକାତାର ବଲୱନ୍ତ ସିଂ ଓ ଚେନ୍ନାଇ ସିଟିର ପେଡ୍ରୋ ମାନ୍‌ଜି ୪ଟି ଲେଖାଏ ଗୋଲ ଦେଇ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।




ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନଙ୍କ ସହ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

## ■ ଭୁବନେଶ୍ୱରରେ ଏଆଇଏଫ୍‌ଏଫ୍ ଲିଗ୍ କମିଟି ବୈଠକ

# କ୍ଲବ୍‌ଗୁଡ଼ିକ ଓହରିବା ସଂକ୍ରାନ୍ତ ନିଷ୍ପତ୍ତି ନେବ ଶୃଙ୍ଖଳାଗତ କମିଟି

**ଭୁବନେଶ୍ୱର,୧୩।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଶନିବାର ଏଠାରେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଲିଗ୍ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ଏଆଇଏଫ୍‌ଏଫ୍ ବରିଷ୍ଠ ଉପସଭାପତି ତଥା ଲିଗ୍ କମିଟି ଅଧ୍ୟକ୍ଷ ସୁବ୍ରତ ଦତ୍ତ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରୁ ବିଭିନ୍ନ କାରଣରୁ ଓହରି ଯାଇଥିବା କ୍ଲବଗୁଡ଼ିକ ସମ୍ପର୍କରେ ବିସ୍ତୃତ ଭାବେ ଚର୍ଚ୍ଚା ହୋଇଥିଲା। ତେବେ ଏହି ମାମଲାର ବିଚାର ପାଇଁ ଓ ଏ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଶୃଙ୍ଖଳାଗତ କମିଟିକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ଏ ନେଇ ନିଷ୍ପତ୍ତି ନିଆଯାଇଥିଲା। ଟୁର୍ନାମେଣ୍ଟର ନିୟମ ଅନୁଯାୟୀ ଶୃଙ୍ଖଳାଗତ କମିଟି ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଏଆଇଏଫ୍‌ଏଫ୍‌ର ବୈମାତୃକ ମନୋଭାବ ନେଇ କେତେକ ଆଇ- ଲିଗ୍ କ୍ଲବ୍ ଅଭିଯୋଗ ଆଣି ସୁପର କପ୍‌ରୁ ଓହରି ଯାଇଥିଲେ ଓ ଏନେଇ ବିବାଦ ସୃଷ୍ଟି ହୋଇଥିଲା।

ଏଥିସହ ଆଗାମୀ ସବ୍- ଜୁନିୟର ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ପାଇଁ ଖେଳାଳିଙ୍କ ବୟସ ନିରୂପଣ ଲାଗି ଟିଡବ୍ଲ୍ୟୁ୩ ପଦ୍ଧତି ଅବଲମ୍ବନ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଇତିମଧ୍ୟରେ ହିରୋ ସବ୍- ଜୁନିୟର ଓ ଜୁନିୟର ଲିଗ୍ ୨୦୧୯-୨୦ ସେସନରେ ଅଂଶଗ୍ରହଣ କରିବା ପାଇଁ କମିଟି ଏହି ବୈଠକରେ ଯୋଗ୍ୟତା ନିର୍ଦ୍ଧାରଣ କରିଛି। ଏଆଇଏଫ୍‌ଏଫ୍ ଓ ବିଏଡିପି ଗାଇଡଲାଇନ୍ ଅନୁସାରେ ସବ୍‌ଜୁନିୟର ପ୍ରତିଯୋଗିତା ପାଇଁ ବୋନ୍ ଏଜ୍ ରେଟିଂ ୧୩.୪ ଓ ଜୁନିୟର ଲିଗ୍ ପାଇଁ ୧୫.୪ ବର୍ଷ ରଖାଯାଇଛି।

ହିରୋ ଆଇ-ଲିଗ୍ ୨୦୧୯-୧୯ ସେସନରେ ଫେବୃୟାରୀ ୧୮ରେ ଖେଳାଯିବାକୁ ଥିବା ରିୟଲ କଶ୍ମୀର- ମିନର୍ଭା ପଞ୍ଜାବ ମ୍ୟାଚ୍ ପୁଣି ଥରେ ଏକ ନୂଆ ତାରିଖରେ ଆୟୋଜନ କରାଯିବ ବୋଲି ଇମର୍ଜେନ୍ସି କମିଟି ସେତେବେଳେ ନିଷ୍ପତ୍ତି ନେଇଥିଲା। ତେବେ ଏଆଇଏଫ୍‌ଏଫ୍ ସହିତ ଏହି ଦୁଇଟି ଦଳ ଆଲୋଚନା କରିଥିଲେ ଓ ପଏଣ୍ଟ ଭାଗ କରିବା ପାଇଁ ରାଜି ହୋଇଥିଲେ। ଲିଗ୍ କମିଟି ମଧ୍ୟ ଏହାକୁ ଗ୍ରହଣ କରିଛି। ଫଳରେ ରିୟଲ କଶ୍ମୀର ୨୦ଟି ମ୍ୟାଚ୍ ଖେଳି ୩୭ ପଏଣ୍ଟ ପାଇବା ସହ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଅନ୍ୟପଟେ ପଞ୍ଜାବ ୨୦ଟି ମ୍ୟାଚ୍ ଖେଳି ୧୮ ପଏଣ୍ଟ ପାଇ ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଉଲ୍ଲେଖଥାଉ କି, ପୁଲୱାମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୪୦ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଫଳରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ପରିସ୍ଥିତିରେ ଘଟଣାର ୪ ଦିନ ପରେ ଶ୍ରୀନଗରରେ ମ୍ୟାଚ୍ ଖେଳିବାକୁ ଭ୍ରମଣକାରୀ କ୍ଲବ ମିନର୍ଭା ଅମଙ୍ଗ ହୋଇଥିଲା ଓ ଶେଷରେ ମ୍ୟାଚ୍ ବାତିଲ ହୋଇଥିଲା। ଏଥିରେ ଘରୋଇ ରିୟଲ କଶ୍ମୀର ଅସନ୍ତୋଷ ଜାହିର କରିଥିଲା । ତେବେ ଦୁଇ ଦଳ ପଏଣ୍ଟ ଭାଗ କରିବା ନେଇ ସମ୍ମତି ପ୍ରକାଶ କରିଥିବାରୁ ଏ ନେଇ ବିବାଦର ଏକପ୍ରକାର ଅନ୍ତ ଘଟିଛି।

ପୁଣି ଚେନ୍ନାଇ ସିଟି ଓ ମିନର୍ଭା ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ହିରୋ ଆଇ- ଲିଗ୍ ମ୍ୟାଚ୍ ନେଇ ଏଆଇଏଫ୍‌ଏଫ୍ ଇଣ୍ଟିଗ୍ରିଟି ଅଫିସର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିଛନ୍ତି। ସବୁ ଦୃଷ୍ଟିକୋଣରୁ ବିଚାର କରି ଓ ସବୁ ପ୍ରାସଙ୍ଗିକ ଦସ୍ତାବିଜ୍‌କୁ ଆଖିରେ ରଖି ଏହି ମାମଲାର ତଦନ୍ତ କରାଯାଇଛି। କେତେକ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚାର କରାଯାଇଛି। ତେବେ ଏହି ମ୍ୟାଚ୍‌ରେ କିଛି ଅନିୟମିତତା ହୋଇ ନ ଥିବା ଇଣ୍ଟିଗ୍ରିଟି ଅଫିସର ଜଣକ ସ୍ପଷ୍ଟ କରିଛନ୍ତି। ଫୁଟ୍‌ବଲର ମୂଳ ଭାବନା ସହିତ ଏହି ମ୍ୟାଚ୍‌ରେ କୌଣସି ଅନିୟମିତତା କରାଯାଇନାହିଁ ବୋଲି ସେ କହିଛନ୍ତି। ଏହି ମ୍ୟାଚ୍‌ରେ ଫିକ୍ସିଂ ହୋଇଥିବା ଅଭିଯୋଗ କରାଯାଇଥିଲା। ତେବେ ଏଥିରେ କୌଣସ ଭିତ୍ତି ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। କମିଟି ମଧ୍ୟ ଏହ ମତକୁ ଶେଷରେ ଗ୍ରହଣ କରିଛି। ଏହି ବୈଠକରେ ଆଇ- ଲିଗ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନନ୍ଦୋ ଧାର ରୋଚକ ଲାଙ୍ଗରଙ୍କ ସମେତ ବି.କେ. ରୋକା, ଚିରାଗ ତନ୍ନା ଉପସ୍ଥିତ ଥିଲେ। ଆଇନଗତ ଉପଦେଷ୍ଟା କମିଟି ଅଧ୍ୟକ୍ଷ ରାହୁଲ ମାସ୍କାରେନହାସ ଓ ସ୍ପୋର୍ଟ୍ସ ମେଡିକାଲ କମିଟି ମୁଖ୍ୟ ଭେସ ପେସ ମଧ୍ୟ ଏହି ବୈଠକରେ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଏପ୍ରିଲ୍ ୧୪/୨୦୧୯ Bhubaneswar, Sunday, April 14/ 2019




## ଜଟଣୀ ଶିଶୁକନ୍ୟା ବଳାତ୍କାର, ହତ୍ୟା ମାମଲା

# ରେଡ୍ ଫ୍ଲାଗ୍ ମାମଲା ଭାବେ ଗ୍ରହଣ କଲା ପୋଲିସ

ଭୁବନେଶ୍ୱର,୧୩।୪ (ବ୍ୟୁରୋ)

- ଅଭିଯୁକ୍ତର ଡିଏନ୍ଏ ନମୁନା ସଂଗ୍ରହ
- ପରିବାର ଲୋକ ଓ ଥାନାଧିକାରୀଙ୍କୁ ପଚରାଉଚରା

ଚର୍ଚ୍ଚିତ ଜଟଣୀ ଶିଶୁକନ୍ୟା ବଳାତ୍କାର ଓ ହତ୍ୟା ଘଟଣାରେ କମିଶନରେଟ ପୋଲିସର କାର୍ଯ୍ୟଧାରାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଦନାମକୁ ଏଡାଇବାକୁ ଯାଇ ପୋଲିସ ଏହି ଘଟଣାକୁ ରେଡ୍ ଫ୍ଲାଗ୍ (ସମ୍ବେଦନଶୀ ମାମଲା) ମାମଲା ଭାବେ ଗ୍ରହଣ କରିଛି। ଜଣେ ଅତିରିକ୍ତ ଡିସିପି ପାହ୍ୟାର ପୋଲିସ ଅଫିସର ମାମଲାର ତଦନ୍ତ କରୁଛନ୍ତି। କେଉଁ ପରିସ୍ଥିତିରେ ଏହି ସ୍ୱର୍ଶକାତର ଘଟଣା ଘଟିଲା ଓ ଅଭିଯୋଗ କରିବାକୁ ଯାଇଥିବା ମୃତ ଶିଶୁକନ୍ୟାଙ୍କ ବାପାଙ୍କୁ ସରପଞ୍ଚ ଥାନାରେ ମାଡ଼ ମାରିବା ଆଦିର ତଦନ୍ତ କରି ସେ ପୋଲିସ କମିଶନରଙ୍କୁ ରିପୋର୍ଟ ଦେବେ। ଶନିବାର ଅତିରିକ୍ତ ଡିସିପିମୃତ ଶିଶୁକନ୍ୟାଙ୍କ ପରିବାର ଲୋକଙ୍କୁ ଭେଟି ସେମାନଙ୍କ ବୟାନ ରେକର୍ଡ କରିଛନ୍ତି। ଏଥିସହ ସ୍ଥାନୀୟ ଲୋକ ଓ ଥାନା ଅଧିକାରୀଙ୍କୁ ପଚରାଉଚରା କରାଯାଇଛି। ସେହିଭଳି ରାଜ୍ୟ ଫରେନସିକ୍ ଲ୍ୟାବ୍ ଡାକ୍ତର ଅରୁଣ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତର ଡିଏନ୍ଏ ନମୁନା ସଂଗ୍ରହ କରିଛନ୍ତି। ଅଭିଯୁକ୍ତକୁ ଦୋଷୀ ପ୍ରମାଣିତ କରିବା ଲାଗି ଏହି ନମୁନା ସବୁଠୁ ବଡ଼ ପ୍ରମାଣ ଭାବେ ଗ୍ରହଣ କରାଯାଇଥାଏ। ଅନ୍ୟପକ୍ଷରେ ଲୋକଙ୍କ ମାଡ଼ରେ ଆହତ ହୋଇ ଅଭିଯୁକ୍ତ ଜଣକ ଏବେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସୁଧୁରିବାରେ ଲାଗିଛି। ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଏହି ଘଟଣାକୁ ପୋଲିସ ଅତି ଗମ୍ଭୀରତାର ସହ ନେଇଛି। ରେଡ୍ ଫ୍ଲାଗ୍ ମାମଲା ଭାବେ ଗ୍ରହଣ କରାଯାଇଛି।

## ଥାନା ଅଧିକାରୀଙ୍କ ନାଁରେ ଗୁରୁତର ଅଭିଯୋଗ

### ଆନ୍ଦୋଳନ ଚେତାବନୀ ଦେଲେ ସ୍ଥାନୀୟ ଲୋକେ

ଜଟଣୀ ଥାନା ଅଞ୍ଚଳରେ ଏବେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି। ଥାନା ଅଧିକାରୀ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଗୁଣ୍ଡା ଓ ବିଲ୍ଡରଙ୍କ ସହ ମଧୁଚନ୍ଦ୍ରିକା ରଖିଛନ୍ତି। ବିଳମ୍ବିତ ରାତି ହେଲେ ଥାନାରେ ବସୁଛି ଗୁପ୍ତ ବୈଠକ। ଅଭିଯୋଗ ଆଣିଲେ ଥାନା ଭିତରେ ମାଡ଼ ମାରି ପାଟି ଚୁପ୍ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ରାତିରେ ଜଣେ ୫ବର୍ଷର ଶୁଶୁ କନ୍ୟାଙ୍କୁ ବଳାତ୍କାର ଓ ହତ୍ୟା ଅଭିଯୋଗ ନେଇ ଆସିଥିବା ବାପାଙ୍କୁ ଥାନାରେ ମାଡ଼ ଘଟଣାରୁ ଏହା ସ୍ପଷ୍ଟ ବାରି ହୋଇପଡୁଛି। ଖୋଦ୍ ଥାନା ଅଧିକାରଙ୍କ ଉପସ୍ଥିତିରେ ମୃତ ଶିଶୁର ବାପାଙ୍କୁ ଜାମୁକୋଳି ପଞ୍ଚାୟତର ପୂର୍ବତନ ସରପଞ୍ଚ କାର୍ତ୍ତିକ ପରିଡା ମାଡ଼ମାରି ତଡ଼ି ଦେଇଥିଲେ। ଏହି ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ସ୍ଥାନୀୟ ଲୋକେ। ଏହି ଘଟଣା ପାଇଁ ଥାନା ବାବୁ ସୁରକ୍ଷା ଓ ସାହସ ଯୋଗାଇଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଆନ୍ଦୋଳନ ଓ ଚାପରେ ପଡ଼ି ପୋଲିସ ତାଙ୍କୁ ଗିରଫ କରିଥିଲେ ମଧ୍ୟ କୋହଳ ଦଫା ଲଗାଇଥିବାରୁ ସେ ସହଜରେ ଖସି ଆସିବେ। ସେହିଭଳି ଥାନା ଅଧିକାରୀଙ୍କ ବିରୋଧରେ ସ୍ଥାନୀୟ ଲୋକେ ଆଉ କେତେକ ଗୁରୁତର ଅଭିଯୋଗ ଆଣିଛନ୍ତି। ନିଶା ମାଫିଆଙ୍କଠାରୁ ମାସିକ ବଟି ନେଇ ଧଡପଗଡ କରୁ ନ ଥିବାରୁ ଜଟଣୀର ଗଳି କନ୍ଦିରେ ବ୍ରାଉନ ସୁଗାର, ହିରୋଇନ ଆଦି ମାରାତ୍ମକ ନିଶା କାରବାର ବଢ଼ି ଚାଲିଛି। ଶିଶୁ କନ୍ୟାକୁ ବଳାତ୍କାର ଓ ହତ୍ୟା କରିଥିବା ଅଭିଯୁକ୍ତ ଜଣକ ବ୍ରାଉନ ସୁଗାର ସେବନ କରିବା ପରେ ଏଭଳି କାଣ୍ଡ ଭିଆଇଥିଲେ। ତେଣୁ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ଓ ଗିରଫ କରାଯାଉ। ନଚେତ ଥାନା ଓ ପୋଲିସ କମିଶନରଙ୍କ ଅଫିସ ଘେରାଉ କରାଯିବା ସହ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

ତେବେ ଏ ସଂକ୍ରାନ୍ତରେ ଥାନା ଅଧିକାରୀଙ୍କ ମତାମତ ମିଳିପାରି ନ ଥିବାବେଳେ ପୋଲିସ କମିଶନର ମହାନ୍ତି କହିଛନ୍ତି, ପୋଲିସ ଉପରେ ଯେଉଁ ଅଭିଯୋଗ ଆସୁଛି ତାହାର ତଦନ୍ତ କରାଯାଉଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଆଇଏମ୍ଏମ୍‌ଟିର ପ୍ରତିଷ୍ଠା ଦିବସ

### ଏଆର୍‌ସିଆଇ ହାଇଦ୍ରାବାଦ ଓ ଆଇଆଇଟି ଭୁବନେଶ୍ୱର ସହ ବୁଝାମଣାପତ୍ର ସ୍ୱାକ୍ଷରିତ




ଆଇଏମ୍ଏମ୍‌ଟିର ବାର୍ଷିକ ରିପୋର୍ଟକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ଆଇଏମ୍ଏମ୍‌ଟିର ୫୬ତମ ପ୍ରତିଷ୍ଠା ଦିବସ କ୍ୟାମ୍ପସ ପରିସରରେ ପାଳିତ ହୋଇଯାଇଛି। ଶନିବାର ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଏଆର୍‌ସିଆଇ ହାଇଦ୍ରାବାଦର ନିର୍ଦ୍ଦେଶକ ଡ. ଜି. ପଦ୍ମନାଭମ, ସମ୍ମାନିତ ଅତିଥି ଭାବେ ନୂଆଦିଲ୍ଲୀ ଜିନ୍ଦଲ ଷ୍ଟିଲ୍ ଓ ପାୱାର ଲିମିଟେଡ୍‌ର ବୈଷୟିକ ମୁଖ୍ୟ ମନୀଷ ଖାରବନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଆଇଏମ୍ଏମ୍‌ଟି ସହ ଏଆର୍‌ସିଆଇ ହାଇଦ୍ରାବାଦ ଓ ଆଇଆଇଟି ଭୁବନେଶ୍ୱର ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।

ବିଭିନ୍ନ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀରେ ବ୍ୟବହୃତ ଲିଥିୟମ୍ ବ୍ୟାଟେରୀର ପୁନଃଚକ୍ରିକରଣ କରି ନୂତନ ବ୍ୟାଟେରୀ ଉତ୍ପାଦନର ଜ୍ଞାନକୌଶଳ ବିକଶିତ ତଥା ପ୍ରୟୋଗ କରିବା ଉପରେ ଆଇଏମ୍ଏମ୍‌ଟି ଓ ଏଆର୍‌ସିଆଇ ଗବେଷଣା କରିବେ। ଫଳରେ ବ୍ୟାଟେରୀ ଚାଳିତ ଯାନ ପାଇଁ ବ୍ୟବହାର ଉପଯୋଗୀ ଲିଥିୟମ ବ୍ୟାଟେରୀ ବହୁଳ ଭାବରେ ଉତ୍ପାଦିତ ହୋଇପାରିବ। ଏହା ବର୍ତ୍ତମାନ ବିଦେଶରୁ ଆମଦାନୀ ହେଉଛି। ସେହିପରି ଆଇଏମ୍ଏମ୍‌ଟି ଓ ଆଇଆଇଟି ମଧ୍ୟରେ ହୋଇଥିବା ବୁଝାମଣାପତ୍ର ରାଜ୍ୟରେ ଗବେଷଣାରତ ବିଦ୍ୟାର୍ଥୀଙ୍କ ଲାଗି ବେଶ୍ ସହାୟକ ହେବ ବୋଲି ସୂଚନା ଦିଆଯାଇଥିଲା।ଆଇଏମ୍ଏମ୍‌ଟି ନିର୍ଦ୍ଦେଶକ ପ୍ରଫେସର ସୁଧାସତ୍ର ବାସୁ ବାର୍ଷିକ ବିବରଣୀ ପାଠ କରି କହିଲେ, ଚଳିତବର୍ଷ ପ୍ରତିଷ୍ଠାନର ବୈଜ୍ଞାନିକମାନେ ଓଡ଼ିଶା ରାଜ୍ୟ ତଥା ରାଜ୍ୟ ବାହାରର ଶିଳ୍ପାନୁଷ୍ଠାନ ସହ ଜଡ଼ିତ ରହି ରେକର୍ଡ଼ ପରିମାଣର ଉତ୍ପାଦନ କରିଛନ୍ତି। ଏହା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ବାର୍ଷିକ ଅନୁଦାନର ଦୁଇ ତୃତୀୟାଂଶ ବୋଲି ସେ କହିଥିଲେ। ପରେ ପ୍ରତିଷ୍ଠାନର ବାର୍ଷିକ ରିପୋର୍ଟ ଉନ୍ମୋଚନ କରାଯାଇଥିଲା। ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଚର୍ଚ୍ଚିକାଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା



**ବାଙ୍କୀ,୧୩।୪(ସ୍ୱ.ପ୍ର.):** ବାଙ୍କୀ ଇଷ୍ଟଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ନବଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇ ଶନିବାର ମହାନବମୀରେ ଉଦ୍‌ଯାପିତ ହୋଇଯାଇଛି। ଭୋର ୪ଟାରେ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି, ଦନ୍ତଶୋଧନ, ମାଜଣା ଓ ଚନ୍ଦନ ଲାଗି ପରେ ମା'ଙ୍କ ଅଳଙ୍କାର ଲାଗି ପର୍ବ ଶେଷ ହୋଇଥିଲା। ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବଲ୍ଲଭବ ଭୋଗ କରାଯାଇ ମା'ଙ୍କ ଦର୍ଶନ ଲାଗି ପହଡ଼ ଉନ୍ମୁକ୍ତ ରହିଥିଲା। ସକାଳ ୧୦ଟା ଧୂପରେ ଖେଚୁଡ଼ି, ତରକାରୀ, ଶାଗ, ଖଟା ଓ ଆମିଷ ଭୋଗ କରାଯାଇ ମା'ଙ୍କ ସ୍ନାନ ଓ ବେଶ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୨ଟା ମଧ୍ୟାହ୍ନ ଧୂପରେ ଖେଚୁଡ଼ି, ତରକାରୀ, ଖିରି ଓ କାକରା ଆଦି ଭୋଗ କରାଯାଇ ମା'ଙ୍କ ବିଶ୍ରାମ ପାଇଁ ପହଡ଼ ବନ୍ଦ ରହିଥିଲା। ସନ୍ଧ୍ୟା ପୂର୍ବରୁ ପହଡ଼ ଖୋଲାଯାଇ ମାଜଣା ପରେ ଦେବୀଙ୍କ ପୁନର୍ବାର ମହାନବମୀ ଦୁର୍ଗାପୂଜା ବେଶ କରାଯାଇ ସନ୍ଧ୍ୟା ଆଳତି ହୋଇଥିଲା। ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ହୋଇଥିଲା। ସନ୍ଧ୍ୟା ଧୂପରେ ଟେରାଅନ୍ନ ଓ ରାତି ଧୂପରେ ଦହିପଖାଳ, ଅଧରପଣା, ତରକାରୀ ଓ ବଡ଼ସିଂହାର ଭୋଗ ହୋଇଥିଲା। ବାସନ୍ତିକ ଦୁର୍ଗାପୂଜା ରାଜଗୁରୁ ଭବାନୀ ଶଙ୍କର ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା।

### ଭାରତୀୟ ଛାତ୍ର ସଂସଦ ରାଜ୍ୟ ସଂଯୋଜକ ହେଲେ ତବରେଜ୍



**ସାଲେପୁର,୧୩।୪(ଡି.ଏନ୍.ଏ.):** ଚଳିତ ବର୍ଷ ଭାରତୀୟ ଛାତ୍ର ସଂସଦ ଟିମ୍ ନିର୍ବାଚନରେ ରାଜ୍ୟ ସଂଯୋଜକଭାବେ ବିଜୁ ଜନତା ଦଳର କଟକ ଜୋନ୍ ଉପସଭାପତି ତବରେଜ୍ ଖାଁ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ସଭାପତି ମୁନା ଖାଁ, ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ବ୍ୟୋମକେଶ ରାୟ, ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି, ବିଧାୟକ ଅରୁଣ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଶାନ୍ତ ବେହେରା ଓ ଜିଲା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳଙ୍କୁ ଧନ୍ୟବାଦ ଦେଇଛନ୍ତି।

### ସାଇବାବାଙ୍କ ଚଭାଡ଼ି ଯାତ୍ରା

**ମାହାଙ୍ଗା,୧୩।୪(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଲଙ୍ଗଳେଶ୍ୱରସ୍ଥିତ ସାଇ ମନ୍ଦିରର ପଞ୍ଚମ ବାର୍ଷିକ ଚଭାଡ଼ି ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯିବା ସହ ଏକ ସୁସଜ୍ଜିତ ପାଲିଙ୍କିରେ ସାଇବାବାଙ୍କ ଫଟୋଚିତ୍ର ସ୍ଥାପନ କରାଯାଇ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ପର୍ଶୁରାମପୁର, ପଦନଦାସପୁର, ସିପୁରା ଓ ମାହାଙ୍ଗା ଆଦି ଗ୍ରାମ ପରିକ୍ରମା କରିଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସଞ୍ଜୟ ପଣ୍ଡିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିଲା।

### ଭଗବତୀ ପୀଠରେ ବାସନ୍ତୀ ଦୁର୍ଗାପୂଜା

**ମାହାଙ୍ଗା,୧୩।୪(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଶୁକ୍ଳେଶ୍ୱରସ୍ଥିତ ମା'ଭଗବତୀଙ୍କ ପୀଠ ପରିସରରେ ପଞ୍ଚ ଦିବସୀୟ ବାସନ୍ତୀ ଦୁର୍ଗାପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ପଣ୍ଡିତ ରାଜକିଶୋର ଷଡ଼ଙ୍ଗୀ, ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ମନୋରଞ୍ଜନ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପାଦନ କରାଯାଉଛି। କର୍ତ୍ତାଭାବେ ସ୍ମୃତିରଞ୍ଜନ ପଣ୍ଡା ଓ ଶୁଭଦର୍ଶନୀ ପଣ୍ଡା ପୂଜା କାର୍ଯ୍ୟ ତୁଲାଉଛନ୍ତି।

## ■ ସାମାନ୍ୟ କଥାରୁ ଯୁବକଙ୍କୁ ଛୁରା ମାଡ଼

# ପ୍ରତିବାଦ କରିବାରୁ ବୋମାମାଡ଼

**ଆଠଗଡ଼,୧୩।୪(ସ୍ୱ.ପ୍ର.)**

■ଅଭିଯୁକ୍ତ ଥାନାରେ ଅଟକ
■ପୋଲିସ ତଦନ୍ତ ଜାରି

ଆଠଗଡ ଥାନା ଅନ୍ତର୍ଗତ ଇଚ୍ଛାପୁର ଛକଠାରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ସାମାନ୍ୟ କଥାକୁ ନେଇ ଦୁଇ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଇଚ୍ଛାପୁର ଗ୍ରାମର ଯୁବକ ନିକଟସ୍ଥ ପତଣ୍ଡା ଗ୍ରାମର ଯୁବକଙ୍କୁ ଛୁରାମାଡ଼ କରିଥିଲେ। ପତଣ୍ଡା ଗ୍ରାମବାସୀ ଏହି ଖବର ପାଇ ଇଚ୍ଛାପୁର ଗ୍ରାମରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କ ଘର ଆଗରେ ପ୍ରତିବାଦ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ସେମାନଙ୍କ ଉପରକୁ ବୋମାମାଡ଼ କରିଥିଲେ। ବୋମା ମାଡରେ କେହି ଆହତ ହୋଇନାହାନ୍ତି। ଏ ନେଇ ଶନିବାର ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଛୁରାମାଡ଼ରେ ଗୁରୁତର ଯୁବକ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁସାରେ, ଶୁକ୍ରବାର ରାତ୍ରି ପ୍ରାୟ ୧୧ଟାରେ ଏକ କଣ୍ଟେନର କଟକରୁ ଅନୁଗୋଳ ଆଡେ ଯାଉଥିଲା। ଇଚ୍ଛାପୁର ଛକଠାରେ କଣ୍ଟେନର ଲାଗି ବିଦ୍ୟୁତ୍ ତାର ଛିଡ଼ି ପଡିଥିଲା। ଫଳରେ ଇଚ୍ଛାପୁର ଗ୍ରାମର କେତେଜଣ ଯୁବକ କଣ୍ଟେନରକୁ ଅଟକାଇଥିଲେ। ଏଥିଯୋଗୁ ରାସ୍ତା ଜାମ୍ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଶନିବାର ରାମନବମୀ ଥିବାରୁ ପତଣ୍ଡାର କେତେଜଣ ଯୁବକ ପୂଜା ସାମଗ୍ରୀ କିଣିବା ପାଇଁ ଏହି ସମୟରେ ଆଠଗଡ ଆଡେ ଆସୁଥିଲେ। ଇଚ୍ଛାପୁରଠାରେ ରାସ୍ତା ଅବରୋଧ ଥିବାରୁ ସ୍ଥାନୀୟ ଲୋକଙ୍କୁ ରାସ୍ତା ଅବରୋଧ ହଟାଇବା ପାଇଁ ସେମାନେ ଉଚ୍ଚ ସ୍ୱରରେ କହିଥିଲେ। ଏହାକୁ ନେଇ ଇଚ୍ଛାପୁରର ସଞ୍ଜୟ ସାହୁଙ୍କ ପତଣ୍ଡାର ରାହୁଲ ସାହୁଙ୍କ ମଧ୍ୟରେ ବଚସା ହୋଇଥିଲା। ସଞ୍ଜୟ ଉତ୍ତକ୍ଷିପ୍ତ ହୋଇ ଘରୁ ଏକ ଧାରୁଆ ଛୁରି ଆଣି ରାହୁଲଙ୍କ ପେଟର ଭୁସି ଦେଇଥିଲେ। ଘଟଣାସ୍ଥଳରେ ରାହୁଲ ଗୁରୁତର ହୋଇଥିଲେ। ତାଙ୍କୁ ଆଠଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଖବର ପ୍ରଚାରିତ ହେବାପରେ ପତଣ୍ଡାର କେତେଜଣ ଗ୍ରାମବାସୀ ଇଚ୍ଛାପୁରସ୍ଥିତ ସଞ୍ଜୟଙ୍କ ଘର ନିକଟକୁ ଆସି ପାଟିତୁଣ୍ଡ କରିବା ସହ ତାଙ୍କ ଘର ଉପରକୁ ଟେକା ପଥର ଫୋପାଡି ଥିଲେ। ଏହାଦେଖି ଘର ଅଗଣାରୁ ସଞ୍ଜୟ ଏକ ବୋମା ଫିଙ୍ଗିଥିଲେ। ବୋମାଟି ଦାଣ୍ଡରେ ଖୁବ ଜୋରରେ ଫୁଟିଥିଲା। ଏହାଦେଖି ପତଣ୍ଡା ଗ୍ରାମବାସୀ ଭୟରେ ପଳାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଆଠଗଡ ଥାନା ପୋଲିସ ଇଚ୍ଛାପୁରଠାରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲା। ବୋମାମାଡ଼ ଘଟଣା ଭୋର ପ୍ରାୟ ୩ଟା ସମୟରେ ଘଟିଥିଲା। ଶନିବାର ରାହୁଲଙ୍କ ବାପା ଆଠଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୮୪/୧୯ରୁଜୁ କରି ଅଭିଯୁକ୍ତ ସଞ୍ଜୟକୁ ଆଣି ଥାନାରେ ଅଟକ ରଖିଛି। ଘଟଣା ସମ୍ପର୍କରେ ଅନୁସନ୍ଧା ଜାରି ରହିଥିବା ଆଇଆଇସି ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି।


## ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ଆଠଗଡ଼,୧୩।୪(ସ୍ୱ.ପ୍ର.)**

ଆଠଗଡ଼ ବିଜେଡି ପକ୍ଷରୁ ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଶ୍ରୀରାମ ପ୍ୟାଲେସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଠଗଡ ବିଜୁ ଯୁବଜନତା ଦଳ ସଭାପତି ପ୍ରଦୀପ୍ତ ଦାସ, ନଗର ସଭାପତି ରାକେଶ ଦାଶ, ଆଠଗଡ ବ୍ଲକ ସଭାପତି ଅଶୋକ ରାଉତ, ତିଗିରିଆ ବ୍ଲକ ସଭାପତି ମହେନ୍ଦ୍ର କୁଣ୍ଡୁ ପ୍ରମୁଖ ଯୋଗଦେଇ ଆଗାମୀ କାର୍ଯ୍ୟ ପନ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କ ବିଜୟ ପାଇଁ ଯୁବକମାନେ ଆଗଭର ହୋଇ କାର୍ଯ୍ୟ ପରିଚାଳନା କରିବାକୁ ବିଭିନ୍ନ କମିଟି ଗଠନ କରାଯାଇଛି। ଆଠଗଡ ନିର୍ବାଚନମଣ୍ଡଳୀର କାର୍ଯ୍ୟ ତଦାରଖ ପାଇଁ ୧୨, ବ୍ଲକ ପାଇଁ ୧୪, ତିଗିରିଆ ବ୍ଲକ ପାଇଁ ୧୫ ଓ ଆଠଗଡ ଏନଏସି ପାଇଁ ୧୫ ଜଣିଆ କମିଟି ମାନ ଗଠନ କରାଯାଇଛି। ଏମାନେ ଆଠଗଡ଼ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ କଟକ ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ପାଇଁ କାର୍ଯ୍ୟ କରିବେ।

## ବାଙ୍କୀ କଲେଜରେ ନାକ୍ ଟିମ୍‌ର ସମୀକ୍ଷା

**ବାଙ୍କୀ,୧୩।୪(ସ୍ୱ.ପ୍ର.)**




ସମୀକ୍ଷା ବୈଠକରେ ଯୋଗଦେଇଥିବା ନାକ୍ ଟିମ୍ ସଦସ୍ୟ ଓ ଅନ୍ୟମାନେ।

ବାଙ୍କୀ କଲେଜକୁ ଆସିଥିବା ନାକ୍ ଟିମ୍ ଶନିବାର ଦ୍ୱିତୀୟ ଦିବସରେ କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କଲେଜ ଦୃଶ୍ୟଶ୍ରାବ୍ୟ ଗୃହରେ ଆୟୋଜିତ ବୈଠକରେ ଟିମ୍ ଚେୟାରମ୍ୟାନ୍ ଡ. ଏମ୍.ଏସ୍. ମୁଦ୍‌ଥାୟା, ସଭ୍ୟ ଓ ସଂଯୋଜକ ପ୍ରଫେସର ନଟପାଟ୍ ସିଂ ଶେଖାୱାତ୍ ଓ ସଭ୍ୟା ଡ. ଅମୁଥା ପାଣ୍ଡିଆନ୍ ଯୋଗଦେଇ କଲେଜ ପ୍ରସ୍ତୁତ କରିଥିବା ରିପୋର୍ଟ ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। କଲେଜ ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀ ଓ କଲେଜ ନାକ ଟିମ୍ ସଂଯୋଜିକା ପ୍ରାଧ୍ୟାପିକା ଡ. ନିବାସିନୀ ପଣ୍ଡା ନାକ ଟିମ୍ ସଭ୍ୟଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଅଧିକ ସଂଖ୍ୟାରେ ଅଧ୍ୟାପକ ରିସର୍ଚ୍ଚ କାର୍ଯ୍ୟରେ ମନୋନିବେଶ କରିବା ଏବଂ ଅଧିକ ବିଭାଗରେ ପି.ଜି. ଶ୍ରେଣୀ ଖୋଲିବା, ସ୍ୱଚ୍ଛଭାରତ ଅଭିଯାନରେ କଲେଜକୁ ସାମିଲ୍ କରି ପରିସରକୁ ସରସ ସୁନ୍ଦର କରିବାକୁ ପରାମର୍ଶ ଦେଇଥିଲେ। କଲେଜ ଉପାଧ୍ୟକ୍ଷ ସଦାନନ୍ଦ ବାରିକ, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ବିଭାଶ ଦାଶ, ଅଧ୍ୟାପକ ସତ୍ୟଜିତ୍ ଦାଶ ଓ ଶୈଳେନ୍ଦ୍ର ଚନ୍ଦ୍ର ଦେଓଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ କର୍ମଚାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ଟିମ୍ ସଦସ୍ୟ କଲେଜ ପରିଚାଳନା କମିଟି ସଦସ୍ୟ ଓ ପୁରାତନ ଛାତ୍ରଙ୍କ ଏକ ବୈଠକରେ ଯୋଗଦେଇ କଲେଜରେ ଶିକ୍ଷାଦାନର ଉନ୍ନତି, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳା ମନୋଭାବ ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ରାଜ, ସୂର୍ଯ୍ୟନାରାୟଣ ନନ୍ଦ, ପରିଚାଳନା କମିଟି ସଭ୍ୟ ସମରେନ୍ଦ୍ର ମହାପାତ୍ର, ସନ୍ତୋଷ ରଣା, ସନାତନ ବେହେରା, ସୌମେନ୍ଦ୍ର ମିଶ୍ର, ସୁବାସ ଚନ୍ଦ୍ର ପାଢ଼ୀ, ପୂର୍ବତନ ଛାତ୍ର ତଥା ଅବସରପ୍ରାପ୍ତ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ପଦ୍ମଲୋଚନ ପଣ୍ଡା, ଆଇନଜୀବୀ ହରେକୃଷ୍ଣ ଦାଶ, ପୂର୍ବତନ ନଗରପାଳ ସୁବାସ ଚନ୍ଦ୍ର ମିଶ୍ର, ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡା, ପୁରାତନ ଛାତ୍ର ସଂସଦ ସମ୍ପାଦକ ଶରତ ଚନ୍ଦ୍ର ବାରିକ ଓ ଖବରଦାତା ଜ୍ଞାନେନ୍ଦ୍ର ମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମେରୁ, ରାମନବମୀ ପାଳିତ

**ଆଠଗଡ଼,୧୩।୪(ସ୍ୱ.ପ୍ର.)**



ଜଣେ ମାନସିକଧାରୀ ନିଆଁରେ ଚାଲୁଛନ୍ତି।

ଆଠଗଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର ମେରୁ ଓ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ବେଣ୍ଟପଦାର ପ୍ରତ୍ୟକ୍ଷ ଦେବୀ ମା'କାଳିକା କାମନାଙ୍କ ପୀଠରେ ପ୍ରତ୍ୟୁଷରୁ ପୂଜାର୍ଚ୍ଚନା କରାଯାଇଥିଲା। ମେରୁ ବ୍ରତଧାରଣ କରିଥିବା ଶ୍ରଦ୍ଧାଳୁ ମାଙ୍କ ଦର୍ଶନ କରିଥିଲେ। ୧୫ଦିନ ହେବ ଦଣ୍ଡ ଧାରଣ କରିଥିବା ବ୍ରତଧାରୀ ଶୁକ୍ରବାରଠାରୁ ମା'ଙ୍କ ପୀଠରେ ଆଜ୍ଞାମାଳ ପାଇଁ ଗୁହାରିଆ ପଡିଥିଲେ। କାଳେସୀଙ୍କ ଦେହରେ ମା'ସବାର ହୋଇ ଆଜ୍ଞାମାଳ ଦେବା ପରେ ଶନିବାର ମଧ୍ୟାହ୍ନରେ ଦଣ୍ଡଧାରୀ ସାପୁଆ ନଦୀରେ ସ୍ନାନ ସାରି ଧୂପ ସମୟରେ ଜଳନ୍ତା ନିଆଁରେ ଝାମୁ ଚାଲି ବ୍ରତ ଉଦ୍‌ଯାପନ କରିଥିଲେ। ଆଠଗଡ ଉତ୍ତର ଦିଗରେ ଅବସ୍ଥିତ ମା'ଉତ୍ତରାଚଣ୍ଡୀଙ୍କ ପୀଠରେ ମଧ୍ୟ ଝାମୁ ଅନୁଷ୍ଠିତ ହୋଇଛି।

ସେହିପରି ଅଞ୍ଚଳରେ ଶ୍ରୀରାମ ନବମୀ ପାଳିତ ହୋଇଛି। ରଘୁନାଥ ଜୀଉ, ଜଗନ୍ନାଥ ଜୀଉ, ଆଦ୍ୟାଶକ୍ତି ଯୁବକଳା ପରିଷଦ, ଶ୍ରୀରାମ ରାମଲୀଳା ନାଟ୍ୟ ସଂସଦ, ମା'ଚଣ୍ଡୀ ଯୁବକଳା ପରିଷଦ ଶହଶହ ବ୍ରତଧାରୀ ନିକଟସ୍ଥ ପୁଷ୍କରିଣୀରେ ସାମୂହିକ ସ୍ନାନ କରିବା ସହ ବ୍ରତ ଧାରଣ କରିଛନ୍ତି। ୨୧ଦିନ ଧରି ବ୍ରତଧାରୀମାନେ ନିଷ୍ଠାର ସହ ବ୍ରତ ପାଳନ କରିବେ। ବିଭିନ୍ନ ରାମଲୀଳା ନାଟ୍ୟ ସଂଘ ପକ୍ଷରୁ ଶ୍ରୀରାମଲୀଳା ନାଟ୍ୟାଭିନୟ ଅନୁଷ୍ଠିତ ହେବ।

## ଭାଜପା, ବିଜେଡିର ବାଇକ୍ ଶୋଭାଯାତ୍ରା

**ବାଙ୍କୀ,୧୩।୪(ସ୍ୱ.ପ୍ର.)**

ବାଙ୍କୀ ନିର୍ବାଚନମଣ୍ଡଳୀରେ ଶନିବାର ଭାଜପା ଓ ବିଜେଡିର ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ନଗର ଭାଜପା ପକ୍ଷରୁ ଆୟୋଜିତ ଶୋଭଯାତ୍ରା ଦଳୀୟ କାର୍ଯ୍ୟାଳୟଠାରୁ ବାହାରି ଏନ୍‌ଏସିର ୧୭ ୱାର୍ଡ ପରିକ୍ରମା କରିଥିଲା। ଏହାପରେ ଶୋଭାଯାତ୍ରା ପଶ୍ଚିମ ବାଙ୍କୀ ଅଞ୍ଚଳର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଶେଷରେ ଶୋଭଯାତ୍ରା କଳାପଥରଠାରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନସଭା ନିକଟରେ ପହଞ୍ଚିଥିଲା। ବାଙ୍କୀ ବିଧାୟକ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ, ସୁବଳ ବେହେରା, ଭବାନୀ ଶଙ୍କର ତ୍ରିପାଠୀ, ପ୍ରଦୀପ୍ତ ପଟ୍ଟନାୟକ, ବିସ୍ତାରକ ପ୍ରଭାସ ମଲ୍ଲିକ, ବାଙ୍କୀ ଭାଜପା ପ୍ରଭାରୀ ସ୍ମୃତି ପଟ୍ଟନାୟକ, ମନୋଜ ଦଳେଇ, ସଂଗ୍ରାମ ବିଭୂତିରାୟ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରା ସମୟରେ କର୍ମୀମାନେ କଟକ ଏମ୍‌ପି ପ୍ରାଥୀ ପ୍ରକାଶ ଚନ୍ଦ୍ର ମିଶ୍ର ଓ ବାଙ୍କୀ ବିଧାୟକ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ ବହୁ ସଂଖ୍ୟାରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ସେହିପରି ବିଜେଡି ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କର୍ମୀମାନେ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀଙ୍କୁ ଶୋଭାଯାତ୍ରାରେ ବାଙ୍କୀ ଏନ୍‌ଏସି ଅଞ୍ଚଳ ପରିକ୍ରମା କରାଇଥିଲେ। ଏହି ସମୟରେ ଜନସାଧାରଙ୍କୁ ବିଜେଡିକୁ ଅଧିକ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ଅନୁରୋଧ କରିଥିଲେ। ଶୋଭାଯାତ୍ରାରେ ସନ୍ତୋଷ କୁମାର ରଣା, ସନାତନ ବେହେରା, ସୌମେନ୍ଦ୍ର ମିଶ୍ର, ସନ୍ତୋଷ ମିଶ୍ରଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

## ସୋମନାଥଙ୍କ ପୀଠରେ ଝାମୁଯାତ୍ରା

**ନିଶ୍ଚିନ୍ତକୋଇଲି,୧୩।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକର ପ୍ରସିଦ୍ଧ ଶୈବ ପୀଠ ସୋମନାଥଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଝାମୁଯାତ୍ରା ଶନିବାର ଆରମ୍ଭ ହୋଇଛି। ପ୍ରଭାତରୁ ମହାଦେବ ଓ ମା'ପାର୍ବତୀଙ୍କ ପୂଜାର୍ଚ୍ଚନା ପରେ ଆଜ୍ଞାମାଳ ନେଇ ଗ୍ରାମବାସୀ ଓ ଶ୍ରଦ୍ଧାଳୁ ଚିତ୍ରୋତ୍ପଳା ନଦୀକୁ ଯାଇ ପାଣି ତୋଳିଥିଲେ। ପାଟୁଆମାନେ ମଧ୍ୟ ଚିତ୍ରୋତ୍ପଳା ନଦୀରେ ସ୍ନାନ କରି ପ୍ରଭୁଙ୍କ ନିକଟରେ ସମର୍ପିତ ହୋଇଥିଲେ। ୧୦୦୮ କଳସ ଓ ୧୧୩ ଜଣ ପାଟୁଆ ନଦୀରୁ ଶୋଭାଯାତ୍ରାରେ ଆସି ମନ୍ଦରରେ ପହଞ୍ଚିଥିଲେ। କଳସ ଯାତ୍ରା ପରେ ଯଜ୍ଞ ମଣ୍ଡପରେ ପାରମ୍ପରିକ ରୀତି ନୀତି ଅନୁସାରେ ଗୋପୂଜା, ସୂର୍ଯ୍ୟପୂଜା, ଗୁରୁପୂଜା ଓ ବିଭିନ୍ନ ମଣ୍ଡଳ ପୂଜା ପରେ ଯଜ୍ଞ ମଣ୍ଡପରେ ଥିବା ଯଜ୍ଞ ବରାହଙ୍କ ସମେତ ବିଭିନ୍ନ ଦେବଦେବୀଙ୍କ ଆବାହନ କରାଯାଇଥିଲା। ଏହାପରେ ସୁବେଦୀ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନ କରାଯାଇଥିଲା। କଣ୍ଟାପାଟୁଆ, ଦଣ୍ଡପାଟୁଆ, ଅଗ୍ନିପାଟୁଆ ନିଜ ନିଜର ନିଷ୍ଠା ଓ ପରାକାଷ୍ଠା ପ୍ରତିପାଦନ କରିଥିଲେ। ଅନୁଷ୍ଠାନ ସଭାପତି ଜଗନ୍ନାଥ ସାହୁ, ସମ୍ପାଦକ ଉମେଶ ଚନ୍ଦ୍ର ଓଝା, କୋଷାଧ୍ୟକ୍ଷ ଅନୀଲ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡା, ପ୍ରସନ୍ନ ପଣ୍ଡା, ଆଶିଷ ସାହୁ ଓ ମାନସ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁରପଲ୍ଲୀରେ ଶ୍ରୀରାମଙ୍କ ଜନ୍ମ ଉତ୍ସବ



ତିଗିରିଆର ଏକ ମନ୍ଦିରରେ ପୂଜା ପାଉଥିବା ଶ୍ରୀରାମ।

**ତିଗିରିଆ,୧୩।୪(ଡି.ଏନ.ଏ.)**

ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଉତ୍ସବ ଶନିବାର ପୁରପଲ୍ଲୀରେ ବେଶ୍ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ତିଗିରିଆର ବିଭିନ୍ନ ଦେବାଳୟରେ ନବଦିନ ବ୍ୟାପୀ ବ୍ରତ ଆରମ୍ଭ ହୋଇଛି। ଶହଶହ ପୁରୁଷମହିଳା ବ୍ରତଧାରଣ କରି ଉପାସନା କରିଛନ୍ତି। ବ୍ରତୀମାନେ ଜଳାଶୟରୁ କଳସ ଶୋଭାଯାତ୍ରାରେ ଜଳ ଆଣି କୁମ୍ଭ ସ୍ଥାପନ କରିଛନ୍ତି। ଗଦାଧରପୁର ଶ୍ରୀରଘୁନାଥଜୀଉଙ୍କ ପ୍ରସିଦ୍ଧ ରାମନବମୀ ୯ ଦିନ ପାଳନ ହେବ। ପୂର୍ବାହ୍ନରେ କଳସଯାତ୍ରା ଅନୁଷ୍ଠିତ ହୋଇଛି। ୩୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ବ୍ରତୀ ଖଳି ନାଳ ବାଲିତୁଠରୁ କଳସ ଯାତ୍ରାରେ ଆସି ପୀଠରେ ଘଟ ସ୍ଥାପନ କରଥିଲେ। ଗଦାଧରପୁର, ବିଷ୍ଣୁପୁର, ଗୌଡ଼ପଦା, ମଣିପୁର ସମେତ ଦୂର ଦୂରାନ୍ତରୁ ମାନସିକ କରିଥିବା ପୁରୁଷ ଓ ମହିଳା ପୀଠରେ ବ୍ରତ ଧାରଣ କରିଛନ୍ତି। ଦିନତମାମ ପୀଠରେ ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଛି। ସେହିପରି ତିଗିରିଆର ବିନ୍ଧାଣିମା, ନିଜିଗଡ଼, ପାଞ୍ଚଗାଁ, ଅଚଳକୋଟ, ହରିଡ଼ାପଶି, ହରିଶରଣପୁର, ମାନପୁର, କଣ୍ଟିପୁର, ରଘୁରାମପୁର, ବାସୁଦେବପୁର, ନୂଆପାଟଣା, କୋଇଲକନ୍ୟା ଓ ବାଙ୍କୀ ଉତ୍ତର କୁଲାଟ ଅନ୍ତର୍ଗତ ବାଉଁଶପୁଟ, ପାଲପୁଟ ଆଦି ଗ୍ରାମରେ ରାମନବମୀ ଆରମ୍ଭ ହୋଇଛି। ଏହି ପର୍ବରେ ତିଗିରିଆର କେତେକ ପୁରାତନ ପୀଠରେ ରାମାୟଣ ଗୀତିନାଟ୍ୟ ସହିତ ପ୍ରବଚନ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି।

## ରଘୁନାଥ ମନ୍ଦିରରେ ବାଣ ଲାଗି କଲେ ମାନସିକଧାରୀ

**ନିଶ୍ଚିନ୍ତକୋଇଲି,୧୩।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ତଥା ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଉତ୍ସବ ପାଳିତ ହୋଇଛି। ପ୍ରାତଃକାଳରେ କେଣ୍ଡୁଆଳ ପଞ୍ଚାୟତ ମଲ୍ଲୀପୁରସ୍ଥିତ ରଘୁନାଥ ମନ୍ଦିରରେ ଯଥାବିଧି ମଙ୍ଗଳ ଅବକାଶ, ଜନ୍ମପୂଜା ମହାଆଳତି ପରେ ପହଡ ଖୋଲା ଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ଭକ୍ତ ନିଜ ମନସ୍କାମନା ପୂରଣ ପାଇଁ ଧୂପ ଦୀପ ନୈବେଦ୍ୟ ଅର୍ପଣ କରିଥିଲେ। ମାନସିକ ଧାରୀ ମାନସିକ ବାଣ ଲାଗି କରାଇଥିଲେ। ଟ୍ରଷ୍ଟବୋର୍ଡ ଓ ସ୍ଥାନୀୟ ପୋଲିସ, ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କାରାଯାଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନ କରାଯାଇଥିଲା। ଯାତ୍ରା କମିଟି ସମ୍ପାଦକ ପ୍ରଭାତ ରଥଙ୍କ ତତ୍ତ୍ୱାବଧାନରେ ମହାପ୍ରଭୁ ରଘୁନାଥ ରାତ୍ରିରେ ଅସୁରେଶ୍ୱରସ୍ଥିତ ଦଧିବାମନ ମନ୍ଦିରକୁ ବିଜେକରି ଲୀଳା ଆରମ୍ଭ କରିଥିଲେ। ବହୁ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ପୀଠକୁ ଯାଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ସେହିପରି ବନ୍ଧୁପୁର ପଞ୍ଚାୟତରେ ଥିବା ରଘୁନାଥ ମନ୍ଦିରରେ ପ୍ରଭୁଙ୍କ ଜନ୍ମଲୀଳା ପାଳନ କରାଯାଇଥିଲା। ମନ୍ଦିର ଟ୍ରଷ୍ଟି କାଳନ୍ଦୀଚରଣ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ସେହିପରି କୁଳିଆ ରଘୁନାଥ ମନ୍ଦିର, ନିଶ୍ଚିନ୍ତକୋଇଲି ନକୁଳା ମଠ ସମେତ ବିଭିନ୍ନ ରଘୁନାଥ ମନ୍ଦିରରେ ଉତ୍ସବ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ମାନସ ଚର୍ଚ୍ଚା, ରାମାୟଣ ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ବାଙ୍କୀରେ ରାମଲୀଳା ଆରମ୍ଭ

**ବାଙ୍କୀ,୧୩।୪(ସ୍ୱ.ପ୍ର.)**



ବାଙ୍କୀର ଏକ ମନ୍ଦିରରେ ରାମ, ଲକ୍ଷ୍ମଣ ଓ ସୀତା।

ବାଙ୍କୀର ପୁରପଲ୍ଲୀରେ ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ କେତେକ ଗାଁରେ ରାମାୟଣ କଥାବସ୍ତୁକୁ ନେଇ ୯ଦିନ ବ୍ୟାପୀ ରାମଲୀଳା ଅନୁଷ୍ଠିତ ହେଉଛି। ଏଥି ସହିତ ଅନେକ ସ୍ଥାନରେ କେବଳ ରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହେଉଛି। ମା'ଚର୍ଚ୍ଚିକାଙ୍କ ପୀଠସ୍ଥ ଶ୍ରୀରାମ ମନ୍ଦିର, ସାହାଡ଼ାପଦା, ଶିଶୁଆ, ଚକାପଦା, ହରିରାଜପୁର, ଶିମିଳିପୁର, ରଣପୁର, ବ୍ରହ୍ମପୁରା, କଳାପଥର, ରଗଡ଼ି, ବୈଦ୍ୟେଶ୍ୱର ଆଦି ଅଞ୍ଚଳରେ ରାମଭକ୍ତ ଉପବାସ ରହି ନବମୀ ବ୍ରତ ପାଳନ କରିଛନ୍ତି। ଚର୍ଚ୍ଚିକା ପୀଠସ୍ଥ ଶ୍ରୀରାମ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରି ଭୋଗ ବାଢ଼ିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ବାଙ୍କୀ ଉପକାରାଗାର ପରିସରରେ ଅଧୀକ୍ଷକ ପ୍ରସନ୍ନ ସାହୁଙ୍କ ତତ୍ତ୍ୱାବଧାନରେ ରାମ ମନ୍ଦିରରେ ବିଶେଷ ପୂଜା କରାଯାଇ ପ୍ରସାଦ ବିତରଣ କରାଯାଇଥିଲା।





ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ, ଜଣେ ଗିରଫ

**କଣ୍ଟାପଡ଼ା,୧୩।୪(ଡି.ଏନ୍.ଏ.):** ଓଲଟପୁର ଥାନା ଅନ୍ତର୍ଗତ ବାଗଲପୁର ବାଜରରେ ଜଣେ ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ଓଲଟପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଗଲପୁର ଗ୍ରାମର ନୀହାର ରଞ୍ଜନ ପରିଡା(୩୭)। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୯ଟା ୩୦ରେ ନିହାର ବ୍ୟବସାୟୀ କୁନୁ ସିଂଙ୍କ ଦୋକାନ ସମ୍ମୁଖରେ ଥିବା ଏକ ବେଞ୍ଚରେ ବସି ମଦ ପିଉଥିଲେ। କୁନୁ ଏହାକୁ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବରପାଇ ଅଭିଯୁକ୍ତଙ୍କ ଦାଦା ଏକ ଖଣ୍ଡା ଆଣି କୁନୁଙ୍କୁ ଆକ୍ରମଣ କରିବାକୁ ଯାଉଥିବାବେଳେ ତାଙ୍କ ବାପା ଖଣ୍ଡାଟିକୁ ଧରି ପକାଇଥିଲେ। ଫଳରେ ଖଣ୍ଡାଟି କୁନୁଙ୍କ ନାକରେ ବାଜିଥିଲା। ପରେ ଦୁଇ ଅଭିଯୁକ୍ତ କୁନୁଙ୍କ ଦୋକାନରେ ପଶି ଭଙ୍ଗାରୁଜା କରିଥିଲେ। ଗୁରୁତର ଅବସ୍ଥାରେ କୁନୁଙ୍କୁ ଚିକିତ୍ସା ପାଇଁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ ଓଲଟପୁର ପୋଲିସ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ମାମଲା (ନଂ.୩୪/୧୯)ରୁଜୁ ହୋଇଛି।

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଶିଶୁ ମୃତଦେହ ଜବତ

**କଟକ ଅଫିସ, ୧୩।୪:** କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ନଦୀବନ୍ଧରେ ଶନିବାର ଏକ ଶିଶୁର ମୃତଦେହ ପଡିଥିବା ଦେଖିବାକୁ ମିଳିଛି। ଶିଶୁର ବୟସ ୨ରୁ ୩ମାସର ହେବ ବୋଲି ଅନୁମାନ କରାଯାଉଛି। ମୃତଦେହକୁ କୁକୁର ଖାଇବା ପାଇଁ ଯାଉଥିବାବେଳେ ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ଲାଲବାଗ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ନଦୀବନ୍ଧରେ ପୋତି ଦେଇଥିଲା। ତେବେ ଶିଶୁଭବନରୁ ଏହି ଶିଶୁର ମୃତଦେହକୁ କିଛିଦିନ ତଳେ ପୋତି ଦିଆଯାଇଥିବାବେଳେ ଏହା ବାହାରକୁ ବାହାରି ଆସିଥିବା ପୋଲିସ କହିଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଫୁଲନଖରା,୧୩।୪(ଡି.ଏନ.ଏ.):** କଟକସଦର ବ୍ଲକ ନଚ୍ଛିପୁର-କୋଠସାହି ଗ୍ରାମର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶରତଚନ୍ଦ୍ର ପାଲଟାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଓଡ଼ିଶା ହାଇକୋର୍ଟ ବିଚାରପତି ରଘୁବୀର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ସ୍ୱାମୀ ଅରୁପାନନ୍ଦ ମୁଖ୍ୟବକ୍ତା, ବିଦ୍ୟାଧର ପ୍ରଧାନ ଓ ବିଦ୍ୟାଳୟର ସମ୍ପାଦକ ନିମାଇଁ ଚରଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଏହାସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରିଥିଲେ।

### ଖୁଣ୍ଟୁଣୀ, ଗୁରୁଡିଝାଟିଆରେ ଅଶୋକାଷ୍ଟମୀ ଯାତ୍ରା

**ଖୁଣ୍ଟୁଣୀ,୧୩।୪(ଡି.ଏନ୍.ଏ.):** ଖୁଣ୍ଟୁଣୀର ପାରମ୍ପାରିକ ଦୋଳ ଉତ୍ସବର ଶେଷ ଯାତ୍ରା ଅଶୋକାଷ୍ଟମୀ ଶନିବାର ଆରମ୍ଭ ହୋଇଛି। ସନ୍ଧ୍ୟାରେ ମହାପ୍ରଭୁ ବାଲୁଙ୍କେଶ୍ୱର, ଲକ୍ଷ୍ମୀନାରାୟଣ ଓ ଶ୍ରୀରାମଙ୍କ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା ପରେ ଯାତ୍ରା ପଡିଆଠାରେ ରଖାଯାଇଥିଲା। ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟି ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଦିଲ୍ଲୀପ ସେଠ୍, କିଶୋର ସାମନ୍ତରାୟ, ବିଜୟ ସାହୁ, ରଜନୀ ଜେନା, ଦେବରାଜ ସାହୁ ପ୍ରମୁଖ ସମସ୍ତ କମିଟି ସଭ୍ୟ ଓ ଶହ ଶହ ଗ୍ରାମବାସୀବିମାନ ଶୋଭାଯାତ୍ରାରେ ଯାଇଥିଲେ। ଏହି ଉପଲକ୍ଷେ ଆତସବାଜି କରାଯାଇଥିଲା। ଏହି ଯାତ୍ରା ୪ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ଗୁରୁଡିଝାଟିଆରେ ମା' ବାସନ୍ତୀ ଦୁର୍ଗାଙ୍କ ନବମୀ ଉତ୍ସବ ପାଳିତ ହୋଇଛି। ୪ଦିନ ଧରି ଏହି ଯାତ୍ରା ଅନୁଷ୍ଠିତ ହେବ ବୋଲି ବାସନ୍ତୀ ଦୁର୍ଗା ପୂଜା କମିଟି ସଭାପତି ବସନ୍ତ କୁମାର ସାହାଣୀ କହିଛନ୍ତି।

■ ସାମାନ୍ୟ କଥାରୁ ଯୁବକଙ୍କୁ ଛୁରା ମାଡ଼

# ପ୍ରତିବାଦ କରିବାରୁ ବୋମାମାଡ଼

■ଅଭିଯୁକ୍ତ ଥାନାରେ ଅଟକ
■ପୋଲିସ ତଦନ୍ତ ଜାରି

**ଆଠଗଡ଼,୧୩।୪(ସ୍ୱ.ପ୍ର.)**

ଆଠଗଡ ଥାନା ଅନ୍ତର୍ଗତ ଇଚ୍ଛାପୁର ଛକଠାରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ସାମାନ୍ୟ କଥାକୁ ନେଇ ଦୁଇ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଇଚ୍ଛାପୁର ଗ୍ରାମର ଯୁବକ ନିକଟସ୍ଥ ପତଣ୍ଡା ଗ୍ରାମର ଯୁବକଙ୍କୁ ଛୁରାମାଡ଼ କରିଥିଲେ। ପତଣ୍ଡା ଗ୍ରାମବାସୀ ଏହି ଖବର ପାଇ ଇଚ୍ଛାପୁର ଗ୍ରାମରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କ ଘର ଆଗରେ ପ୍ରତିବାଦ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ସେମାନଙ୍କ ଉପରକୁ ବୋମାମାଡ଼ କରିଥିଲେ। ବୋମା ମାଡରେ କେହି ଆହତ ହୋଇନାହାନ୍ତି। ଏ ନେଇ ଶନିବାର ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଛୁରାମାଡ଼ରେ ଗୁରୁତର ଯୁବକ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁସାରେ, ଶୁକ୍ରବାର ରାତ୍ରି ପ୍ରାୟ ୧୧ଟାରେ ଏକ କଣ୍ଟେନର କଟକରୁ ଅନୁଗୋଳ ଆଡେ ଯାଉଥିଲା। ଇଚ୍ଛାପୁର ଛକଠାରେ କଣ୍ଟେନର ଲାଗି ବିଦ୍ୟୁତ୍ ତାର ଛିଡ଼ି ପଡିଥିଲା। ଫଳରେ ଇଚ୍ଛାପୁର ଗ୍ରାମର କେତେଜଣ ଯୁବକ କଣ୍ଟେନରକୁ ଅଟକାଇଥିଲେ। ଏଥିଯୋଗୁ ରାସ୍ତା ଜାମ୍ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଶନିବାର ରାମନବମୀ ଥିବାରୁ ପତଣ୍ଡାର କେତେଜଣ ଯୁବକ ପୂଜା ସାମଗ୍ରୀ କିଣିବା ପାଇଁ ଏହି ସମୟରେ ଆଠଗଡ ଆଡେ ଆସୁଥିଲେ। ଇଚ୍ଛାପୁରଠାରେ ରାସ୍ତା ଅବରୋଧ ଥିବାରୁ ସ୍ଥାନୀୟ ଲୋକଙ୍କୁ ରାସ୍ତା ଅବରୋଧ ହଟାଇବା ପାଇଁ ସେମାନେ ଉଚ୍ଚ ସ୍ୱରରେ କହିଥିଲେ। ଏହାକୁ ନେଇ ଇଚ୍ଛାପୁରର ସଞ୍ଜୟ ସାହୁଙ୍କ ପତଣ୍ଡାର ରାହୁଲ ସାହୁଙ୍କ ମଧ୍ୟରେ ବଚସା ହୋଇଥିଲା। ସଞ୍ଜୟ ଉତ୍କ୍ଷିପ୍ତ ହୋଇ ଘରୁ ଏକ ଧାରୁଆ ଛୁରି ଆଣି ରାହୁଲଙ୍କ ପେଟର ଭୁସି ଦେଇଥିଲେ। ଘଟଣାସ୍ଥଳରେ ରାହୁଲ ଗୁରୁତର ହୋଇଥିଲେ। ତାଙ୍କୁ ଆଠଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଖବର ପ୍ରଚାରିତ ହେବାପରେ ପତଣ୍ଡାର କେତେଜଣ ଗ୍ରାମବାସୀ ଇଚ୍ଛାପୁରସ୍ଥିତ ସଞ୍ଜୟଙ୍କ ଘର ନିକଟକୁ ଆସି ପାଟିତୁଣ୍ଡ କରିବା ସହ ତାଙ୍କ ଘର ଉପରକୁ ଟେକା ପଥର ଫୋପାଡି ଥିଲେ। ଏହାଦେଖି ଘର ଅଗଣାରୁ ସଞ୍ଜୟ ଏକ ବୋମା ଫିଙ୍ଗିଥିଲେ। ବୋମାଟି ଦାଣ୍ଡରେ ଖୁବ ଜୋରରେ ଫୁଟିଥିଲା। ଏହାଦେଖି ପତଣ୍ଡା ଗ୍ରାମବାସୀ ଭୟରେ ପଳାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଆଠଗଡ ଥାନା ପୋଲିସ ଇଚ୍ଛାପୁରଠାରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲା। ବୋମାମାଡ଼ ଘଟଣା ଭୋର ପ୍ରାୟ ୩ଟା ସମୟରେ ଘଟିଥିଲା। ଶନିବାର ରାହୁଲଙ୍କ ବାପା ଆଠଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୮୪/୧୯ରୁଜୁ କରି ଅଭିଯୁକ୍ତ ସଞ୍ଜୟକୁ ଆଣି ଥାନାରେ ଅଟକ ରଖିଛି। ଘଟଣା ସମ୍ପର୍କରେ ଅନୁସନ୍ଧା ଜାରି ରହିଥିବା ଆଇଆଇସି ପଦାରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି।

### ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**କଟକ ଅଫିସ, ୧୩।୪**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ଆଉ ତିନୋଟି ପର୍ଯ୍ୟାୟ ନିର୍ବାଚନ ବାକି ଅଛି। ଆସନ୍ତା ୨୩ ତାରିଖ କଟକରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ ସେଥିପ୍ରତି କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଶନିବାର କଟକ ୟୁପିଡି ପକ୍ଷରୁ ଲାଲବାଗ ଥାନା ଅନ୍ତର୍ଗତ କାଫ୍ଲା ଛକରୁ ପୋଲିସ ଫ୍ଲାଗମାର୍ଚ୍ଚ କରି ଦରଘାବଜାର ଥାନା ପର୍ଯ୍ୟନ୍ତ ଆସିଥିଲା। ଶନିବାର ଅପରାହ୍ନ ୫ଟା ୨୦ମିନିଟ୍‌ରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୨୦ରେ ଶେଷ ହୋଇଥିଲା। ରବିବାର ଠାରୁ ନିର୍ବାଚନ ପର୍ଯ୍ୟନ୍ତ କଟକରେ ଥିବା ସମ୍ବେଦନଶୀଳ ବୁଥ୍ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ହେବ। ଫ୍ଲାଗମାର୍ଚ୍ଚରେ ସିଆରପିଏଫ୍‌ର ଯବାନମାନେ ସାମିଲ ହେବେ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

## ରବୀନ୍ଦ୍ର ସଙ୍ଗୀତରେ ଝୁମିଲେ ପ୍ରବାସୀ ବଙ୍ଗୀୟ

**କଟକ ଅଫିସ,୧୩।୪**






କଣ୍ଠଶିଳ୍ପୀ ରୂପଙ୍କର ବାଗ୍‌ଚୀ ଓ ସୁଦୀପ୍ତା ଦାସ ସଙ୍ଗୀତ ପରିବେଷଣ କରୁଛନ୍ତି।

ଉତ୍କଳ ବଙ୍ଗୀୟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଶହୀଦ ଭବନଠାରେ ବର୍ଷ ବରଣ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପ୍ରବାସୀ ବଙ୍ଗୀୟମାନଙ୍କ ଦ୍ୱାରା ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବଙ୍ଗୀୟ ନବବର୍ଷକୁ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟ ଆକର୍ଷଣ ଥିଲେ ପଶ୍ଚିମବଙ୍ଗର ଖ୍ୟାତନାମା କଣ୍ଠଶିଳ୍ପୀ ରୂପଙ୍କର ବାଗ୍‌ଚୀ। ବିଶେଷକରି ବଙ୍ଗୀୟ ସଙ୍ଗୀତର ମୂଳପୁଞ୍ଜି କୁହାଯାଉଥିବା ରବୀନ୍ଦ୍ର ସଙ୍ଗୀତର ଧୂନରେ ଉପସ୍ଥିତ ବଙ୍ଗୀୟ ଶ୍ରୋତା ଝୁମି ଉଠିଥିଲେ। ବାଲେଶ୍ୱରର କଣ୍ଠଶିଳ୍ପୀ ସୁଦୀପ୍ତା ଦାସ ପ୍ରଥମେ ସଙ୍ଗୀତ ପରିବେଷଣ କରିଥିଲେ। ବେଙ୍ଗଲୀ ଗୀତ ମହୁଆ ଗାଇବା ପରେ ଦର୍ଶକଙ୍କ ପସନ୍ଦରେ ବଲିଉଡ ଗୀତ ଇସ୍କ ସୁଫିଆନା ପରିବେଷଣ କରିଥିଲେ। ପରେ ମଞ୍ଚକୁ ଆସିଥିଲେ ରୂପଙ୍କର। ବଙ୍ଗୀୟ ସଙ୍ଗୀତରେ ରୂପଙ୍କର ଜଣେ ଚର୍ଚ୍ଚିତ ଚେହେରା। ଆଜ ଆମାର ଆକାଶ ଘୂରେ, ଆମାର ପରାନା ଜାଏ, ଆଜ ଗଗନେ ବତାଶେକୁ ମିଶାଇ ଅନେକ ପ୍ରସିଦ୍ଧ ବଙ୍ଗୀୟ ଗୀତ ରୂପଙ୍କର ପରିବେଷଣ କରିଥିଲେ। ରବୀନ୍ଦ୍ର ସଙ୍ଗୀତ ସମେତ ଆଧୁନିକ ବଙ୍ଗୀୟ ସଙ୍ଗୀତ ମଧ୍ୟ ପରିବେଷଣ କରାଯାଇଥିଲା। ଅଭିନେତ୍ରୀ ଉଷଶୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପଦ୍ମଶ୍ରୀ ଇଂ. ଗୋପାଳ ମିତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରବାସୀ ବଙ୍ଗୀୟ ଭାବେ ନବ ଓଡ଼ିଶାର ଗଠନରେ ଚିହ୍ନ ଛାଡ଼ି ଯାଇଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ, କର୍ମବୀର ଗୌରୀ ଶଙ୍କର ରାୟ, କବିବର ରାଧାନାଥ ରାୟ, ଓଡ଼ିଆ ଚଳଚ୍ଚିତ୍ର ଜଗତର ଜନକ ଗୋପାଳ ଘୋଷ, ବୀରେନ ମିତ୍ର, ରାଜକୃଷ୍ଣ ଘୋଷଙ୍କ ସମେତ ଅନେକ ବ୍ୟକ୍ତିବିଶେଷଙ୍କର ସ୍ମରଣ କରାଯାଇଥିଲା। ଉତ୍କଳ ବଙ୍ଗୀୟ ଆସୋସିଏଶନର ବରିଷ୍ଠ ସଭ୍ୟ ଅଶୋକ ମୁଖାର୍ଜୀ, ତାପସ ଚକ୍ରବର୍ତ୍ତୀ, ସୁମିତ ସେନ, ଗୌତମ ମୁଖାର୍ଜୀ, ଡ. ବିଶ୍ୱଜିତ ଘୋଷ, ପାର୍ଥ ମୁଖାର୍ଜୀ, ରାଜନାଥ ରାୟ, କୃଷ୍ଣ ପ୍ରତିମ ବାସୁ, ଶିଶିର ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବତୀଙ୍କୁ ବ୍ଲାକମେଲ, ୨ ଗିରଫ

■୨ ମୋବାଇଲ, କ୍ୟାମେରା ଜବତ

**କଟକ ଅଫିସ, ୧୩।୪**

ଜଣେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଦେଖାଇ ବ୍ଲାକମେଲ୍ କରିବା ଅଭିଯୋଗରେ ସିଡିଏ ଫେଜ୍-୨ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ସେସମାନେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ଅଞ୍ଚଳର ବନୋଜ ସାହୁ ଓରଫ ଲିଟୁ(୨୦) ଏବଂ ନାରାୟଣ ବେହେରା(୩୦) । ପୋଲିସ ସେମାନଙ୍କଠାରୁ ୨ଟି ମୋବାଇଲ, ଗୋଟିଏ ଡିଏସ୍‌ଏଲ୍‌ଆର୍ କ୍ୟାମେରା ଜବତ କରିବା ସହ ଆଇପିସି ଦଫା ୨୯୨, ୩୫୪, ୩୪ ଏବଂ ଆଇଟି ଆକ୍ଟ- ୬୬ଇ, ୬୭, ୬୭(ଏ)ରେ ଏକ ମାମଲା (ନଂ. ୨୨/୧୯) ରୁଜୁ କରିଛି । ମୁଖ୍ୟ ଅଭିଯୁକ୍ତ ନାରାୟଣ ଏଭଳି ବହୁ ପ୍ରେମୀଯୁଗଳଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ରେକର୍ଡିଂ କରିଥିବା ପୋଲିସ ସୂଚନା ଦେଇଛି।

ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ସେ ଏବଂ ତାଙ୍କର ପ୍ରେମିକ ଗତ ଡିସେମ୍ବରରେ ନରାଜସ୍ଥିତ ଆଇବିକୁ ଯାଇଥିଲେ। ସେଠାରେ ଦୁହେଁ କିଛି ସମୟ ବିତାଇବା ପରେ ଚାଲିଆସିଥିଲେ। ତେବେ ଗତ ଜାନୁୟାରୀ ୪ତାରିଖରେ ଲିଟୁ ତାଙ୍କ ମୋବାଇଲକୁ ହ୍ୱାଟ୍ସ ଆପରେ ତାଙ୍କର ଏବଂ ତାଙ୍କ ପ୍ରେମିକଙ୍କ ସହିତ ରଖିଥିବା ଶାରୀରିକ ସମ୍ପର୍କର ଭିଡିଓ ପଠାଇଥିଲେ। ପରେ ଉକ୍ତ ଭିଡିଓ ଦେଖାଇ ଯୁବତୀଙ୍କୁ ବ୍ଲାକମେଲ୍ କରିବା ସହ ଟଙ୍କା ମାଗିଥିଲେ। ଏ ନେଇ ଯୁବତୀ ଜଣକ ସିଡିଏ ଫେଜ-୨ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି। ପଚରାଉଚରା ବେଳେ ଦୁହେଁ ଉକ୍ତ ଭିଡିଓ ସେମାନଙ୍କ ଅଜାଣତରେ ଉତ୍ତୋଳନ କରିଥିବା ସ୍ୱୀକାର କରିଛନ୍ତି। ଏଥିସହ ନାରାୟଣ ତାଙ୍କ ମୋବାଇଲରେ ଆଇବିକୁ ଆସୁଥିବା ପ୍ରେମୀଯୁଗଳଙ୍କ ଭିଡିଓ ରେକର୍ଡିଂ କରୁଥିଲେ। ଉକ୍ତ ଭିଡିଓକୁ ସେମାନେ ସୋସିଆଲ ମିଡିଆରେ ଛାଡୁଥିବା ମଧ୍ୟ ମାନିଛନ୍ତି। ଏପରିକି ଉକ୍ତ ଭିଡିଓ ଦେଖାଇ ସେମାନେ ପ୍ରେମିକ ପ୍ରେମିକାଙ୍କୁ ବ୍ଲାକମେଲ୍ କରୁଥିଲେ ବୋଲି ମାନିଥିବା ପୋଲିସ ସୂଚନା ଦେଇଛି ।

## ଶ୍ରୀରାମ ନବମୀ ଉତ୍ସବ ପାଳିତ




ଶ୍ରୀରାମ ନବମୀରେ ଚୌଧୁରୀ ବଜାର ମାରୁତି ମଣ୍ଡପରେ ସାମୂହିକ ଶ୍ରୀରାମ ଚରିତ ମାନସ ପଠନ କରାଯାଉଛି।



ଚହଟସ୍ଥିତ ଶ୍ରୀରାମନିଗମେଶ୍ୱର ମନ୍ଦିରରେ ପୂଜା ପାଇଥିବା ଶ୍ରୀରାମ।

**କଟକ ଅଫିସ, ୧୩।୪**

କଟକ ଅରୁଣୋଦୟ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶନିବାର ଶ୍ରୀରାମ ନବମୀ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ କୁଳମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଟକ ଜିଲା ଉତ୍କଳ ସମ୍ମିଳନୀର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଶ୍ରୀରାମ ନବମୀ ଏକ ସର୍ବଭାରତୀୟ ହିନ୍ଦୁ ପର୍ବ। ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଜୀବନାଦର୍ଶକୁ ଅନୁସରଣ କଲେ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ। ଏଥିରେ ସମ୍ମାନିତ ଅତିଥି ଭାବେ ଅଧିବକ୍ତା ଅବନୀ ଚରଣ ଦାସ, ମୁଖ୍ୟବକ୍ତା ଭାବେ ରଶ୍ମିତା ଶର୍ମା ଯୋଗଦେଇଥିଲେ। ନିରୁପମା ଗୁରୁମା ଅତିଥି ପରିଚୟ ପ୍ରଦାନ ଓ ସୁମିତ୍ରା ପାତ୍ର ଧନ୍ୟବାଦ ଦେଇଥିଲେ।

## ସମ୍ମିଳନୀରେ ବିଜେଡି କର୍ମୀଙ୍କ ଅସନ୍ତୋଷ

**କଟକ ସଦର,୧୩।୪(ଡି.ଏନ୍.ଏ.)**

କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପରମହଂସ ପଞ୍ଚାୟତର ଗାଦିମଣ୍ଡପଠାରେ ଶନିବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରା, ବ୍ଲକ ସଭାପତି ପ୍ରମୋଦ ମହାପାତ୍ର, ସରପଞ୍ଚ ମିନତୀ ବେହେରା, ସମିତିସଭ୍ୟ ପ୍ରଭାକର ବେହେରା, ଜିଲା ପରିଷଦ ସଭ୍ୟା ଝିନୁ ବେହେରା, କମଲ ବାବୁ, ସେକ୍ ବାବୁଲା ଓ ଅକ୍ଷୟ ପରିଡା ଯୋଗଦେଇଥିଲେ। ବୈଠକରେ ପୁରୁଣା ବିଜୁପ୍ରେମୀଙ୍କୁ ଉପେକ୍ଷା କରାଯାଇ ଦଳରେ ନୂତନଭାବେ ଯୋଗଦେଇଥିବା କର୍ମୀଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ନରେନ୍ଦ୍ର ବେହେରା, ସେକ୍ ମହିଉଦ୍ଦିନ, ଧ୍ରୁବଚରଣ ରାଉତ, ପୂର୍ବତନ ସମିତିସଭ୍ୟା ରେଣୁବାଳା ପଣ୍ଡା ପ୍ରମୁଖ ବିଧାୟକ ପ୍ରାର୍ଥୀ ବେହେରାଙ୍କୁ ଜଣାଇବା ସହ କ୍ଷୋଭ ପ୍ରକାଶ କରିଥିଲେ। ଏହି ପଞ୍ଚାୟତରେ ବିଜୁ ସେତୁ ହୋଇଥିବା ବେଳେ ପ୍ରତି ୱାର୍ଡରେ ୩୦ରୁ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାମ ହୋଇଥିଲେ ମଧ୍ୟ ଭୋଟରମାନେ ଜାଣି ନ ଥିବା ରବି ନାରାୟଣ ଦାଶ କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ପଞ୍ଚାୟତ ପାଇଁ ବହୁ ଅର୍ଥ ଦିଆଯାଇଛି। ଆଗାମୀ ଦିନରେ ଏହାର ପରିମାଣ ଅଧିକ କରାଯିବା ସହ ପୁରୁଣା ଓ ନୂଆ କର୍ମୀଙ୍କ ସହମତିରେ କାମ କରାଯିବ ବୋଲି ପ୍ରାର୍ଥୀ ବେହେରା କହିବା ପରେ ଅସନ୍ତୋଷର ଅନ୍ତ ଘଟିଥିଲା।

## ଚୌଦ୍ୱାରରେ ବିଭିନ୍ନ ରାଜନୈତିକ ଦଳର ପ୍ରଚାର

**କଟକ ଅଫିସ/ଚୌଦ୍ୱାର(ଡି.ଏନ୍.ଏ.), ୧୩।୪**



ବିଜୟସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।



ବିଜେଡି ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରା।

ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଦଳଗୁଡ଼ିକର ପ୍ରଚାର ସେତିକି ଜୋର ଧରୁଛି। ଶନିବାର ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆୟୋଜନ କରାଯାଇଥିବା ପ୍ରଚାର କାର୍ଯ୍ୟକ୍ରମ ରାଜନୈତିକ ପାଣିପାଗକୁ ସରଗରମ କରିଛି। ଚୌଦ୍ୱାର କପାଳେଶ୍ୱର ପଡିଆରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ପ୍ରତିଶ୍ରୁତିର ପାହାଡ଼ ଥୋଇଥିଲେ। ସେହିପରି ବିଜେଡି ପକ୍ଷରୁ ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଚୌଦ୍ୱାର ପୌରାଞ୍ଚଳ ଓ ପଞ୍ଚାୟତ ପରିକ୍ରମା କରିଥିଲେ। ଏହି ଅବସରରେ ପୂର୍ବତନ କାଉନସିଲର କରୁଣାକର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପଦଯାତ୍ରାରେ ବିଧାନସଭା ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ ଯୋଗଦେଇ ଉକ୍ତ ୱାର୍ଡର ଘରକୁ ଘର ବୁଲି ଭୋଟଭିକ୍ଷା କରିଥିଲେ। ଭର୍ତ୍ତୃହରି ଓ ପ୍ରଭାତଙ୍କ ସହିତ ଦଳୀୟ କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ବିରୂପା ନଦୀକୂଳରୁ ବାହାରି ପୌରାଞ୍ଚଳର ୧୩, ୧୪ ଓ ୧୫ନଂ ୱାର୍ଡ ପରିକ୍ରମା କରିଥିଲେ। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଜଗଦୀଶ ମହାନ୍ତି ନିଜ ସମର୍ଥକଙ୍କ ସହିତ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ସେ କର୍ମୀମାନଙ୍କୁ ଏକାଠିକରି ଚୌଦ୍ୱାରର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ଦୀପକ ବାରିକ ତାଙ୍କ କର୍ମୀମାନଙ୍କ ସହିତ ବିଭିନ୍ନ ପଞ୍ଚାୟତ ବୁଲି ଭୋଟ ଦେବା ସହିତ ଚୌଦ୍ୱାରର ବିକାଶ ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ଏସ୍‌ୟୁସିଆଇ(ସି) ପକ୍ଷରୁ ପ୍ରଚାର କାର୍ଯ୍ୟକୁ ଜୋରଦାର କରାଯାଇଛି। କଟକ ଲୋକ ସଭା ଆସନ ପାଇଁ ଏସ୍‌ୟୁସିଆଇ(ସି) ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରାଜକିଶୋର ମଲ୍ଲିକ ଓ ଚୌଦ୍ୱାର-କଟକ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସସ୍ମିତା ମହାନ୍ତିଙ୍କ ସମର୍ଥନରେ ଶନିବାର ଚୌଦ୍ୱାରଠାରେ ଦଳ ପକ୍ଷରୁ ପ୍ରଚାର କରାଯାଇଛି। ଏଥିସହ ଚୌଦ୍ୱାର ବଜାର, ବଡବଜାର, କଳିଙ୍ଗ ଛକ, ଗାନ୍ଧୀଛକରେ ପ୍ରଚାର କାର୍ଯ୍ୟକ୍ରମ ଓ ପଥପ୍ରାନ୍ତ ସଭା କରାଯାଇଥିଲା। ଦଳର ପ୍ରାର୍ଥୀମାନଙ୍କୁ ବିଜୟୀ କରାଇବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ଦଳର ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଦୀପକ ଦାସ, ଶିବାନୀ ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନା ଦାସ, ସରୋଜ ମାନସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ

**କଟକ ଅଫିସ, ୧୩।୪**

ମତଦାନ ତାରିଖ ପାଖେଇ ଆସୁଥିବାବେଳେ ଦଳବଦଳ ଜାରି ରହିଛି। ଶନିବାର ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ବାସଭବନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ କଂଗ୍ରେସ ନେତା ଭରତ ଭୂଷଣ ମହାପାତ୍ର (ପୂର୍ବତନ ପିସିସି ସମ୍ପାଦକ), ଶୁଭଙ୍କର ଜୈନ୍, ଅଶୋକ ବିଶ୍ୱାସ, ସୁବ୍ରତ ପଣ୍ଡାଙ୍କ ସମେତ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ଦଳୀୟ ନେତା ଗଦାଧର ସାହୁ, ରଞ୍ଜନ ବିଶ୍ୱାଳ, ଜଗତଜ୍ୟୋତି ପଟ୍ଟନାୟକ, ଏମ୍. ଆଲମ୍ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଏହା ବାରବାଟୀ-କଟକ ବିଜେଡିକୁ ଆହୁରି ମଜବୁତ କରିବା ସହିତ ବିଜୟଲାଭ କରିବାରେ ସହାୟକ ହେବ ବୋଲି ବାରବାଟୀ-କଟକ ବିଜେଡି ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି।





ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
: ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ଟ୍ରକ ଚକ ତଳେ ପଡ଼ି ହେଲପରଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୧୩।୪:ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଟ୍ରକ ତଳେ ଚାପି ହୋଇ ଜଣେ ହେଲପରଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ମୃତକଙ୍କ ଘର ପଶ୍ଚିମବଙ୍ଗ ହୋଇଥିବାବେଳେ ପରିଚୟ ଜଣାପଡିନି। ରବିବାର ହେଲପରଙ୍କ ପରିବାର ଲୋକ ପହଞ୍ଚିବା ପରେ ପରିଚୟ ଜଣାପଡିବ। ଅନ୍ୟପକ୍ଷେ ରବିବାର ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ଆଦର୍ଶ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀ ସୋମିତା ମିଶ୍ର ସୂଚନା ଦେଇଛନ୍ତି।

### ଜାତୀୟ ରାଜପଥ ପାର୍ଶ୍ୱରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ,୧୩।୪(ଡି.ଏନ.ଏ.)-ବାଲୁଗାଁ ନିକଟ ଆଙ୍ଗୁଲାଚଟି ଛକସ୍ଥିତ ୫ନଂ ଜାତୀୟ ରାଜପଥର ପାର୍ଶ୍ୱରୁ ଶୁକ୍ରବାର ରାତ୍ରରେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ତାଙ୍କର ପରିଚୟ ମିଳି ପାରି ନାହିଁ। ରାସ୍ତା ପାର୍ଶ୍ୱରେ ଅପରିଚିତ ବ୍ୟକ୍ତି ପଡ଼ିଥିବା ଦେଖି ସ୍ଥାନୀୟ କେତେକ ଯୁବକ ଆମ୍ବୁଲାନ୍ସ ଡାକି ବାଲୁଗାଁ ସରକାରୀ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ତାଙ୍କର ପରିଚୟ ମିଳି ପାରିନଥିବା ବେଳେ ସେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ବୋଲି ପୋଲିସ ଅନୁମାନ କରିଛି। ତାଙ୍କ ବୟସ ଆନୁମାନିକ ୬୦ରୁ ଉର୍ଦ୍ଧ୍ୱ ହେବ । ପ୍ରଚଣ୍ଡ ରୌଦ୍ର ତାପ ସହ୍ୟ କରି ନ ପାରି ଅଶୁଂଘାତରେ ସେ ପ୍ରାଣ ହରାଇଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି।

### ଝାଁଳା ରଘୁନାଥ ଦେବଙ୍କ ମନ୍ଦିରରେ ଶ୍ରୀରାମନବମୀ

ଝାଁଳା,୧୩।୪(ଡି.ଏନ.ଏ)-ଝାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମସ୍ଥିତ ଶ୍ରୀରଘୁନାଥ ଦେବଙ୍କ ମନ୍ଦିରରେ ଶନିବାର ବହୁ ଆଡ଼ମ୍ବରରେ ଶ୍ରୀରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳୁ ଠାକୁରଙ୍କ ନୀତିକାନ୍ତି ସମ୍ପୂର୍ଣ୍ଣ କରାଯାଇ ଚଳନ୍ତି ବିଗ୍ରହଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଦୀର୍ଘ ୭୦ ବର୍ଷର ପରମ୍ପରା ଅନୁଯାୟୀ ଏଠାରେ ୧୫ ଦିନ ବ୍ୟାପୀ ରାମଲୀଳା ନାଟକ ପରିବେଷଣ କରାଯିବ। ପଣ୍ଡିତ ପ୍ରଭାକର ମହାପାତ୍ରଙ୍କ ରଚିତ ରାମଲୀଳା ନାଟକ ଏଠାରେ ଦୀର୍ଘଦିନ ହେବ ଲୋକଙ୍କ ଆଦର ଲାଭ କରିଆସିଛି।

### ବିଭିନ୍ନ ସ୍ଥାନରେ ଶ୍ରୀରାମନବମୀ

ବୋଲଗଡ଼,୧୩।୪(ଡି.ଏନ.ଏ.)- ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଶ୍ରୀରାମନବମୀ ପାଳିତ ହୋଇଯାଇଛି। ପର୍ଯ୍ୟଟନସ୍ଥଳ ମୁଣ୍ଡିଆପଡା ପାହାଡ ଶୀର୍ଷରେ ଥିବା ଶ୍ରୀରଘୁନାଥଜୀଉ ମନ୍ଦିରରେ ଶ୍ରୀରାମ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ବାଙ୍କୋଇଗଡ ସାହିର ଶ୍ରୀରଘୁନାଥଦେବ ମନ୍ଦିର, ଯୋଡାପଡା ଶ୍ରୀରାମମନ୍ଦିର, ସଂପୁର ରାମମନ୍ଦିର, ଜଖଲା ମହାବୀର ମନ୍ଦିର, ଝିକିମିକି ପାହାଡ ଉପରେ ଥିବା ରଘୁନାଥଦେବ ମନ୍ଦିର, ବୋଲଗଡ ଶ୍ରୀରାମନଗର, ମାଣିବନ୍ଧ ମହାବୀର ମନ୍ଦିର, କନ୍ତାଇଲୋ ଓ ନାରାୟଣୀପଡା ଆଦି ସ୍ଥାନରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ସବୁଠି ଶ୍ରଦ୍ଧାଳୁମାନେ ଭକ୍ତିପୁତ ଭାବେ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ।

■ ଡିଆରେ ଅଶୋକାଷ୍ଟମୀ ରଥଯାତ୍ରା

# ଛେରା ପହଁରା ଏଠି ମନା

**ଡିଆ ଗାଁସ୍ଥିତ କପିଳେଶ୍ୱରଙ୍କ ପୀଠରେ ପଞ୍ଚଦଶ ଶତାବ୍ଦୀରୁ ଅନୁଷ୍ଠିତ ହୋଇ ଆସୁଥିବା ବିଜୟା ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ପରମ୍ପରା ବହୁ ପୁରୁଣା। ଏଠାରେ ରାସ୍ତା ଥାଉ ଥାଉ ବିଲ ମଧ୍ୟରେ ରଥଟଣା ପରି ଅଜବ ପରମ୍ପରା ଚାଲି ଆସିଛି। ଏଥିପାଇଁ ଯାତ୍ରାର ୭ ଦିନ ପୂର୍ବରୁ ବିଲ ସବୁକୁ ପ୍ରସ୍ତୁତି କରାଯାଏ। ପୁଣି ଛେରା ପହଁରା କରିବା ଏଠାରେ ମନା।**



ଠାକୁରମାନଙ୍କୁ ପହଣ୍ଡିରେ ରଥକୁ ଅଣାଯାଉଛି ।



ବିଜୟା ରଥକୁ ଟାଣିବା ଲାଗି ଲୋକଙ୍କ ଭିଡ ।

ଖୋର୍ଦ୍ଧା ଅଫିସ/ନିରାକାରପୁର,୧୩।୪(ଡି.ଏନ.ଏ.)

ଚୈତ୍ର ଶୁକ୍ଳ ଅଷ୍ଟମୀ ତିଥିରେ ଖୋର୍ଦ୍ଧା ଜିଲା ଡିଆ ଗାଁସ୍ଥିତ କପିଳେଶ୍ୱରଙ୍କ ପୀଠରେ ବିଜୟା ରଥ ପାରମ୍ପରିକ ରୀତିରେ ବିଲ ମଧ୍ୟରେ ଶନିବାର ଟଣା ହୋଇଥିଲା । ଅପରାହ୍ଣ ସାଢ଼େ ୫ଟାରେ ନିରାକାରପୁର ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଓ କପିଳେଶ୍ୱରଙ୍କ ପରିଚାଳନା କମିଟିର ପୂର୍ବତନ ଟ୍ରଷ୍ଟି ସଞ୍ଜୟ ମହାପାତ୍ର ପ୍ରଥମେ ରଥ ଟାଣିଥିଲେ। ପରେ ଭକ୍ତମାନେ ରଥଟାଣି ସନ୍ଧ୍ୟା ସାଢ଼େ ୬ଟାରେ ରଥ ପଣାକିଆରି (ବେଦବାଡ଼ି) ପହଞ୍ଚାଇ ଥିଲେ। ଏହି ରଥଯାତ୍ରାରେ ପ୍ରାୟ ୨୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ତେବେ ରଥଟଣା ନେଇ ଏଠାରେ ଛେରା ପହଁରା କରାଯାଇ ନ ଥାଏ। ଏ ଅବସରରେ ଭୋର ୪ଟାରେ ମାନସିକ ପୂର୍ଣ୍ଣ ଲାଗି ମହିଳାମାନେ ଠାକୁରଙ୍କ ପୋଖରୀରେ ସ୍ନାନ କରିଥିଲେ। ସକାଳୁ ମଙ୍ଗଳ ଆଳତି, ବାଳଧୂପ ଓ ଅଶୋକା ଫୁଲ ଲାଗି ହୋଇଥିଲା। ପରେ ସର୍ବସାଧାରଣ ଦର୍ଶନ, ଶୁଖିଲି ଭୋଗ ହେବା ପରେ ରଥ ପ୍ରତିଷ୍ଠା ହୋଇଥିଲା। ପୁରୀ ଶ୍ରୀମନ୍ଦିରରୁ ଆସିଥିବା ପାଟପଟନି ଓ ଚନ୍ଦନ କିଳା ଶ୍ରୀକପିଳେଶ୍ୱର ଦେବଙ୍କୁ ଚଢା ଯାଇଥିଲା। ଅପରାହ୍ନରେ ଲେଣ୍ଡୁ ପଞ୍ଚାୟତ ଆରେଡ଼ି ଗ୍ରାମରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ

**ବିଲରେ ଗଡ଼ିଲା ବିଜୟା ରଥ**

ବଡ଼ଭାଇ ଭାଉଜ ଗ୍ରାମେଶ୍ୱର, ଗ୍ରାମେଶ୍ୱରୀ ଆସି ବିଜୟ ମଣ୍ଡପରେ ପହଞ୍ଚିବା ପରେ ଆଳତି ଓ କୋଠ ଭୋଗ କରାଯାଇଥିଲା। ଅପରାହ୍ଣ ସାଢେ୫ଟାରେ ଶ୍ରୀଜୀଉମାନଙ୍କୁ ଧାଡ଼ି ପହଣ୍ଡି କରାଯାଇ ରଥାରୂଢ କରାଯାଇଥିଲା। ଭଗବାନ ବ୍ରହ୍ମା ଓ ଅଶ୍ୱଙ୍କୁ ରଥାରୂଢ଼ କରାଯିବା ପରେ ଦଉଡ଼ି ସଂଯୋଗ କରାଯାଇ ରଥଟଣା ହୋଇଥିଲା। ରଥ ପଣାକିଆରିରେ ପହଞ୍ଚିବା ପରେ ଜୀଉମାନଙ୍କୁ ପଣା ଭୋଗ ଲାଗି କରାଯାଇଥିଲା। ରଥଯାତ୍ରା ଅବସରରେ ଅଶୋକା ପଡ଼ିଆରେ ପ୍ରାୟ ୨୦୦ ଅସ୍ଥାୟୀ ଦୋକାନ ବଜାର ପଡ଼ିଛି। ରଥଯାତ୍ରା ସମ୍ବନ୍ଧରେ ରମାକାନ୍ତ ପୁରୋହିତ, ଶ୍ୟାମସୁନ୍ଦର ପଟ୍ଟନାୟକ, କମଳ ଲୋଚନ ପ୍ରଧାନ ଓ ଡ. ସଞ୍ଜୟ କୁମାର ମହାପାତ୍ର ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ପରିଚାଳନା କମିଟି ପକ୍ଷରୁ କିଶୋର କୁମାର ଦାଶ, ମାନସ ଚନ୍ଦ୍ର ପଟ୍ଟନାୟକ, ହରେକୃଷ୍ଣ ଦାଶ ଓ ଚିନ୍ତାମଣି ସାହୁ, ବାବୁଲି ପରିଡ଼ା ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଓଡ଼ିଆ ନବ ବର୍ଷ ପାଳନ



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ।

ଖୋର୍ଦ୍ଧା ଅଫିସ,୧୩।୪:

ଓଡ଼ିଆ ନବବର୍ଷ ପାଳନ କମିଟି ପକ୍ଷରୁ ଖୋର୍ଦ୍ଧାର ପଲ୍ଲୀସ୍ଥିତ ଲୋକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ନବବର୍ଷ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରେ ସାଧାରଣ ସଭା ଓ ଓଡ଼ିଆ ନବବର୍ଷର ପରମ୍ପରା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଓଡ଼ିଆ ନବବର୍ଷ ପାଳନ କମିଟି ସଭାପତି ଲୋହିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ଘୋଷ, ଖୋର୍ଦ୍ଧା ସହକାରୀ ବନ ସଂରକ୍ଷକ ଦିଲୀପ କୁମାର ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯୁଗୋଳ କିଶୋର ଦାସ, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂ ପ୍ରମୁଖ ବକ୍ତା ରୂପେ ଯୋଗ ଦେଇଥିଲେ। ଓଡ଼ିଆ ନବବର୍ଷ ପାଳନ କମିଟି ସମ୍ପାଦକ ଧନେଶ୍ୱର ବିଧାର ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଦଣ୍ଡ ଉପାସନାର ମେରୁ ପର୍ବ

ବୋଲଗଡ଼,୧୩।୪(ଡି.ଏନ.ଏ.)

ବୋଲଗଡ଼ ବ୍ଲକର ବିଭିନ୍ନ ଗ୍ରାମରେ ଚାଲିଥିବା ଦଣ୍ଡକାଳୀଙ୍କ ଉପାସନାର ମେରୁ ପର୍ବ ଶନିବାର ଅନୁଷ୍ଠିତ ହୋଇଛି। ଉତ୍ସବରେ ପାଟଦଣ୍ଡୁଆ, ପାଟଭକତା ଓ ଦଣ୍ଡୁଆମାନେ ଧୂଳିଦଣ୍ଡ, ପାଣିଦଣ୍ଡ ଆଦି ପାଳନ କରିଥିଲେ। ଅପରାହ୍ନରେ ଅଗ୍ନିକୁଣ୍ଡ ଉପରେ ଗୋଡ ଉପରକୁ ମୁଣ୍ଡ ତଳକୁ କରି ସଂପୁର, ସାନପଦର, ମାଣିକାଗୋଡା ଆଦି ସ୍ଥାନରେ ଓହଳତପ ପାଳନ ହୋଇଥିଲା। ପରେ ରାଜଦଣ୍ଡୁଆ ଓ ମନ୍ତ୍ରୀ ଦଣ୍ଡୁଆଙ୍କ ସମେତ ଦଣ୍ଡୁଆମାନେ ଜଣକ ପରେ ଜଣେ ଅରଗିରେ ଉପରେ ଗୋଡ ବାନ୍ଧି ତଳକୁ ମୁଣ୍ଡ ଓହଳାଇ ଝୁଲିଥିଲେ। ଦଣ୍ଡ ଉପାସନା ଅବସରରେ ଠଣାପଲ୍ଲୀ, ଅସରଳା ଗ୍ରାମ ସମେତ ବିଭିନ୍ନ ସ୍ଥାନରେ ଦଣ୍ଡ ମେଳଣ ଅନୁଷ୍ଠିତ ହୋଇଯାଇଛି ।

## କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା




ଜଟଣୀରେ ଶିଶୁକନ୍ୟାକୁ ବଳାତ୍କାର ପରେ ମୃତ୍ୟୁକୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା ।

ଜଟଣୀ,୧୩।୪(ଡି.ଏନ.ଏ)–

ଜଟଣୀ ଥାନା ଅଞ୍ଚଳରେ ବଳାତ୍କାର ଓ ହତ୍ୟାର ଶିକାର ହୋଇ ମୃତ୍ୟୁବରଣ କରିଥିବା ଶିଶୁକନ୍ୟାଙ୍କୁ ଶ୍ରଦ୍ଧାଞ୍ଜଳି ଓ ଅମର ଆତ୍ମାର ସଦ୍‌ଗତି ଜଣାଇବାକୁ କଂଗ୍ରେସ ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସ୍ଥାନୀୟ ମୁଖ୍ୟରାସ୍ତା ଦେଇ ପରିକ୍ରମା କରିଥିଲା। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ବୃନ୍ଦାବନ ସାହୁ, ଲକ୍ଷ୍ମୀଧର ବିଶ୍ୱାଳ, ଅନନ୍ତ ବେହେରା, ବିଜୟ ପ୍ରଧାନ, ନୌସର ଅଲ୍ଲୀ, ଆଲୋକ ମହାନ୍ତି, ବିଷ୍ଣୁ ସାହୁ, ସୁନୀଲ ରାଉତରାୟ, ସୁଧାକର ଜେନାଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ସଅର ସମାଜକୁ ଜନଜାତିର ମାନ୍ୟତା ପ୍ରଦାନ ପାଇଁ ଦାବି

ଝାଁଳା,୧୩।୪(ଡି.ଏନ.ଏ)–

ଦୀର୍ଘଦିନ ହେବ ସଅର ସମାଜକୁ ଜନଜାତିର ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ବହୁବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଶ୍ରୀନୀଳମାଧବ ଆଦିବାସୀ ମହିଳା ସଂଘ ପକ୍ଷରୁ ଝାଁଳାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ କହିଛନ୍ତି। ସମସ୍ତ ତଥ୍ୟ ପ୍ରମାଣ ଥାଇ ମଧ୍ୟ ସରକାର ମାନ୍ୟତା ପ୍ରଦାନ କରୁ ନ ଥିବାରୁ ଏହି ସମାଜର ଲକ୍ଷାଧିକ ପରିବାର ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ସଂଘର ସଭାନେତ୍ରୀ କୁନିଲତା ଦେହୁରୀ କହିଛନ୍ତି। ତାଙ୍କ ସମସ୍ୟା ଦୂର କରିବାକୁ ରାଜ୍ୟ ସରକାରଙ୍କ ଉପରେ ଯେଉଁ ଭରସା ରହିଥିଲା ତାହା ତୁଟିଯାଇଛି। ଚଳିତ ନିର୍ବାଚନରେ ବିଜେଡିକୁ ଅସହଯୋଗ କରାଯିବ। ଜଟଣୀ ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ ଦିଆଯିବ ବୋଲି ସଂଘର ସଭାନେତ୍ରୀ କୁନିଲତା କହିଛନ୍ତି। ଏଥିରେ ସଂଘର ଢେଙ୍କାନାଳ ଶାଖାର ସଭାନେତ୍ରୀ ଉର୍ବଶୀ ସାହୁ, ଉପଦେଷ୍ଟା ଭିକାରୀ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଘରକୁଘର ବୁଲି ଭାଜପାର ପ୍ରଚାର

ଖୋର୍ଦ୍ଧା ଅଫିସ,୧୩।୪:

ଖୋର୍ଦ୍ଧା ସହରର ୧, ୨, ୩, ୨୧ ଓ ୨୨ ନଂ. ୱାର୍ଡରେ ଭାଜପା ପକ୍ଷରୁ ଶନିବାର ଘରକୁଘର ବୁଲି ଭୋଟ ପ୍ରଚାର କରାଯାଇଛି। ଏଥିରେ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ କାଳୁ ଖଣ୍ଡାୟତରାୟ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ। ଦଳ ପକ୍ଷରୁ କେନ୍ଦ୍ର ସରକାରଙ୍କ ସଫଳତା ଓ ରାଜ୍ୟ ସରକାରଙ୍କ ବିଫଳତା ଉପରେ ଭୋଟରଙ୍କୁ ଟିପ୍ପଣୀ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମି ରଞ୍ଜନ ମହାପାତ୍ର, ବରିଷ୍ଠ ନେତା ଗଗନ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ଶୋଭାଯାତ୍ରା

ଜଟଣୀ,୧୩।୪(ଡି.ଏନ.ଏ)–

ଜଟଣୀରେ ଶନିବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଶୋଭାଯାତ୍ରା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଲୋକ ସଭା ଆସନରୁ ଭାଜପା ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ସମେତ ବହୁ ଦଳୀୟ କର୍ମୀ ଏଥିରେ ସାମିଲ ହୋଇଥିଲେ।




ଜଟଣୀରେ ଭାଜପା ପକ୍ଷରୁ ବାହାରିଥିବା ରୋଡ ଶୋ ।

## ଝାଁଳାର ବିଭିନ୍ନସ୍ଥାନରେ ଅଘୋରତପ

ଝାଁଳା,୧୩।୪(ଡି.ଏନ.ଏ)

ମହାବିଷୁବ ସଂକ୍ରାନ୍ତି ଅବସରରେ ଏହାର ପୂର୍ବଦିନ ଶନିବାର ଝାଁଳା ଓ ମୁଣ୍ଡମୁହାଣ ଗ୍ରାମରେ ପୃଥକ୍ ପୃଥକ୍ ଭାବେ ଅଘୋରତପ ଅନୁଷ୍ଠିତ ହୋଇଥିଲା। ଝାଁଳାର ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ୩୦ ଜଣ ଓ ମା' ମଙ୍ଗଳାଙ୍କ ପୀଠରେ ୨୫ ଜଣ ପାଟୁଆ ଅଘୋରତପ ସାଧନା କରିଥିଲେ। ସେହିପରି ମୁଣ୍ଡମୁହାଣ ଗ୍ରାମର ଯୋଗମାୟା ଓ ଗ୍ରାମେଶ୍ୱର ମହାଦେବଙ୍କ ପୀଠରେ ୨୫ ଜଣ ବ୍ରତଧାରୀ ଅଘୋରତପ ସାଧନା କରିଥିଲେ। ରବିବାର ବିଧି ଅନୁଯାୟୀ ମାନସିକଧାରୀମାନେ ନିଆଁରେ ଚାଲି ସେମାନଙ୍କ ବ୍ରତ ସମାପନ କରିବେ।



ଅଘୋରତପରେ ଜଣେ ପାଟୁଆ ଭକତା ନିଆଁରେ ଝୁଲୁଛନ୍ତି ।

■ ଖୋର୍ଦ୍ଧାରେ ମେରୁଯାତ୍ରା

# ତତଲା ବାଲି, କଣ୍ଟାରେ ଗଡ଼ିଲେ ଦଣ୍ଡୁଆ

**ବିଶ୍ୱାସର ଅନନ୍ୟନାମ ଦଣ୍ଡ ଉପବାସ। ପରିବାର ଓ ନିଜର ଆରୋଗ୍ୟ କାମନା କରି ଶୈବ ଭକ୍ତ(ଦଣ୍ଡୁଆ) ନିଷ୍ଠାପର ଭକ୍ତି ଓ କଠୋର ସାଧନା ବଳରେ ଅସାଧ କାର୍ଯ୍ୟ ସାଧନ କରି ପାରନ୍ତି। ଏଭଳି କଠୋର ସାଧନା ପ୍ରତିବର୍ଷ ମେରୁଯାତ୍ରା ଅବସରରେ ଦେଖିବାକୁ ମିଳେ ଖୋର୍ଦ୍ଧା ସହର ଉପରସାହିସ୍ଥିତ କାମନାବରଙ୍କ ମନ୍ଦିର ସମ୍ମୁଖରେ। ଏଠାର ରାସ୍ତାରେ ଦଣ୍ଡୁଆମାନେ କୋଇଲିଖା କଣ୍ଟା ଉପରେ ଗଡିବା ଓ ନିଆଁରେ ଝୁଲିବା ଏହାର ଉଦାହରଣ, ଯାହା କି ଶହେ ଦଶବର୍ଷରୁ ଉର୍ଦ୍ଧ୍ୱ ପ୍ରାଚୀନ ପରମ୍ପରା ବୋଲି କୁହାଯାଏ।**

ଖୋର୍ଦ୍ଧା ଅଫିସ,୧୩।୪



ଦଣ୍ଡୁଆମାନେ କୋଇଲିଖା କଣ୍ଟା ଉପରେ ଗଡୁଛନ୍ତି ।

ଖୋର୍ଦ୍ଧା ସହରର ଉପରସାହି କାମନା ଗୋସେଁଇଙ୍କ ମନ୍ଦିର ସମ୍ମୁଖରେ ଶନିବାର ପୂର୍ବାହ୍ଣରେ ଦଣ୍ଡୁଆମାନେ ତତଲା ବାଲି, କୋଇଲିଖା କଣ୍ଟା ଉପରେ ଗଡିବା ଓ ନିଆଁରେ ଝୁଲିବା ଦେଖିବାକୁ ମିଳିଥିଲା। ପୂର୍ବାହ୍ଣରେ ଦର୍ଶନ ଲାଗି କାମନା ଗୋସେଁଇଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ମଧ୍ୟାହ୍ନରେ ଧୂଳିଦଣ୍ଡ ଅନୁଷ୍ଠିତ ହୋଇଥିଲା। ଧୂଳିଦଣ୍ଡରେ ବିଭିନ୍ନ ପ୍ରକାରର ଶରୀରକୁ ଶାରୀରିକ କଷ୍ଟ ଦେବା ସହ କୃଷି ସମ୍ପୃକ୍ତ ବିଭିନ୍ନ କାର୍ଯ୍ୟକୁ ଦଣ୍ଡ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ପୂର୍ବାହ୍ଣରେ ମାନସିକଧାରୀ ଭକ୍ତମାନେ ବିଭିନ୍ନ କୃଷିକ୍ଷେତ୍ରରୁ କୋଇଲିଖା କଣ୍ଟା ସଂଗ୍ରହ କରି ହରିଚନ୍ଦନ ପୋଖରୀରେ ବୁଡାଇ ରଖିଥିଲେ। ଧୂଳିଦଣ୍ଡ ପରେ କଣ୍ଟାଗୁଡିକୁ ପୋଖରୀରୁ ମାନସିକଧାରୀ ଭକ୍ତମାନେ ବୋହି ଆଣି ମନ୍ଦିର ସମ୍ମୁଖ ରାସ୍ତାରେ ୧୦୦ ମିଟର ପର୍ଯ୍ୟନ୍ତ ପ୍ରାୟ ୨ ଫୁଟ ଉଚ୍ଚତାରେ ବିଛାଇଥିଲେ। ପାଟ ଦଣ୍ଡୁଆ କାମନା ଦେବ ଠାକୁରଙ୍କୁ ଧରି କଣ୍ଟାର ଚତୁଃପାର୍ଶ୍ୱକୁ ପରିକ୍ରମା କରି ତାହାକୁ ସ୍ପର୍ଶ କରାଇଥିଲେ। ପରେ ଦଣ୍ଡୁଆମାନେ ପାଟଦଣ୍ଡୁଆଙ୍କ ସହ କଣ୍ଟାର ଚତୁଃପାର୍ଶ୍ୱରେ ୭ ଥର ପରିକ୍ରମା କରିଥିଲେ। ହରିବୋଲ ହୁଳହୁଳି ଧ୍ୱନି, ଘଣ୍ଟ ଓ ବାଦ୍ୟର ତାଳେତାଳେ ଦଣ୍ଡୁଆମାନେ କଣ୍ଟା ଉପରେ ଗଡିଥିଲେ। କେତେଜଣ ଭକ୍ତ ୨ରୁ ୪ଥର ଗଡିଥିବାର ଦେଖିବାକୁ ମିଳିଥିଲା। ପରେ ଦଣ୍ଡୁଆମାନେ ସ୍ନାନ କରି ହାତରେ ଅଗ୍ନିଦଣ୍ଡ ଧାରଣ ପୂର୍ବକ ରାସ୍ତାରେ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଅଘୋରତପ କରାଯାଇଥିଲା। ଏଥିରେ ପାଟଦଣ୍ଡୁଆଙ୍କ ଗୋଡ ଦୁଇଟିକୁ ମେରୁ ଖୁଣ୍ଟରେ ବନ୍ଧାଯାଇ ତଳେ ନିଆଁ ଜଳା ଯାଇଥିଲା। ତପ କାର୍ଯ୍ୟ ଶେଷ ହେବା ପରେ ପାଟଦଣ୍ଡୁଆ ଖୁଣ୍ଟରେ ବନ୍ଧା ଯାଇଥିବା ଆମ୍ବ ଗୁଡିକୁ ଭକ୍ତଙ୍କ ଉପରକୁ ଫୋପାଡିଥିଲେ। ପରେ ଏପରି ଅଘୋରତପକୁ ଅନ୍ୟ ଦଣ୍ଡୁଆମାନେ ପ୍ରଦର୍ଶନ କରିଥିଲେ। ଏହି ଆମ୍ବ ପାଇଲେ ନିଃସନ୍ତାନ ମହିଳା ସନ୍ତାନ ଲାଭ କରନ୍ତି ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ ଦଣ୍ଡୁଆମାନେ ସ୍ପର୍ଶ କରିଥିବା କଣ୍ଟାନେଇ ଘରେ ରଖିଲେ ଓଡ଼ଶ, ମଶା, କୀଟ ପତଙ୍ଗ ଦେଖାଯାଆନ୍ତି ନାହିଁ ବୋଲି ଅନୁରୂପ ବିଶ୍ୱାସ ଅଛି। ଚଳିତବର୍ଷ ୪୯ ଜଣ ମାନସିକଧାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ପାଟଦଣ୍ଡୁଆ ମନୋଜ କୁମାର ପ୍ରଧାନ କୁହନ୍ତି, ଭକ୍ତମାନେ ଦଣ୍ଡଯାତ୍ରା ଅବସରରେ ନିଆଁରେ ଝୁଲୁଛନ୍ତି କଣ୍ଟାରେ ଗଡୁଥିବାର ପରମ୍ପରା ପ୍ରାୟ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ପାଳିତ ହୋଇଆସୁଛି। କୋଇଲିଖା କଣ୍ଟାରେ ଗଡିଲେ କଣ୍ଟାର ଅଗ୍ରଭାଗ ମୁନଟି ଦେହରେ ଫୋଡି ହୋଇ ରହିଯାଏ। ହେଲେ ଏହା କିଛି କ୍ଷତି କରି ନ ଥାଏ। କଣ୍ଟାର କଷ୍ଟକୁ ଦଣ୍ଡୁଆମାନେ ଉପଲବ୍ଧ କରିପାରନ୍ତି ନାହିଁ। କାମନାଦେବଙ୍କ ଅଶେଷ କୃପାରୁ ଏହା କେବଳ ସମ୍ଭବ ହୋଇଥାଏ। ଏଠାରେ ୫ ଦିନ ଧରି ଏହି ପର୍ବ ପ୍ରତିବର୍ଷ ହେଉଛି।






ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ୧୪କେଜି ଗଞ୍ଜେଇ ଜବତ: ୩ଗିରଫ



ପୁରୀ ଅଫିସ, ୧୩।୪ : ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ମାଲତୀ ପାଟପୁରଠାରେ ଶନିବାର ଏକ ଅଟୋରୁ ୧୪କେଜି ଗଞ୍ଜେଇ ଜବତ କରିଛି ପୁରୀ ଅବକାରୀ ବିଭାଗର ଟିମ୍। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜାନାକାଦେଈପୁରର ବିପିନ୍ ଦାଶ (୨୬), ଫୁଲବାଣୀର ରମାକାନ୍ତ କର (୨୭) ଓ କଂଶ କୁଦେଇ(୨୫)। ବିପିନ୍ ବିଭିନ୍ନ ସ୍ଥାନରୁ ଗଞ୍ଜେଇ ଆଣି ପୁରୀରେ ବେପାରୀଙ୍କୁ ବିକ୍ରି କରିଥାନ୍ତି। ଗତ କିଛିଦିନ ଧରି ସେ ବାହାରୁ ଗଞ୍ଜେଇ ଆଣି ପୁରୀରେ ବିକ୍ରି କରୁଥିଲେ ବୋଲି ସ୍ୱୀକାର କରିଥିବା ଅବକାରୀ ବିଭାଗ କହିଛି।

### ମଙ୍ଗଳା ମନ୍ଦିରରୁ ବିଜେଡିର ପ୍ରଚାର ଆରମ୍ଭ

କାକଟପୁର,୧୩।୪(ଡି.ଏନ.ଏ.):କାକଟପୁର ନିର୍ବାଚନମଣ୍ଡଳୀରେ ଶନିବାର ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର କାର୍ଯ୍ୟ ମା' ମଙ୍ଗଳାଙ୍କ ମନ୍ଦିରଙ୍କ ପୀଠରୁ ଶୁଭାରମ୍ଭ ହୋଇଛି। ବିଜେଡି ବିଧାନସଭା ପ୍ରାର୍ଥୀ ତୁଷାରକାନ୍ତି ବେହେରା, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଜିଲା ପରିଷଦର ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ ଦଳୀୟ ପ୍ରଚାର ଗାଡ଼ିକୁ ମା' ମଙ୍ଗଳାଙ୍କ ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ସମସ୍ତେ ମା'ଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳର ଗାଁ ଗାଁ ବୁଲି ପ୍ରଚାର କରିବାସହ ଲୋକମାନଙ୍କଠାରୁ ଭୋଟ ଭିକ୍ଷା କରିଥିଲେ। ଏହି ଶୋଭାଯାତ୍ରାରେ ଅଭୟ ସେଠୀ, ଛବି ପରିଡ଼ା ଓ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ସୁଲଭ ଶୌଚାଳୟ ପ୍ରତିଷ୍ଠା ଦାବି

କଣାସ, ୧୩।୪(ସ୍ୱ.ପ୍ର.): କେନ୍ଦ୍ର ଓ ରାଜ୍ୟସରକାର ସ୍ୱଚ୍ଛଭାରତ ଯୋଜନାରେ କଣାସ ବ୍ଲକର ସବୁଗ୍ରାମର ଘରେଘରେ ପାଇଖାନା ନିର୍ମାଣ କରୁଥିବା ବେଳେ କଣାସ ବ୍ଲକର ସଦରମହକୁମାରେ ସୁଲଭ ଶୌଚାଳୟ ଟିଏ ନ ଥିବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଣାସରେ ବ୍ଲକ କାର୍ଯ୍ୟାଳୟ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ଆତ୍ମା କାର୍ଯ୍ୟାଳୟ, ବିଭିନ୍ନ ଘରୋଇ ଏବଂ ରାଷ୍ଟ୍ରାୟତ ବ୍ୟାଙ୍କ ରହିଛି। ଏହି ସବୁ କାର୍ଯ୍ୟାଳୟକୁ ପ୍ରତିଦିନ ଶହ ଶହ ଲୋକ ଆସୁଛନ୍ତି। ତେବେ ଶୌଚ ପାଇଁ ଲୋକଙ୍କୁ ୨କି.ମି. ଦୂର ନଦୀ କୂଳକୁ ଯିବାକୁ ପଡିଥାଏ। ତେଣୁ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ସଂସ୍ଥା ପକ୍ଷରୁ ଏକ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ଦାବି ହେଉଛି।

### ଲୋକାପାଳରେ ରାମଲୀଳା

କଣାସ, ୧୩।୪(ସ୍ୱ.ପ୍ର.): କଣାସ ବ୍ଲକ ଗଡସାନପୁଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲୋକାପାଳ ଗ୍ରାମର ଶ୍ରୀଶ୍ରୀ ଭଗବତ ଦେବଙ୍କ ଟୁଙ୍ଗିରେ ଶ୍ରୀରାମ ନବମୀ ପାଳନ ସହିତ ବୈଠକୀରାମଲୀଳା ଆରମ୍ଭ ହୋଇଛି। ଶ୍ରୀରାମ ନବମୀଠାରୁ ଏହି ରାମଲୀଳା ଆରମ୍ଭ ହୁଏ। ରାମଲୀଳା ପଢା ଶେଷ ହେବା ଦିନ ମହୋତ୍ସବ ହୋଇଥାଏ। ଏହା ଉତ୍କଳୀୟ ଲୋକସଂସ୍କୃତିର ପାରମ୍ପରିକ କଳାଭାବେ ପରିଚିତ। ସେହିପରି ଏହି ରାମ ଲୀଳା ହଳଦିଆପଡା ଓ ମନ୍ଦାରବସ୍ତ ଗ୍ରାମରେ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ।

■ ଗୋଟିଏ ଦିନରେ ଶ୍ରୀମନ୍ଦିରରେ ୨ ତିଥିର ନୀତି

# ଅଶୋକାଷ୍ଟମୀ, ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ

ପୁରୀ ଅଫିସ,୧୩।୪:

ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀକୁ ଅଶୋକାଷ୍ଟମୀ ଏବଂ ନବମୀ ତିଥିକୁ ଶ୍ରୀରାମ ନବମୀ କୁହାଯାଏ। ଶ୍ରୀମନ୍ଦିରରେ ଶନିବାର ଗୋଟିଏ ଦିନରେ ଅଶୋକାଷ୍ଟମୀ ଓ ଶ୍ରୀରାମ ନବମୀ ତଥା ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଶନିବାର ସୂର୍ଯ୍ୟୋଦୟକୁ ଅଷ୍ଟମୀ ତିଥି ରହିଥିବାରୁ ଅଶୋକାଷ୍ଟମୀ ନୀତି କରାଯାଇଥିଲା। ସେହିପରି ମଧ୍ୟାହ୍ନ ସମୟକୁ ନବମୀ ତିଥି ଥିବାରୁ ଶ୍ରୀରାମ ଜନ୍ମ ନୀତି ମଧ୍ୟ ହୋଇଥିଲା। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ତିଥି କ୍ଷୟ କାରଣରୁ ଶ୍ରୀମନ୍ଦିରରେ ଗୋଟିଏ ଦିନରେ ଦୁଇଟି ନୀତି ସମ୍ପନ୍ନ କରାଯାଇଛି।

ଅଶୋକାଷ୍ଟମୀ ନୀତି:ଶ୍ରୀଲୋକନାଥ ହେଉଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ। ଭଣ୍ଡାର ଗୃହରେ ଲୋକନାଥଙ୍କ ଚଳନ୍ତି ପ୍ରତିମା ପୂଜା ପାଇଥାନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ବଢିବା ପରେ ଭଣ୍ଡାର ଘରୁ ଶ୍ରୀଲୋକନାଥଙ୍କୁ ମହାଜନେ ହାତରେ ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଏହାପରେ ଘଣ୍ଟ, ଛତା, କାହାଳୀ ସହିତ ବିମାନବଡୁମାନେ ଲୋକନାଥଙ୍କୁ ପାଲିଙ୍କିରେ ଈଶାନେଶ୍ୱର ମନ୍ଦିରକୁ ନେଇଥିଲେ। ସେଠାରେ ଭିତରଚ୍ଛ ମହାପାତ୍ର ନୀତି କଲା ପରେ ଲୋକନାଥ ଦେବ ପାଲିଙ୍କିରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭକୁ ଯାଇଥିଲେ। ଭୋଗ ବନ୍ଦାପନା ଓ ଅଶୋକା ମଣୋହି ନୀତି ପରେ ଲୋକନାଥ ଶ୍ରୀମନ୍ଦିର ଭଣ୍ଡାର ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



ଶ୍ରୀଲୋକନାଥଙ୍କୁ ଜଗନ୍ନାଥ ବଲ୍ଲଭକୁ ବିଜେ କରାଯାଉଛି।

ଶ୍ରୀରାମ ନବମୀ ନୀତି: ମଧ୍ୟାହ୍ନ ଧୂପ ନୀତି ବଢିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଶୁଦ୍ଧସୁଆର ଭଣ୍ଡାର ଘର ଆଗରେ ପୋଚ୍ଛା ମାରିବା ପରେ ପୂଜାପଣ୍ଡା ପଞ୍ଚ ମୁରୁଜରେ ଜନ୍ମମଣ୍ଡଳ କାଟିଥିଲେ। ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଶ୍ରୀରାମଦେବଙ୍କୁ ମହାଜନ ସେବକ ରତ୍ନସିଂହାସନକୁ ବିଜେ କରାଇଥିଲେ। ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗିକରିଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀରାମଦେବ ମଣ୍ଡଳ ଉପରକୁ ବିଜେ କରିଥିଲେ। ସେଠାରେ ଜଣେ ମହାଜନ ସେବକ ଦଶରଥ ଏବଂ ଅନ୍ୟଜଣେ କୌଶଲ୍ୟା ରୂପରେ ଖଣ୍ଡୁଆ ଘୋଡି ହୋଇ ଜନ୍ମନୀତି ସମ୍ପନ୍ନ କରିଥିଲେ। ଏହାପରେ ଠାକୁରଙ୍କୁ କର୍ପୂର ଆଳତି ବନ୍ଦାପନା କରାଯାଇଥିଲା। ମହାସୁଆର ସେବକ ଗଣ୍ଡୁସ ମସଲା ଓ କ୍ଷୀର ମଣୋହି କରିଥିଲେ। ପୂଜାପଣ୍ଡା ଜନ୍ମ ବିଧିମାନ କରାଇ ପଇତା ଲାଗି ବଢିବା ପରେ ଶୀତଳ ଭୋଗ ମଣୋହି ହୋଇଥିଲା। ମହାସୁଆର ସେବକ ଜୟ ବିଜୟ ଦ୍ୱାର ଚରୁ ଭାତ ମଣୋହି କରାଇଥିଲେ। ଏହାପରେ ଠାକୁର ଦକ୍ଷିଣୀ ଘରକୁ ବିଜେ ହୋଇଥିଲେ।

### ଭୋଟ ବର୍ଜନ କରିବ ଖବରକାଗଜ ବିତରକ ସଂଘ


ପୁରୀ ଅଫିସ,୧୩।୪ :

ଖବରକାଗଜ ବିତରକଙ୍କ ପାଇଁ ସରକାର କୌଣସି ଯୋଜନା କରିନାହାନ୍ତି। ସେମାନଙ୍କୁ କୌଣସି ସରକାରୀ ସହାୟତା ମଧ୍ୟ ଦିଆଯାଉନାହିଁ। ବିତରକମାନଙ୍କୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଏହାର ପ୍ରତିବାଦରେ ପତିତପାବନ ଖବରକାଗଜ ସଂଘ ପକ୍ଷରୁ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ଏକ ପ୍ରେସ ବିବୃତ୍ତିରେ କୁହାଯାଇଛି। ସଂଘର ବିଭିନ୍ନ ସମସ୍ୟା ନେଇ ଗାନ୍ଧୀସ୍ମୃତି ପାର୍କରେ ଶନିବାର ଆୟୋଜିତ ବୈଠକରେ ସଂଘ ସମ୍ପାଦକ ଶାନ୍ତନୁ କୁମାର ସାହୁ ବିତରକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଃଖ କଷ୍ଟ ସହି ବର୍ଷଯାକ ବିତରକମାନେ ଖବରକାଗଜ ବିତରଣ କରୁଛନ୍ତି। ତଥାପି ସେମାନଙ୍କ ବିକାଶ ଲାଗି ସରକାର କିଛି ଯୋଜନା କରୁନାହାନ୍ତି। ସରକାର ବିତରକ ସଂଘକୁ ଅଣଦେଖା କରୁଛନ୍ତି। ଏ ନେଇ ପତିତପାବନ ଖବରକାଗଜ ବିତରଣ ସଂଘ ଭୋଟ ବର୍ଜନ ଲାଗି ନିଷ୍ପତ୍ତି ନେଇଛି। ବୈଠକରେ ବୈକୁଣ୍ଠ ପରିଡା, ଦିଲୀପ ମହାନ୍ତି, କର୍ପୁର ମହାନ୍ତି, ବନମାଳି ଦେଓ, ଭାଗିରଥି ନାୟକ, ପିଣ୍ଟୁ ସାମଲ, କାହ୍ନୁ ପ୍ରଧାନ, ସୁର ସାହୁ, ବେଣୁଧର ସାହୁ ଓ ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟର ସଚେତନତା ପାଇଁ ଗଣଦୌଡ଼

ପୁରୀ ଅଫିସ,୧୩।୪:

ପୁରୀ ସହରରେ ଭୋଟର ସଚେତନତା ନିମନ୍ତେ ଶନିବାର ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ସକାଳେ ସିଂହଦ୍ୱାର ନିକଟରୁ ଏହି ଗଣଦୌଡ଼କୁ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଏବଂ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସନ୍ଦୀପ ମାହେଶ୍ୱରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମୁଦ୍ରକୂଳ ଭିକ୍ଟୋରିଆ କ୍ଲବ ସମ୍ମୁଖ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଜିଲାପାଳ କହିଥିଲେ, ଗଣତନ୍ତ୍ରର ଏକ ମହାପର୍ବ ହେଉଛି ନିର୍ବାଚନ। ଏପ୍ରିଲ ୨୩ରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି ଏବଂ ଏପ୍ରିଲ ୨୯ରେ କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟଗ୍ରହଣ କରାଯିବ। ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରାଯିବ। ପ୍ରତ୍ୟେକ ଭୋଟ ମୂଲ୍ୟବାନ। ତେଣୁ ଭୋଟରମାନେ ନିଜ ବିବେକ ଅନୁଯାୟୀ ଭୋଟ ଦେବା ଉଚିତ। ନିର୍ବାଚନକୁ ସୁଗମ କରିବା, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୁଲିଂ ବୁଥ୍‌ରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି। ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ମାହେଶ୍ୱରୀ କହିଥିଲେ, ନିର୍ବାଚନ ଗଣତନ୍ତ୍ରର ଏକ ମୁଖ୍ୟ ଅଂଶ। ମତଦାନ କରିବା ଏବଂ ଏଥିପାଇଁ ସମସ୍ତଙ୍କୁ ସଚେତନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ହରିଶ୍ ଚନ୍ଦ୍ର ନାୟକ ପ୍ରମୁଖ ଶୃଙ୍ଖଳିତ ଭାବେ ଭୋଟ ଦେଇ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଭୋଟଦାନ ଓ ଗଣତାନ୍ତ୍ରିକ ନିର୍ବାଚନ ସମ୍ପର୍କରେ ଦସ୍ତଖତ ଅଭିଯାନ ହୋଇଥିଲା। ଭୋଟର ସଚେତନତା ଗାଡ଼ି ସହର ପରିକ୍ରମା କରିଥିଲା। ଜିଲା କ୍ରୀଡ଼ା ଅଧିକାରୀ ନାରାୟଣ ବେହେରା ଓ ବିଭିନ୍ନ ବିଭାଗର ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗଣଦୌଡ଼ରେ ଛାତ୍ରୀଛାତ୍ର, ଯୁବବର୍ଗ ପ୍ରମୁଖ ସାମିଲ ହୋଇଥିଲେ ।



ଭୋଟର ସଚେତନତା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାରା ନିକଟରୁ ବାହାରିଥିବା ଗଣଦୌଡ଼।

# ନିମାପଡ଼ା ବଜାରରୁ ବ୍ରାଉନ ସୁଗାର ଜବତ

■ ଗ୍ରାହକ ସାଜି ୨ଜଣଙ୍କୁ ଧରିଲା ଅବକାରୀ ଟିମ୍

ପୁରୀ ଅଫିସ,୧୩।୪:

ପୁରୀ ଜିଲାର ନିମାପଡ଼ା ବଜାରରୁ ଶୁକ୍ରବାର ବିଳମ୍ବିତ ରାତିରେ ଅବକାରୀ ବିଭାଗ ପକ୍ଷରୁ ୨ଜଣ ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୨ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ବିଭାଗ ସୂଚନା ଦେଇଛି। ଏହି ଘଟଣାରେ ଅଭିଯୁକ୍ତ କୃପାସିନ୍ଧୁ ଭୋଇ ଓ ସ୍ମୃତି ରଞ୍ଜନ ଜେନାଙ୍କୁ ଶନିବାର ନିମାପଡ଼ା କୋର୍ଟଚାଲାଣ କରାଯାଇଥିଲା। ଦୁହିଁଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ନିମାପଡ଼ା ବଜାରରେ ଗତ କିଛିଦିନ ହେବ ବ୍ରାଉନ ସୁଗାର ବ୍ରିକି ହେଉଥିବା ନେଇ ପୋଲିସ ଏବଂ ଅବକାରୀ ବିଭାଗ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ନିମାପଡା ଅଞ୍ଚଳର କେତେକ କଲେଜ ଛାତ୍ର ଏବଂ ଯୁବକ ଏହାର ଗ୍ରାହକ ସାଜିଥିଲେ। ଶୁକ୍ରବାର ରାତିରେ କୌଣସି ସୂତ୍ରରୁ ଖବର ପାଇ ନିମାପଡ଼ା ଅବକାରୀ ବିଭାଗ ଏସ୍‌ଆଇ ବନ୍ଦନା ପଟ୍ଟନାୟକ ଏକ ଟିମ୍ ସହ ବଜାରରେ ପହଞ୍ଚିଥିଲେ। ଏହି ଟିମ୍‌ର ସଦସ୍ୟମାନେ ଗ୍ରାହକ ସାଜି ସମ୍ପୃକ୍ତ ବ୍ୟବସାୟୀଙ୍କ ନିକଟକୁ ଯାଇଥିଲେ। ବ୍ରାଉନ ସୁଗାର ସହ ଉଭୟଙ୍କୁ କାବୁ କରିଥିଲେ। ଏ ନେଇ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଅନ୍ୟପଟେ ନିମାପଡ଼ାରେ ନିଶା କାରବାର ବୃଦ୍ଧି ପାଉଥିବାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଛି। ନିଶା କାରବାର କରୁଥିବା ବେପାରୀ ଏବଂ କେତେଜଣ ଅସାଧୁ ପୋଲିସ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନିମାପଡ଼ା ଏବେ ନିଶା କାରବାରର ଆଡ୍ଡାସ୍ଥଳୀ ପାଲଟିଛି। ଏହି କାରବାରର ଚେର ବାଲେଶ୍ୱର ଏବଂ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡ଼ିଛି। ବ୍ରାଉନ ସୁଗାର ଜବତ ଘଟଣାରୁ ସ୍ପଷ୍ଟ ହେଉଛି ଯେ, ନିମାପଡ଼ାରେ ଖୋଲାଖୋଲି ଭାବେ ନିଶା କାରବାର ଚାଲିଛି। ମାସିକିଆ ବଟି ନେଇ ପୋଲିସ ଏହାକୁ ପରୋକ୍ଷରେ ପ୍ରଶ୍ରୟ ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି।

# ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ସାକ୍ଷୀଗୋପାଳ, ୧୩।୪(ଡି.ଏନ୍.ଏ.)

ସାକ୍ଷୀଗୋପାଳ ମନ୍ଦିର ନିକଟରେ ଅବସ୍ଥିତ ପୁରାତନ ଶ୍ରୀରାମ ମନ୍ଦିରରେ ଶନିବାର ଠାକୁରଙ୍କ ଜନ୍ମୋତ୍ସବ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଦୈନନ୍ଦିନ ଦେବନୀତି ସହିତ ଠାକୁରଙ୍କୁ ନୂତନ ବସ୍ତ୍ର ଲାଗି କରାଯାଇ ଜନ୍ମବିଧି ଅନୁଷ୍ଠିତ ହୋଇଥିଲା। ଯଜ୍ଞ, ପଣାଭୋଗ, ଆଳତି ଓ ସ୍ୱତନ୍ତ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ସମବେତ ପ୍ରସାଦ ସେବନ କରାଯାଇଥିଲା। ମନ୍ଦିରକୁ ରଙ୍ଗବେରଙ୍ଗ ଆଲୋକମାଳା ଓ ଫୁଲମାଳରେ ସଜାଯାଇଥିଲା। ପ୍ରାୟ ୨ଶହ ବର୍ଷ ପୂର୍ବେ ହାଇଦ୍ରାବାଦ ସହରର ଜଣେ ରାମାନୁଜାଚାରୀ ଭକ୍ତ ଗୋପିକିଷନ ମଲ୍ୟାଣୀ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ କରିବାକୁ ଆସିଥିଲେ। ସେ ଶ୍ରୀରାମଙ୍କ ଭକ୍ତ ହୋଇଥିବାରୁ ସାକ୍ଷୀଗୋପାଳରେ ଶ୍ରୀରାମଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ଏଠାରେ ଶ୍ରୀରାମ ମନ୍ଦିର ନ ଥିବାରୁ ଠାକୁରଙ୍କୁ ଦର୍ଶନ ନ ପାଇ ତାଙ୍କ ମନରେ ବିଶାଦ ଯାତ ହୋଇଥିଲା। ଏଠାରେ ଶ୍ରୀରାମ ମନ୍ଦିର ନିର୍ମାଣ କରିବାକୁ ସେ ମନେମନେ ଚିନ୍ତା କରି ତୀର୍ଥଯାତ୍ରାରୁ ଘରକୁ ଫେରିଥିଲେ। କିଛିଦିନ ପରେ ଶ୍ରୀରାମ ମନ୍ଦିର ସ୍ଥାପନ ପାଇଁ ତାଙ୍କୁ ଠାକୁରଙ୍କ ସ୍ୱପ୍ନାଦେଶ ହୋଇଥିଲା। ପରେ ସେ ସାକ୍ଷୀଗୋପାଳ ମନ୍ଦିର ପାର୍ଶ୍ୱରେ ଧଳା ମୁଗୁନି ପ୍ରସ୍ତରରେ ନିର୍ମିତ ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତାଙ୍କ ବିଗ୍ରହ ସ୍ଥାପନ କରିଥିଲେ।



ଶ୍ରୀରାମନବମୀ ପାଇଁ ରାମ ମନ୍ଦିରରେ ସ୍ୱତନ୍ତ୍ର ପୂଜା।

# ଅଶୋକାଷ୍ଟମୀ ପାଇଁ ରାୟଚକ୍ରଧରପୁର ଉତ୍ସବମୁଖର

ସାକ୍ଷୀଗୋପାଳ, ୧୩।୪(ଡି.ଏନ୍.ଏ.)

ଅଶୋକାଷ୍ଟମୀ ପର୍ବ ଅବସରରେ ରଥାରୂଢ଼ ଠାକୁରଙ୍କ ଗ୍ରାମ ପରିକ୍ରମା ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପାଇଁ ସ୍ଥାନୀୟ ରାୟଚକ୍ରଧରପୁର ଶନିବାର ରାତିରେ ଉତ୍ସବ ମୁଖର ହୋଇଛି। ପରମ୍ପରା କ୍ରମେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଜୟଦୁର୍ଗାଙ୍କ ଆଜ୍ଞାମାଳ ସହିତ ଏକ ସୁସଜ୍ଜିତ ରଥ ବଁପାଳ ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରକୁ ଯାଇଥିଲା। ନବଦିନ ବ୍ୟାପି ରଥଯାତ୍ରାକୁ ନୀଳଙ୍କଣ୍ଠେଶ୍ୱରଙ୍କୁ ନିମନ୍ତ୍ରଣ କରି ଜୟଦୁର୍ଗାଙ୍କ ମନ୍ଦିରକୁ ଅଣାଯିବା ପରେ ସେଠାରେ ଜାତିଘର ଭୋଗ ଅନୁଷ୍ଠିତ ହୋଇଥିଲା। ଘଣ୍ଟ, କାହାଳୀ, ଢ଼ୋଲ, ମହୁରୀ, ଛତି, ତ୍ରାସ, ଆଲଟ, ଚାମର ସହିତ ସୁସଜ୍ଜିତ ରଥରେ ନୀଳକଣ୍ଠେଶ୍ୱର, ଜୟଦୁର୍ଗା, ଗୋପିନାଥ, ରାଧାକୃଷ୍ଣ ଓ ହରି ଶଙ୍କର ରଥକୁ ବିଜେ କରି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ମଧ୍ୟଭାଗରେ ରଥ ପହଞ୍ଚିବା ପରେ ଗ୍ରାମବାସୀ ଠାକୁରଙ୍କୁ ଚୁଡାଘସା, ଖଇକୋରା, ଖିରୀ, ଫଳମୂଳ ଓ ପଣା, ପଇଡ ଭୋଗ ଲାଗିକରିଥିଲେ। ସେଠାରେ ଆତସବାଜୀ ପ୍ରଦର୍ଶନ କରାଯାଇଥିଲା। ରଥଯାତ୍ରା ଦେଖିବାପାଇଁ ଲୋକେ ଭିଡ ଜମାଇଥିଲେ। ଗ୍ରାମର ପ୍ରତି ଘର ବାରଣ୍ଡାରେ ପୂର୍ଣ୍ଣକୁମ୍ଭ, ଦ୍ୱୀପ, ଆମ୍ବଡାଳ, ଫୁଲମାଳ ଓ ରଙ୍ଗ ବେରଙ୍ଗର ଆଲୋକ ମାଳରେ ଗ୍ରାମଦାଣ୍ଡ ଏବଂ ଜୟଦୁର୍ଗାଙ୍କ ମନ୍ଦିର ଝଲସି ଉଠିଥିଲା। ବିଳମ୍ବିତ ରାତିରେ ଗ୍ରାମର ଶେଷ ଭାଗରେ ଅବସ୍ଥିତ ମାଉସୀ ମା' ଘର ଜାଗେଶ୍ୱରୀଙ୍କ ମନ୍ଦିରରେ ଠାକୁରମାନେ ନବଦିନ ଅବସ୍ଥାନ କରିବାକୁ ବିଜେ କରିଥିଲେ।

# ରେଳ ଫାଟକ ବ୍ୟାରିୟର ଭାଙ୍ଗିଲା, ଟ୍ରାଫିକ ଜାମ୍

ପୁରୀ ଅଫିସ, ୧୩।୪:

ସିଦ୍ଧ ମହାବୀର ରେଳଫାଟକର ଗୋଟିଏ ପାର୍ଶ୍ୱ ବ୍ୟାରିୟର (ଅବରୋଧ ଲାଗି ଦିଆଯାଇଥିବା ଲୁହାପୋଲ) ଶନିବାର ହଠାତ୍ ଭାଙ୍ଗିପଡିଥିଲା। ଫଳରେ ଏଠାରେ କିଛି ସମୟ ଲାଗି ଟ୍ରାଫିକ ଜାମ୍ ହୋଇଯାଇଥିଲା। ପରେ ବ୍ୟାରିୟର ମରାମତି କରାଯାଇଥିଲା। ସୂଚନା ଅନୁଯାୟୀ, ପୁରୀ-କୋଣାର୍କ ରାସ୍ତାରେ ରହିଛି ସିଦ୍ଧମହାବୀର ରେଳ ଫାଟକ। ଅପରାହ୍ନରେ ଏଠାରେ ଏକ ଟ୍ରେନ୍ ଅତିକ୍ରମ କରୁଥିବାରୁ ଦୁଇପାର୍ଶ୍ୱ ଫାଟକ ପଡିଥିଲା। ତେବେ ଟ୍ରେନ୍ ପାସ୍ କରୁଥିବା ସମୟରେ ମାଟିଆପଡ଼ା ପାର୍ଶ୍ୱ ବ୍ୟାରିୟରଟି ହଠାତ ଭାଙ୍ଗିଯାଇଥିଲା। ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇ ନ ଥିଲେ ମଧ୍ୟ ଟ୍ରାଫିକ୍ ସମସ୍ୟା ସଙ୍ଗୀନ ହୋଇପଡିଥିଲା। ଉଭୟ ପଟରେ ଶହ ଶହ ଗାଡ଼ି ଅଟକି ରହିଥିଲେ। ଫାଟକ କର୍ମଚାରୀ ଏହାକୁ ରାସ୍ତାରୁ ଅପସାରଣ କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସନ୍ଧ୍ୟାରେ ଏହାକୁ ମରାମତି କରାଯାଇଛି। ବ୍ୟାରିୟର କଳଙ୍କି ଲାଗି ଦୁର୍ବଳ ହୋଇଯାଇଥିଲେ ମଧ୍ୟ ଫାଟକ କର୍ମଚାରୀ ଜାଣି ନ ପାରିବା ଦୁର୍ଭାଗ୍ୟର ବିଷୟ। ଗତ ଜାନୁୟାରୀ ୧୯ ତାରିଖରେ ଏଠାରେ ରେଳ ଫାଟକ ପଡ଼ି ନ ଥିବାବେଳେ ତପସ୍ୱିନୀ ଏକ୍ସପ୍ରେସ୍ ଯାଇଥିଲା। ଏବେ ପୁଣି ଏକ ଅଭାବନୀୟ ଘଟଣା ଘଟିବା ଚର୍ଚ୍ଚାର ବିଷୟ ପାଲଟିଛି । ସିଦ୍ଧମହାବୀର ରେଳ ଫାଟକରେ ଓଭରବ୍ରିଜ୍ ନିର୍ମାଣ ଲାଗି ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। କିନ୍ତୁ ଏ ଦିଗରେ ରାଜ୍ୟ କିମ୍ବା କେନ୍ଦ୍ର ସରକାର କେହି ଆନ୍ତରିକତା ଦେଖାଉନାହାନ୍ତି।

■ ଶ୍ରୀମନ୍ଦିର ପରିସରରୁ ଚୋରି ଘଟଣା

# ଭୁବନେଶ୍ୱର ଷ୍ଟେଶନରୁ ଧରାପଡ଼ିଲେ ଅଭିଯୁକ୍ତ

ପୁରୀ ଅଫିସ, ୧୩।୪:

■ପଚରାଉଚରା କରୁଛି ପୋଲିସ
■ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଚଢାଉ ଜାରି

ଶ୍ରୀମନ୍ଦିର ପରିସରରୁ ଚୋରି ଘଟଣାର ଅଭିଯୁକ୍ତ ନାବାଳକ ପୋଲିସ ହାତରେ ଧରାପଡ଼ିଛନ୍ତି। ଶନିବାର ଭୁବନେଶ୍ୱର ରେଳଷ୍ଟେଶନରେ ସେ ବୁଲୁଥିବା ବେଳେ ଜିଆର୍‌ପି ତାଙ୍କୁ ଧରି ପୁରୀ ପୋଲିସକୁ ହସ୍ତାନ୍ତର କରିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଚଢାଉ ଜାରି ରଖିଛି।

ଗତ ୧୧ଦିନ ମଧ୍ୟରେ ଶ୍ରୀମନ୍ଦିର ପରିସରରୁ ଦୁଇଥର ଚୋରି ହେବା ଘଟଣାକୁ ଗୁରୁତ୍ୱର ସହ ନେଇଛି ପୁରୀ ପୋଲିସ। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠିବାରୁ ଅଭିଯୁକ୍ତଙ୍କୁ ଧରିବା ଲାଗି ଶୁକ୍ରବାର ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଏଥିସହ ସିସିଟିଭି ଫୁଟେଜରୁ ଚିହ୍ନଟ ନାବାଳଙ୍କ ଫଟୋ ବିଭିନ୍ନ ଥାନାକୁ ପଠାଇଥିଲା। ଭୁବନେଶ୍ୱର ଜିଆର୍‌ପିକୁ ମଧ୍ୟ ଅଭିଯୁକ୍ତ ନାବାଳକଙ୍କ ଫଟୋ ପଠାଯାଇଥିଲା। ଶନିବାର ପୂର୍ବାହ୍ନରେ ନାବାଳକ ଜଣଙ୍କ ଭୁବନେଶ୍ୱର ଷ୍ଟେଶନରେ ବୁଲୁଥିବାବେଳେ ଜିଆର୍‌ପି ତାଙ୍କୁ କାବୁ କରି ପୁରୀ ପୋଲିସକୁ ଖବର ଦେଇଥିଲା। ସିଂହଦ୍ୱାର ପୋଲିସ ଭୁବନେଶ୍ୱର ଯାଇ ନାବାଳକଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ଚଢାଉ ଜାରି ରହିଛି ବୋଲି ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି। ଏ ସମ୍ପର୍କରେ ଆଇଆଇସି କହିଛନ୍ତି ଯେ, ଧରାପଡିଥିବା ନାବାଳକଙ୍କ ଘର ବ୍ରହ୍ମଗିରି ଅଞ୍ଚଳରେ। ସେ ଶ୍ରୀମନ୍ଦିର ଏବଂ ଏହାର ଆଖପାଖ ଅଞ୍ଚଳରେ ବୁଲାବୁଲି କରନ୍ତି। ବୁଧବାର ରାତିରେ ସୁଆର ମହାସୁଆର ନିଯୋଗର ଅନ୍ନଦାନ ଆଟିକା କାର୍ଯ୍ୟାଳୟରୁ ଟଙ୍କା ଚୋରି କରିବା ପରେ ସେ ଭୁବନେଶ୍ୱର ପଳାଇଥିଲେ। ଶନିବାର ସେଠାକାର ଜିଆର୍‌ପି ଧରି ଆମକୁ ହସ୍ତାନ୍ତର କରିଛନ୍ତି। ସମ୍ପୃକ୍ତ ନାବାଳକଙ୍କୁ ପଚରାଉଚରା କରାଯିବା ପରେ ଏହି ଘଟଣାରେ ଅନ୍ୟ କେତେଜଣ ସାମିଲ ଥିବା ସୂଚନା ମିଳିଛି। ସୂଚନାଥାଉ କି, ଗତ ବୁଧବାର ବିଳମ୍ବିତ ରାତିରେ ସୁଆର ମହାସୁଆର ନିଯୋଗ କାନ୍ଥ ଭାଙ୍ଗି ଅନ୍ନଦାନ ଆଟିକା କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ସିସିଟିଭି ଫୁଟେଜରୁ ଜଣେ ନାବାଳକ ଟଙ୍କା ଚୋରି କରୁଥିବା ପୋଲିସ ଜାଣିବାକୁ ପାଇଥିଲା।

